# ଧରିତ୍ରୀ DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୩/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, August 23/2022 | Page 14 | ₹ 7.00 | ★★

୧୮ଶ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 246 | ମୂଲ୍ୟ₹୭/-



## THE PREMIUM PARAMEDICAL COLLEGE OF ODISHA

NURSING & PARAMEDICAL REGULAR COURSES
*along with*
NEET COACHING
Only 5999* per month



**INFORMATION BULLETIN**

### +୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇ ମେଡିକାଲରେ କ୍ୟାରିୟର କରିବାକୁ ଚାହୁଁଛନ୍ତି କି ? ତେବେ ଆଜିହିଁ ଆସନ୍ତୁ

## SAI SABURI NURSING & HEALTH SCIENCE COLLEGE

**ଏବେ ସ୍ୱପ୍ନ ହେବ ସାକାର** ସାଇ ସବୁରୀ ନର୍ସିଂ ଓ ହେଲ୍‌ଥ ସାଇନ୍ସ କଲେଜରେ, ଯେଉଁଠି ଡିଗ୍ରୀ କିମ୍ବା ଡିପ୍ଲୋମାରେ ପାରାମେଡିକାଲ କୋର୍ସ କରିବା ସହ ଆପଣ ଚାହିଁଲେ ବଳକା ସମୟରେ ନିଟ୍ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ, ତାହାପୁଣି ସ୍ୱଳ୍ପ ଖର୍ଚ୍ଚରେ ଓ ସମୟ ମଧ୍ୟରେ । ଯାହା ଫଳରେ କି କେବଳ କୋଚିଂ ନାଁରେ ଆପଣଙ୍କର ମୂଲ୍ୟବାନ ବର୍ଷଗୁଡ଼ିକ ନଷ୍ଟ ହେବନି ଏବଂ ଅନ୍ୟ ପକ୍ଷରେ ଅନୁଭବୀ ଓ ଦକ୍ଷ ଶିକ୍ଷକମାନଙ୍କ ଦ୍ୱାରା ନିଟ୍ (ମେଡିକାଲ) କୋଚିଂ ସହ ପାରାମେଡିକାଲ ପାଠ୍ୟକ୍ରମ ଚାଲୁରହିବ । ଯାହା ଫଳରେ କି ଆପଣଙ୍କ ଭବିଷ୍ୟତ ବି ଉଜ୍ଜ୍ୱଳ ରହିବ । ଆମେ ଜାଣିଛେ ମେଡିକାଲ ମାନେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟ୍‌ମାନଙ୍କୁ ନେଇ ଚାଲେ । କିନ୍ତୁ ଅନ୍ୟ ପକ୍ଷରେ ଏମାନଙ୍କ ବ୍ୟତୀତ ବହୁ ମେଡିକାଲ ସମ୍ବନ୍ଧୀୟ ଟେକ୍‌ନିକାଲ ବିଭାଗ ଅଛି ଏବଂ ଏ ସବୁ ବିଭାଗ ପାଇଁ ପାରାମେଡିକାଲରେ ଡିପ୍ଲୋମା କିମ୍ବା ଡିଗ୍ରୀ କୋର୍ସ କରିଥିବା ବ୍ୟକ୍ତିଟିଏ ହିଁ ନିତ୍ୟାନ୍ତ ଆବଶ୍ୟକ ହୋଇଥାଏ । ଏମାନଙ୍କ ବିନା ନିଦାନ/ଚିକିତ୍ସା ଅଧୁରା ହୋଇଥାଏ । ଏଣୁ ଆସନ୍ତୁ ଏଭଳି ସୁଯୋଗ ଗୋଟିଏ ଛାତତଳେ ପାଇପାରିବା । ତାହା ହେଉଛି କେବଳ ବାଳକାଟୀ ସ୍ଥିତ ସାଇ ସବୁରୀ କଲେଜ ମାଧ୍ୟମରେ, ଯେଉଁଠି ପାଠପଢ଼ା ସହ ଉଭୟ ଛାତ୍ରଛାତ୍ରୀମାନଙ୍କ ପାଇଁ ପୃଥକ ହଷ୍ଟେଲସହ ସମସ୍ତ ସୁବିଧା ଓ ସୁଯୋଗ ରହିଛି ଏବଂ ପ୍ରାକ୍ଟିକାଲ ନିମନ୍ତେ ନିଜସ୍ୱ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଅଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ **ANM, DMLT** ଏବଂ **DMRT** ପାସ କରିଥିବା ଛାତ୍ରଛାତ୍ରୀ ମାନେ ସିଧାସଳଖ **Lateral Entry** ମାଧ୍ୟମରେ **BMLT** କିମ୍ବା **BMRT** କୋର୍ସ ୨ବର୍ଷ ମଧ୍ୟରେ ଶେଷକରି **Technical Graduate** ହୋଇପାରିବେ ।



EDUCATION LOAN AVAILABLE *in Easy EMI* 0% Interest

Awarded as Best Nursing & Paramedical College of Odisha

- BPT – BACHELOR IN PHYSIOTHERAPY – 4 Yrs
- B.Sc. NURSING – 4 Yrs
- B.Sc. OPTOMERTY – 4 Yrs
- B.Sc. (MLT) MEDICAL LABORATORY TECHNOLOGY – 3 Yrs
- B.Sc. (MRT) MEDICAL RADIATION TECHNOLOGY – 3 Yrs
- B.Sc. (EMT) EMERGENCY MEDICINE TECHNOLOGY – 3 Yrs
- B.Sc. (OTT) OPERATION THEATER TECHNOLOGY – 3 Yrs
- OPHTHALMIC SURGERY ASSISTANT – 2 Yrs
- Certified OT Technicians – 1 Yr
- Certified DIALYSIS Technicians – 1 Yr

Our Associated Institution TSG Gurukul also offer
+3 Sc. (Hons.)
[ Phy, Chem. Maths, Bot & Zool ]

FREE IN HOUSE TRAINING IN OWN 100 BED HOSPITAL FOR PARAMEDICAL COURSES

ଉପରୋକ୍ତ ପ୍ରତ୍ୟକ ଡିଗ୍ରୀ, ଡିପ୍ଲୋମା ପାରାମେଡିକାଲ କୋର୍ସ ନିମନ୍ତେ **SC & ST** ଛାତ୍ରଛାତ୍ରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ଷ୍ଟାଇପେଣ୍ଡର ବ୍ୟବସ୍ଥା ଅଛି ।

- OPHTHALMIC ASSISTANT
- Certified EMG Technicians
- Certified FIRST AID Technicians
- Certified BLOOD Technicians
- Certified EEG Technicians
- Certified WARD Technicians
- Certified NEURO Technicians
- Certified ECG Technicians

All Admission shall entertained on basis of merit list followed / recommended by DMET Authorities

## SAI SABURI NURSING & HEALTH SCIENCE COLLEGE

*(Recognised by DMET, Health & Family Welfare Dept. Govt. of Odisha & Under Utkal University)*

9337586631 / 9337531717 / 9777913020

Puranpadhan, Panchayat Road, Balakati, Bhubaneswar | Sai Saburi Nursing & Health Science College | www.saihealthsciencecollege.in

ଭୁବନେଶ୍ୱର ରେଲୱେ ଷ୍ଟେସନ ତଥା ରାଜମହଲ ନିକଟସ୍ଥ କଳ୍ପନା ଛକରୁ ଉତ୍ତରା ଛକ ଦେଇ ପ୍ରତ୍ୟହ ୨୦ ମିନିଟ୍ ବ୍ୟବଧାନରେ "ମୋବସ (୩୪ ନଂ.)" ସେବା ସାଇ ସବୁରୀ ହସ୍ପିଟାଲ ଓ କଲେଜ କୁ ଉପଲବ୍ଧ ଅଟେ ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨



# ବିଲୁପ୍ତି ପଥେ ବଜ୍ରକାପ୍ତା



ସାରା ପୃଥିବୀରେ ଶିକାର ଓ ଚୋରାଚାଲାଣ ହେଉଥିବା ସବୁଠାରୁ ନିରୀହ ବନ୍ୟପ୍ରାଣୀ ହେଉଛି ବଜ୍ରକାପ୍ତା। ଛାଲ, କାତି, ମାଂସ ପାଇଁ ଏହି ପ୍ରାଣୀ ଆଜି ବିଲୁପ୍ତପ୍ରାୟ ହେବାକୁ ବସିଲାଣି। ଓଡ଼ିଶାରେ ମଧ ବଜ୍ରକାପ୍ତା ଶିକାର ଜୋର୍‌ସୋରରେ ଚାଲିଛି। ଏଠାରେ ଦେଖାଯାଉଥିବା ବଜ୍ରକାପ୍ତା ବିରଳ ତଥା ଏହାର କାତି, ମାଂସ ସବୁଠୁ ଭିନ୍ନ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ରହିଛି। ଏଥିପାଇଁ ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ଚୋରା ଚାଲାଣ ରାକେଟ ରାଜ୍ୟରେ ସକ୍ରିୟ ରହିଛି। ଇତିମଧରେ ଅନେକ ଶିକାରୀ ଓ ବେପାରୀ ଗିରଫ ହୋଇଥିଲେ ମଧ ବଜ୍ରକାପ୍ତାର ବେଆଇନ କାରବାର ଥମିବାର ନାଁ ନେଉନାହିଁ। ବଜ୍ରକାପ୍ତା ଆମ ଇକୋ ସିଷ୍ଟମ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି।

- ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର

**ବଢୁଛି ଶିକାର, ଚୋରାଚାଲାଣ**

- ୮ ମାସରେ ୧୯ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର
- ୨୮କେଜି କାତି ଜବତ, ଢେଙ୍କାନାଳରୁ ଏକାଥରକେ ୧୪ କେଜି



ଓ୍ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ)ର ତଥ୍ୟାନୁସାରେ, ୨୦୧୮ ଅଗଷ୍ଟରୁ ୨୦୨୨ ଜୁନ୍ ମଧରେ ୧୮ ଜିଲାରେ ୪୫ଟି ଚଢ଼ାଉ ଘଟଣାରେ ୪୬ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହୋଇଛି। ସେଥିମଧ୍ୟରୁ ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାରୁ ସର୍ବାଧିକ ୫ଟି ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି। ତା' ପଛକୁ କୋରାପୁଟ ଓ କନ୍ଧମାଳରୁ ୪ ଲେଖାଏ, ବରଗଡ଼, କଟକ ଓ ବୌଦ୍ଧରୁ ୩ ଲେଖାଏ, ମାଲକାନଗିରି, ରାୟଗଡ଼ା, ଖୋର୍ଦ୍ଧା ଓ ସୋନପୁରରୁ ୨ ଲେଖାଏ, ସୁନ୍ଦରଗଡ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଅନୁଗୋଳ, ଗଜପତି, ଦେବଗଡ ଓ ନୂଆପଡ଼ା ଜିଲାରୁ ଗୋଟିଏ ଲେଖାଏ ବଜ୍ରକାପ୍ତା ଉଦ୍ଧାର ହୋଇଛି। ୨୦୧୮ ଅଗଷ୍ଟରୁ ୨୦୨୧ ଅଗଷ୍ଟ ମଧରେ ମୋଟ ୨୬ ଚଢ଼ାଉ ଘଟଣାରେ ସମୁଦାୟ ୨୭ଟି ବଜ୍ରକାପ୍ତାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। କିନ୍ତୁ ୨୦୨୧ ନଭେମ୍ବରରୁ ୨୦୨୨ ଜୁନ୍ ପର୍ଯ୍ୟନ୍ତ ମାତ୍ର ୮ ମାସ ମଧରେ ୧୮ଟି ଚଢ଼ାଉ ଘଟଣାରେ ୧୯ ବଜ୍ରକାପ୍ତା ଉଦ୍ଧାର ହୋଇଛନ୍ତି। ସେହିଭଳି ୨୦୧୬ ସେପ୍ଟେମ୍ବରରୁ ୨୦୨୧ ଅକ୍ଟୋବର ମଧରେ ମୋଟ ୨୧ ଘଟଣାରେ ସମୁଦାୟ ୫୪ କେଜି କାତି ଜବତ ହୋଇଥିବାବେଳେ କେବଳ ଗତ ୮ ମାସ ଭିତରେ ପ୍ରାୟ ୨୮ କେଜିରୁ ଅଧିକ ବଜ୍ରକାପ୍ତା କାତି ଜବତ ହୋଇଛି। ଏଥିରୁ ରାଜ୍ୟରେ ବଜ୍ରକାପ୍ତା ଶିକାର ଓ ଚୋରାଚାଲାଣ ବୃଦ୍ଧି ହୋଇଥିବା ସ୍ପଷ୍ଟ ହୋଇଛି। ଗତବର୍ଷ ବ୍ରହ୍ମପୁର ଡିଭିଜନ ଦିଗପହଣ୍ଡି ରେଞ୍ଜ ଅନ୍ତର୍ଗତ ନକାମୁଡିଆଠାରେ ସର୍ବାଧିକ ୬.୯ କେଜି କାତି ଜବତ ହୋଇଥିଲା। ତେବେ ବିଗତ ୬ ବର୍ଷ ଭିତରେ ଗୋଟିଏ ଘଟଣାରେ ସବୁଠାରୁ ଅଧିକ କାତି ଜବତ କରି ରେକର୍ଡ ବଜାୟ ରଖିଛି ଢେଙ୍କାନାଳ ବନଖଣ୍ଡର କପିଳାସ ରେଞ୍ଜ। ୨୪ ଜୁଲାଇ ୨୦୨୧ରେ ଏଠାରୁ ଏକାଥରକେ ସବୁଠାରୁ ଅଧିକ ୧୪.୨ କେଜି ବଜ୍ରକାପ୍ତା କାତି ଜବତ ହୋଇଥିଲା। ସେହିପରି ୨୦୨୧ ନଭେମ୍ବର ୨୦ରେ କରଞ୍ଜିଆ ବାଇପାସ୍‌ରେ ସ୍ଥାନୀୟ ପୋଲିସ ଓ କରଞ୍ଜିଆ ରେଞ୍ଜ କର୍ମଚାରୀ ଚଢ଼ାଉ କରି କମ୍ ପରିମାଣର ଅର୍ଥାତ୍ ୧୫ଟି କାତି ଜବତ କରିଥିଲେ। ହେଲେ ଏହି ମାମଲାରେ ସର୍ବାଧିକ ୧୫ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି କ୍ଷେତ୍ରରେ ଏହା ହେଉଛି ନୂଆ ରେକର୍ଡ। ସେହିଭଳି ନୂଆପଡ଼ା ଜିଲା ଖରିଆର ରେଞ୍ଜରେ ଜୋଙ୍କ ଥାନା ତରଫରୁ ଏକ ସ୍କର୍ପିଓକୁ ଯାଞ୍ଚବେଳେ ଏକ ୪ x ୪ ଇଞ୍ଚର ବଜ୍ରକାପ୍ତା କାତି ଜବତ କରିବା ସହ ଗାଡ଼ିରେ ଥିବା ୩ ଜଣଙ୍କୁ ଗିରଫ କରିଥିଲା।





## କାହିଁକି ହେଉଛି ଶିକାର

ବଜ୍ରକାପ୍ତା ଶିକାର ଓ ଚୋରାଚାଲାଣ ପାଇଁ ଓଡ଼ିଶା ପ୍ରାଥମିକ କେନ୍ଦ୍ର ପାଲଟିଛି। କାରଣ ରାଜ୍ୟରେ ଏହାର ମାର୍କେଟ ଆଦୌ ନାହିଁ। କିନ୍ତୁ ଓଡ଼ିଶାରୁ ହିଁ ବଜ୍ରକାପ୍ତା ଓ କାତିକୁ ସଂଗ୍ରହ କରାଯାଇ ବେଆଇନ ଭାବେ ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ସୀମା ଦେଇ ବିଦେଶକୁ ଯାଇଥାଏ। ବିଶେଷକରି ଅଧିକାଂଶ ଚୋରା ଚାଲାଣ ବାଂଲାଦେଶ, ମ୍ୟାନ୍‌ମାର ଆଦି ଦେଶ ଦେଇ ଚାଇନାକୁ ହୋଇଥାଏ। ଚାଇନା, ତାଇୱାନ ଓ ଭିଏତ୍‌ନାମ ପରି ଦେଶରେ ବଜ୍ରକାପ୍ତା ମାଂସ ସୁସ୍ୱାଦୁ ଖାଦ୍ୟ ଭାବରେ ବ୍ୟବହାର ହୋଇଥାଏ। ସେହିପରି କାତିର ସିଂହ ଭାଗ ଏସବୁ ଦେଶକୁ ଯାଇଥାଏ। ମାଂସ ଓ କାତି ଔଷଧ ବ୍ୟବହାରରେ ଲାଗିଥାଏ। ଆମେରିକା ଓ ମେକ୍ସିକୋରେ ବଜ୍ରକାପ୍ତା କାତିରୁ ପ୍ରସ୍ତୁତ ଜୋତାର ଚାହିଦା ଅଧିକ। ବଜ୍ରକାପ୍ତା କାତିରୁ ଫ୍ୟାଶନ ଭାବେ ବେଲ୍ଟ ଏବଂ ମହିଳାଙ୍କ ପାଇଁ ଭ୍ୟାନିଟ୍ ଓ ପର୍ସ ଆଦି ମଧ ତିଆରି ହୋଇ ଚଢ଼ା ଦରରେ ବିକ୍ରି ହୁଏ। ବଜ୍ରକାପ୍ତା କାତିରେ ତିଆରି ଜୋତା, ବେଲ୍ଟ, ବ୍ୟାଗ୍, ହାତ ଘଣ୍ଟା ବ୍ୟାଣ୍ଡ, ଆଦି ସାମଗ୍ରୀର ମୁଖ୍ୟ ବଜାର ଯୁକ୍ତରାଷ୍ଟ୍ର ଆମେରିକା ବୋଲି ୱାର୍ଲ୍ଡ ୱାଇଲ୍ଡଲାଇଫ୍ ଫଣ୍ଡ(ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ତଥ୍ୟରୁ ଜଣାପଡ଼ିଛି। ବଜ୍ରକାପ୍ତା କାତିକୁ ବ୍ୟବହାର କରି ଜ୍ୟାକେଟ ତିଆରି ହେବା ମଧ ନଜିର ରହିଛି। ସେହିଭଳି ବଜ୍ରକାପ୍ତା କାତିରେ ନିର୍ମିତ ମୁଦିକୁ ହାତ ଆଙ୍ଗୁଠିରେ ପିନ୍ଧିଲେ ରୋଗ ଭଲ ହୁଏ ବୋଲି ଭାରତ ସମେତ ଅନ୍ୟ କେତେକ ଦେଶରେ ବିଶ୍ୱାସ ରହିଛି। ଓଡ଼ିଶାରେ କାଁ ଭାଁ କେହି ବଜ୍ରକାପ୍ତା କାତିରେ ତିଆରି ମୁଦି ପିନ୍ଧିଥିବା ଦେଖାଯାଏ। କିନ୍ତୁ ଭାରତରେ ଏହିସବୁ ସାମଗ୍ରୀର ଆମଦାନୀ ଓ କାରବାର ନିଷିଦ୍ଧ ଘୋଷଣା କରାଯାଇଛି।

## ତଦନ୍ତ ଓ ମାମଲା ପରିଚାଳନା ଦୁର୍ବଳ

ଯଦିଓ ବଜ୍ରକାପ୍ତା ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ରେ ତଫସିଲ ୧ ପ୍ରାଣୀ ଭାବରେ ସର୍ବାଧିକ ସଂରକ୍ଷଣପ୍ରାପ୍ତ, କିନ୍ତୁ ଆଜିପର୍ଯ୍ୟନ୍ତ ଜଣେ ହେଲେ ଶିକାରୀ, ଚାଲାଣକାରୀ ବା ବେପାରୀଙ୍କୁ ଦଣ୍ଡ ବିଧାନ ହୋଇପାରିଲା ନାହିଁ। ଆଗରୁ କେବଳ ବନ ବିଭାଗ ବନ୍ୟପ୍ରାଣୀ ମାମଲା ରୁଜୁ କରି କୋର୍ଟକୁ ମାମଲା ପଠାଉଥିଲା। ତେବେ ରାଜ୍ୟରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଗଠନ ହେବା ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଲ୍ଲେଖନୀୟ କାର୍ଯ୍ୟକରି ବଜ୍ରକାପ୍ତା ଶିକାରୀ ଓ ବେପାରୀଙ୍କୁ ଧରି ନିଜେ କୋର୍ଟକୁ ମାମଲା ପଠାଇ କଡ଼ାକଡ଼ି ଭାବରେ ତଦନ୍ତ କରୁଥିଲା। ହେଲେ ଗତ କିଛିବର୍ଷ ହେଲା ଏସ୍‌ଟିଏଫ୍ କେବଳ ବଜ୍ରକାପ୍ତା ବା କାତି ଧରି ସ୍ଥାନୀୟ ବନ ବିଭାଗକୁ ହସ୍ତାନ୍ତର କରୁଛି, ଆଉ ନିଜେ ମାମଲା ରୁଜୁ କରୁନାହିଁ। ମାତ୍ର ବନ ବିଭାଗ ସେପରି ଦୃଢ଼ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହିଁ। ଫଳରେ ଏହା ଶିକାରୀ ଓ ଚାଲାଣକାରୀଙ୍କୁ ସୁଯୋଗ ଦେଉଛି।



### ସ୍ଥାଣୁ ବନ୍ୟପ୍ରାଣୀ ବିଭାଗ

"ବନ ବିଭାଗର ବନ୍ୟପ୍ରାଣୀ ୱିଙ୍ଗ୍ ଥାଇ ନ ଥିବା ଭଳି କାମ କରୁଛି। ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟରେ ଏକ ୱାଇଲ୍ଡଲାଇଫ କ୍ରାଇମ୍ ସେଲ୍ ରହିଥିଲେ ମଧ କାମ ଶୂନ। ସାମଗ୍ରିକ ଭାବରେ ବନବିଭାଗ ବଜ୍ରକାପ୍ତା ଶିକାର ରୋକିବାରେ ଫେଲ୍ ମାରିଛି। କାରଣ ଓଡ଼ିଶା ଇତିହାସରେ ଜଣେ ହେଲେ ବି ଅପରାଧୀଙ୍କୁ ଦଣ୍ଡ ବିଧାନ କରିବାରେ ବିଭାଗ ବିଫଳ ହୋଇଛି। ଅପରାଧ ପାଇଁ ସୂଚନା ଦେଇଥିବା ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଆର୍ଥିକ ପୁରସ୍କାର ଦେବା କଥା, କିନ୍ତୁ ପୁରସ୍କାର ବଦଳରେ ବନ ବିଭାଗ ସୂଚନାଦାତାଙ୍କୁ ଅନେକ ହଇରାଣ କରିବା ଖବର ମଧ ରହିଛି। ଏପରି ସ୍ଥିତିରେ ରାଜ୍ୟର ଶିକାର ରୋକିବା ସମ୍ଭବ ହେଉନାହିଁ।

- ବିଶ୍ୱଜିତ ମହାନ୍ତି, ବନ୍ୟପ୍ରାଣୀ ବିଶେଷଜ୍ଞ

### ହାତୀ, ବାଘ ଯେଉଁଠି ଅସୁରକ୍ଷିତ, ବଜ୍ରକାପ୍ତା ସୁରକ୍ଷା ଚିନ୍ତା କରିବା ବୃଥା

"ରାଜ୍ୟରେ ବହୁ ସମୟରେ ଜୀବନ୍ତ ବଜ୍ରକାପ୍ତା ଓ କାତି ଜବତ ହେଉଛି। ହେଲେ ଏଥିରେ କୌଣସି ଠିକ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ନ ଧରି ମୂଲିଆ ଲୋକଙ୍କୁ ଗିରଫ କରାଯାଉଛି। ହାତୀ, ବାଘକୁ ଯେଉଁ ବନ ବିଭାଗ ସୁରକ୍ଷା ଦେଇପାରୁନି, ସେଠି ବଜ୍ରକାପ୍ତା ଭଳି ଛୋଟିଆ ଜୀବକୁ କିପରି ସୁରକ୍ଷା ଦେବ। ତେବେ ହାତୀ, ବାଘ ପାଇଁ ଯେପରି ପ୍ରୋଜେକ୍ଟ ରହିଛି, ସେହିଭଳି ବଜ୍ରକାପ୍ତାକୁ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ପ୍ରୋଜେକ୍ଟ କରାଯିବା ଦରକାର। ବଜ୍ରକାପ୍ତା ଉପରେ ନଜର ରଖିବାକୁ ଉତ୍ସର୍ଗୀକୃତ ଅଧିକାରୀ ଓ ଏକ ଇଣ୍ଟେଲିଜେନ୍ସ ରହିବା ଆବଶ୍ୟକ। ଏମାନେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ମୁଖ୍ୟ ଭୂମିକା ନେବେ।

- ସୁରେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ପିସିସିଏଫ୍

### ଆଇପିସି ୧୨୦ (ବି) ଭଳି ଦଫାର ଆବଶ୍ୟକତା ରହିଛି

"ବଜ୍ରକାପ୍ତା ଶିକାର ଓ ଚୋରା ଚାଲାଣ ରୋକିବା ପାଇଁ ଖାଲି ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ଦଫା ଲଗାଇଲେ ହେବ ନାହିଁ, ଏଥିସହିତ ଆଇପିସି ୧୨୦ (ବି) (ଆପରାଧିକ ଷଡ଼ଯନ୍ତ୍ର) ଭଳି ଦଫା ଲଗାଯିବା ଦରକାର। ମାତ୍ର ଏହି ଦଫା ବନ ବିଭାଗର କ୍ଷମତା ବର୍ହିଭୁକ୍ତ। ରାଜ୍ୟରେ ଯେଉଁଠି ବି ଜୀବନ୍ତ ବଜ୍ରକାପ୍ତା ବା କାତି ଜବତ ହେଉଛି, ସେହିସବୁ ମାମଲାକୁ ସରକାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ତଦନ୍ତ କରିବ ବୋଲି ନିର୍ଦ୍ଦେଶନାମା ଜାରି କରିବା ଉଚିତ। ଏହା ନ ହେଲେ ଓଡ଼ିଶାରେ ବଜ୍ରକାପ୍ତା ଶିକାର ରୋକିବା ଅସମ୍ଭବ।

- ଶୁଭେନ୍ଦୁ ମଲ୍ଲିକ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଖୋର୍ଦ୍ଧା

### ପାଟ୍ରୋଲିଂକୁ ବ୍ୟାପକ କରାଯାଉଛି

"ରାଜ୍ୟରେ ବ୍ୟାପକ ଭାବେ ରେଡ୍ କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ଯେତେ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର ହେଉଛି, ତାକୁ ପୁଣି ତା'ର ବାସସ୍ଥାନରେ ଛାଡ଼ିଦେଉଛୁ। ରୋକିବା ପାଇଁ ପାଟ୍ରୋଲିଂକୁ ବ୍ୟାପକ କରାଯିବା ସହିତ ବନ ସୁରକ୍ଷା ସମିତି ଓ ଇକୋ ଡେଭଲପ୍‌ମେଣ୍ଟ କମିଟିକୁ ସଚେତନ କରାଯାଉଛି।

- କେଦାର ସ୍ୱାଇଁ, ବନ ସଂରକ୍ଷକ(ବନ୍ୟପ୍ରାଣୀ)

### ନନ୍ଦନକାନନରେ ଅଛି ପ୍ରଜନନ କେନ୍ଦ୍ର

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ୨୦୦୮ରୁ ଏକ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛି। ଏବେ ସେଠାରେ ୨୬ଟି ବଜ୍ରକାପ୍ତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରାପ୍ତବୟସ୍କ ଅଛନ୍ତି। ଯଦିଓ ଏହି ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତାମାନେ ସଫଳ ପ୍ରଜନନ କଲେଣି, ହେଲେ ଯେ ପର୍ଯ୍ୟନ୍ତ ଏଠାରେ ଜନ୍ମିତ ଛୁଆଙ୍କୁ ବଡ଼ କରି ଜଙ୍ଗଲରେ ପ୍ରାକୃତିକ ପରିବେଶରେ ବଞ୍ଚିବା ପାଇଁ ଛଡ଼ା ନ ଯାଇଛି, ସେ ପର୍ଯ୍ୟନ୍ତ ଏହି ପ୍ରୋଜେକ୍ଟ ସଫଳ ହୋଇଛି ବୋଲି କହିହେବ ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ସେପଟେ ନନ୍ଦନକାନନ କର୍ତ୍ତୃପକ୍ଷ ମଧ ପ୍ରଜନନ କେନ୍ଦ୍ରରୁ ବଜ୍ରକାପ୍ତାଙ୍କୁ ବାହାରେ ଛାଡ଼ିବା ପାଇଁ ଯୋଜନା କରିଛନ୍ତି। ସିଜେଡ୍‌ଏ ଏବଂ ରାଜ୍ୟ ସରକାରଙ୍କଠାରୁ ଅନୁମତି ମିଳିବା ପରେ ବାହାରେ ଛଡ଼ାଯିବ ବୋଲି ଜଣାପଡ଼ିଛି।







**ଫିଲ୍ମ ଫେୟାରରୁ କଙ୍ଗନା ବାଦ୍**
ହିନ୍ଦୀ ଫିଲ୍ମ ଅଭିନେତ୍ରୀ କଙ୍ଗନା ରାଣାଓ୍ବତଙ୍କୁ ଫିଲ୍ମ ଫେୟାର କର୍ତ୍ତୃପକ୍ଷ ହଇରାଣ କରୁଥିବା ନେଇ ସେ ଅଭିଯୋଗ ଆଣିଛନ୍ତି।
୧୦

୧୨
**ଶୁବମନ ଗିଲ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ**
ଜିମ୍ବାଓ୍ବେ ବିପକ୍ଷରେ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶୁବମନ ଗିଲ୍ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି।



**ଆଜିର ସମ୍ପାଦକୀୟ**
ଖାତିର ନାହିଁ

**ବନ୍ୟାଞ୍ଚଳରେ ବଣ୍ଟାଯିବ ସାନିଟାରି ନାପ୍‌କିନ** ପୃ-୨

# ସମୁଦ୍ରକୁ ଯାଉଛି ଅଧା ପାଣି

■ ପରିବେଶବିତ୍‌ଙ୍କ ଆଶଙ୍କା: ୨୦୫୧ ବେଳକୁ ସୃଷ୍ଟି ହୋଇପାରେ ଜଳସଙ୍କଟ
■ ଅଟକାଇବାକୁ ନିର୍ମାଣ ହେବ ୪୬ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର: ମନ୍ତ୍ରୀ



ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ଓ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଅଧିକାଂଶ ନଦୀରେ ଜଳପ୍ରବାହ କ୍ରମଶଃ ହ୍ରାସ ପାଇଚାଲିଛି। ଓଡ଼ିଶାର ଅନେକ ନଦୀ ବର୍ଷାଦିନେ ଶୁଖିଲା ପଡୁଛି। ଜଳ ସଂରକ୍ଷଣ ନ କଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ପରିବେଶବିତ୍ ଚେତାବନୀ ଦେଲେଣି। ରାଜ୍ୟରେ ଥିବା ପ୍ରମୁଖ ନଦୀ ଜଳକୁ ଅଟକା ଯାଇପାରୁ ନାହିଁ। ଅଧାରୁ ଅଧିକ ପାଣି ସମୁଦ୍ର ଗର୍ଭକୁ ଚାଲିଯାଉଛି। ୨୦୫୧ ବେଳକୁ ରାଜ୍ୟରେ ଉତ୍କଟ ପାନୀୟଜଳ ସଙ୍କଟ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ରାଜ୍ୟରେ ବଡ଼ ସମେତ ଶାଖା ଓ ଉପନଦୀକୁ ମିଶାଇ ପ୍ରାୟ ୩୩ ନଦୀ ବିଭିନ୍ନ ଜିଲା ଦେଇ ପ୍ରବାହିତ ହେଉଛି। ରାଜ୍ୟର ୧୧ ପ୍ରମୁଖ ନଦୀରୁ ସେହି ସବୁ ନଦୀ ଜଳପ୍ଲାବିତ ହୋଇଥାଆନ୍ତି। ତେବେ ପ୍ରମୁଖ ନଦୀଗୁଡ଼ିକରୁ ମିଳୁଥିବା ପାଣିକୁ ବିନିଯୋଗ ପାଇଁ ରୋକାଯାଇପାରୁନାହିଁ। ଜଳସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ବଂଶଧାରା, ବୁଢ଼ାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ବାହୁଦା, ନାଗାବଳୀ ଏବଂ ସୁବର୍ଣ୍ଣରେଖା ନଦୀର ୯୫,୫୪୦ ନିୟୁତ କ୍ୟୁବିକ୍ ମିଟର ଜଳଧାରଣ କ୍ଷମତା ରହିଛି। ସେଥିରୁ ଚାଷ, ପାନୀୟ, ଦୈନନ୍ଦିନ ବ୍ୟବହାର ଏବଂ ପରିବେଶ ପାଇଁ

**ପ୍ରମୁଖ ନଦୀରୁ ସମୁଦ୍ରକୁ ବୋହିଯାଉଥିବା ପାଣି**

| ନଦୀ | ନିୟୁତ କ୍ୟୁବିକ୍ ମିଟର |
|---|---|
| ମହାନଦୀ | ୨୫୯୪୦.୨୮ |
| ବ୍ରାହ୍ମଣୀ | ୭୮୧୯.୭୧ |
| ବୈତରଣୀ | ୨୨୧୫.୮୦ |
| ବଂଶଧାରା | ୨୪୬୮.୪୭ |
| ବୁଢ଼ାବଳଙ୍ଗ | ୧୬୬୮.୦୪ |
| କୋଲାବ | ୪୬୯୯.୮୧ |
| ଇନ୍ଦ୍ରାବତୀ | ୨୦୩୮.୬୭ |
| ନାଗାବଳୀ | ୧୬୧୪.୮୧ |
| ସୁବର୍ଣ୍ଣରେଖା | ୧୪୫୧.୫୯ |

୪୪,୮୯୪.୦୯ ନିୟୁତ କ୍ୟୁବିକ୍ ମିଟର ଜଳ ଉପଯୋଗ ହେଉଛି। ଏ ସବୁ ସତ୍ତ୍ୱେ ନଦୀଗୁଡ଼ିକରେ ଆହୁରି ୫୦,୬୪୫.୯୧ ନିୟୁତ କ୍ୟୁବିକ୍ ମିଟର ଜଳ ବଳକା ରହୁଛି, ଯାହାକୁ ରୋକିବା ପାଇଁ କୌଣସି ☞ପୃଷ୍ଠା-୨

# ଭାରତରେ ଆକ୍ରମଣ ଯୋଜନା ପଣ୍ଡ କଲା ଋଷିଆ

ମସ୍କୋ/ନୂଆଦିଲ୍ଲୀ, ୨୨।୮

ପ୍ରଫେଟ ମହମ୍ମଦଙ୍କ ଉପରେ ଟିପ୍ପଣୀକୁ କେନ୍ଦ୍ର କରି ଭାରତର ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ଉପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଯୋଜନାକୁ ଋଷିଆ ପଣ୍ଡ କରିଛି। ମଧ୍ୟ ଏସୀୟ ଦେଶର ଏହି ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିବା ଋଷୀୟ ଗୋଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି। ଏ ନେଇ ଋଷିଆ ସରକାରୀ ଗଣମାଧ୍ୟମ ଟାସ୍‌ରେ ରିପୋର୍ଟ ପ୍ରକାଶ ପାଇଛି।

ଋଷିଆ ସଂଘୀୟ ସୁରକ୍ଷା ସେବା (ଏଫ୍‌ଏସ୍‌ବି) ସୂଚନା ଅନୁସାରେ, ଗତ ଏପ୍ରିଲରୁ

■ ଆଇଏସ୍ ଆତଙ୍କବାଦୀ ଗିରଫ
■ ଟାର୍ଗେଟ୍‌ରେ ଥିଲେ ଶାସକ ଦଳ ନେତା

ଜୁନ୍ ମଧ୍ୟରେ ଆଇଏସ୍ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ସଙ୍ଗଠନରେ ସାମିଲ କରିଥିଲା। ଆଇଏସ୍‌ର ଏହି ସଦସ୍ୟଙ୍କୁ ଏଫ୍‌ଏସ୍‌ବି ସଦସ୍ୟ ଋଷିଆରେ ଚିହ୍ନଟ କରି ଗିରଫ କରିଥିଲେ। ସେ ଭାରତରେ ଆତ୍ମଘାତୀ ଆକ୍ରମଣ କରିବା ଯୋଜନା ବାବଦରେ ଋଷୀୟ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଛନ୍ତି। ଟେଲିଗ୍ରାମ ଜରିଆରେ ଆଇଏସ୍ ତାଙ୍କ ମୁଣ୍ଡରେ ଆତଙ୍କବାଦୀ କାର୍ଯ୍ୟକଳାପ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

" ସ୍କୁଲ୍ ଶିକ୍ଷା ମାନରେ ଉନ୍ନତି ପାଇଁ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଭାରତ ରତ୍ନ ପାଇବା ଉଚିତ। କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାର ତାଙ୍କ ପଛରେ ପଡ଼ିଛନ୍ତି।

– ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି ହାତୀ ପଳାସି ପଳାସି ସେଇଠି।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ୍ୟ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇ ପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ପିଠି ଖଣ୍ଡା ମୁଠି ଯେ ପାଇଲା ତା'ରା।**

ଘୋଡ଼ାର ଲଗାମ ଯାହା ହାତରେ ଥାଏ, ସେ ହିଁ ଘୋଡାର ମାଲିକ ହୋଇଥାଏ। ଘୋଡ଼ାକୁ ନିୟନ୍ତ୍ରଣ ବା ଅଧୀନରେ ରଖି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ହାସଲ କରାଇ ନେଇଥାଏ। ସେହିପରି ଯାହା ହାତରେ ଖଣ୍ଡା ଥାଏ, ସେ ନିଜକୁ ଅଧିକ ବଳବାନ୍ ମନେକରିଥାଏ। ଖଣ୍ଡା ବଳରେ ବଳୀୟାନ ହୋଇ ଧରାକୁ ସରା ମନେକରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds

**Everyday**
0674-2580101, 2549302

real estate

**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

Plot for immediate sale at jagatpur, Mouza-Tarola, behind Adish Hotel, 3,600 sqft., price -45 lakhs. Contact-8249612462. D-1331

**Bhubaneswar Sum Hospital** ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ **30' road,** ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ **develop** ହୋଇ ମିଳୁଛି। **9090963952.** D-73300

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297

healthcare

Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Fullbody relax massage refresh your body with trend therapist. 7008773793. D-73635

Newly open SPA positively health benefit with expert. Contact: 7749976301. D-73859

Newly open full body massage 1099 free massage one. Mo: 9583808247. D-1164

Newly open full body massage, ladies and gents. 7846923244. D-73956

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

astrology

ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ ''ଆଷ୍ଟ୍ରୋବାସ୍ତୁ ସମାଧାନ।'' 7978736177. D-68297

**AFFIDAVIT**

By virtue of an affidavit Notary Public, Cuttack I Shashi Kanta Nayak, S/o Bhula Nayak, At- Aparnanagar, P.o.- Nayabazar, P.s.- Chauliaganj, District: Cuttack- 753004, have changed my name from SashiKanta Nayak to Shashi Kanta Nayak for all future purposes. D-1326

Affidavit before Executive Magistrate, Dhenkanal, my name has changed from Barsharani Sahoo to Satyapriya Sahoo. Henceforth I shall be known as Satyapriya Sahoo, D/o. Niranjan Sahoo, Vill-Panamurga, PS-Sadar, PO-Ghatipiri, Dist- Dhenkanal for LIC Policy-584890006 and all purposes. D-74006

By virtue of an affidavit before Notary Public, Kantabanji bearing No. 1202 dtd.22/8/2022, I, Mayank Agrawal S/o Manoj Kumar Agrawal of Purani Basti, Kantabanji, PO/P.S.- Kantabanji, Dist.Balangir, Odisha hereby declare that my old name was Mayank Mittal but from today I will be known as Mayank Agrawal S/o Manoj Kumar Agrawal in all official and non official purposes.
Mayank Agrawal
D-1332

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବନ୍ୟାଞ୍ଚଳରେ ବଣ୍ଟାଯିବ ସାନିଟାରି ନାପ୍‌କିନ

**୧୦ ଜିଲାପାଳଙ୍କୁ ଚିଠି**

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ବନ୍ୟା ପ୍ରଭାବିତ ଅଞ୍ଚଳରେ ମହିଳାଙ୍କୁ ମାଗଣାରେ ସାନିଟାରି ନାପ୍‌କିନ ଦିଆଯିବ। ଏ ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ବନ୍ୟା ପ୍ରଭାବିତ ଜିଲାର ଜିଲାପାଳଙ୍କୁ ଚିଠି ଲେଖି ମାଗଣାରେ ନାପ୍‌କିନ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟାବଶ୍ୟକ ବା ଜରୁରିକାଳୀନ ରିଲିଫ୍ କିଟ୍ ଭାବେ ମହିଳାଙ୍କୁ ସାନିଟାରି ନାପ୍‌କିନ ବଣ୍ଟନ ପାଇଁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଜିଲାପାଳଙ୍କୁ କୁହାଯାଇଛି। ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ବୌଦ୍ଧ ଆଦି ୧୦ ଜିଲାରେ ସାନିଟାରି ନାପ୍‌କିନ ବଣ୍ଟାଯିବ। ଏହି ନାପ୍‌କିନ ବଣ୍ଟନ ବାବଦ ଖର୍ଚ୍ଚ ଏସ୍‌ଆର୍‌ସିଙ୍କ ଦ୍ୱାରା ବହନ କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଲଗାତର ଲଘୁଚାପ ଫଳରେ ରାଜ୍ୟରେ ଏବେ ୧୪ ଜିଲା ବନ୍ୟାର ସମ୍ମୁଖୀନ ହୋଇଛି। କେଉଁଠି ଘରେ ପାଣି ପଶିଯାଇଛି ତ, ଆଉ କେଉଁଠି ଗାଁ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି। ରାସ୍ତାରେ ପାଣି ଚାଲିବା ଓ ଘାଇ ହେବା ଦ୍ୱାରା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବନ୍ୟାରେ ପ୍ରାୟ ୮ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ରିଲିଫ୍ ବଣ୍ଟନ କରାଯାଉଛି। ୩୨୪ଟି ରିଲିଫ୍ କେନ୍ଦ୍ରରେ ୧ଲକ୍ଷ ୨୪ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ଦିଆଯାଉଛି। ଏପରି ସ୍ଥିତିରେ ବନ୍ୟାଞ୍ଚଳରେ କିଶୋରୀ ଓ ମହିଳାଙ୍କ ଋତୁସ୍ରାବଜନିତ ସମସ୍ୟା ଚିନ୍ତା ବଢ଼ାଇଛି। ଜଳବନ୍ଦୀ ସମସ୍ୟା ଯୋଗୁ ଲୋକେ ଘରୁ ଗୋଡ଼ ବାହାର କରିପାରୁ ନାହାନ୍ତି। ତେଣୁ ବହୁ ମହିଳାଙ୍କ ପାଖରେ ସାନିଟାରି ନାପ୍‌କିନ ନ ଥିବାରୁ ଅଧିକାଂଶ କପଡ଼ା ବ୍ୟବହାର କରୁଥିବା ନଜରକୁ ଆସିଛି। ତେଣୁ ମହିଳାଙ୍କ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ବନ୍ୟା ରିଲିଫ୍ ସାମଗ୍ରୀରେ ସାନିଟାରି ନାପ୍‌କିନକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଦାବି କରିଥିଲେ। ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ ରିଲିଫ୍ ସାମଗ୍ରୀରେ ଜରୁରିକାଳୀନ ସାମଗ୍ରୀ ଭାବେ ସାନିଟାରି ନାପ୍‌କିନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ବିଶେଷକରି ବନ୍ୟା ପ୍ରଭାବିତ ଅଞ୍ଚଳରେ କିଶୋରୀ ଓ ମହିଳାମାନେ ସ୍ୱାଗତ କରିଛନ୍ତି।

# 'ଶ୍ୱେତାଙ୍କୁ ବ୍ଲାକମେଲ୍ କରୁଥିଲେ ପୁରୁଷ ବନ୍ଧୁ'

**ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

- ବିବାହ ପାଇଁ ୩୦ ଲକ୍ଷ ଟଙ୍କା ମାଗିଥିଲେ
- ଶାରୀରିକ, ମାନସିକ, ଆର୍ଥିକ ନିର୍ଯାତନା ଦେଉଥିଲେ
- ୨ଦିନ ପରେ ଥାନାରେ ଅଭିଯୋଗ, ଜେରା ହେବେ ସୌମ୍ୟଜିତ୍

ଭୁବନେଶ୍ୱର,(ବ୍ୟୁରୋ)୨୨।୮: ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ସଫ୍ଟୱେର୍ ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀ(୨୬)ଙ୍କ ମୃତଦେହ ମିଳିବା ଘଟଣା ରହସ୍ୟ ସୃଷ୍ଟି କରିଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଥିବାବେଳେ ଅଧିକ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଘଟଣାର ୨ଦିନ ପରେ ଅର୍ଥାତ ରବିବାର ରାତିରେ ପରିବାର ଲୋକ ଶ୍ୱେତାଙ୍କ ପୁରୁଷ ବନ୍ଧୁ ସୌମ୍ୟଜିତ୍ ମହାପାତ୍ରଙ୍କୁ ଦାୟୀ କରି ଥାନାରେ ଅଭିଯୋଗ କରିଛନ୍ତି। ସୌମ୍ୟଜିତ୍ ଶାରିରୀକ, ମାନସିକ, ଆର୍ଥିକ ଭାବେ ବ୍ଲାକ୍‌ମେଲ୍ କରିବାରୁ ଶ୍ୱେତା ଆତ୍ମହତ୍ୟା କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ପରିବାର ଲୋକଙ୍କ ଅଭିଯୋଗ ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ପୋଲିସ ଆଇପିସିର ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଲଗାଇ ଅଧିକ ଖୋଳତାଡ଼ କରୁଛି। ଅନ୍ୟପକ୍ଷରେ ଶ୍ୱେତାଙ୍କ ବାପା ସୁଶାନ୍ତ ଦାସ, ଭାଇ ଏବଂ ସମ୍ପର୍କୀୟ ସୋମବାର କାନ୍ଦି କାନ୍ଦି ଘଟଣା ବିଷୟରେ ଗଣମାଧ୍ୟମକୁ କହିଛନ୍ତି। ଏଥିସହ ଠିକ ତଦନ୍ତ କରାଯାଇ ପୁରୁଷ ବନ୍ଧୁଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶ୍ୱେତାଙ୍କ ପୁରୁଷ ବନ୍ଧୁ ସୌମ୍ୟଜିତ୍‌ଙ୍କ ଘର ସମ୍ବଲପୁର ଜିଲା ଅଇଁଠାପାଲୀ ଅଞ୍ଚଳରେ। ଉଭୟ ୨୦୧୮ରୁ ଇନ୍‌ଫୋସିଟିସ୍ଥିତ ଏକ ଅନ୍ତଃରାଷ୍ଟ୍ରୀୟ ସଫ୍ଟୱେୟାର୍ କମ୍ପାନୀରେ ଚାକିରି କରିଥିଲେ। ସେହି ସମୟରେ ସୌମ୍ୟଜିତ୍ ପ୍ରଥମେ ଶ୍ୱେତାଙ୍କୁ ଏକତରଫା ପ୍ରେମ ନିବେଦନ କରିଥିଲେ। କିଛିମାସ ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଏକାଠି ମଧ୍ୟ ରହିଥିଲେ। ଏହାପରେ ସୌମ୍ୟଜିତ୍ ଉକ୍ତ ଚାକିରି ଛାଡ଼ି ଏକ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ କଲେଜରେ ଏମ୍‌ବିଏ ପଢ଼ିଥିଲେ। ତେଣୁ ଏଥିପାଇଁ ସେ ଶ୍ୱେତାଙ୍କଠାରୁ ଟଙ୍କା ଦାବିକରି ନେଉଥିଲେ। ପରେ ବିବାହ ପର୍ଯ୍ୟନ୍ତ କଥା ଯାଇଥିଲା। ହେଲେ ସୌମ୍ୟଜିତ୍‌ଙ୍କ ପରିବାର ଲୋକ ଯୌତୁକ ବାବଦରେ ୩୦ ଲକ୍ଷ ଟଙ୍କା ମାଗିଥିଲେ। ଏଥିସହ ସୌମ୍ୟଜିତ୍ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ଶ୍ୱେତାଙ୍କୁ ବ୍ଲାକ୍‌ମେଲ କରିଥିଲେ। ଏଭଳି ଶାରିରୀକ, ମାନସିକ, ଆର୍ଥିକ ଭାବେ ୨୦୨୦ରୁ ଶ୍ୱେତାଙ୍କୁ ତାଙ୍କ ପୁରୁଷବନ୍ଧୁ ନିର୍ଯାତନା ଦେଉଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶ୍ୱେତାଙ୍କ ମୃତ୍ୟୁ ପଛରେ ପୁରୁଷ ବନ୍ଧୁଙ୍କ ସମ୍ପୃକ୍ତି ଥିବାରୁ ଘଟଣା ଭିନ୍ନ ମୋଡ଼ ନେଇଛି। ଥାନାଧିକାରୀ ପ୍ରକାଶ ମାଝି କହିଛନ୍ତି, ଯୁବତୀଙ୍କ ବାପା ଥାନାରେ ଦେଇଥିବା ଏତଲା ଆଧାରରେ ତଦନ୍ତ ଆଗେଇଛି। ଡାଏରୀରୁ ସେଭଳି କିଛି ବଳିଷ୍ଠ ପ୍ରମାଣ ମିଳିନାହିଁ। ସିଡିଆର୍ ରିପୋର୍ଟ (କଲ୍ ଡିଟେଲ୍ସ ରିପୋର୍ଟ) ଯାଞ୍ଚ କରାଯାଉଛି। ଅଧିକ ତଦନ୍ତ ପାଇଁ ପୁରୁଷ ବନ୍ଧୁଙ୍କୁ ଥାନାକୁ ଡକାଯାଇ ଜେରା କରାଯିବ। ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶ୍ୱେତାଙ୍କ ଘର ଭଦ୍ରକ ଟାଉନ୍‌ସ୍ଥିତ ଗବସାହିରେ ହୋଇଥିବାବେଳେ ସେ ଭୁବନେଶ୍ୱରରେ ରହି ଚାକିରି କରୁଥିଲେ। ତାଙ୍କ ସହ ରହୁଥିବା ସାଙ୍ଗମାନେ ଶୁକ୍ରବାର ଘରେ ନ ଥିଲେ। ପରିବାର ଲୋକେ ତାଙ୍କୁ ଫୋନ୍ କରିବାବେଳେ ଦୀର୍ଘ ସମୟ ଧରି ମୋବାଇଲ ସୁଇଚ୍ ଅଫ୍ ରହିବାରୁ ପୋଲିସକୁ ଖବର ଦିଆଯାଇଥିଲା। ଶନିବାର ସକାଳେ ପୋଲିସ ଆପାର୍ଟମେଣ୍ଟସ୍ଥିତ ସି–ବ୍ଲକ୍‌ରେ ଥିବା ତାଙ୍କ ଘରକୁ ଯାଇ କବାଟ ଭାଙ୍ଗି ଶ୍ୱେତାଙ୍କ ମୃତଦେହ ଫ୍ୟାନରେ ଓଢ଼ଣି ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ।

# ମନ୍ଦିର ରୋଷେଇଘରୁ ମିଳିଲା ୨ ଝୁଲନ୍ତା ମୃତଦେହ

**ବଡ଼ଭରଣ୍ଡି ଅଲେଖ ମହିମା ମନ୍ଦିର ପରିସରରେ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା**

ଉମରକୋଟ, ୨୨।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଡ଼ଭରଣ୍ଡି ଗ୍ରାମରେ ଥିବା ଅଲେଖ ମହିମା ମନ୍ଦିର ପରିସରସ୍ଥ ରୋଷେଇଘରୁ ସୋମବାର ସକାଳେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତ ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ଜଗଦୀଶ କଲାରଙ୍କ ପୁଅ ପ୍ରଫୁଲ୍ଲ (୨୧)। ମୃତ ଯୁବତୀଙ୍କ ଘର ଖାତିଗୁଡ଼ା ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ଘଟଣାସ୍ଥଳରୁ ପୋଲିସକୁ ସୁଇସାଇଡ୍ ନୋଟ୍ ମିଳିଛି। ପ୍ରଫୁଲ୍ଲ ଟ୍ରକ୍ ଡ୍ରାଇଭର ଭାବେ କାମ କରୁଥିଲେ। ସେ ବିଭିନ୍ନ ସମୟରେ ଟ୍ରକ୍ ନେଇ ଯୁବତୀଙ୍କ ଗ୍ରାମକୁ ଯାଉଥିଲେ। ଏହା ମଧ୍ୟରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦ଦିନ ତଳେ ଯୁବତୀ ଜଣଙ୍କ ଘର ଛାଡ଼ି ପ୍ରଫୁଲ୍ଲଙ୍କ ପାଖକୁ ପଳାଇ ଆସିଥିଲେ। ସଙ୍ଗେ ସଙ୍ଗେ ଯୁବତୀଙ୍କ ବାପା ବଡ଼ଭରଣ୍ଡି ଆସି ଝିଅକୁ ନେଇ ଗାଁକୁ ଫେରିଥିଲେ। କିନ୍ତୁ ଯୁବତୀ ଜଣକ ରବିବାର ପୁଣି ଘର ଛାଡ଼ି ପ୍ରଫୁଲ୍ଲଙ୍କ ପାଖକୁ ଆସିଥିଲେ। ଏହାପରେ ଦୁହେଁ ରାତିରେ ବଡ଼ଭରଣ୍ଡି ଅଲେଖ ମହିମା ମନ୍ଦିର ପରିସରରେ ଥିବା ରୋଷେଇଘରେ ବେକରେ ବେଡ୍‌ସିଟ୍ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳୁ ଖବର ପାଇ ଉମରକୋଟ ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସେଠାରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ମୃତକଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର କରାଯାଇଛି। ଉମରକୋଟ ଥାନାରେ କେସ୍ ନଂ. ୬୩/୨୨ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସବ୍‌ଇନ୍ସପେକ୍ଟର ସନ୍ତୋଷ କୁମାର ମାଝି ଘଟଣାର ତଦନ୍ତ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସମୁଦ୍ରକୁ ଯାଉଛି...

ବ୍ୟବସ୍ଥା ନ ଥିବାରୁ ତାହା ସିଧାସଳଖ ସମୁଦ୍ରକୁ ବୋହିଯାଉଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏବେଠୁ ଉତ୍କଟ ଜଳାଭାବ ଦେଖାଦେଲାଣି। ନଦୀଗୁଡ଼ିକ ଉପରେ ପାନୀୟଜଳ ଲାଗି ନିର୍ଭର କରୁଥିବା ସହରଗୁଡ଼ିକ ଆସନ୍ତା ୨୦ ବର୍ଷ ମଧ୍ୟରେ ଭୟଙ୍କର ଜଳସଙ୍କଟର ସମ୍ମୁଖୀନ ହେବେ ବୋଲି ପରିବେଶବିତ୍ ଆଶଙ୍କା କଲେଣି। ଜନସଂଖ୍ୟା ଯେପରି ବଢ଼ିଚାଲିଛି ଆଗକୁ କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ରାଉରକେଲା, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସହରକୁ ପାନୀୟଜଳ ଯୋଗାଇବା କାଠିକର ପାଠ ହୋଇଯିବ। ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ, ୨୦୦୧ରେ ରାଜ୍ୟର ପ୍ରମୁଖ ନଦୀର ଜଳଧାରଣ କ୍ଷମତା ୧୨୦.୩୯୭ ନିୟୁତ କ୍ୟୁବିକ୍ ମିଟର (ବିସିଏମ୍) ଥିବା ବେଳେ ୨୦୫୧ ବେଳକୁ ଏହା ୧୦୮.୧୧୩ ବିସିଏମ୍‌କୁ ଖସିଆସିବ। ନଦୀଜଳ ପ୍ରବାହ ହ୍ରାସକୁ ନେଇ ସୁପ୍ରିମ୍‌କୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ଜଳକୁ ସଂରକ୍ଷଣ କରିବା ପାଇଁ ୪ଟି ବୃହତ୍ ବ୍ୟାରେଜ୍ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବ୍ରାହ୍ମଣୀ ନଦୀର ଦୁବୁଲାପାଲ, ନୂଆଘର, ସନ୍ତେଇଭଞ୍ଜ, କୋଏଲ ନଦୀର ଝାରବେଡାଠାରେ ବ୍ୟାରେଜ୍ ନିର୍ମାଣ କରାଯିବ। ଏଗୁଡ଼ିକର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ଏହାଛଡ଼ା ପ୍ରବାହିତ ଜଳକୁ ଅଟକାଇବା ଲାଗି ରାଜ୍ୟ ସରକାର ୨୦୨୦ ଫେବୃୟାରୀରେ ନଦୀଗର୍ଭ ଜଳାଶୟ(ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର) ଯୋଜନା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟ ସରକାର ବିଭିନ୍ନ ନଦୀରେ ୪୬ଟି ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକ୍ଚର ନିର୍ମାଣ କରିବାକୁ ଯାଉଛନ୍ତି। ୨୦୨୧–୨୨ରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଓ ୨୦୨୨–୨୩ ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ନଦୀଗର୍ଭ ଜଳ ରୋକିବାକୁ ବନ୍ଧ ନିର୍ମାଣ କରିବେ। ପ୍ରଥମ ପର୍ଯ୍ୟାୟର ୩୦ଟିରୁ ୧୭ଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେଥିମଧ୍ୟରେ ରହିଛି ମହାନଦୀର ଜଗତ୍‌ସିଂହପୁର ଜିଲା ଚୌଧୁରୀଗଡ଼ା ନିକଟ ଏବଂ ପାଇକା ନଦୀର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିକଟ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର। ଆଉ ୧୩ଟି ଟେଣ୍ଡର ପର୍ଯ୍ୟାୟରେ ରହିଛି ବୋଲି ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି।

ପରିବେଶବିତ୍ ରଞ୍ଜନ ପଣ୍ଡା କହିଛନ୍ତି, ନଦୀର ସ୍ରୋତକୁ ରୋକିବା ପାଇଁ ବଡ଼ ବଡ଼ ବ୍ୟାରେଜ ନିର୍ମାଣ ହେବା ଉଚିତ ନୁହେଁ। ମାତ୍ର ଜୈବବିବିଧତାକୁ ସୁରକ୍ଷା ଦେଇ ନଦୀରୁ ସମୁଦ୍ରକୁ ବୋହିଯାଉଥିବା ଅଧିକ ବର୍ଷାପାଣିକୁ ଛୋଟ ଛୋଟ ଷ୍ଟ୍ରକ୍ଚର ମାଧ୍ୟମରେ ସଂରକ୍ଷଣ କରିବା ଦରକାର। ଏହାଦ୍ୱାରା ଭୂଗର୍ଭରେ ଜଳ ସଂରକ୍ଷଣ ହେବା ସହ ଜଳସଙ୍କଟ ଦୂର ହୋଇପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ପଡ଼ୋଶୀ ଲୋକଟିକୁ ସାହାଯ୍ୟ କରିବେ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ବହୁତ ଖୁସି ରହିବେ । ରାଜନୀତିରେ ବହୁ ଲୋକଙ୍କଠାରୁ ଆଦର ସମ୍ମାନ ପାଇ ଖୁସି ହେବେ। ଅବିବାହିତ ବ୍ୟକ୍ତିଙ୍କ ସକାଶେ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ଆସିପାରେ ।

**ବୃଷ**
କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣଙ୍କ ପାଖକୁ ଆପଣାଛାଏଁ ମାଡ଼ି ଆସିବ। ଅପେକ୍ଷା କରିଥିବା କାମରେ ନାସ୍ତି ସୂଚନା ପାଇଲେ ମଧ୍ୟ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ । ଆକସ୍ମିକ ବନ୍ଧୁ ଆଗମନ ଯୋଗୁ ମଉଜ ମଜଲିସରୁ ଦୂରେଇ ରହିବାକୁ ବାଧ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**ମିଥୁନ**
ଆଜି ଦିନ ମଧ୍ୟରେ ପାଇବେ ଯେତିକି ତା'ଠାରୁ ଅଧିକ ଦେବାକୁ ପଡ଼ିବ। ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରାଇବାରେ ସମର୍ଥ ହେବେ । କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସଭାସମିତିରେ ପୁରସ୍କୃତ ହେବା ସୌଭାଗ୍ୟ ଭାଗ୍ୟରେ ଜୁଟିବ, ଯାହାକି ଆଦୌ ଆଶା କରି ନ ଥିବେ ।

**କର୍କଟ**
ଅଭିଳାଷିତ କାର୍ଯ୍ୟ ସାଧନ ନିମିତ୍ତ ଅନୁକୂଳ ବାତାବରଣ ସୃଷ୍ଟି ହେବ ଓ ଆନନ୍ଦିତ ହେବେ । ପାରିବାରିକ ଘଟଣାରେ, ସମସ୍ୟା ସମାଧାନ ପାଇଁ ମନ୍ଥର ଗତି ଅବଲମ୍ବନ କରିବା ଭଲ । ସାଧାରଣ କଥାରେ କଳହ ଘଟିବା ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି।

**ସିଂହ**
ପରିବାର ଓ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ଦେହ ଭଲ ରହିବ ମାତ୍ର ସାମାନ୍ୟ ଆଳସ୍ୟ ବୋଧ କରିବେ ଏବଂ ଆଜ୍ଞାବହ ଭାବେ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା**
ଆଜିର କର୍ମକ୍ଷେତ୍ରରେ ଅଧିକାଂଶ ସମୟ ଆଶଙ୍କାରେ କଟିବ। ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନ ସକାଶେ ପ୍ରଯତ୍ନ କରିପାରନ୍ତି। ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମ କରିବା ଠିକ୍ ହେବ। ବ୍ୟବସାୟ, ପରିବହନ, ହୋଟେଲ କ୍ଷେତ୍ରରେ ଶୁଭଫଳ ପାଇବେ। କିନ୍ତୁ ଗୃହନିର୍ମାଣ, ଜମି କିଣାବିକା, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା**
ପାରିବାରିକ କ୍ଷେତ୍ରରେ ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନ ଥିବ। ମଧ୍ୟାହ୍ନରେ ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଗତ କିଛିଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବ। ପଡ଼ୋଶୀଙ୍କ କଥାକୁ ବିଶ୍ୱାସକରି ସମସ୍ୟାକୁ ଆମନ୍ତ୍ରଣ କରିବେ।

**ବିଛା**
ଆଜି ଯେତେ ଚେଷ୍ଟାକଲେ ମଧ୍ୟ ଯୋଜନା କାର୍ଯ୍ୟକାରୀ କଷ୍ଟକର ହେବ । ଅବଶ୍ୟ ସମୟାନ୍ତରରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଘଟିଯାଇଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ । ପ୍ରତିହିଂସା ପରାୟଣ ହୋଇ କିମ୍ବା ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ନିଜ ଲୋକମାନେ ଦୂରେଇଯିବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ । ପରିସ୍ଥିତିବଶତଃ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହେବେ । ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମ ସମ୍ପୂର୍ଣ୍ଣ କରିବେ ।

**ମକର**
ଆଜି କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭର ସୁଯୋଗ ପାଇବେ। କମ୍ ବୟସ୍କମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ ।

**କୁମ୍ଭ**
ଆଜି ପରୋକ୍ଷ ଶତ୍ରୁତା କରୁଥିବା ଲୋକେ ଆପଣଙ୍କର କିଛି କରିପାରିବେ ନାହିଁ। ଗତକାଲିର ଘଟଣା ମନକୁ ବିବ୍ରତ କରିପାରେ,କିନ୍ତୁ କିଛି ଅସୁବିଧା ହେବ ନାହିଁ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ଚିନ୍ତାଧାରା ପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

**ମୀନ**
ଆପଣ ଯାହା ପାଇବା କଥା ତାହାହିଁ ଯଥା ସମୟରେ ପାଇବେ, ସେଥିରେ କେହି ବାଧା ଦେଇପାରିବେ ନାହିଁ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପିଲାମାନଙ୍କ ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

## ଭାରତରେ ଆକ୍ରମଣ...

ଚିନ୍ତାଧାରା ଭର୍ତ୍ତି କରୁଥିଲା। ଏଥିପାଇଁ ତାଙ୍କୁ ସ୍ୱତନ୍ତ୍ର ତାଲିମ ମଧ୍ୟ ଦିଆଯାଇଥିଲା। ଏପରି କି ତୁର୍କୀର ଇସ୍ତାନବୁଲରେ ଆଇଏସ୍ ଲିଡରଙ୍କ ସହ ସେ ସାକ୍ଷାତ କରିଥିଲେ। ଆଇଏସ୍ ମୁଖ୍ୟ ଏମିରଙ୍କ ପ୍ରତି ନିଷ୍ଠାବାନ୍ ହେବାକୁ ସେ ଶପଥ ନେଇଥିଲେ। ଏହା ପରେ ତାଙ୍କୁ ରୁଷିଆ ଯାଇ କେତେକ ଦସ୍ତାବିଜ ହାସଲ କରିବାକୁ କୁହାଯାଇଥିଲା। ସେଠାରୁ ଭାରତରେ ପହଞ୍ଚି ଆକ୍ରମଣ ନିମନ୍ତେ ବ୍ଲୁପ୍ରିଣ୍ଟ କରାଯାଇଥିଲା। ସୂଚନାଯୋଗ୍ୟ, ନିକଟରେ ମହମ୍ମଦ ପ୍ରଫେଟଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମା ଦଳରୁ ନିଲମ୍ବିତ ହୋଇଥିଲେ। ସମାନ କାରଣ ପାଇଁ ଦଳର ଦିଲ୍ଲୀ ମିଡିଆ ସେଲ୍ ମୁଖ୍ୟ ନବୀନ କୁମାର ଜିନ୍ଦଲଙ୍କୁ ବହିଷ୍କୃତ କରାଯାଇଥିଲା। ଏହାକୁ ନେଇ ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ୩୧ରୁ ୫ ଦିନିଆ ଦିଲ୍ଲୀ ଗସ୍ତରେ ଯାଇପାରନ୍ତି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨।୮(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୩୧ରୁ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଗତ ୬ ତାରିଖରେ ଦିଲ୍ଲୀ ଗସ୍ତରେ ଯାଇ ୮ରେ ଫେରିଥିଲେ। ତେବେ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ୩୧ରେ ଦିଲ୍ଲୀ ଯାଇ ସେପ୍ଟେମ୍ବର ୪ରେ ଫେରିବେ। ଏହି ଗସ୍ତ କାଳରେ ସେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶା ଭବନରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ଏନେଇ ବିଧିବଦ୍ଧ ସୂଚନା ମିଳି ନ ଥିଲେ ମଧ ତାଙ୍କ ଗସ୍ତ ନେଇ ସବୁ ପ୍ରକାର ପ୍ରସ୍ତୁତି ସରିଥିବା ଜାଣିବାକୁ ମିଳିଛି।

### ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ

କର୍ଲାମୁଣ୍ଡା,୨୨।୮(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟଠାରେ ଆତ୍ମା ପକ୍ଷରୁ ସୋମବାର ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ବାସୁଦେବ ଶତପଥୀ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଚିତ୍ତ ରଞ୍ଜନ ମଲ୍ଲିକ, ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଅରୁଣ ଚନ୍ଦ୍ର ପାଢ଼ୀ, ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ସହାୟକ ବିଜୟ କୁମାର ମିଶ୍ର, କର୍ଲାମୁଣ୍ଡା ମିଲେଟମିଶନ ପ୍ରକଳ୍ପ କାର୍ଯ୍ୟକାରୀ ଅନୁଷ୍ଠାନ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ଦ୍ୱାରା କୃଷକମାନଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ତଥା କୃଷକ ଓଡିଶା ଆପରେ ପଞ୍ଜୀକରଣ କରିବା ପାଇଁ ଚାଷୀମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଏଟିଏମ ଶ୍ୟାମପଦ ଭଞ୍ଜ ଆତ୍ମା ପକ୍ଷରୁ ଆସିଥିବା ଅନୁଦାନ ରାଶିର ଖର୍ଚ୍ଚ ପାଇଁ ଯୋଜନା ଉପସ୍ଥାପନ କରିଥିଲେ। ଏଥିରେ ଏଟିଏମ ମିଳନ କୁମାର ଗୋଛାୟତ, ଓଁମ ପ୍ରକାଶ ମିଶ୍ର ସହଯୋଗ କରିଥିବା ବେଳେ ଉପଦେଷ୍ଟା କମିଟି ସମସ୍ତ ସଭ୍ୟାସଭ୍ୟମାନେ ନିଜର ମତାମତ ପ୍ରଦାନ କରିଥିଲେ।

# ସୁବର୍ଣ୍ଣରେଖା ଉପରେ ନଜର ରଖାଯାଇଛି: ମନ୍ତ୍ରୀ

## ୧୩ ଜିଲାର ୬ ଲକ୍ଷ ୪୦ ହଜାର ଲୋକ ଜଳବନ୍ଦୀ

ଭୁବନେଶ୍ୱର,୨୨।୮(ବ୍ୟୁରୋ)



ସମୀକ୍ଷା ବୈଠକରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ।

ଲଘୁଚାପ ପ୍ରଭାବରେ ସୁବର୍ଣ୍ଣରେଖାରେ ବନ୍ୟା ସୃଷ୍ଟି ହୋଇଛି । ବାଲେଶ୍ୱର ଜିଲାର କେତେକ ଅଞ୍ଚଳ ବନ୍ୟାଘେରରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଉଛି। ସୁବର୍ଣ୍ଣରେଖାର ଜଳସ୍ତର ସ୍ଥିର ରହିଛି। ବନ୍ୟା ସ୍ଥିତି ପାଇଁ ବିଭାଗ ପ୍ରସ୍ତୁତ ଥିବା ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ସୋମବାର କହିଛନ୍ତି। ରାଜ୍ୟର ବନ୍ୟା ସ୍ଥିତିକୁ ନେଇ ଜଳସମ୍ପଦ ମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବସ୍ତା, ବାଲିଆପାଳ ସମେତ ତଳି ଅଞ୍ଚଳରେ ପାଣି ପଶିଛି। ସୁବର୍ଣ୍ଣରେଖା ସିଷ୍ଟମରେ କୌଣସି ଘାଇ ହୋଇନାହିଁ। ଅନ୍ୟ ନଦୀଗୁଡିକରେ ଜଳ କମିବା ଆରମ୍ଭ ହୋଇଛି । ପରିସ୍ଥିତି ଉପରେ ନଜର ରଖାଯାଇଛି ଏବଂ ସମସ୍ତେ ସଜାଗ ରହିଛନ୍ତି। ନାଇଟ୍ ପାଟ୍ରୋଲିଂ ମଧ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁବର୍ଣ୍ଣରେଖାର ଜାମ୍‌ଶୋଳା ଓ ରାଜଘାଟ ଘାଟଠାରେ ଜଳସ୍ତର ହ୍ରାସ ପାଉଛି ।

ହୀରାକୁଦର ଜଳପତ୍ତନ ୬୨୨.୪୫ ଫୁଟ୍ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୯୧ ହଜାର ୮୭୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ୯୨ ହଜାର ୪୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୨ ଲକ୍ଷ ୭୭ ହଜାର ୫୦୦, ବଡ଼ମୂଳରେ ୩ ଲକ୍ଷ ୮୧ ହଜାର ୨୫୦ ଏବଂ ମୁଣ୍ଡଳିଠାରେ ୪ ଲକ୍ଷ ୯୮ହଜାର ୩୪୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ରାଜ୍ୟର ୧୩ ଜିଲାର ୭୮ ବ୍ଲକ୍, ୬୪୫ ଗ୍ରାମପଞ୍ଚାୟତ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୪୮୯ ଗ୍ରାମ ପ୍ରଭାବିତ ହୋଇଛି । ରାଜ୍ୟର ୯୦୨ ଗ୍ରାମ ଜଳଘେରରେ ରହିଥିବା ବେଳେ ୬ ଲକ୍ଷ ୪୦ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ୯ ଲକ୍ଷ ୬୬ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହିସବୁ ଅଞ୍ଚଳରେ ୪୪୦ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୭୧ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି । ବନ୍ୟା ପ୍ରଭାବରେ ୫ ଲକ୍ଷ ୬୧ ହଜାର ୪୧୮ ବିଦ୍ୟୁତ୍ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥିମଧ୍ୟରୁ ୫ ଲକ୍ଷ ୨୧ ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୧୦ଟି ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ୧୨୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛି । ଏହି ସମୟରେ ୨୩,୩୬୭ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ ୩୨ ସାପକାମୁଡ଼ା ଘଟଣାର ଚିକିତ୍ସା କରାଯାଇଛି। ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ ପ୍ରାଣୀ ଚିକିତ୍ସା ଡାକ୍ତରୀ ଟିମ୍ ନିୟୋଜିତ ହୋଇଛି । ୪୦୭ କ୍ୟାମ୍ପ୍ ଆୟୋଜିତ ହୋଇଥିବାବେଳେ ଏଥିରେ ୧୮ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କ ଚିକିତ୍ସା କରାଯାଇଛି । ୧୦ ଜିଲାକୁ ୯୧୩.୯୨ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଅଛି । ବନ୍ୟାଞ୍ଚଳରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୯୩ ହଜାର ପାଣିବୋତଲ ଓ ୧୨ ଲକ୍ଷ ୨୯ ହଜାର ପାଣି ପାଉଚ୍ ବଣ୍ଟାଯାଇଛି । ଏହାସହ ୨୦୩ ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି । ବନ୍ୟାଞ୍ଚଳର ୧୧ ଜିଲାରେ ୧୬ ଏନ୍‌ଡିଆର୍‌ଏଫ୍, ୧୭ ଓଡ୍ରାଫ୍, ୫୫ ଅତିରିକ୍ତ ଅଗ୍ନିଶମ ଟିମ୍ ମୁତୟନ କରାଯାଇଛି ।

# ଶାରଦା ମାଇନ୍ସରେ ଇଡି ଚଢ଼ାଉ

## ବେଆଇନ ଅର୍ଥ କାରବାର ଅଭିଯୋଗ

ବଡ଼ବିଲ/ ଯୋଡ଼ା,୨୨।୮ (ସ୍ୱ.ପ୍ର./ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଖଣି ସର୍କଲ ତଥା ବଡ଼ବିଲ ଥାନା ଅଧୀନ ଶାରଦା ମାଇନ୍ସ ପ୍ରା. ଲିଃ ଅଧୀନ ଠାକୁରାଣୀ ଲୌହ ଖଣିର ବି–ବ୍ଲକସ୍ଥିତ ଖଣିରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ/ ଇ ଡି ( ଏ ନ୍ ଫୋ ର୍ ସ ମେ ଣ୍ଟ ଡିରେକ୍ଟରେଟ) ପକ୍ଷରୁ ଚଢ଼ାଉ କରାଯାଇଛି। ଆର୍ଥିକ କାରବାର ଅନିୟମିତତା ନେଇ ସୟାବାଲିସ୍ଥିତ କଲୋନୀରେ ରହୁଥିବା କମ୍ପାନୀ ନିର୍ଦ୍ଦେଶକ ଅର୍ଜୁନ ସାରସ୍ୱତ ଓ ଅନ୍ୟ ଜଣେ ବରିଷ୍ଠ ଅଧିକାରୀ ବିନୋଦ ବିହାରୀ ସାହୁଙ୍କ କ୍ୱାର୍ଟର୍ସରେ ଏହି ଚଢ଼ାଉ କରାଯାଇଛି।

ପ୍ରକାଶଥାଉ କି, ୨୦୦୯ ମସିହା ପରେ ରାଜ୍ୟ ଭିଜିଲାନ୍ସ ବିଭାଗ ଶାରଦା ଖଣିରେ ଅନିୟମିତତା ଯାଞ୍ଚ କରିଥିଲା। ଏହାପରେ ଏମ୍‌ଭି ଶାହା କମିଶନ ଏହାର ଯାଞ୍ଚ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସିଇସି (ସେଣ୍ଟ୍ରାଲ ଏମ୍‌ପାୱାରମେଣ୍ଟ କମିଟି) ଏହାର ଯାଞ୍ଚ କରି ସବିଶେଷ ତଥ୍ୟ କୋର୍ଟକୁ ଦେଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ରହିଥିବାବେଳେ ଅର୍ଥ ଅନିୟମିତତାକୁ ନେଇ ଇଡି ଏହାର ଯାଞ୍ଚ ଆରମ୍ଭ କରିଛି। ଏତଦ୍‌ବ୍ୟତୀତ ଇଡି କର୍ତ୍ତୃପକ୍ଷ ଓଜନକଣ୍ଟା, ପ୍ରୋଗ୍ରାମିଂ ଅଫିସ ପ୍ରଭୃତି ଯାଞ୍ଚ କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ କମ୍ପାନୀର ଖଣି କାର୍ଯ୍ୟାଳୟ କିମ୍ବା କଲୋନୀକୁ ଯିବାକୁ ଥିବା ଏକମାତ୍ର ରାସ୍ତା କମ୍ପାନୀର ମୁଖ୍ୟ ଫାଟକରେ ସୁରକ୍ଷାକର୍ମୀ ଜଗିରହି କାହାକୁ ଭିତରକୁ ଛାଡି ନ ଥିଲେ। ସ୍ଥାନୀୟ ପୋଲିସ ଅବଗତ ନ ଥିବା ବେଳେ ଛତିଶଗଡ଼ ପୋଲିସ ଏହି ଚଢ଼ାଉରେ ସାମିଲ ହୋଇଥିବା ସୂଚନା ମିଳିଛି। ତେବେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଜିଲା ବାହାରେ ଥିବାରୁ ଇଡି ଅଧିକାରୀଙ୍କ ଜେରାରୁ ବାଦ୍ ପଡ଼ିଥିବା ଜଣାପଡିଛି। ଇଡି ଟିମ୍ ଖଣି କାର୍ଯ୍ୟାଳୟରେ ବିଭିନ୍ନ କମ୍ପ୍ୟୁଟର ହାର୍ଡ ଡିସ୍କରୁ ତଥ୍ୟ ସଂଗ୍ରହ କରି ଯାଞ୍ଚ କାର୍ଯ୍ୟ ଜାରି ରଖିଥିବାବେଳେ ଅନୁପସ୍ଥିତ ଥିବା ଅଧିକାରୀଙ୍କୁ ତୁରନ୍ତ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।










# 'ନିର୍ଦ୍ଧାରିତ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ଦିଅ'

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

### ରିଭଲଭିଙ୍ଗ୍ ଫଣ୍ଡ ସହ ସଫ୍ଟୱେର ସଂଯୋଗ କରିବାକୁ ଅନୁରୋଧ

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଓଡ଼ିଶା ସରକାର ଶ୍ରମିକମାନଙ୍କୁ ଠିକ୍ ସମୟରେ ଶତପ୍ରତିଶତ ମଜୁରି ପ୍ରଦାନ କରୁଛନ୍ତି। ଲୋକଙ୍କ ହାତକୁ ଅଧିକ କାମ ଦେବା ସହ ନିୟମିତ ଭାବେ ମଜୁରି ପ୍ରଦାନ କରିବାକୁ ରାଜ୍ୟ ସରକାର ଏକ 'ରିଭଲଭିଙ୍ଗ୍ ଫଣ୍ଡ' ଗଠନ କରିଛନ୍ତି । ଏହି ଫଣ୍ଡ ସହ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ସଫ୍ଟୱେରକୁ ସଂଯୁକ୍ତ କଲେ ଧାର୍ଯ୍ୟ ସମୟରେ ଏମ୍‌ଜିଏନ୍‌ଆରଇଜିଏସ୍ ବାବଦ କେନ୍ଦ୍ରୀୟ ଅଂଶ ମିଳିବାରେ ଅସୁବିଧା ହୁଅନ୍ତା ନାହିଁ । ଏହା ଦ୍ୱାରା ରିଭଲ୍‌ଭିଙ୍ଗ ଫଣ୍ଡକୁ ପାଣ୍ଠିର ଅଭାବ ରହନ୍ତା ନାହିଁ। ଏ ଦିଗରେ ରାଜ୍ୟର ପ୍ରସ୍ତାବକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ବାହାର ଶ୍ରମିକ ପରିବାରଙ୍କୁ କାମଧନ୍ଦା ଯୋଗାଇଦେବାକୁ କେନ୍ଦ୍ର ସରକାର କୋଭିଡ୍–୧୯କୁ ଦୃଷ୍ଟିରେ ରଖି ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ କେନ୍ଦ୍ର ବଜେଟରେ ଅଧିକ ଅର୍ଥ ବରାଦ କରିଛନ୍ତି। ତେବେ ଏ ବାବଦ କେନ୍ଦ୍ରୀୟ ଅଂଶଧନ ମିଳିବାରେ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଭଲଭିଙ୍ଗ୍ ଫଣ୍ଡ ଗଠନ କରି ଜବ୍‌କାର୍ଡଧାରୀଙ୍କୁ ଠିକ୍ ସମୟରେ ମଜୁରି ପ୍ରଦାନ କରିଆସୁଛନ୍ତି। ରାଜ୍ୟ ସରକାର ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ବଜେଟରେ ଏହି ଫଣ୍ଡ ଲାଗି ୧ ହଜାର କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏମ୍‌ଜିଏନ୍‌ଆରଇଜିଏସ୍ ସଫ୍ଟୱେରକୁ ରିଭଲଭିଙ୍ଗ୍ ଫଣ୍ଡ ସହ ସଂଯୋଗ କରି ନ ଥିବାରୁ କେନ୍ଦ୍ର ଅଂଶଧନ ମିଳିବାରେ ବିଳମ୍ବ ହେଉଛି। ଏ ନେଇ ମନ୍ତ୍ରଣାଳୟକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ସଂଯୋଗ କରାଯାଇନାହିଁ। ରିଭଲଭିଙ୍ଗ୍ ଫଣ୍ଡ ସହ ଉକ୍ତ ସଫ୍ଟୱେରକୁ ସଂଯୋଗ କରାଗଲେ ପାଣ୍ଠି ମିଳିବା ଓ ଠିକ୍ ସମୟରେ ଶ୍ରମିକଙ୍କ ମଜୁରି ଦେବାରେ ସହାୟକ ହୋଇପାରିବ। ଏ ଦିଗରେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ବନ୍ୟାଞ୍ଚଳରେ ବ୍ୟାପୁଛି ଜଳବାହିତ ରୋଗ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ରାଜ୍ୟରେ ଏବେ ବନ୍ୟା ସ୍ଥିତି ଜାରି ରହିଛି। ଏଥିପାଇଁ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ବନ୍ୟାଞ୍ଚଳରେ ସଂକ୍ରାମକ ଓ ଜଳବାହିତ ରୋଗ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ସୂଚନା ଦେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ବନ୍ୟାଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ବଢ଼ିବା ସହ ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ବନ୍ୟା ପ୍ରପୀଡ଼ିତ ୧୪ ଜିଲାରେ ୨୩,୩୬୭ଜଣ ଲୋକ ଚିକିତ୍ସିତ ହେଉଛନ୍ତି। ସେହିପରି ୩୨ଜଣ ସାପ କାମୁଡ଼ା ରୋଗୀ ଚିକିତ୍ସା ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ରିପୋର୍ଟ ନ ଥିବାବେଳେ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜଳ ବିଶୋଧନ କିପରି ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ୫ଲକ୍ଷ ୩୭ହଜାର ହାଲୋଜେନ ବଟିକା ଓ ୧ଲକ୍ଷ ୨୨ହଜାର ଓଆର୍‌ଏସ୍ ବଣ୍ଟାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୨୧୦ଟି ମେଡିକାଲ ରିଲିଫ୍ ସେଣ୍ଟର ରହିଥିବାବେଳେ ୧୨୫ଟି ମୋବାଇଲ ଟିମ୍ କାମ କରୁଛି। ସଫାସୁତୁରା ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏବେ ବାଲେଶ୍ୱରରେ ରୋଗୀ ସଂଖ୍ୟା ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗ ଆଲୋଚନା କରିଛି।

# ବାର୍‌ହା ଆକ୍ରମଣରେ ଚାଷୀଙ୍କ ଜୀବନ ଗଲା

ରେଢ଼ାଖୋଲ,୨୨।୮(ଡି.ଏନ.ଏ.)

ସମ୍ବଲପୁର ଜିଲା ଚାରମାଳ ଥାନା ବଡମାଳ ରେଞ୍ଜ ଅଧୀନ ଗଡ଼ଗଡ଼ବାହାଲ ପଞ୍ଚାୟତର ଲମଟିଦାଦର ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତ ଚାଷୀ ହେଲେ ଗେଥଲ ମାଝି (୫୫)। ସୂଚନାମତେ ଗେଥଲ ରବିବାର ସନ୍ଧ୍ୟାରେ ନିଜ ଚାଷଜମିକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାରବର୍ଗ ସୋମବାର ସକାଳେ ଖୋଜାଖୋଜି କରିବାରୁ ଚାଷଜମି ନିକଟରେ ତାଙ୍କ ମୃତଦେହ ପଡିଥିବା ଦେଖିଥିଲେ। ମୃତଦେହ ନିକଟରେ ପାଦଚିହ୍ନ ପଡିଥିବାରୁ ବାର୍‌ହା ଆକ୍ରମଣରେ ଗେଥଲଙ୍କ ମୃତ୍ୟୁ ଘଟିଥିବା ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି। ଚାରମାଳ ପୋଲିସ ମୃତଦେହ ଜବତ କରି ରେଢ଼ାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥନାରେ ଏକ ମାମଲା ରୁଜୁ ହୋଇଛି। ସରକାରଙ୍କ ଘୋଷଣା ଅନୁଯାୟୀ ତୁରନ୍ତ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୧୮୦ ମିଲିସିଆଙ୍କ ଆତ୍ମସମର୍ପଣ

## ଶହୀଦ ସ୍ତମ୍ଭ ଭାଙ୍ଗିଲେ, କୁଶପୁତ୍ତଳିକା ଦାହ କଲେ

ଚିତ୍ରକୋଣ୍ଡା/ମାଲକାନଗିରି , ୨୨।୮(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ସୋମବାର ୧୮୦ ମିଲିସିଆ ଏବଂ ୫ଶହରୁ ଊର୍ଦ୍ଧ୍ୱ ମାଓବାଦୀ ସମର୍ଥକ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା,ଏସ୍‌ପି ନୀତୀଶ ୱାଧୱାନିଙ୍କ ନିକଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଜନସମ୍ପର୍କ କାର୍ଯ୍ୟକ୍ରମରେ ସେମାନେ ଆତ୍ମସମର୍ପଣ କରି ବିକାଶଧାରାରେ ସାମିଲ ହେବାକୁ ଶପଥପାଠ କରିଛନ୍ତି। ପରେ ମାଓବାଦୀଙ୍କ କୁଶପୁତ୍ତଳିକା ଦାହ କରି ସେମାନଙ୍କ ଶହୀଦ ସ୍ତମ୍ଭକୁ ଭାଙ୍ଗିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆକୃଷ୍ଟ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ସମୟରେ ୮୮ ବିଏସ୍‌ଏଫ୍ ବାଟାଲିୟନ କମାଣ୍ଡାଣ୍ଟ ବିନୋଦ ସୋରେନ, ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ପୋଲିସ ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲି, ଯୋଡ଼ାମ୍ବ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ବିଭିନ୍ନ ଉପକରଣ ସହ ବସ୍ତ୍ର ଓ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।



ମିଲିସିଆମାନେ ଶହୀଦ ସ୍ତମ୍ଭ ଭାଙ୍ଗୁଛନ୍ତି।

ଦିନେ ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଥିବା ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ପାଇଁ ସାଧାରଣ ଜୀବନଯାପନ କରିବା କଷ୍ଟକର ଥିଲା। ଲାଲବାହିନୀର ଇଛାରେ ସବୁକିଛି ହେଉଥିଲା। ମୁହଁ ଖୋଲିଲେ ଲୋକଙ୍କୁ ପୋଲିସ ଇନଫର୍ମର ସଜାଇ ହତ୍ୟା କରାଯାଉଥିଲା। ଅଞ୍ଚଳବାସୀ ଚାହିଁଲେ ମଧ ସ୍ୱାଧୀନତା ଦିବସ, ଜାନୁୟାରୀ ୨୬ରେ ଜାତୀୟ ପତାକା ଉଡ଼ାଇ ପାରୁ ନ ଥିଲେ। ସେସବୁ ଦିବସରେ ମାଓବାଦୀମାନେ କଳା ପତାକା ଉଡ଼ାଉଥିଲେ। ଗୁରୁପ୍ରିୟା ସେତୁ ନିର୍ମାଣ, ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଓ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ଲୋକେ ନିଜକୁ ସୁରକ୍ଷିତ ମଣୁଛନ୍ତି ବୋଲି ଆତ୍ମସମର୍ପଣ କରିଥିବା ମାଓବାଦୀ ସମର୍ଥକ ମିଲିସିଆମାନେ କହିଛନ୍ତି। ଏବେ ପ୍ରଶାସନ, ଓଡ଼ିଶା ପୋଲିସ, ବିଏସ୍‌ଏଫ୍ ଯବାନ, ଡିଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ ଅପରେଶନ ଯୋଗୁ ସ୍ୱାଭିମାନ ଅଞ୍ଚଳରେ ଏପରି ସଫଳତା ମିଳିଥିବା ବିଏସ୍‌ଏଫ୍ ଡିଆଇଜି ଓ ଏସ୍‌ପି କହିଛନ୍ତି। ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ପରିବର୍ତ୍ତନର ସ୍ୱର ଆହୁରି ଶାଣିତ ହୋଇପାରିବ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ସ୍ୱାଭିମାନ ଅଞ୍ଚଳରେ ୫୦ ଜଣ ମିଲିସିଆ ମାଓବାଦୀ ସମର୍ଥକ ପୋଲିସ ନିକଟରେ ଆତ୍ମସମର୍ପଣ କରି ମାଓବାଦୀ ପୋଷାକକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ।

## ODISHA PUBLIC SERVICE COMMISSION
## CUTTACK
## NOTICE

**No.7742/P.S.C., Dt.22.8.22**
**PF-1E-11-2021/22 (DR-III)**

**No.D-141:** It is for information of all concerned that, pursuant to Advt. No.24 of 2021-22, 48 (Forty Eight) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in History. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 05.09.2022, 06.09.2022 & 07.09.2022 as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 05.09.2022 | 10.30 A.M. | 00127154, 00016660, 00067505, 00114222, 00124686,00125147, 00126108, 00116610 & 00051326 **= 09 Candidates** |
| | | 3.00 P.M. | 00065671, 00116921, 00117465, 00019860, 00131988, 00115043 & 00120156 **= 07 candidates** |
| 2 | 06.09.2022 | 10.30 A.M. | 00132148, 00052541, 00120502, 00126540, 00126457, 00120604, 00116199, 00126074 & 00057004 **= 09 candidates** |
| | | 3.00 P.M. | 00123787, 00124323, 00079891, 00060381, 00072006, 00122475 & 00125781 **= 07 candidates** |
| 3 | 07.09.2022 | 10.30 A.M. | 00114101, 00120064, 00116096,00040107, 00117424, 00115662,00047808, 00024099 & 00031830 **= 09 candidates** |
| | | 3.00 P.M. | 00039313, 00117512,00057011, 00042172, 00114454, 00124170 & 00124001 **= 07 candidates** |

Note :- It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the Selection process and is subject to fulfillment of the terms and conditions laid down in the advertisement. Mere participation, in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0142/2223** **Sd./- Secretary**

ଅନ୍ୟମାନେ ତୁମ ସମ୍ବନ୍ଧରେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେଥିରୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହିଁ। -ଶ୍ରୀମା



# ଖାତିର ନାହିଁ

ମୁଁ ୫ ଜଣଙ୍କୁ ହତ୍ୟା କରିଛି। ଦାବି କରିଛନ୍ତି ରାଜସ୍ଥାନ ଅଲଓ୍ୱରର ପୂର୍ବତନ ବିଧାୟକ ଜ୍ଞାନଦେବ ଆହୁଜା। ଏହାସତ୍ତ୍ୱେ ମଧ୍ୟ ଆଜି ସିଏ ଜଣେ ସ୍ୱାଧୀନ ନାଗରିକ ଭାବେ ବୁଲି ପାରୁଛନ୍ତି। ତାଙ୍କ କହିବା ଅନୁଯାୟୀ ତାଙ୍କ ଦ୍ୱାରା ମରାଯାଇଥିବା ୫ ଜଣ ଯାକ ଗୋହତ୍ୟାକାରୀ ଥିଲେ। ଗୋହତ୍ୟାକାରୀଙ୍କୁ ହତ୍ୟା କରିବା ଦରକାର ବୋଲି ସ୍ପଷ୍ଟ ମତ ଦେଇଛନ୍ତି ଆହୁଜା। ସାମ୍ପ୍ରଦାୟିକ ହିଂସାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଭେଟିବା ପାଇଁ ଗୋବିନ୍ଦଗଡ଼କୁ ନିକଟରେ ଯାଇଥିବା ବେଳେ ସେ ଆହୁରି ମଧ୍ୟ କହିଥିଲେ ଯେ, ଗୋହତ୍ୟା କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ମାରିଦିଅ। ଆହୁଜା ଯେଉଁ ଦୃଢ଼ୋକ୍ତିର ସହିତ ଜୀବନରେ କରିଥିବା ଅନେକ ହତ୍ୟା ସମ୍ପର୍କରେ ସାଧାରଣରେ କହିଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ବୁଝାପଡୁଛି। ଆଜିର ଭାରତରେ ନୂଆ ସ୍ରୋତ ଆରମ୍ଭ କରିବାର ଅନେକ କ୍ଷେତ୍ରରେ ଉପାୟ ଖୋଜା ଚାଲିଛି। ସେଥିମଧ୍ୟରୁ, ନ୍ୟାୟପାଳିକାକୁ ହାତମୁଠାକୁ ଆଣିବା ହୋଇଯାଇଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ। ଏଠାରେ ଗୁଜରାଟର ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ୧୪ ଜଣଙ୍କୁ ହତ୍ୟା ଏବଂ ପରବର୍ତ୍ତୀ ଘଟଣା ବିଷୟରେ ସମସ୍ତେ ଅବଗତ ଅଛନ୍ତି। ସେଥିରେ ସମ୍ପୃକ୍ତ ୧୧ ଜଣ ଅଭିଯୁକ୍ତଙ୍କୁ ନିକଟରେ ସୁପ୍ରିମ୍‌କୋର୍ଟର ପରୋକ୍ଷ ଇଙ୍ଗିତରେ ସରକାର ଦ୍ୱାରା ଗଠିତ ପ୍ୟାନେଲ ମାଧ୍ୟମରେ ମୁକ୍ତ କରିଦିଆଯାଇଛି। ଆଜି ସେମାନେ ଦେଶର ଯେକୌଣସି ଅଞ୍ଚଳରେ ସ୍ୱାଧୀନ ନାଗରିକ ଭାବେ ବୁଲିପାରିବେ। ସମ୍ଭବତଃ ଅନେକ ହିନ୍ଦୁ ଏହି ନୂଆ ମୋଡ଼କୁ ଖୁସିର ସହ ସ୍ୱାଗତ କରୁଥିବେ। ତେବେ ଆମ ସମସ୍ତଙ୍କୁ ମନେରଖିବାକୁ ହେବ ଯେ, ଅପରାଧର କୌଣସି ଧର୍ମ ବା ଜାତି ନ ଥାଏ। ୨୦୦୨ ମସିହା ଦଙ୍ଗାରେ ଏହି ଉଚ୍ଚବର୍ଗର ବ୍ରାହ୍ମଣମାନେ ଏକ ମୁସଲମାନ ପରିବାରକୁ ନିପାତ କରିଦେଲେ। ବିଲ୍‌କିସ ବାନୋ ଭଳି ଆହୁରି ଅନେକ ଘଟଣା ସେତେବେଳେ ଘଟିଥିଲା, ଯେଉଁଗୁଡ଼ିକ ପରବର୍ତ୍ତୀ ସମୟରେ ନ୍ୟାୟାଳୟକୁ ବିଭିନ୍ନ କାରଣରୁ ଆସିପାରି ନ ଥିଲା। ବିଲ୍‌କିସ ବାନୋ ଜିଦି ଧରିଥିବାରୁ ତାଙ୍କ ଘଟଣା ସମଗ୍ର ଦେଶରେ ଚର୍ଚ୍ଚିତ ହେଲା। ଆଜି ଯେଉଁ ହିନ୍ଦୁମାନେ ଭାବୁଛନ୍ତି ଯେ ଅପରାଧୀମାନେ ମୁକ୍ତି ପାଇବା ଫଳରେ ମୁସଲମାନମାନଙ୍କ ଉପରେ ଉଚିତ୍ ଦଣ୍ଡ ମିଳିଛି, ସେହି ହିନ୍ଦୁମାନେ ବୁଝିବା କଥା ଯେ ଅପରାଧୀ ଯେତେବେଳେ ମୁକ୍ତ ଏବଂ ଦମ୍ଭଧରି ରାସ୍ତାରେ ବୁଲିବ ସେତେବେଳେ ସେ କୌଣସି ମା, ଭଉଣୀ, ଝିଅ କିମ୍ବା ସ୍ତ୍ରୀର ଧର୍ମକୁ ପଚାରିକରି ବଳାତ୍କାର ଓ ପରବର୍ତ୍ତୀ ସମୟରେ ହତ୍ୟା କରିବ ନାହିଁ। ଥରେ ସାପ ପେଡ଼ିରୁ ବାହାରିଲେ ତାକୁ ଆୟତ୍ତ କରିବା କଷ୍ଟକର ବ୍ୟାପାର। ଏହାର ପ୍ରମାଣ ପୂର୍ବତନ ବିଧାୟକ ଜ୍ଞାନଦେବ ଆହୁଜା ଦେଇ ସାରିଲେଣି।

> ‘ଜୋର୍ ଯା’ର ମୁଲକ ତା’ର’ ନୀତିରେ ହତ୍ୟାକାରୀମାନେ କେବଳମାତ୍ର ସଂଖ୍ୟାରେ ଅଧିକ ହେବା ଦରକାର। ଗୋଷ୍ଠୀବଦ୍ଧ ହୋଇ ଅଭିଯୋଗ ଆଣିପାରିଲେ ମିଥ୍ୟା ମଧ୍ୟ ସତ୍ୟ ପ୍ରମାଣିତ ହୋଇଯିବ। ଆହୁଜାଙ୍କ ଡାକରା ଅନୁଯାୟୀ ଯେକୌଣସି ବ୍ୟକ୍ତି ଗୋହତ୍ୟା କରୁଛି ତାଙ୍କୁ ହତ୍ୟା କରାଯିବା ଦରକାର।

ଆହୁଜାଙ୍କ ମନ୍ତବ୍ୟ ଗୋଟିଏପଟେ ତାଙ୍କ ସମର୍ଥକମାନଙ୍କ ମନୋବଳ ବଢ଼ାଇବା ପାଇଁ ଉଦ୍ଦିଷ୍ଟ ହୋଇଥାଇପାରେ, କିନ୍ତୁ ତାହାଠାରୁ ମାରାତ୍ମକ ହେଉଛି ଯେ ସେହି ଶବ୍ଦଗୁଡ଼ିକ ସାଧାରଣରେ ଉଚ୍ଚାରଣ କରି ଆହୁଜା ଜଣାଇଦେବେ ଯେ ଏହି ଦେଶର ପୋଲିସ ଓ ନ୍ୟାୟାଳୟ ପ୍ରତି ତାଙ୍କର ତିଳେମାତ୍ର ଭୟ କିମ୍ବା ଖାତିର ନାହିଁ। ଏହିଭଳି ନାଗରିକଙ୍କ ପାଇଁ ଅପରାଧ କରିବା ଅତି ସହଜ ହୋଇପଡ଼ିଲେ ସମସ୍ତଙ୍କର କ୍ଷତି।

ମଣିଷ ମାରିବା ପାଇଁ ଯଦି ଅନୁମତି ମିଳେ ତେବେ କାରଣ ଖୋଜିବା ଗୌଣ ହୋଇଯାଏ। ଏଠାରେ ଓଡ଼ିଶାର ଉଦାହରଣ ଦିଆଯାଇପାରେ। ଏହି ରାଜ୍ୟର ଅନେକ ଗ୍ରାମରେ ବିଧବା ମହିଳା କିମ୍ବା ଅସହାୟ ବୃଦ୍ଧଙ୍କୁ ଗୁଣିଗାରେଡ଼ି କରୁଥିବାର ଅଭିଯୋଗ ଆଣି ମୁଷ୍ଟିମେୟ ଗ୍ରାମବାସୀ ସେମାନଙ୍କୁ ହତ୍ୟା କରିଥିବାର ଅନେକ ଖବର ପଢ଼ିବାକୁ ମିଳୁଛି। ଏହିଭଳି ବହୁ ଅପରାଧର ପ୍ରଚ୍ଛଦପଟରେ ଗ୍ରାମବାସୀଙ୍କର ସମ୍ପତ୍ତି ଲୋଭ ରହିଛି ବୋଲି ଜଣାପଡ଼େ। ଗୁଣିଆ ତଥା ଡାହାଣୀ ବୋଲି କହି ମାରିଦେଲେ ପୋଲିସ ମଧ୍ୟ ନିଷ୍କ୍ରିୟ ହୋଇଯାଉଛି ଯଦି ଅନେକ ଗ୍ରାମବାସୀ ସେହି ଅଭିଯୋଗ କରିବାରେ ମିଶିଯାଉଛନ୍ତି। ‘ଜୋର୍ ଯା’ର ମୁଲକ ତା’ର’ ନୀତିରେ ହତ୍ୟାକାରୀମାନେ କେବଳମାତ୍ର ସଂଖ୍ୟାରେ ଅଧିକ ହେବା ଦରକାର। ଗୋଷ୍ଠୀବଦ୍ଧ ହୋଇ ଅଭିଯୋଗ ଆଣିପାରିଲେ ମିଥ୍ୟା ମଧ୍ୟ ସତ୍ୟ ପ୍ରମାଣିତ ହୋଇଯିବ। ଆହୁଜାଙ୍କ ଡାକରା ଅନୁଯାୟୀ ଯେକୌଣସି ବ୍ୟକ୍ତି ଗୋହତ୍ୟା କରୁଛି ତାଙ୍କୁ ହତ୍ୟା କରାଯିବା ଦରକାର। ତେବେ ଏହି ଧାରାରେ ଦୁଇପାଦ ଆଗେଇ ଗଲେ, ଯଦି ଆପଣଙ୍କ ପଡ଼ୋଶୀଙ୍କ ମଧ୍ୟରୁ ଗୋଟିଏ ବଡ଼ ଗୋଷ୍ଠୀ ଆପଣଙ୍କ ଘର ଭିତରେ ଗୋହତ୍ୟା କରାଯାଉଛି ବୋଲି କହି ଆପଣଙ୍କ ପରିବାର ସଦସ୍ୟଙ୍କୁ ହତ୍ୟା ଓ ବଳାତ୍କାର କରିଦିଅନ୍ତି, ତେବେ ମୃତ୍ୟୁ ପରେ ଆପଣ ହିନ୍ଦୁ ବୋଲି ପ୍ରମାଣ ଦେବା ଅସମ୍ଭବ ହୋଇପଡ଼ିବ। ହତ୍ୟାକାରୀଙ୍କ ସପକ୍ଷରେ ପ୍ରମାଣ ସୃଷ୍ଟି କରିବାକୁ ଯାଇ ଦୁଇଟି ଗୋରୁହାଡ଼ ଆପଣଙ୍କ ଘରୁ ବାହାରିଲେ ଯଥେଷ୍ଟ। ଏହା ହେଉଛି ଏକ ଭଦ୍ର ସମାଜର ବିଲୋପର ପରିଚୟ। ସଭ୍ୟ ଓ ଅସଭ୍ୟ ସମାଜର ତଫାତ୍ ବୁଝିବାକୁ ହେଲେ ଗୋଟିଏ ଦେଶରୁ ପୋଲିସ ଓ ନ୍ୟାୟାଳୟକୁ ବିଦାକରି ଦେଖିବାକୁ ହେବ। ଏହାଫଳରେ ଯେଉଁ ଅରାଜକତା ସୃଷ୍ଟି ହେବ ସେଥିରୁ କେବଳ ଗୋଷ୍ଠୀ ଯୁଦ୍ଧ ତିଷ୍ଠିପାରିବ ଏବଂ ଏକାକୀ କିମ୍ବା ଛୋଟ ପରିବାର ସହ ବଞ୍ଚୁଥିବା ନାଗରିକ ମରିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 6 | | | | | |
| | 3 | | | | | | | |
| | 2 | 8 | 4 | | | | | 1 |
| | | | | | | | 4 | 8 |
| | 7 | 6 | | | | | 9 | |
| 1 | | | 2 | | 6 | | 5 | |
| | 6 | 9 | 8 | | | 3 | | |
| | 1 | | | | | | 6 | |
| | | 2 | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 5 | 4 | 9 | 1 | 6 | 3 |
| 4 | 5 | 3 | 1 | 7 | 6 | 2 | 8 | 9 |
| 1 | 9 | 6 | 2 | 3 | 8 | 7 | 5 | 4 |
| 3 | 4 | 8 | 9 | 2 | 7 | 6 | 1 | 5 |
| 6 | 1 | 7 | 4 | 5 | 3 | 8 | 9 | 2 |
| 9 | 2 | 5 | 6 | 8 | 1 | 3 | 4 | 7 |
| 5 | 3 | 4 | 8 | 6 | 2 | 9 | 7 | 1 |
| 8 | 7 | 1 | 3 | 9 | 5 | 4 | 2 | 6 |
| 2 | 6 | 9 | 7 | 1 | 4 | 5 | 3 | 8 |

ଗତକାଲିର ଉତ୍ତର



# ଭୟ ଦେଖାଇ ବିରୋଧୀ ଦମନ

ବିଚିତ୍ର ବିଶ୍ୱାଳ

ବ୍ୟକଟ୍ ‘ଲାଲ୍ ସିଂହ ଚଢା’। ସଦ୍ୟ ଟୁଇଟର ଓ ଅନ୍ୟାନ୍ୟ ସୋସିଆଲ ମିଡିଆରେ ଟ୍ରେଣ୍ଡ ହୋଇଥିବା ଏହା ଏକ କ୍ୟାମ୍ପେନ୍। ଏହାର ଉଦ୍ଦେଶ୍ୟ ଥିଲା ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ଲାଲ୍ ସିଂହ ଚଢାକୁ ଯେପରି ଲୋକମାନେ ନ ଦେଖିବେ ବା ବର୍ଜନ କରିବେ। ଏହାର ଅନୁରୂପ ଫଳ ମଧ୍ୟ ମିଳିଲା, ଯାହା ଚଳଚ୍ଚିତ୍ରର ପ୍ରାରମ୍ଭିକ ରିପୋର୍ଟରୁ ଜଣାଯାଉଛି। ୧୮୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଚଳଚ୍ଚିତ୍ର ପ୍ରଥମ ଦିନରେ ମାତ୍ର ୧୪ କୋଟି ଟଙ୍କା ରୋଜଗାର କରିବାକୁ ସକ୍ଷମ ହେଲା। ଏହା ପଛର ମୁଖ୍ୟ କାରଣ ହେଉଛି, ନିର୍ଦ୍ଦିଷ୍ଟ ବିଚାରଧାରାରେ ବିଶ୍ୱାସ କରୁଥିବା ଗୋଟିଏ ଗୋଷ୍ଠୀ ଦ୍ୱାରା କରାଯାଇଥିବା ଅଭିଯାନ। ଏହା ସାମାଜିକ ଗଣମାଧ୍ୟମରେ ଏପରି ଟ୍ରେଣ୍ଡ ହେଲା ଯେ, ଅମୀର୍ ଭୟ ପାଇ ଲୋକମାନଙ୍କୁ ଭାବପ୍ରବଣ ହୋଇ ଚଳଚ୍ଚିତ୍ରଟିକୁ ଦେଖିବାକୁ ନିବେଦନ କଲେ। ସେ କହିଲେ, ମୁଁ ଭାରତକୁ ଭଲପାଏ ଓ ଏହା ମୋ ଦେଶ। ଅମୀର୍‌ଙ୍କ ଭାରତ ବିରୋଧୀ ମାନସିକତାର ପ୍ରମାଣ କେବେ ବି ଦେଖାଯାଇନାହିଁ। ସରକାରଙ୍କୁ ବିରୋଧ କରିବା ଅର୍ଥ ଦେଶକୁ ବିରୋଧ କରିବା ନୁହେଁ। କାରଣ ସରକାର ଦେଶ ନୁହେଁ। ସରକାରଙ୍କୁ ବିରୋଧ କରିବା ନାଗରିକମାନଙ୍କର ଅଧିକାର। ସରକାର ଆଜି ଅଛି କାଲି ବଦଳିବ, କିନ୍ତୁ ଦେଶ ଯୁଗ ଯୁଗ ଯାଏ ରହିଥିବ। ବରଂ ନାଗରିକମାନେ ସରକାରଙ୍କୁ ବିରୋଧ କରିବା ଦ୍ୱାରା ଗଣତନ୍ତ୍ର ମଜଭୁତ ହୋଇଥାଏ ଓ ସରକାର ସଚେତନ ହୋଇଥାନ୍ତି। କିନ୍ତୁ ବର୍ତ୍ତମାନ ସରକାରଙ୍କୁ ବିରୋଧକଲେ ତାହାକୁ ଦେଶଦ୍ରୋହ ସହିତ ଯୋଡ଼ି ଦିଆଯାଉଛି। ସରକାରରେ ଥିବା ଦଳ ଓ ତାଙ୍କ ସମର୍ଥକମାନେ ଏପରି କରି ବିରୋଧୀ ତଥା ଭିନ୍ନ ମତକୁ ଦମନ କରିବାକୁ ଚାହୁଁଛନ୍ତି।

ସରକାରଙ୍କ କାର୍ଯ୍ୟ ବିଷୟରେ ଅମୀର୍ ପୋଷଣ କରିଥିବା ଭିନ୍ନମତକୁ ଦବେଇବା ପାଇଁ ଏହା ଏକ ସୁଚିନ୍ତିତ ପଦକ୍ଷେପ। ସରକାରୀ ଦଳର ଆଇଟି ସେଲ୍ ଭିନ୍ନ ଭିନ୍ନ ମୁଖା ପିନ୍ଧି ଏହି କ୍ୟାମ୍ପେନ୍‌କୁ ଚଳେଇଥିଲା। ଉଦ୍ଦେଶ୍ୟ ଥିଲା ୧୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମାଡ଼ ଖାଇଗଲେ ଅମୀର୍ ଓ ତାଙ୍କ ଟିମ୍‌ର ବହୁତ କ୍ଷତି ହେବ। ଫଳରେ ଭବିଷ୍ୟତରେ ଆଉ କୌଣସି ବି କଳାକାର ସରକାରଙ୍କ ବିରୋଧରେ ମତ ପୋଷଣ କରିବାକୁ ସାହସ କରିବେ ନାହିଁ। ଏହି କ୍ୟାମ୍ପେନ୍‌ର ଏଜେଣ୍ଡା ସ୍ପଷ୍ଟ, ଭୟ ଦେଖାଇ ଭିନ୍ନ ମତକୁ ଦମନ କର। ଏପରିକି ବଲିଉଡ୍‌ର ଅନ୍ୟ ଜଣେ କଳାକାର ହ୍ରିତିକ୍ ରୋଶନ ଲାଲ୍ ସିଂହ ଚଢା ଚଳଚ୍ଚିତ୍ରକୁ ସମର୍ଥନ କରିବାରୁ ତାଙ୍କୁ ବି ଧମକ ଦିଆଗଲା, ତୁମର ଆଗାମୀ ଚଳଚ୍ଚିତ୍ର ‘ବିକ୍ରମ ବେଧା’କୁ ବି ସମାନ ଢଙ୍ଗରେ ବର୍ଜନ କରାଯିବ। ସରକାରୀ ଦଳର ‘ଭୟ ଫର୍ମୁଲା’ ଏଥିରୁ ସ୍ପଷ୍ଟ ରୂପେ ବୁଝିହେଉଛି। କଳାକାରମାନଙ୍କୁ ଆଇଟି ସେଲ୍ ମାଧ୍ୟମରେ ଧମକେଇ, ଭୟ ଦେଖାଇ ଦମନ କରିବାର ଏକ ନୂଆ ସୂତ୍ର ସରକାରୀ ଦଳ ଆପଣେଇଛି। କେବଳ କଳାକାର ନୁହନ୍ତି, ବିପକ୍ଷ ରାଜନେତାମାନଙ୍କୁ ମଧ୍ୟ ଅନୁରୂପ ଢଙ୍ଗରେ ସିବିଆଇ ଓ ଇଡି ମାଧ୍ୟମରେ ଭୟ ଦେଖାଯାଉଛି। ମହାରାଷ୍ଟ୍ର ସରକାରକୁ ଭାଙ୍ଗିବା ପାଇଁ ସୁଚିନ୍ତିତ ଭାବେ ଏନ୍‌ସିପି, ଶିବସେନା ଓ କଂଗ୍ରେସ ନେତାମାନଙ୍କ ବିରୋଧରେ ସିବିଆଇ ଓ ଇଡିକୁ ଉପଯୋଗ କରାଗଲା। ଭୟର ଚାପ ଏତେ ଅଧିକ ହେଲା ଯେ, ଶିବସେନାର ବିଧାୟକମାନେ ନିଜ ନେତାଙ୍କ ବିରୋଧରେ ବିଦ୍ରୋହ କରି, ଶିବସେନା ଦଳ ଭାଙ୍ଗି, ମହାରାଷ୍ଟ୍ର ସରକାରକୁ ଭାଙ୍ଗି ଦେଲେ ଓ ଭାଜପା ସହିତ ମିଶି ମହାରାଷ୍ଟ୍ରରେ ନୂଆ ସରକାର ଗଠନ କଲେ, ଯାହା ଭାଜପା ଦୀର୍ଘଦିନରୁ ଚେଷ୍ଟା କରିଆସୁଥିଲା। କେବଳ ମହାରାଷ୍ଟ୍ର ନୁହେଁ, କର୍ନାଟକରେ ମଧ୍ୟ ଅନୁରୂପ ଭାବେ ସରକାର ଭଙ୍ଗାଗଲା ଓ ଭାଜପା ସରକାର ଗଠନ କରାଗଲା। ପଶ୍ଚିମବଙ୍ଗ ଓ ଓଡ଼ିଶାରେ ମଧ୍ୟ ଭାଜପା ସମାନ ନୀତି ଆପଣାଉଛି। କିନ୍ତୁ ଏଯାଏ ସଫଳ ହୋଇପାରିନାହିଁ। ସିବିଆଇ ଭୟ ଦେଖାଇ କେନ୍ଦ୍ର ସରକାର ଏକାଧିକ ପ୍ରସଙ୍ଗରେ ବିଜେଡିର ସମର୍ଥନ ହାସଲ କରିବାରେ ସଫଳ ହୋଇଛି। ଏତଦ୍‌ବ୍ୟତୀତ କଂଗ୍ରେସର ନେତାମାନଙ୍କୁ ବାରମ୍ବାର ସିବିଆଇ ଓ ଇଡି ଜେରା କରୁଥିବା ଦେଖାଯାଉଛି। ଏହା ପଛରେ ଭାଜପାର କୁଟିଳ ଉଦ୍ଦେଶ୍ୟ ଓ ପ୍ରଚ୍ଛନ୍ନ ହାତ ନାହିଁ କହିବା ସତ୍ୟର ଅପଳାପ ହେବ। ସମ୍ପ୍ରତି ରାଜ୍ୟଗୁଡ଼ିକରେ ସରକାର ଭାଙ୍ଗିବା ଓ ଗଢ଼ିବାର ପ୍ରମୁଖ ମାଧ୍ୟମ ହୋଇଛି ସିବିଆଇ ଓ ଇଡି ପରି କେନ୍ଦ୍ରୀୟ ଅନୁଷ୍ଠାନ। ଯେଉଁ ଛାତ୍ରନେତା ଓ ସାମ୍ବାଦିକମାନେ ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରୁଛନ୍ତି ସେମାନଙ୍କୁ ଦେଶଦ୍ରୋହ ଦଫାରେ ଜେଲରେ ଭର୍ତ୍ତି କରିଦିଆଯାଉଛି। ଭାଜପା କ୍ଷମତାକୁ ଆସିବା ପୂର୍ବରୁ ଅତୀତରେ ଆମ ଦେଶରେ କେନ୍ଦ୍ର ସରକାରଙ୍କୁ ବହୁତ ସମାଲୋଚନା କରାଯାଇଛି। ସରକାରଙ୍କ ବିରୋଧରେ ଅନେକ ଆନ୍ଦୋଳନ ହୋଇଛି। କିନ୍ତୁ ଏପରି ଭାବେ ଭୟ ଦେଖାଇ ଦମନ କରିବାର ପରମ୍ପରା ୨୦୧୪ ପରଠାରୁ ଆରମ୍ଭ ହୋଇଛି।



ଗଣତନ୍ତ୍ରର ମୁଖ୍ୟ ଚାଳକ ହେଉଛି ସଶକ୍ତ ବିରୋଧୀ ଦଳ। କିନ୍ତୁ ଏହି ସରକାର ଅମଳରେ ବିରୋଧୀଙ୍କ ପଛରେ ସିବିଆଇ ଓ ଇଡି ଲଗେଇ, ଇନ୍‌କମ୍ ଟାକ୍ସ ରେଡ୍ କରି, ଆଇଟି ସେଲ୍ ଦ୍ୱାରା ମିଛ କ୍ୟାମ୍ପେନ୍ ଚଳେଇ, ଭୟ ଦେଖାଇ ଭିନ୍ନ ମତକୁ ଦମନ କରାଯାଉଛି। ଯିଏ ଭୟରେ ନ ଦବିଲା ସେମାନଙ୍କୁ କ୍ଷମତାର ଲୋଭ ଦେଖାଇ କିଣି ନିଆଯାଉଛି। ଯେନତେନ ପ୍ରକାରେ ଭାଜପା ହିଁ କ୍ଷମତାକୁ ଆସିବା ଦରକାର, ଏହା ହିଁ ଏକମାତ୍ର ଲକ୍ଷ୍ୟ। ସେଥିପାଇଁ ଗଣତନ୍ତ୍ର ଓ ସମ୍ବିଧାନକୁ ଦଳିମକଚି ଦିଆଯାଉଥିବା ଉଦାହରଣ କମ୍ ନାହିଁ। ସରକାରକୁ ବିରୋଧୀ ଶୂନ୍ୟ କରିବାର ଏହା ଏକ ପ୍ରାୟୋଜିତ ପ୍ରକ୍ରିୟା। ଏହା ଭୁଲିଯିବା ଉଚିତ ନୁହେଁ ଯେ, କେବଳ ସ୍ୱେଚ୍ଛାଚାରୀମାନେ ହିଁ ଏକ ବିରୋଧୀ ଶୂନ୍ୟ ପରିସ୍ଥିତି ଚାହାନ୍ତି। ତା'ହେଲେ ଆମ ସରକାର ଆମ ଦେଶକୁ କେଉଁ ଆଡ଼କୁ ନେବାକୁ ଚାହାନ୍ତି? ବିରୋଧୀଶୂନ୍ୟ ହୋଇଗଲେ ବିପକ୍ଷରେ ଥିବା ରାଜନୈତିକ ଦଳଗୁଡ଼ିକ ଯେତିକି କ୍ଷତି ନ ସହିବେ ତା'ଠାରୁ ଅଧିକ ସହିବେ ସାଧାରଣ ଜନତା। ପେଟ୍ରୋଲ ଓ ଗ୍ୟାସ୍ ଦର ବଢ଼ିବା, ଜଙ୍ଗଲ ଅଧିକାର ଆଇନରେ ପରିବର୍ତ୍ତନ ହେବା, ଦରଦାମ ବଢ଼ିବା, ରେଲୱେଠାରୁ ଆରମ୍ଭକରି ସବୁ କିଛି ଘରୋଇ କମ୍ପାନୀଙ୍କ ହାତକୁ ଟେକିଦେବା ଏହାର ପ୍ରାରମ୍ଭିକ ଉଦାହରଣ। ବିରୋଧୀଙ୍କୁ ନିପାତ କରିବାକୁ ଚାହୁଁଥିବା ଏକ ସରକାରର ଚରିତ୍ର ସର୍ବଦା ଜନବିରୋଧୀ ହିଁ ହୋଇଥାଏ। ଯଦି ଲୋକମାନେ ଏହି ଜାଲରୁ ମୁକୁଳିବାକୁ ଚାହାନ୍ତି, ତେବେ ପ୍ରଥମେ ଏକ ଶକ୍ତ ବିରୋଧୀ ଦଳକୁ ଠିଆ କରିବାକୁ ହେବ। ଭାଜପାର କଂଗ୍ରେସମୁକ୍ତ ଭାରତ ଅର୍ଥାତ୍ ବିପକ୍ଷଶୂନ୍ୟ ସରକାର ତତ୍ତ୍ୱକୁ ବିଫଳ କରିବାକୁ ହେବ। ସ୍ୱାଧୀନତା ପରେ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ କିଛି କାର୍ଯ୍ୟକୁ ସମାଲୋଚନା କରି ପ୍ରସିଦ୍ଧ କାର୍ଟୁନିଷ୍ଟ ଆର.କେ. ଲକ୍ଷ୍ମଣ ଅତି ତୀକ୍ଷ୍ଣ କାର୍ଟୁନ୍‌ମାନ ପ୍ରକାଶ କରୁଥିଲେ। କିନ୍ତୁ ନେହେରୁ ଏଥିରେ ପ୍ରତିଶୋଧ ପରାୟଣ ନ ହୋଇ ଲକ୍ଷ୍ମଣଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ଓ ନିଜର ଭୁଲ୍‌କୁ ତାଙ୍କ ଦ୍ୱାରା ଦେଖିପାରୁଥିଲେ। ଏହା ହିଁ ଏକ ଗଣତନ୍ତ୍ରର ଅସଲ ପରିଚୟ। ଦୁର୍ଭାଗ୍ୟର ବିଷୟ ଯେ, ସରକାର ଭିନ୍ନମତ ପ୍ରତି ଉଦାର ନ ହୋଇ ବିରୋଧୀଙ୍କୁ ଭୟ ଦେଖାଇ ଦମନ କରୁଛନ୍ତି।

ସ୍ୱେଚ୍ଛାଚାର ଆଡ଼କୁ ଯାଉଥିବା ସରକାର କେବଳ ବିପକ୍ଷକୁ ଭୟ ଦେଖାନ୍ତି ନାହିଁ ନିଜ ସମର୍ଥକମାନଙ୍କୁ ମଧ୍ୟ ଭୟର ଜାଲରେ ଛନ୍ଦିଥାନ୍ତି। ଯେମିତି ଏବେ ସରକାର ବାରମ୍ବାର କହୁଛନ୍ତି ସମସ୍ତ ବିଦେଶୀ ରାଷ୍ଟ୍ର ଆମ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ଯେକୌଣସି ଅନ୍ତର୍ଜାତୀୟ ସଂସ୍ଥାର ରିପୋର୍ଟକୁ ଷଡ଼ଯନ୍ତ୍ର ଭାବେ ବର୍ଣ୍ଣନା କରୁଛନ୍ତି। ଭୟ ଦେଖାଇ ଦମନ କରିବା ଗଣତନ୍ତ୍ରର ଅସ୍ତିତ୍ୱ ପ୍ରତି ମସ୍ତବଡ଼ ବିପଦ। ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଜାଗ୍ରତ ହେବା ଅତ୍ୟନ୍ତ ଜରୁରୀ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ- ୯୪୩୮୪୬୮୪୭୪**



# ମାଟିର ମାହାତ୍ମ୍ୟ

ଛନ୍ଦା ମିଶ୍ର

ପାଣ୍ଡବମାନେ କୁନ୍ତୀଙ୍କ ସହ ବୁଲୁବୁଲୁ ପହଞ୍ଚିଲେ ଗୋଟିଏ ଜଙ୍ଗଲରେ। ସେମାନେ ସେଠାରେ ବିଶ୍ରାମ ନେଲେ। ପରଦିନ ସକାଳେ ମା' ପୁଅମାନଙ୍କୁ ପାଖକୁ ଡାକି କହିଲେ,‘ପୁଅ, ମୁଁ ଭାବୁଚି ଆଉ ଥରେ ବିବାହ କରିବି... ମୋ ପାଇଁ ଉପଯୁକ୍ତ ପାତ୍ରଟିଏ ଦେଖ।’ ମା'ଙ୍କ କଥା ଶୁଣି ଯୁଧିଷ୍ଠିର କହିଲେ, ‘‘ହଁ, ମା' ସେ ବିଷୟରେ କଥା ହେବା, ତେବେ ବର୍ତ୍ତମାନ ଏ ସ୍ଥାନ ଛାଡ଼ିବାର ମୁହୂର୍ତ୍ତ ଆସି ଯାଇଚି... ଚାଲ ଯିବା’’। ସମସ୍ତେ ସ୍ଥାନ ତ୍ୟାଗ କରି ଆଗକୁ ବଢ଼ିଲେ। ଯୁଧିଷ୍ଠିର ଭୀମଙ୍କୁ କହିଲେ, ଲୁଚାଇ କରି ସେ ସ୍ଥାନର କିଛି ମାଟି ସାଥିରେ ଘେନି ଯିବା ପାଇଁ। ଅନେକ ଦୂର ଗଲା ପରେ ସେମାନେ ବିଶ୍ରାମ ନେଲେ। ବିଶ୍ରାମ ପରେ, ଯୁଧିଷ୍ଠିର ପଚାରିଲେ, ‘ମା, କାଲି ତୁମେ ତୁମ ପୁନଃ ବିବାହ ବିଷୟରେ କହୁଥିଲ...’ ଏକଥା ଶୁଣି କୁନ୍ତୀ କହିଲେ, ‘କି ଅସମ୍ଭବ କଥା କହୁଛୁ , ଏପରି କଥା ତୁଣ୍ଡରେ ଧରିବା, କାନରେ ଶୁଣିବା ବି ଘୋର ପାପ!’ ପରଦିନ ଯୁଧିଷ୍ଠିରଙ୍କ ନିର୍ଦ୍ଦେଶ ପାଳନ କରି ଭୀମ ଲୁଚାଇ ରଖିଥିବା ମାଟି ତକ ପକାଇ ତା' ଉପରେ ମା'ଙ୍କ ପାଇଁ ବିଛଣା ପାରି ଦେଲେ। ପୁଣି କୁନ୍ତୀଙ୍କ ମନରେ ଦ୍ୱିତୀୟ ବିବାହର ଇଚ୍ଛା ଜାଗ୍ରତ ହେଲା। ଏ କିମ୍ବଦନ୍ତୀର ସତ୍ୟତା କେତେ ତା' ମୁଁ ଜାଣେନା। ତେବେ ମାଟିର ମାହାତ୍ମ୍ୟ ରହିଚି କହି ଏହି ଉପାଖ୍ୟାନଟି ଉଦାହରଣ ଭାବେ ଦିଆଯାଏ।

ସତରେ କ'ଣ ସ୍ଥାନ ଅନୁସାରେ ମାଟିର ଗୁଣ ଭିନ୍ନ ପ୍ରକାର ହୋଇଥାଏ? ଲୋକେ କହନ୍ତି,‘ ମୁଁ ମରିଗଲେ ପୁରୀ ସର୍ଗଦ୍ୱାରରେ ପୋଡ଼ିଦେବ, ମୋ ଆତ୍ମା ମୋକ୍ଷ ପ୍ରାପ୍ତି ପାଇଁ’। ଯଦି ଏତେ ସହଜରେ ସ୍ୱର୍ଗ ମିଳିବ ତେବେ କର୍ମ ଫଳ ସବୁ ଯିବ କାହିଁ? ତେବେ ଏସବୁ ବିଶ୍ୱାସର କଥା। ବିଶ୍ୱାସ କଲେ ଠାକୁର ନ ହେଲେ ପଥର। ଏଇ ବିଶ୍ୱାସ ରୂପକ ମୂଳମନ୍ତ୍ର ହିଁ ମାଟିର ମଣିଷକୁ ମହାତ୍ମାରେ କରେ ପରିଣତ। ଅନେକ ଲୋକ, ପୁରୀକୁ ମର୍ତ୍ତ୍ୟର ସ୍ୱର୍ଗ ମଣି ଶେଷ ଜୀବନ ପୁରୀରେ କାଟିବାର ଆଶା କରନ୍ତି। ଏଇ ବିଶ୍ୱାସ ଯୋଗୁଁ ହିଁ କାଠ ପଥର ଦେହରେ ସ୍ପନ୍ଦନ ଅନୁଭବ କରେ ପ୍ରାଣଟିଏ; ଯେଉଁଥିପାଇଁ ଶରଧାବାଲିରୁ ଟିକିଏ ପାଇ ତାକୁ ମୁଣ୍ଡରେ ମାରି କୃତ କୃତ ହୋଇ ଉଠେ। ଭାବେ, କେତେ ଜନ୍ମର ପୁଣ୍ୟ ବଳରେ ଜଣେ, କ୍ଷେତ୍ର ମଧ୍ୟରେ ଶ୍ରୀକ୍ଷେତ୍ରର ଆଖ୍ୟା ପାଇଥିବା ଭୂଇଁରେ ଭୂମିଷ୍ଠ ହୁଏ! ମାତ୍ର ସେହି ପବିତ୍ର ଭୂମି ରେ ଜନ୍ମ ହୋଇ ଗଲେ ଯେ ଜଣଙ୍କର କର୍ମ ବି ପବିତ୍ର ହୋଇଯିବ ଏପରି କୌଣସି କଥା ନାହିଁ!

ନିକଟରେ ପୁରୀ ଯାଇଥିଲୁ। ସତାଅଶୀ ବର୍ଷର ବାପା ବାଡ଼ି ଧରି ମନ୍ଦିରର ଭିଡ଼ ଭିତରେ ପଶିପାରିବେ ନାହିଁ ବୋଲି ତାଙ୍କୁ ପତିତ ପାବନଙ୍କୁ ଦେଖାଇ ସାରି ଆଣି ଗୋଟିଏ ସ୍ଥାନରେ ବସାଇ ଆମେ ଦର୍ଶନ କରିବୁ ଭାବିଲୁ। ପରେ ସେଇ ବଡ଼ ଦାଣ୍ଡରେ ଗୋଟିଏ ବିରାଟ ଲୁଗା ଦୋକାନରେ ପହଞ୍ଚିଲୁ। ଦୋକାନରେ କେହି ଗରାଖ ନ ଥିଲେ। ଅନୁରୋଧ କଲୁ, ଆଜ୍ଞା ଯଦି ଚୌକି ଖଣ୍ଡିଏ ଦିଅନ୍ତେ, ବାପାଙ୍କୁ ବସାଇ ଆମେ ଠାକୁର ଦର୍ଶନ କରି ସଙ୍ଗେ ସଙ୍ଗେ ଫେରି ଆସନ୍ତୁ।



ଦୋକାନୀଙ୍କ ଉତ୍ତର ଥିଲା, ‘ଯଦି କିଛି ଲୁଗାପଟା କିଣିବେ ତେବେ ଭିତରକୁ ଆସନ୍ତୁ, ନ ହେଲେ ଏଠି ଜାଗା ନାହିଁ’। ବାଧ୍ୟ ହୋଇ କୋଲପ ପଡ଼ିଥିବା ଗୋଟିଏ ଦୋକାନ ବାରଣ୍ଡାରେ ବାପାଙ୍କୁ ବସାଇ ଠାକୁର ଦର୍ଶନ ସାରିଲୁ। ଆଶ୍ଚର୍ଯ୍ୟ, ଦୟାବନ୍ତଙ୍କ ଧାମରେ ମଣିଷ କ'ଣ ଏତେ ନିର୍ଦ୍ଦୟ ହୋଇପାରେ! ସେଠାରୁ ଫେରି ଗାଡ଼ିରେ ବସୁଚୁ, ଦୁଇ ଜଣ ଯୁବକ କହିଲେ, ଆଜ୍ଞା ଆପଣଙ୍କ ଟଙ୍କା ତଳେ ପଡ଼ି ଗଲା। ନାନୀ ସଙ୍ଗେ ସଙ୍ଗେ ଦେଖିବାକୁ ଯାଉଥିଲା। ତାକୁ ତୁରନ୍ତ ବାରଣ କରି ଏସବୁ ଠକାମି କହି ଗୋଟିଏ ବଡ଼ ବିପଦକୁ ଦୂରେଇ ଦେଇପାରିଲି। ନ ହେଲେ ଚାଳିଶ ଟଙ୍କା ପକାଇ ଚାରି ଲକ୍ଷ ଲୁଟିନେବାରେ ଧୁରନ୍ଧରମାନେ ସେଦିନ ଆମକୁ ଚିତାକାଟି ଦେଇଥାନ୍ତେ।

ଆଚମ୍ବିତ ହେଲି। ଦୂରରୁ ପତିତ ପାବନ ବାନା ଦିଶୁ ଦିଶୁ, ଯେଉଁ ମାଟିର କଥା ମନରେ ଆସୁ ଆସୁ, ପ୍ରାଣରେ ଏକ ପବିତ୍ର ଶୀତଳତା ଭରିଯାଏ, ସେ ମାଟିରେ ପାଦଦେଇ କ'ଣ ଜଣେ ଏପରି କୁକର୍ମକୁ ଆପଣେଇ ପାରେ! ମନେ ପଡୁଥିଲା କିଛିଦିନ ତଳେ ମୁଷ୍ଟିମେୟ ସେବାୟତଙ୍କ ଦ୍ୱାରା କିପରି ରକ୍ତ ରଞ୍ଜିତ ହୋଇଥିଲା ପୁରୀର ମାଟି। ଏମାନେ ତ ସ୍ୱୟଂ ପ୍ରଭୁଙ୍କର ପରିବାର ଜନ, ତେବେ... । ଆଜି ବି ରତ୍ନ ଭଣ୍ଡାରର ରହସ୍ୟ ରହିଗଲା ରହସ୍ୟ ହୋଇ। ରୋଷ ଘରର ଚୁଲି ଭଙ୍ଗା ଘଟଣା ତ ମନରୁ ଲିଭିନି। ଲିଭିନି ବି ବ୍ରହ୍ମ ପରିବର୍ତ୍ତନ ବେଳର ବିଭ୍ରାଟ କଥା। ଅନେକ ବାର ସ୍ୱୟଂ ରତ୍ନ ସିଂହାସନରେ ବି ପଡ଼ିଚି ରକ୍ତ ଛିଟା।

ମନରେ ପ୍ରଶ୍ନଟିଏ ଉଙ୍କି ମାରିଲା, ତା'ହେଲେ କ'ଣ ପୁରୀର ମାଟି ପବିତ୍ର ନୁହେଁ? ଆପେ ଆପେ ଉତ୍ତରଟି ବି ମିଳିଗଲା। ହଁ! ଖୁବ୍ ପବିତ୍ର, କିନ୍ତୁ ଯେପରି ଦୃଷ୍ଟି ସେପରି ତ ସୃଷ୍ଟି। ସେଇଥିପାଇଁ ତ ପ୍ରହଲାଦ ନୃସିଂହଙ୍କ ରୂପରେ ପ୍ରେମମୟ ନାରାୟଣଙ୍କୁ ଦେଖିଥିଲା ବେଳେ ହିରଣ୍ୟକଶିପୁକୁ ସେ ପ୍ରତୀତ ହୋଇ ଥିଲେ ମହାକାଳ ବୋଲି। ତେଣୁ କାହା ପାଇଁ ପୁରୀର ମାଟି ମୁକ୍ତିର କ୍ଷେତ୍ର, ଆଉ କାହା ପାଇଁ ସରଳ ଭକ୍ତଙ୍କୁ ଲୁଟିବାର ସହଜ ସ୍ଥାନ। ଜଣକ ପାଇଁ ତୀର୍ଥ ଓ ଆଉ ଜଣଙ୍କ ପାଇଁ ପର୍ଯ୍ୟଟନ। ପୁରୀ କାଳେ ନିଶା ଓ ଦେହ ବେପାରର ପେଣ୍ଠସ୍ଥଳୀ ହେବାକୁ ଯାଉଚି ! ହାଏରେ ବିଡ଼ମ୍ବନା! ଏଭଳି ପବିତ୍ର ସ୍ଥାନରେ କେହି କ'ଣ ଏପରି କୁକର୍ମ ପାଇଁ ଚିନ୍ତା ସୁଦ୍ଧା କରିପାରେ!

ମାଟିରୁ ଆସି ମାଟିରେ ମିଶିବା ପର୍ଯ୍ୟନ୍ତ, ମାଟିର ମଣିଷଟି ଯେଉଁ ଦିନ ନିଜ ମାଟିର ମାହାତ୍ମ୍ୟକୁ ଭୁଲେ ସେଦିନ ସେ ନିଜର ଅସ୍ତିତ୍ୱ ହରାଇ ବସେ। ମାନବରୁ ପାଲଟି ଯାଏ ଦାନବ। ହଁ, କେହି ମାଟିକୁ କରେ ସୁନା ତ କେହି ସୁନାକୁ କରେ ମାଟି। ଈଶ୍ୱର ଯେଉଁ ସୁବର୍ଣ୍ଣ ହୃଦୟଟିଏ ଦେଇ ଏ ମାଟିକୁ ପଠାଇ ଥିଲେ, ସେ ହୃଦୟଟିକୁ ନିଜ କାମନା ଓ ବାସନାରେ କଳୁଷିତ କରି ପକାଇ ଥିବା ଅସଭ୍ୟଠାରୁ ଅଧିକ କ'ଣ ଆଶା ବା କରାଯାଇପାରେ! ପ୍ରକୃତରେ ଦେଖିବାକୁ ଗଲେ ମାଟିର ମାହାତ୍ମ୍ୟ ହୃଦୟର ଉର୍ବରତା ଉପରେ କରେ ନିର୍ଭର। ହୃଦୟର ଉର୍ବରତା ନିର୍ଭର କରେ ସଦାଚାର, ନିଃସ୍ୱାର୍ଥପର ଓ ଶ୍ରଦ୍ଧାବାନ ମନ ତଥା ମସ୍ତିଷ୍କ ଉପରେ। ଅନ୍ୟଥା କପଟାଚାରୀର ହୃଦୟ ଯେ ବିଷାକ୍ତ, ତା' ନିକଟରୁ ବିଶ୍ୱସନୀୟତା ଆଶା କରିବା ଯାହା, ବିଛୁଆତିଠାରୁ ତୁଳସୀଙ୍କ ମହନୀୟତା ଖୋଜିବା ତାହା। ମାଟିର ଋଣ ଶୁଝିବା ସହଜ ନୁହେଁ, କିନ୍ତୁ ମାଟି ଉପରେ ବୋଝ ପାଲଟିଯିବା, ସତରେ ଗୋଟିଏ ଅଭିଶାପ।

**କଳିଙ୍ଗ ନଗର, ଭୁବନେଶ୍ୱର**
**ମୋ: ୯୪୩୭୪ ୫୩୬୧୦**

## ଏଇ ଭାରତରେ

ସୁରଟ ମାଣ୍ଡ୍ୱି ଜିଲାର ଏକ ଛୋଟ ଗାଁ ଦଡ଼ବାଡାରୁ ଆରମ୍ଭକରି ଅହମ୍ମଦାବାଦ ସ୍ଥିତ ଗୁଜରାଟ ବିଦ୍ୟାପୀଠରେ ପଢ଼ିବା ଯାଏ ଅଶୋକ ଚୌଧୁରୀଙ୍କ ଜୀବନଯାତ୍ରା ସମସ୍ୟାରେ ଭରି ରହିଥିଲା। ଅର୍ଥାଭାବ ଓ ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇବା କାରଣରୁ ଅଧିକ ପଢ଼ିପାରି ନ ଥିଲେ ବି ସେ ଅସହାୟ ପିଲାମାନଙ୍କ ଜୀବନରେ ସୁଖ ଭରିବାରେ ଲାଗିଛନ୍ତି। ତାଙ୍କ ଗାଁ ପାଖ କରୁଠା ସରକାରୀ ସ୍କୁଲରେ ତାଙ୍କ ଆଶ୍ରମର ପିଲାମାନେ ପଢୁଛନ୍ତି। ଏହି ପିଲାମାନେ କୌଣସି କାରଣରୁ ପଢ଼ା ଛାଡ଼ି ଦେଇଥିଲେ। କିନ୍ତୁ ଅଶୋକ ପିଲାମାନଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କୁ ଆଶ୍ରମରେ ରଖି ପଢ଼ାଉଛନ୍ତି। ପିଲାମାନେ ଆଶ୍ରମରେ ରହି ପଢ଼ିବା ସହ ଆତ୍ମନିର୍ଭର ହେବା ଲାଗି କୃଷି,ପଶୁପାଳନ, କମ୍ପ୍ୟୁଟର ଏବଂ ସିଲେଇ ଶିକ୍ଷା କରୁଛନ୍ତି। ପ୍ରଥମେ ଅଶୋକ ତାଙ୍କ ଗାଁ କମ୍ୟୁନିଟି ସେଣ୍ଟରରେ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଗାଁ ଲୋକଙ୍କ ସହାୟତା ଓ ସହରରୁ କିଛି ପାଣ୍ଠି ଯୋଗାଡ଼କରି ଏକ ଆଶ୍ରମ ଗୃହ ନିର୍ମାଣ କଲେ। ସେଠାରେ ପ୍ରଥମେ ୧୭ ଜଣ ପିଲାଙ୍କୁ ପଢ଼ାଉଥିଲେ। ଏବେ ତାଙ୍କ ଗାଁ ସ୍କୁଲରେ ଅଷ୍ଟମ ଯାଏ ପିଲା ପଢୁଛନ୍ତି ଓ ଆଶ୍ରମର ସବୁ ପିଲା ସେଠାକୁ ଯାଉଛନ୍ତି। ବର୍ତ୍ତମାନ ତାଙ୍କ ଆଶ୍ରମରେ ୬ରୁ ୧୭ ବର୍ଷ ବୟସ ଯାଏ ୧୪୩ ପିଲା ରହୁଛନ୍ତି। ଆଶ୍ରମରେ ପିଲାମାନଙ୍କୁ ରଖି ସେମାନଙ୍କ ଖାଇବା, ପୋଷାକ ଓ ଅନ୍ୟ ଖର୍ଚ୍ଚ ମଧ୍ୟ ସେ ବହନ କରୁଛନ୍ତି। ଏଥିପାଇଁ ବହୁ ବଦାନ୍ୟ ବ୍ୟକ୍ତି ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୯୭**

- ନୂତନ ଚୁକ୍ତି ବଳରେ ବ୍ୟାପକ କ୍ଷତି କରି ଚାଲିଥିବା ବ୍ରିଟିଶ ଟେଲି କମ୍ୟୁନିକେସନ ଅଂଶୀଦାର ଏମ୍‌ସିଆଇ କମ୍ୟୁନିକେସନ ଲାଗି ତା'ର ମୂଲ୍ୟକୁ ହ୍ରାସ କରିଛି।
- ସାମୁଦ୍ରିକ ଝଡ଼ ବର୍ଷା ଯୋଗୁ ପଶ୍ଚିମବଙ୍ଗର ମିଦନାପୁର ଜିଲାସ୍ଥିତ ପର୍ଯ୍ୟଟନ ଉପକୂଳ ଦିଘା ଅଞ୍ଚଳର ୪୦୦ ଧୀବର ନିଖୋଜ।
- ୭୭ ଜଣ ସଭ୍ୟଙ୍କୁ ନେଇ ଜନତା ଦଳର ନବନିର୍ବାଚିତ ସଭାପତି ଶରଦ ଯାଦବଙ୍କ ନେତୃତ୍ୱରେ ଜନତା ଦଳ ଜାତୀୟ କାର୍ଯ୍ୟକାରୀ କମିଟି ଗଠନ।

# ପାଠକ ଶ୍ରେଷ୍ଠ ବିଚାରକ

## ବିପଦ ସଙ୍କେତର ମାପ ମିଳୁନି

ମହାଶୟ,

କାଠଯୋଡ଼ି ନଦୀ ବନ୍ୟାଜଳର ସହର ଉପରେ କ'ଣ ପ୍ରଭାବ ରହିଛି ତାହା ଜାଣିବା ପାଇଁ ଶିଶୁଭବନଠାରୁ କିଛି ଦୂରରେ ଏକ ପାଣି ମାପ ଖୁଣ୍ଟ (ବେଲି-ଭ୍ୟୁ) ରହିଥିଲା। ଏହି ମାପକୁ ଦେଖି ବନ୍ୟା ସମୟରେ କଟକ ସହରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଏ। ହେଲେ ୨୦୧୫ ବେଳକୁ ଏହାକୁ ଭାଙ୍ଗିଦିଆଗଲା। ସେଠାରେ ନେତାଜୀ ସେତୁ ନିର୍ମାଣ ପାଇଁ ଏଭଳି କରାଗଲା। ପରେ ଆଉ ସେଭଳି ପାଣି ମାପ ଖୁଣ୍ଟ ନିର୍ମାଣ ହେଲାନାହିଁ। ଫଳରେ ଏବେ ସହର ପ୍ରତି କାଠଯୋଡ଼ି ବନ୍ୟାଜଳର କି ବିପଦ ରହିଛି ତାହା ଜାଣିହେଉନାହିଁ। ଖାଲି କାମ ଚଳାଇବା ପାଇଁ ସହରଠାରୁ ପ୍ରାୟ ୧୦ କି.ମି. ଦୂର ନରାଜ ବ୍ୟାରେଜ ମାପ ଉପର ନିର୍ଭର କରାଯାଉଛି। କାଠଯୋଡ଼ି ନଦୀର ବନ୍ୟାଜଳ ସ୍ଥିତି ଜାଣିବା ପାଇଁ ୬୦ ଦଶକରେ ଶିଶୁଭବନଠାରୁ କିଛି ଦୂର ଅର୍ଥାତ୍ ବର୍ତ୍ତମାନ ଜୁଡିସିଆଲ ଏକାଡେମୀ ପାଖରେ ଏକ କୂଅ ସଦୃଶ ଟାଙ୍କି କାଠଯୋଡ଼ି କୂଳରେ ନିର୍ମାଣ କରାଯାଇଥିଲା। ସେହିଠାରେ ବିପଦ ସଙ୍କେତ ଚିହ୍ନ ୨୨.୫ ମିଟର ରହିଥିଲା। ଉକ୍ତ ପାଣି ମାପକୁ ଦେଖି ଜିଲା ପ୍ରଶାସନ, ଜଳ ସମ୍ପଦ ବିଭାଗ ଓ ମ୍ୟୁନିସିପାଲିଟି ପ୍ରଶାସନ ବନ୍ୟାଜଳର କଟକ ସହର ପ୍ରତି କ'ଣ ବିପଦ ରହିଛି ତାହା ଆକଳନ କରନ୍ତି। ମାତ୍ର ସେଠାରେ ତ୍ରିଶୂଳିଆକୁ ୩ ଲେନ୍ ବ୍ରିଜ୍ ହେବ ବୋଲି ନିଷ୍ପତ୍ତି ହେବାରୁ ଉକ୍ତ ମାପ ଖୁଣ୍ଟକୁ ଭାଙ୍ଗିଦିଆଯିବା ପରଠାରୁ ଜିଲା ପ୍ରଶାସନ ନରାଜ ବ୍ୟାରେଜ ପାଖରେ ଥିବା ମାପ ଖୁଣ୍ଟ ବା ଗେଜ୍ ଉପରେ ନିର୍ଭର କରୁଛନ୍ତି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ସେହି ମାପକୁ ନେଇ ସହର ପ୍ରତି ଥିବା ବିପଦ ଆକଳନ କରୁଛି।

**-ତ୍ରିନାଥ ଓଝା ,ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ**

## ଚିରନ୍ତନୀ

ଭାବଇଁ ଚକିତେ କେତେ କାଳ ଏହି ମତି
ଶୂନ୍ୟ ଏ ଘରେ ଜାଳିବି ଏକା ମୋ ବତୀ
ରୂପ-ହୋମାନଳେ ସମିଧ କରିବି ଦେହ
ପୀରତି-ବେଦୀରେ ଜଣାଉଥିବି ମୋ ନିତି।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଏପିକୁ ଭାଙ୍ଗି ଆମ ସହ ମିଶିଲେ ସବୁ ମାମଲା ବନ୍ଦ କରିଦେବୁ

## ସିସୋଡିଆଙ୍କୁ ଭାଜପା ଦେଇଥିଲା ଅଫର

ନୂଆଦିଲ୍ଲୀ,୨୨।୮

ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସୋମବାର ଭାଜପା ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଯଦି ସେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରେ ବିଭାଜନ କରି ଗୈରିକ ଦଳରେ ଯୋଗ ଦିଅନ୍ତି, ତେବେ ତାଙ୍କ ବିରୋଧରେ ରହିଥିବା ସମସ୍ତ ସିବିଆଇ ଏବଂ ଇଡି ମାମଲାକୁ ବନ୍ଦ କରିଦିଆଯିବ ବୋଲି ଉକ୍ତ ଦଳ ଅଫର ଦେଇଥିଲା। ତାଙ୍କ ବିରୋଧରେ ସମସ୍ତ ମାମଲା ଜାଲ୍। ସେ ରାଜପୁତ୍, ଦୁର୍ନୀତି ଷଡ଼ଯନ୍ତ୍ର ଆଗରେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସିସୋଡିଆ ଟୁଇଟ୍ କରିଛନ୍ତି।

ଅଭିଯୋଗରେ ସିସୋଡିଆ କହିଛନ୍ତି, ଏଏପିରେ ବିଭାଜନ କରାଇପାରିଲେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ଦିଆଯିବ ବୋଲି ଭାଜପା ପ୍ରସ୍ତାବ ଦେଇଥିଲା। ସେ ମୁଖ୍ୟମନ୍ତ୍ରୀ ହେବାକୁ ରାଜନୀତିକୁ ଆସିନାହାନ୍ତି, ଦେଶର ଛାତ୍ରୀଛାତ୍ରଙ୍କୁ ସର୍ବଶ୍ରେଷ୍ଠ ଶିକ୍ଷା ଦେବାକୁ ଚାହାନ୍ତି ବୋଲି ସିସୋଡିଆ ଟୁଇଟ୍ କରିଛନ୍ତି।


ମନୀଷ ସିସୋଡିଆ

ଅନ୍ୟପକ୍ଷରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗକୁ ଭାଜପା ପକ୍ଷରୁ ଖଣ୍ଡନ କରାଯାଇଛି। ଅବକାରୀ ନୀତି ଅନିୟମିତତା ମାମଲାରେ ଭାଜପା ଉଠାଇଥିବା ପ୍ରଶ୍ନର ଉତ୍ତର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ତାଙ୍କ ଡେପୁଟୀ ଦେଇପାରି ନାହାନ୍ତି। ତେଣୁ ସିସୋଡିଆ ଭାଜପା ବିରୋଧରେ ମିଛ ଅଭିଯୋଗ ଆଣିଛନ୍ତି ବୋଲି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଗୌରବ ଭାଟିଆ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କେଜ୍‌ରିୱାଲ ସଚ୍ଚୋଟ ହୋଇଥିଲେ ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଭାଟିଆ ଦାବି କରିଛନ୍ତି। ଭାଜପାରେ ଯୋଗଦେବା ଲାଗି ଅଫର ଭିତ୍ତିହୀନ। ଯେଉଁମାନଙ୍କ ଉଦ୍ଦେଶ୍ୟ ଭୁଲ୍ ଓ ଚିନ୍ତାଧାରା ସଂକୀର୍ଣ୍ଣ, ସେମାନଙ୍କ ଅହଂକାରକୁ ଦିଲ୍ଲୀବାସୀ ଭାଙ୍ଗିଦେବେ ବୋଲି ଭାଟିଆ କହିଛନ୍ତି।

# ଏନ୍‌ଡିଏରେ ନବୀନ ଯୋଗଦେଲେ ଅଧିକ ଲାଭ ପାଇବେ: ଅଠାୱାଲା

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏନ୍‌ଡିଏରେ ସାମିଲ ହେବା ଲାଗି ସିଧାସଳଖ ପ୍ରସ୍ତାବ ମିଳିଛି। ଦୀର୍ଘଦିନ ହେବ ବିଭିନ୍ନ ପ୍ରସଙ୍ଗରେ ଏନ୍‌ଡିଏକୁ ବିଜେଡି ସମର୍ଥନ କରିଆସୁଛି। ତେଣୁ ବିଜେଡି ଓ ଭାଜପା ମଧ୍ୟରେ ଏକ ଭିତିରି ବୁଝାମଣା ରହିଥିବା ନେଇ କଂଗ୍ରେସ ଅଭିଯୋଗ କରିଆସୁଛି। ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନ୍‌ଡିଏକୁ ସମର୍ଥନ କରିଛି। ଏଭଳି ସ୍ଥିତିରେ ବିଜେଡି ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ବିଭିନ୍ନ ବିଲ୍ ଆସିବା ବେଳେ ଏନ୍‌ଡିଏକୁ ସମର୍ଥନ କରୁଥିବା ନେଇ ଖୋଦ୍ ଜଣେ କେନ୍ଦ୍ରମନ୍ତ୍ରୀ କହିବା ପରେ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଆଲୋଚନା ଆରମ୍ଭ ହୋଇଯାଇଛି। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲା ରାଜ୍ୟ ଅତିଥି ଭବନରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ


ରାମଦାସ ଅଠାୱାଲା

ନବୀନ ପଟ୍ଟନାୟକଙ୍କୁ ଏନ୍‌ଡିଏରେ ସାମିଲ ହେବା ଲାଗି ଅନୁରୋଧ କରିଛନ୍ତି। ଏହାଦ୍ୱାରା ନବୀନ ଲାଭରେ ରହିବେ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହେବା ସମୟରେ ଏନ୍‌ଡିଏ ସରକାରକୁ ବିଜେଡି ସହଯୋଗ କରିଆସୁଛି। ୨୦୨୪ ନିର୍ବାଚନ ବେଳକୁ ଏନ୍‌ଡିଏ ସହ ଯୋଡି ହେଲେ ବିଜେଡି ଅଧିକ ଲାଭରେ ରହିବ। ଓଡ଼ିଶାକୁ ମଧ ମୋଦି ସରକାର ଅଧିକ ଅନୁଦାନ ଦେଇପାରନ୍ତି। ୨୦୨୪ରେ ଏନ୍‌ଡିଏ ୨୦୧୯ର ରେଜଲ୍ଟର ରେକର୍ଡ ଭାଙ୍ଗିବ। ନବୀନ ତାଙ୍କ ଶାସନ ଆରମ୍ଭ ଏନ୍‌ଡିଏରୁ ହିଁ କରିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କ ନିଜ ଦମ୍‌ରେ ଓଡ଼ିଶାରେ ଜିତି ଆସୁଛନ୍ତି। ଲଗାତର ୨୫ ବର୍ଷ ଲୋକମାନେ ତାଙ୍କୁ ଜିତାଉଛନ୍ତି ବୋଲି ଅଠାୱାଲା କହିଛନ୍ତି। ତେବେ ନବୀନଙ୍କୁ ଏନ୍‌ଡିଏରେ ସାମିଲ ହେବା ନେଇ ଅଠାୱାଲା ଯାଇ ପ୍ରସ୍ତାବ ଦେବେ କି ବୋଲି ପଚାରିବାରୁ ଭାଜପା ନେତାମାନେ ପଚାରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି।

### ସମୀର କହିଲେ ସିଏ କିଏ, ମୁଁ ଜାଣିନି

କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଉପରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଏ ବିଷୟରେ ସେ କିଛି ଜାଣି ନାହାନ୍ତି । ପୁଣି ଅଠାୱାଲା କେନ୍ଦ୍ରମନ୍ତ୍ରୀ ଅଛନ୍ତି କି ବୋଲି ମଧ୍ୟ ସମୀର ପାଲଟା ପ୍ରଶ୍ନ କରିଛନ୍ତି। ତାଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଖବର ନ ଥିବା ଏବଂ ସେ ଭାଜପାର ନୁହନ୍ତି ବୋଲି ସମୀର କହିଥିଲେ।

# ଗୁରୁମନ୍ତ୍ର ଦେବେ ନବୀନ

## ୨୮ରେ ବିଧାୟକ, ମନ୍ତ୍ରୀଙ୍କୁ ନେଇ କଳିଙ୍ଗ ଷ୍ଟାଡିୟମରେ ବୈଠକ

ଭୁବନେଶ୍ୱର, ୨୨।୮(ବ୍ୟୁରୋ): ବିଜେଡି ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଆଗକୁ ଦଳର କାର୍ଯ୍ୟକ୍ରମ ନେଇ ଯୋଜନା ଆରମ୍ଭ କରିଛି। ପ୍ରଥମେ ବରିଷ୍ଠ ପର୍ଯ୍ୟବେକ୍ଷକ, ବିଜୁ ଯୁବ ଜନତା ଦଳ ତାଲିକା ଏବଂ ସୋମବାର ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ କରାଯାଇଛି। ଏପରିସ୍ଥଳେ ବିଜେଡି ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ନେଇ ଆସନ୍ତା ୨୮ରେ ଏକ ସମ୍ମିଳନୀ କରିବାକୁ ଯାଉଛି। ସକାଳ ୮ଟାରେ ସମ୍ମିଳନୀ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। କେବଳ ବିଧାୟକ ଏବଂ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କାହାରିକୁ ବୈଠକରେ ସାମିଲ କରାଯିବ ନାହିଁ ବୋଲି ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଅଧକ୍ଷତା କରିବା ସହ ବିଧାୟକ, ମନ୍ତ୍ରୀଙ୍କଠାରୁ କିଛି ପ୍ରସ୍ତାବ ନେବେ ଆଉ ସେ କିଛି ଦେବେ। ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ, ମନ୍ତ୍ରୀମାନେ କିପରି ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ନେଇପାରିବେ, ପ୍ରଶାସନିକ ଅଧିକାରୀଙ୍କ ସହ କିପରି ଉତ୍ତମ ସମନ୍ୱୟ ରହିବ ସେନେଇ ଆଲୋଚନା ହେବ। ଏହାସହ ସମସ୍ତ ବିଧାୟକ ନିଜ ନିର୍ବାଚନମଣ୍ଡଳୀରେ କରିଥିବା ସକ୍ରିୟ ସଦସ୍ୟତାର ପୁନଃ ଯାଞ୍ଚ ହେବ। ଏହାର କାଗଜପତ୍ର ପୁଣିଥରେ ଦାଖଲ କରିବାକୁ କୁହାଯାଇଛି। ଏଥିସହ ଯୁବ ଏବଂ ଛାତ୍ରନେତାଙ୍କୁ କିଭଳି ଅଧିକ ସୁଦୃଢ଼ କରିହେବ ସେନେଇ ଆଲୋଚନା ହେବ। ଏଥିରେ କୋଅପରେଟିଭ ବ୍ୟାଙ୍କ ନିର୍ବାଚନ ସମ୍ପର୍କରେ ମଧ ଆଲୋଚନା ହେବ ବୋଲି ଜାଣିବାକୁ ମିଳିଛି।

# ପୁନର୍ଗଠିତ ହେଲା ବିଜୁ ଛାତ୍ର ଜନତା ଦଳ

## ୧୬୯ ଛାତ୍ର ନେତାଙ୍କୁ ଥଇଥାନ

ଭୁବନେଶ୍ୱର, ୨୨।୮(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ଏବେ ସାଙ୍ଗଠନିକ ପୁନର୍ଗଠନ ପ୍ରକ୍ରିୟାକୁ ଜୋରଦାର୍ କରିଛି। ଏହି କ୍ରମରେ ସୋମବାର ବିଜୁ ଛାତ୍ର ଜନତା ସାଙ୍ଗଠନିକ କମିଟିର ପୁନର୍ଗଠନ କରାଯାଇଛି। ପ୍ରକାଶ ପାଇଥିବା ତାଲିକା ଅନୁଯାୟୀ ପୂର୍ବରୁ ଯେଉଁମାନେ ଯେଉଁ ଦାୟିତ୍ୱରେ ଥିଲେ ସେଥିରେ ସେଭଳି କିଛି ପରିବର୍ତ୍ତନ ହୋଇନାହିଁ। ହେଲେ କେତେଜଣ ନୂଆ ଚେହେରାଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି।

ବିଜୁ ଛାତ୍ର ଜନତା ଦଳର ଏହି ପରିବର୍ତ୍ତିତ ସଂଶୋଧିତ କମିଟିରେ ୫ଜଣଙ୍କୁ କାର୍ଯ୍ୟକାରୀ ସଭାପତି କରାଯିବା ସାଙ୍ଗକୁ ମୋଟ୍ ୧୬୯ ଛାତ୍ର ନେତାଙ୍କୁ ଥଇଥାନ କରାଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ଏହାସହ ୩୫ ସାଙ୍ଗଠନିକ ଜିଲାରେ ୩୮ ଜଣଙ୍କୁ ଥଇଥାନ କରାଯାଇଛି। ବଲାଙ୍ଗୀର ଓ କୋରାପୁଟ ଜିଲା ସଭାପତିଙ୍କୁ ପରିବର୍ତ୍ତନ କରାଯାଇଥିବାବେଳେ ରାଉରକେଲା, କଟକ ଓ କୋରାପୁଟ ଜିଲାରେ ସଭାପତିଙ୍କ ସହ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ମିଳିଛି। ଏହି ନୂଆ ତାଲିକା ପ୍ରସ୍ତୁତିରେ ବିଜେଡି ଛାତ୍ର ସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକଙ୍କ ଭୂମିକାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏଥର କମିଟିରେ ୧୬୯ ଜଣ ସାମିଲ କରାଯାଇଥିଲେ ବି ସବୁ ଜିଲାକୁ ପ୍ରତିନିଧିତ୍ୱର ଗୁରୁତ୍ୱ ମିଳିନାହିଁ। ଅନୁଗୋଳ, ବଲାଙ୍ଗୀର, କନ୍ଧମାଳ, ଗଜପତି, ଜଗତ୍‌ସିଂହପୁର, ମାଲକାନଗିରି ଆଦି ଜିଲାର ଛାତ୍ର ନେତାଙ୍କୁ ରାଜ୍ୟ କମିଟିରେ ସ୍ଥାନ ମିଳି ନ ଥିବା ବେଳେ ପ୍ରାୟ ୬୦ ପ୍ରତିଶତ ପଦବୀ ଭୁବନେଶ୍ୱର, କଟକ ଓ ଯାଜପୁରର ଛାତ୍ରନେତାଙ୍କୁ ଦିଆଯାଇଛି। ତେବେ ତାଲିକା ଅନୁଯାୟୀ, ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ପଦବୀ ୩ରୁ ୫କୁ ବୃଦ୍ଧି କରାଯାଇଛି। ୮ ଜଣଙ୍କୁ ବରିଷ୍ଠ ଉପସଭାପତି କରାଯାଇଥିବାବେଳେ ଜୋନ୍ ସଭାପତି ୬ରୁ ୭କୁ , ସାଧାରଣ ସମ୍ପାଦକ ପଦବୀ ୪୦ରୁ ୫୧କୁ ଏବଂ ସମ୍ପାଦକ ୪୪ରୁ ୬୧କୁ ବୃଦ୍ଧି ପାଇଛି। ସେହିପରି ଉପସଭାପତି ଭାବେ ୧୧ରୁ ୧୦ ଏବଂ ଯୁଗ୍ମ ସମ୍ପାଦକଙ୍କ ସଂଖ୍ୟା ୩୩ରୁ ୨୬କୁ ହ୍ରାସ ପାଇଛି। ବରିଷ୍ଠ ଉପସଭାପତି ଥିବା ବିଶ୍ୱପ୍ରତାପ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଛି। ମିକୁ ପ୍ରଧାନଙ୍କୁ ନୂଆକରି ଉପସଭାପତି କରାଯାଇଛି। ଈପ୍ସିତା ସାହୁ ପୂର୍ବବତ୍ ଛାତ୍ର ବିଜେଡି ମହାସଚିବ ହୋଇଛନ୍ତି। ୨୦୨୦ ବଲାଙ୍ଗୀର ଓ କୋରାପୁଟରେ ଛାତ୍ର ସଭାପତି ଭାବେ ଯଥାକ୍ରମେ ସିମେନ୍ ୱିକସ୍ ଓ ଶଶାଙ୍କ ମିଶ୍ରଙ୍କୁ ନିଯୁକ୍ତି ମିଳିଥିଲା। ବଲାଙ୍ଗୀର ଜିଲା ଛାତ୍ର ସଭାପତି ଭାବେ ସୁମନ କୁମାର ନନ୍ଦ ଏବଂ କୋରାପୁଟ ଜିଲା ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦୀପ ପାଣ୍ଡେ କାର୍ଯ୍ୟ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଯୁକ୍ତି ଦେଇଥିବା ଏବଂ ତାଙ୍କ ନିର୍ଦ୍ଦେଶକ୍ରମେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ଥିବା ଏକ ବିଜ୍ଞପ୍ତି ଦଳ ତରଫରୁ ପ୍ରକାଶ ପାଇଛି।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ

## ପୋଲାଭରମ୍ ପାଇଁ ଅତିରିକ୍ତ ୧୦ ହଜାର କୋଟି ମାଗିଲେ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଗୋଦାବରୀ ନଦୀରେ ପୋଲାଭରମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ ଲାଗି ଅତିରିକ୍ତ ୧୦,୦୦୦ କୋଟି ଟଙ୍କା ଯୋଗାଇବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛନ୍ତି। ସୋମବାର ଜଗନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ପୋଲାଭାରମ ପ୍ରକଳ୍ପ ସମ୍ପର୍କରେ ଦୀର୍ଘ ୪୦ ମିନିଟ ଆଲୋଚନା କରିଥିଲେ। ପାଣ୍ଠି ଅଭାବରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ଜଗନ କହିଥିଲେ। ତେଣୁ ୫୫,୫୪୮.୮୭ କୋଟିର ସଂଶୋଧିତ ବ୍ୟୟ ଅଟକଳକୁ ମଞ୍ଜୁରୀ ପ୍ରଦାନ ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ପୋଲାଭରମ ପ୍ରକଳ୍ପରେ ବ୍ୟୟ କରିଥିବା ୨,୯୦୦ କୋଟି ଟଙ୍କାକୁ କେନ୍ଦ୍ର ସରକାର ଦୁଇ ସପ୍ତାହ ମଧ୍ୟରେ ପୈଠ କରିବା ଲାଗି ଜଗନ ଦାବି କରିଛନ୍ତି। ଏଥିସହିତ ପ୍ରକଳ୍ପ ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସହ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆନ୍ଧ୍ର ଜଗନ ଦାବି କରିଛନ୍ତି।

ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ୨.୯୧ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସହ ୯୬୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିଲା। ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ଜଗନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# ବନ୍ୟା ଅଞ୍ଚଳ ଘୋଷଣା, ରିଲିଫ୍ ପାଇଁ ଜିଲାପାଳଙ୍କୁ ଭାଜପାର ଦାବିପତ୍ର

ଭୁବନେଶ୍ୱର,୨୨।୮(ବ୍ୟୁରୋ)- ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଲିଙ୍ଗିପୁର, ଧଉଳି, ଇଟିପୁର, ଟିକରପଡ଼ା ପଞ୍ଚାୟତରେ ବନ୍ୟା ଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ଜନସାଧାରଣଙ୍କର ଘର, ଆସବାବପତ୍ର ଏବଂ ଫସଲ ବନ୍ୟା ପାଣିରେ ନଷ୍ଟ ହୋଇଯାଇଛି। ସେହି ଅଞ୍ଚଳକୁ ବନ୍ୟା ପ୍ରଭାବିତ ଘୋଷଣା କରି ରିଲିଫ ପ୍ରଦାନ ପାଇଁ ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଭେଟି ଖୋର୍ଦ୍ଧା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଆମ୍ଭେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧହେବୁ ବୋଲି ବାବୁ ସିଂ କହିଛନ୍ତି। ବନ୍ୟା ପୀଡ଼ିତଙ୍କୁ ତୁରନ୍ତ ସହଯୋଗ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରନ୍ତୁ ବୋଲି ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଏକାମ୍ର ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଜିଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଟିକରପଡ଼ା ସରପଞ୍ଚ ପଞ୍ଚେଇ ମଲ୍ଲିକ, ସମିତିସଭ୍ୟ ସୁଜାତା ସାହୁ, ପୂର୍ବତନ ସମିତିସଭ୍ୟ ବିଭୂତି ଭୂଷଣ ପ୍ରଧାନ, ବରିଷ୍ଠ ଭାଜପା ନେତା କାଳୀ ମିଶ୍ର, ଭଗବାନ ଦାଶ, ଚିକିନା ମଲ୍ଲିକ, ବୃନ୍ଦାବନ ସ୍ୱାଇଁ, ଅକ୍ଷୟ ବେହେରା, ସୁନୀଲ ପ୍ରଧାନ ଏବଂ ମନୋଜ ପଣ୍ଡିମକବାଟ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE EXECUTIVE ENGINEER , RURAL WORKS DIVISION, ROURKELA
E.Mail - rw_rourkela@yahoo.co.in
TENDER CALL NOTICE
BID IDENTIFICATION NO. ONLINE-SERKL-13 of 2022-23

No.O-856:1. Name of the Work :- Building Work. 2. Total No. of Works :- 2 (Two) Nos.3. Estimated Cost: Rs.10.45 Lakhs to 27.75 Lakhs. 4. Class of Contractor:- "D", "C" & "B" Class. 5. Period of Completion:- 04 (Four) & 3 (Three) Calendar Months. 6. Type of Tender:- Single Cover. 7. Other details:-

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-13 of 2022-23 | 26.08.2022 from 10.00 A.M | 07.09.2022 upto 5.00 PM |

Further details can be seen from the website www.tendersorissa.gov.in.
Sd./- Superintending Engineer, RW Division, Rourkela
OIPR-25067/11/0018/2223

Odisha Tourism
Paryatan Bhawan, Lewis Road
Bhubaneswar-751014
Fax No.+91 674 2430887
E-mail: info@odishatourism.gov.in
ODISHA INDIA'S BEST KEPT SECRET
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ ରୋଡ
ଭୁବନେଶ୍ୱର-୭୫୧୦୧୪
ଓଡ଼ିଶା ସରକାର, ପର୍ଯ୍ୟଟନ ବିଭାଗ
Government of Odisha, Tourism Department
No.6793/TSM, TCT-COOD-SCH-0006-2017 Bhubaneswar, Dated 22.08.22
REQUEST FOR PROPOSAL FOR APPOINTMENT OF PROJECT MANAGEMENT UNIT (PMU) FOR PROVIDING CONSULTANCY SERVICES TO DEPARTMENT OF TOURISM, GOVERNMENT OF ODISHA
No.RR-04:Request for Proposal are invited by Department of Tourism, Paryatan Bhawan, Bhubaneswar in sealed cover from eligible consulting agencies for setting up of a Project Management Unit (PMU) for Department of Tourism , Government of Odisha. The detailed information along with the bid document can be downloaded from Department of Tourism website www.odishatourism.gov.in.
The proposal in the prescribed format along with all relevant documents duly signed and sealed should reach in Department of Tourism on or before 23.09.2022 up to 5.00 PM either by Courier / Speed Post/Regd. Post or by hand. Sending of Bid documents through Fax/e-mail/electronics system shall not be accepted. Bid(s) received after due date & time shall not be accepted. This Department shall not be responsible for delay in postal delivery or similar reasons.
Department of Tourism reserves the right to accept or reject any or all Bids without assigning any reason thereof.
Sd./- Director & Addl. Secretary to Govt.
OIPR-37001/11/0006/2223

GOVERNMENT OF ODISHA
OFFICE OF THE EXECUTIVE ENGINEER
MINOR IRRIGATION DIVISION, NAYAGARH
Tel No. (06753)291009, e-Mail ID: eemidivisionnayagarh@gmail.com
No.A-462: BID IDENTIFICATION NO - EEMIDN- 09 / 2022-23.
Letter No-2075, Dated- 17 / 08 / 2022
1. Name of the works :- Construction of New Check Dams under MATY grant of M.I. Projects for the year 2022-23.
2. Total No. of works. :- 05 (Five).
3. Estimated Cost. :- Varies from Rs. 51.64 lakh to Rs. 82.48 lakh Approximately
4. Class of Contractor. :- Class "B" and "A"
5. Period of completion. :- 6 (Six) Calendar months
6. Date & time of Availability of Bid Document in the Portal for online bidding. :- 25.08.2022 at 10 A.M. to 05.09.2022 up to 5 PM.
7. Last date/Time for receipt of Bid only ONLINE :- 05.09.2022 up to 5PM.
8. Date/Time of Opening of Technical Bid :- 06.09.2022 at 11.00 AM at Office of the Executive Engineer, M.I. Division, Nayagarh
9. Date/ Time of Opening of Financial Bid :- To be intimated through website after evaluation of Technical Bid
10. Date of Transparent Lottery (if cases arise). :- At 11.00 hrs onwards of Dt. 15.09.2022.
11. Name & Address of the Officer Inviting the Bid. :- Office of the Executive Engineer,M.I.Division,Nayagarh
12. Further details can be seen from the "e" Procurement Portal https://tendersodisha.gov.in.
Sd./- (Er. Bishnupada Pattayat)
Executive Engineer, M.I. Division, Nayagarh
OIPR-32260/11/0011/2223

OFFICE OF THE PRINCIPAL
F.M.AUTONOMOUS COLLEGE, BALASORE
"CANCELLATION OF WALK-IN-INTERVIEW FOR ENGAGEMENT OF GUEST FACULTY"
The Advertisement on walk-in-interview for engagement of Guest Faculties published in "The Dharitri" on 09.08.2022 is hereby cancelled.
Sd./- Principal

ODISHA HYDRO POWER CORPORATION LTD.
OHPC
(A Government of Odisha Undertaking)
Regd. Office. ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102, e-mail- ohpc.co@gmail.com
CIN : U40101OR1995SGC003963
No. OHPC: Tech: C&P:40/2014-15 (Part-II)/ 5678 Dated: 20.08.2022
INVITATION OF BID FOR EXPRESSION OF INTEREST
No.CAD-1575:Odisha Hydro Power Corporation Ltd (OHPC), a Gold rated State Govt. of Odisha PSU having its Corporate Office at Bhubaneswar invites Expression of Interest (EOI) from interested Chartered Accountant /Cost Accountant Firms for "Appointment/Empanelment of Cost Accountant firms for cost audit and preparation of cost accounting records in OHPC Ltd. For the FY 2022-23 to 2024-25".
For details related to the eligibility criteria, scope of the work etc. please visit our website www.ohpcltd.com w.e.f. 26.08.2022.
C&P Head
OIPR-04012/11/0019/2223

ZILLA SWASTHYA SAMITI, GANJAM
Advt.No.12002 Date:20.08.2022
TENDER FOR HIRING OF VEHICLES FOR DPMU, NHM, GANJAM
No.E-408:Sealed tenders are invited from reputed (Private individuals/ Tour operators/Travel Agency/Society/Firm) for hiring of vehicles (both passenger/luggage carrier) to be engaged in DPMU, NHM Ganjam & O/o CDM&PHO, Ganjam on a monthly/daily basis. Interested parties / individual can log on to district web site https://ganjam.nic.in for details of term & condition and to sent their tender proposal to the CDM & PHO, Ganjam, Near City Hospital, Berhampur Pin No- 760001 through speed post/Regd post only on or before 12.09.2022 by 5.00 PM which will be opened on 13.09.2022 at 4.00 PM in the presence of the bidders / authorized representatives at the office of Undersigned.
The undersigned reserves the right to cancel / reject any or all the tender without assigning any reason thereof.
Sd./- CDMO-cum-DMD, Ganjam
OIPR-10041/11/0009/2223

ODISHA HYDRO POWER CORPORATION LTD.
OHPC
(A Gold Rated State PSU)
O/o Sr. GENERAL MANAGER, Rengali Hydro Electric Project,
P.O.: RENGALI DAM SITE, PIN: 759105, DIST: ANGUL (ODISHA)
TEL: 06760-277214, FAX: 06760 - 277324, e-mail: sgmel500@gmail.com
No. RHEP/C&P/PUR-III-145/5925 Date: 22.08.2022
NOTICE INVITING TENDER NO. RHEP-42/2022-23
No. CAD-1574:- Sealed tenders are invited in two part i.e. (i) Techno Commercial bid and (ii) Price bid in separate sealed envelopes from manufacturer/channel partner.

| Sl. No. | Description of services | Cost of tender paper (non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of Opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of Thrust Bearing Oil Coolers (9 Nos.), UGB Oil Collers (9 Nos. ) and LGB Oil Coolers (9 Nos.) for Generators of RHEP, Rengali. | Rs.11,800/- (Rs. 10,000/- + GST @18%) | In Lieu of EMD Bid security declaration form to be submitted | From dtd. 24.08.22 to dtd. 09.09.22 up to 03.30 PM | Dtd. 09.09.2022 upto 04.00 PM | Dt.09.09.22 at 04.30 PM |

For details and further correspondence/corrigendum, please visit our website www.ohpcltd.com
OIPR-04022/11/0060/2223 Sd./- C&P Head, RHEP, Rengali

OFFICE OF THE CHIEF EXECUTIVE OFFICER, WATCO
WATCO No. C-1038
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444; E-mail- mail@watcoodisha.in/ md@watcoodisha.in
INVITATION FOR BID (IFB)
BID Identification No. WATCO (W) - 19/2022-23 Dtd. 17.08.2022
WATCO No. 3675/ Dt.17.08.2022
1. Name of the work :- "Procurement of ISI marked DI K-7, K-9 socket & spigot pressure pipes conforming to IS:8329 and its subsequent amendments and ISI marked rubber gaskets (IS:5382) for push-on type flexible joints of DI pipes of different diameters for different DFT zone of BBSR."
2. Types of Bid :- Double Cover (Technical & Financial)
3. Estimated Cost :- Rs.620.89 Lakh
4. Period of completion :- 3 (Three calendar) Months.
5. Class of Contractor :- Manufacturer
6. Date & time of availability of bid document in the portal :- From 11.00 AM of Dt.23.08.2022 to 5.00 PM of 06.09.2022
7. Last date/time of receipt of bids in the portal :- 5.00 PM of 06.09.2022
8. Date & time of opening of technical bids :- 11.00 AM of 07.09.2022
9. Name and address of the Officer Inviting Bid CEO, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
10. The bidders have to participate in ONLINE bidding only. Further details can be seen from the website www.tendersodisha.gov.in
Sd./- CEO, WATCO
OIPR-13194/11/0044/2223

Government of Odisha
Office of the Chief Construction Engineer
RURAL WORKS CIRCLE, Bhawanipatna
NOTICE
FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH e-Procurement
Notice for PMGSY-III, Batch-III (2021-22) Packages
Bid identification No. BPT/Online-13/2022-23
No.O-860:The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi and Nuapada for 65 (Sixty five) number of package with estimated cost totaling to Rs.5.78 Cr including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement dtd.26.08.2022
Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format, (c) original affidavit regarding correctness of information furnished with bid document as per provisions of Clause 4. 4B(a) (ii) of ITB with C.C.E., R. W. Circle, Bhawanipatna/ Concerned Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
Last Date/ Time for receipt of bids through e-procurement: 12.09.2022 upto 5.00 PM.
For further details please log on to www.pmgsytenders.gov.in
Sd./- Chief Construction Engineer
OIPR-25102/11/0016/2223 R.W.Circle, Bhawanipatna

# ଦେବଗଡ଼ ଜିଲାରେ ୧୨ ଘଣ୍ଟିଆ ବନ୍ଦ

## ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ଦାବି

ଦେବଗଡ଼, ୨୨।୮(ଡି.ଏନ୍.ଏ.)

ଦେବଗଡ଼ ଜିଲାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ ଦାବିରେ ସୋମବାର ବନ୍ଦ ପାଳନ କରାଯାଇଥିଲା। ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା। ମାତ୍ର ଅପରାହ୍ଣ ପ୍ରାୟ ଗୋଟାଏ ସମୟରେ ଚାଷୀଙ୍କ ଦାବି ଆସନ୍ତା ୧୫ ଦିନ ମଧ୍ୟରେ ପୂରଣ କରାଯିବା ନେଇ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ବନ୍ଦ ପାଳନ ପ୍ରତ୍ୟାହାର କରାଯାଇଥିଲା। କୃଷକ ସଂଘର୍ଷ ସଂଘର ସଦସ୍ୟମାନେ ପିକେଟିଂ କରି ଜିଲା ନ୍ୟାୟାଳୟ ସମେତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଗାଡିମୋଟର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରିଥିଲେ। ବନ୍ଦ ପାଳନବେଳେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ଚାଷୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଗାଡି ନେଇ କୁଆଡେ ଯାଉଥିବା ବେଳେ ନିଳବେର୍ଣ୍ଣି ସାହି ବାଇପାସ ରାସ୍ତାରେ ଶତାଧିକ ଚାଷୀ ତାଙ୍କ ଗାଡି ସମ୍ମୁଖରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଞ୍ଚି-ବିଜୟୱାଡା ଏବଂ ୪୯ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିବାରୁ ଶତାଧିକ ଗାଡ଼ି ଅଟକି ରହିଥିଲା। କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ, ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ବହୁ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଗତବର୍ଷ ଖରିଫ ଋତୁରେ ସ୍ୱଳ୍ପ ବର୍ଷା ଯୋଗୁ ଦେବଗଡ଼ ଜିଲାର ଝରାଗୋଗୁଆ, ପାରପୋଷି, ଦନ୍ତାରିବାହାଲ, ନୂଆଡିହି, ଖିଲେଇ, ବାଘବର, ପଳସମା, କରଲଗା, କୁଲବସା ଆଦି ପଞ୍ଚାୟତରେ ମରୁଡି ସମସ୍ୟା ଦେଖାଯାଇଥିଲା। ମାତ୍ର ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ପ୍ରଦାନ ପାଇଁ ୩ ପଞ୍ଚାୟତକୁ ଚିହ୍ନଟ କରାଯାଇଥିବାବେଳେ ଅନ୍ୟ ପଞ୍ଚାୟତକୁ ବାଦ୍ ଦିଆଯାଇଥିଲା। ତେଣୁ ଅନ୍ୟ ପଞ୍ଚାୟତକୁ ମଧ୍ୟ ସାମିଲ କରି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ପ୍ରଦାନ କରାଯିବା ଦାବିରେ ବନ୍ଦ ପାଳନ କରାଯାଇଥିଲା।



ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି ପ୍ରଦାନ ଦାବିରେ ଦେବଗଡ଼ରେ ବନ୍ଦ ପାଳନ କରାଯାଉଛି।

## ସଂକ୍ଷେପରେ

### ନିଖୋଜ ନାବାଳିକା ମଧ୍ୟପ୍ରଦେଶରୁ ଉଦ୍ଧାର

ହେମଗିର,୨୨।୮(ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ଅନ୍ତର୍ଗତ ହେମଗିର ଥାନାସ୍ଥିତ ତିଲିଆ ଗ୍ରାମରୁ ନିଖୋଜ ଥିବା ନାବାଳିକାଙ୍କୁ ହେମଗିର ପୋଲିସ ମଧ୍ୟପ୍ରଦେଶରୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ଗତ ୨୦୨୧ ମସିହା ନଭେମ୍ବର ମାସ ୧୧ତାରିଖରୁ ତିଲିଆ ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଥିବାର ହେମଗିର ପୋଲିସ ପାଖରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଅନୁସାରେ ହେମଗିର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକାକୁ ଉଦ୍ଧାର କରିବା ସହିତ ମଧ୍ୟପ୍ରଦେଶର ଭିଶାଲ ଚାଦର(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଭାଜପା ବଣାଇ ସାଙ୍ଗଠନିକ ଜିଲା ପକ୍ଷରୁ କ୍ରୀଡ଼ା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଲହୁଣୀପଡା, ୨୨।୮(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ ପରିସରରେ ଦଳର ବଣାଇ ସାଙ୍ଗଠନିକ ଜିଲା ପକ୍ଷରୁ କ୍ରୀଡା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ଜଣାପଡିଛି। କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବଣାଇ ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ସ୍ନେହମୟୀ ଓ ଆଶିଷଙ୍କୁ ଭାଜପା ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଉଭୟ ଖେଳାଳୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରାଯାଇଛି। ଚଳିତ ମାସ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୨୧ ତମ ଏସୀୟ ମହିଳା ଭଲିବଲ ପ୍ରତିଯୋଗିତାରେ ବଣାଇରୁ ସ୍ନେହମୟୀ କିଷାନ ସାମିଲ ହୋଇ କଜାକିସ୍ତାନ ଓ ଉଜବେକିସ୍ତାନ ଦେଶକୁ ପରାଜିତ କରି ଦେଶ, ରାଜ୍ୟ, ଜିଲା ତଥା ବଣାଇ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ବଣେଇ ନରେନ୍ଦ୍ର ଗ୍ରାମର ଆଶିଷ କୁମାର ସାହୁ ରାଜ୍ୟ ପୁରୁଷ କବାଡି ଦଳରେ ସ୍ଥାନ ପାଇ ନିକଟରେ ହରିୟାଣାଠାରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ତରଫରୁ ଖେଳି ଫେରିଛନ୍ତି। ଭାଜପା ଜିଲା ପକ୍ଷରୁ ରାଜାମୁଣ୍ଡା ସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ଉଭୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ବରିଷ୍ଠ ନେତା ମନୋଜ ପ୍ରଧାନ, ଜିଲା ସମ୍ପାଦକ ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ଜିଲା ଉପ ସଭାପତି ବାସୁଦେବ ସାହୁ, ପ୍ରଦୀପ ସ୍ୱାଇଁ, ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲା ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ସାହୁ, ଜିଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଢ଼େଇ, ଲହୁଣୀପଡ଼ା ମଣ୍ଡଳ ସଭାନେତ୍ରୀ ନମିତା ମାହାନ୍ତ, ଜିଲା ପରିଷଦ ପ୍ରାର୍ଥୀ କର୍ମୁ କିଷାନ, ଯମୁନା ମୁଣ୍ଡା, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଭିକି ବ୍ରହ୍ମ, ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଡିଲେଶ୍ୱର ରଣା, ବରିଷ୍ଠ କାର୍ଯ୍ୟକାର୍ତ୍ତା ଶିବସୁନ୍ଦର ରାଉତ, ଗିରିଧାରୀ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିବା ଜଣାପଡିଛି।

### ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଦେବଗଡ଼ ୨୨।୮(ଡି.ଏନ.ଏ.): ସୋମବାର ୫ଟାରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଯୁଗ୍ମ ସମ୍ପାଦକ ଈଶ୍ୱର ପ୍ରସାଦ ଦାଶଙ୍କ ଆବାହକତ୍ୱରେ ଦୁର୍ଗା ପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ବିଗତ ବର୍ଷର ଆୟ ଏବଂ ବ୍ୟୟର ହିସାବ ସହିତ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁଶିଲ କୁମାର କପରଦାର୍, ଉପସଭାପତି ଇସମାଇଲ ହେନେଜ, ସମ୍ପାଦକ ମହେଶ୍ୱର ପାଣି, ଯୁଗ୍ମ ସମ୍ପାଦକ ଈଶ୍ୱର ଦାଶ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ସାହୁ, ଆଇନ ପରାମର୍ଶଦାତା ଭାବେ ବିକାଶ କୁମାର ପ୍ରଧାନ ଏବଂ ଜୟ ଭଗବାନ ଅଗ୍ରୱାଲା, ଉପଦେଷ୍ଟା ସଦସ୍ୟ ଭାବରେ ନରୋତ୍ତମ ସାହୁ,ସୁଶାନ୍ତ ନନ୍ଦ,ସଞ୍ଜୀବ କୁମାର ଧର, ନିରଞ୍ଜନ ଦ୍ୱିବେଦୀ, ଚକ୍ର ମହାନ୍ତି, ସଞ୍ଜୀବ ନାୟକଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ବିକାଶ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାଙ୍କୁ ଗଣବଳାତ୍କାର ଘଟଣା, ୬ ଅଭିଯୁକ୍ତ ଗିରଫ

କୁତ୍ରା, ୨୨।୮(ଡି.ଏନ.ଏ.)

ନାବାଳିକାଙ୍କୁ ବଳାତ୍କାର ଘଟଣାରେ ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁଶାନ୍ତ ଟପ୍ପୋ(୨୩), ଅନୁପ କୁମାର କୁଲୁ(୩୧), ମୁକେଶ ସୋରେଙ୍ଗ(୨୨), ଦିଲୀପ କୁଲୁ(୨୪) ଏବଂ ଆଉ ଦୁଇଜଣ ଅଭିଯୁକ୍ତ ନାବାଳକ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଗତ ୧୬ ତାରିଖ ଗଙ୍ଗାଜଳସ୍ଥିତ ସ୍କାନଷ୍ଟିଲ ପଛକୁ ନାବାଳିକାଙ୍କୁ ତାଙ୍କ ପ୍ରେମିକ ନେଇ ବଳାତ୍କାର କରିଥିଲେ। ପରେ ସେଠାରେ ସେମାନଙ୍କୁ ଅସଂଯତ ଅବସ୍ଥାରେ ଦେଖିବା ପରେ ଗିରଫ ଅଭିଯୁକ୍ତମାନେ ମଧ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଉଭୟ ନାବାଳିକା ଓ ତାଙ୍କ ପ୍ରେମିକକୁ ନେଇ ଦୁଇ ଦିନ ଲୁଚେଇ ରଖିଥିଲେ। ୧୮ ତାରିଖ ଛାଡିବା ପରେ ନାବାଳିକା ଘରକୁ ଯାଇ ତାଙ୍କ ଘର ଲୋକଙ୍କୁ ସବୁ କଥା ଜଣାଇଥିଲେ। ୧୯ ତାରିଖ ପରିବାର ବର୍ଗ କୁତ୍ରା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି କୁତ୍ରା ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ସୋମବାର ଗିରଫ କରିବା ସହିତ ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରିଛି।

## ଲେଫ୍ରିପଡ଼ା ବ୍ଲକରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ

ଲେଫ୍ରିପଡା,୨୨।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବୈଠକ ଗୃହରେ ଜିଲାପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୬୪ଗୋଟି ଅଭିଯୋଗ ଆସି ଥିଲା। ଏଥିରେ ବ୍ୟକ୍ତିଗତ ଭାବେ ୪୬ଟି ଥିବାବେଳେ ୧୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ସାମୂହିକ ଅଭିଯୋଗରେ ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ଅଙ୍ଗନୱାଡି ନିର୍ମାଣ, ସ୍କୁଲ ନିର୍ମାଣ, ବିଦ୍ୟୁତ ବିଭ୍ରାଟ ଇତ୍ୟାଦି ରହିଥିଲା। ବ୍ୟକ୍ତିଗତ ଭାବେ ଭତ୍ତା, ନିଯୁକ୍ତି, ଘରଡିହ ଯୋଗାଣ ଇତ୍ୟାଦି ଅଭିଯୋଗ ଜନସାଧାରଣ ଉପସ୍ଥାପନ କରିଥିଲେ। ସେହିପରି ଏଥିରୁ ଦୁଇ ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ମୋଟ ପନ୍ଦର ହଜାର ଟଙ୍କା ପ୍ରଦାନ କରାଗଲା। ଅନ୍ୟାନ୍ୟ ଅଭିଯୋଗ ସବୁ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଅଭିମନ୍ୟୁ ବେହେରା, ଡ଼ିଏଫଓ ପ୍ରଦୀପ ମୀରାସେ, ସିଡିଏମଓ ଡାକ୍ତର ସରୋଜ କୁମାର ମିଶ୍ର, ଡେପୁଟି କଲେକ୍ଟର କୁନ୍ତୀ ରାଣୀ ନାଏକ, ଆଡିସିନାଲ ଏସପି ଉଗ୍ରସେନ ପ୍ରଧାନ, ଲେଫ୍ରିପଡା ବିଡ଼ିଓ ରମେଶ ହାଁସଦା, ତହସିଲଦାର ସାରିକାରାଣୀ ଡାମେଲ, ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଅମୁଲ୍ୟ କୁମାର ପ୍ରଧାନ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ। ଏଥିରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାଏକ, ଭାରପ୍ରାପ୍ତ ଜିପିଇଓ ଲିଟୁନ ମହାନନ୍ଦିଆ ସମେତ ସମସ୍ତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

## ନେତୃତ୍ୱ ବିକାଶ, ଡିଜିଟାଲ କର୍ମଶାଳା ଉଦ୍‌ଯାପିତ

କୁତ୍ରା, ୨୨।୮(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଡିଜିଟାଲ ଶ୍ରେଣୀଗୃହରେ ଅନୁଷ୍ଠିତ ହେଉଥିବା ୫ଦିନାତ୍ମକ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କୁ ମଣିଷ ଗଢା କାରଖାନାର ମୁଖ୍ୟ କାରିଗର ବୋଲି କହିବା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାରେ ପୂର୍ଣ୍ଣ ନିଷ୍ଠା ପ୍ରଦର୍ଶନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ୫ ଦିନାତ୍ମକ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେତୃତ୍ୱର ବିଭିନ୍ନ ଦିଗ ଉପରେ ଶିକ୍ଷା ଦେଇଥିଲେ। ୩ୟ ଦିନରେ ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଭାବବିନିମୟ କରି ଆନ୍ତରିକତାର ସହ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରକୁ ପ୍ରଶିକ୍ଷକ ଭାବେ ରାଜଗାଙ୍ଗପୁର ବିଇଓ ସରିତା ସରୋନିଆ, ଗୁରୁଣ୍ଡିଆ ବିଇଓ ରବିନ୍ଦ୍ର ମାଝୀ, ବଡଗାଁ ଓ କୁତ୍ରା ଡାଟା ଏଣ୍ଟ୍ରି ଅପରେଟର ରଶ୍ମିରେଖା ପ୍ରଧାନ ଓ ରୀତାଞ୍ଜଳୀ ବେସନ ତଥା ବୈଷୟିକ ପରାମର୍ଶ ଦାତା ମୁକେଶ କିଶାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା କରିଥିଲେ।



ନେତୃତ୍ୱ ବିକାଶ, ଡିଜିଟାଲ କର୍ମଶାଳାରେ ଉପସ୍ଥିତ ଅଧିକାରୀ।

## ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା



ଦେବଗଡ଼,୨୨।୮(ଡି.ଏନ.ଏ.)

ଆଜାଦି କା ଅମୃତ ମହୋତ୍ସବ ପାଳନ ତଥା ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତା ସଂଗ୍ରାମ ସମୟରେ ଅଭୂଲା ସ୍ମୃତିକୁ ସ୍ମରଣୀୟ କରିବା ପାଇଁ ଅହିଂସା ରଥ ସାରା ରାଜ୍ୟରେ ପରିଭ୍ରମଣ କରିବ। ଦେବଗଡ଼ ଜିଲାରେ ସୋମବାର ବାରକୋଟ ବ୍ଲକର ଥିଆନାଳ ଓ ରିଆମାଳ ବ୍ଲକର ସେଣ୍ଠାଠାରେ ଅହିଂସା ରଥ ଆସି ପହଞ୍ଚିବା ପରେ ଅଞ୍ଚଳବାସୀ, ଜିଲା ପ୍ରଶାସନ, ଲୋକ ପ୍ରତିନିଧି, ବିଦ୍ୟାଳୟ ଛାତ୍ରୀଛାତ୍ର, ଆଶା, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ସଂଘର କର୍ମକର୍ତ୍ତାମାନେ ବିପୁଳ ସମ୍ବର୍ଦ୍ଧନା ସହ ସ୍ୱାଗତ ଜଣାଇଥିଲେ। ବାରକୋଟ ବ୍ଲକର ଥିଆନାଳ ଠାରେ ସ୍ୱାଗତ ସମାରୋହରେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରିଆମାଳ ବ୍ଲକ ସେଣ୍ଠାଠାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକ ବିଲୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରିଆ,ବାରକୋଟ ବିଡ଼ିଓ ଆକାଶ କୁମାର ସାହୁ ଉପସ୍ଥିତ ଥିଲେ। ରିଆମାଳ ଓ ବାରକୋଟ ବ୍ଲକର ପ୍ରତି ଗ୍ରାମପଞ୍ଚାୟତ ଓ ବିଦ୍ୟାଳୟକୁ ଅହିଂସା ରଥ ପରିଭ୍ରମଣ କରିଥିଲା।

## ବିଷାକ୍ତ ଛତୁ ଖାଇ ପରିବାରର ୭ ଗୁରୁତର


ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ଦେବଗଡ଼, ୨୨।୮(ଡି.ଏନ୍.ଏ.)

ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଛେପିଲିପାଲି ଗ୍ରାମରେ ସୋମବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୭ ମହିଳା ଓ ପୁରୁଷ ଗୁରୁତର ହୋଇପଡିଛନ୍ତି। ସେମାନେ ହେଲେ ଗ୍ରାମର ରମେଶ ମହାନନ୍ଦଙ୍କ ସମେତ ତାଙ୍କ ସ୍ତ୍ରୀ କେରା ମହାନନ୍ଦ, ହୃଷି ମହାନନ୍ଦ, ଅଞ୍ଜନା ଭୋଜ, ପଲ୍ଲୀ ଭୋଜ, ଚଇତୁ ଭୋଜ, ବୁଲୁ ଭୋଜ। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଅପରାହ୍ଣରେ ବାଉଁଶ ଗଛ ମୂଳରେ ହୋଇଥିବା ଛତୁ ସଂଗ୍ରହ କରିବା ପରେ ରୋଷେଇ କରି ପରିବାରର ସମସ୍ତେ ଖାଇଥିଲେ। କିଛି ସମୟ ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଅଣାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବ୍ରାହ୍ମଣ ସମାଜ ଦ୍ୱାରା ନବାନ୍ନ ଭକ୍ଷଣ ଲଗ୍ନ ନିରୂପଣ

ବଡ଼ଗାଁ, ୨୨।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଅନୁଶୀଳନ ବ୍ରହ୍ମପୁରା ସମାଜ ଆନୁକୂଲ୍ୟରେ ଗୌନ୍ତିଆ ପ୍ରକାଶ ପାଣିଗ୍ରାହୀଙ୍କ ଉପସ୍ଥିତିରେ ନବାନ୍ନ ଭକ୍ଷଣ ଲଗ୍ନ ନିରୂପଣ ଓ ଅନ୍ୟାନ୍ୟ ବାର୍ଷିକ ପୂଜା ଅନୁଷ୍ଠାନ ତିଥି ଦିବସ ଧାର୍ଯ୍ୟ କରିବା ପାଇଁ ଏକ ସଭା ସୋମବାର ଜଗନ୍ନାଥ ମନ୍ଦିର ମୁଖଶାଳାରେ ଅନୁଷ୍ଠିତ ହୋଇଯାଇଛି। ସମବେତ ପଣ୍ଡିତ ସପ୍ନେଶ୍ୱର୍ ନାୟକ, ନରୋତ୍ତମ ବିଶି, ଦିବ୍ୟଲୋଚନ ମିଶ୍ରଙ୍କ ଦ୍ୱାରା ଗଣନା ଅନୁସାରେ ବାର୍ଷିକ ପର୍ବପର୍ବାଣୀ ସୂଚୀ ପ୍ରସ୍ତୁତ କରାଯାଇଛି। ସେ ଅନୁଯାୟୀ ଆସନ୍ତା ୧ ତାରିଖ ଗୁରୁବାର ୧୦ଟା ୧୨ ମିନିଟ ଗତେ ୧୧ ଟା ୮ ମଧ୍ୟେ ତୁଳା ଲଗ୍ନେ ନବାନ୍ନ ଭକ୍ଷଣ, ୧୭ତାରିଖ ଶନିବାର ପୁଅ ଜିଉତିଆ ଓ ବିଶ୍ୱକର୍ମା ପୂଜା, ଅକ୍ଟୋବର ୨ତାରିଖ ଭାଇ ଜିଉତିଆ, ୪ ତାରିଖ ବିଜୟା ଦଶମୀ, ୯ ତାରିଖ ଗଜଲକ୍ଷ୍ମୀ ପୂଜା, ୨୪ ତାରିଖ ଦୀପାବଳୀ ଓ କାଳୀପୂଜା ଦିବସ ନିରୂପଣ କରାଯାଇଛି।

## ଜିଲାପାଳଙ୍କ ସହ ଆଲୋଚନା କଲେ ବିଧାୟିକା କୁସୁମ

ସୁନ୍ଦରଗଡ଼,୨୨।୮(ଡି.ଏନ.ଏ.)

ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ଆଲୋଚନା କରିଛନ୍ତି। ଶିକ୍ଷିତ ବେକାର ଯୁବତୀଯୁବକଙ୍କ ନିଯୁକ୍ତି ବ୍ୟବସ୍ଥା, ସୁନ୍ଦରଗଡରୁ ଡୁଡୁକା ରାସ୍ତାର ଅସ୍ଥାୟୀ ମରାମତି ପରିବର୍ତ୍ତେ ନୂତନ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର, ହିତାଧିକାରୀଙ୍କୁ ଠିକ ସମୟରେ ଭତ୍ତା ବଣ୍ଟନ, ଲଗାଣ ବର୍ଷାରେ କ୍ଷୟକ୍ଷତିର ଆକଳନ କରାଯାଇ ଗରିବ ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବାକୁ ବିଧାୟିକା ଦାବି କରିଛନ୍ତି। ସେହିପରି ସୁନ୍ଦରଗଡ ସହରର ଡ୍ରେନେଜ ବ୍ୟବସ୍ଥାର ଉନ୍ନତି, ଲେଫ୍ରିପଡା, ଟାଙ୍ଗରପାଲି ଓ ସଦର ବ୍ଲକରେ ଶୋଚନୀୟ ରାସ୍ତାଘାଟର ମରାମତି ଓ ଉନ୍ନତି ନିମନ୍ତେ ଡିଏମଏଫ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ କରାଯିବା ସହ ସ୍ୱତନ୍ତ୍ର କୋଲ କରିଡର୍ ଓ ରିଙ୍ଗ ରୋଡ କାର୍ଯ୍ୟ ଯଥାଶୀଘ୍ର କରିଯିବା ପାଇଁ ଦାବି କରିଥିଲେ।


ବିଧାୟିକା କୁସୁମ ଟେଟେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ଆଲୋଚନା କରୁଛନ୍ତି।

## ଉତ୍କଳ କରାଟେ ସ୍କୁଲ ସୁନ୍ଦରଗଡ ଶାଖାର ବେଲ୍ଟ ପରୀକ୍ଷା


ବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ୧୦୩ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୨୨।୮(ଡି.ଏନ.ଏ.)

ରବିବାର ସ୍ଥାନୀୟ ଭବାନୀ ଭବନ ପଡିଆସ୍ଥିତ ଜିମନାସିୟମ ହଲରେ ଉତ୍କଳ କରାଟେ ସ୍କୁଲ ସୁନ୍ଦରଗଡ ଶାଖାର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ସୁକୋକାଇ କରାଟେ ଭାରତ ମୁଖ୍ୟ ହନସାଇ ଡଃ ହରି ପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୬ଷ୍ଠ ଡନ ବ୍ଲାକ ବେଲ୍ଟ ସେନସାଇ ଖାରବେଳ ମଲିକ ଓ ସୁନ୍ଦରଗଡ଼ ଶାଖାର ମୁଖ୍ୟ ୪ର୍ଥ ଡନ ବ୍ଲାକ ବେଲ୍ଟ ସେନସାଇ ଗଣେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବେଲ୍ଟ ପରୀକ୍ଷାରେ ୧୦୩ ଜଣ ଅଂଶଗ୍ରହଣ କରିଥିଲେ। ଏମଧ୍ୟରୁ ବ୍ଲୁ ବେଲ୍ଟରେ ୧୭ଜଣ, ଗ୍ରିନ ବେଲ୍ଟରେ ୧୪ଜଣ, ଅରେଞ୍ଜ ବେଲ୍ଟରେ ୨୫ ଜଣ, ୟୋଲୋ ବେଲ୍ଟରେ ୪୭ ଜଣ କୃତୀତ୍ୱ ହାସଲ କରିଛନ୍ତି। ଅଦିତି ରାନି ଗୁପ୍ତା, ଆଦିତ୍ୟ ରାଜ ଗୁପ୍ତା, ସାଇ ସମ୍ଭବ ନାଏକ, ଚନ୍ଦନ ଛତ୍ରାନ, ଗୌରବ ପରିଡା, ଭାର୍ଗବ ପଟେଲ, ଅଭିନବ ବାର୍ଲା, ବ୍ରାଉନ ବେଲ୍ଟ ପାଇଥିଲେ। ସୁନ୍ଦରଗଡ ଶାଖାର ସଭାପତି ଦେବାଶୀଷ କବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବେଲ୍ଟ ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟିକା କୁସୁମ ଟେଟେ ଓ ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ବେଲ୍ଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଦୁଷ୍ମନ୍ତ ନାଏକ, ରାକେଶ ଧର ଦେଓ, ସାକିଆ ପରବିନ, ସସ୍ମିତା ରାଣି ପଣ୍ଡା ଓ ତୁଷାର ବେହେରା ସହଯୋଗ କରିଥିଲେ।

# ସିବିଆଇ ତଦନ୍ତ ଦାବି, ଭବାନୀପାଟଣା ବନ୍ଦ



ବହୁଜନ ଛାତ୍ର ସଂଗଠନ ପକ୍ଷରୁ ଭବାନୀପାଟଣା ବନ୍ଦ କରାଯାଇଛି।

## ଛାତ୍ରୀ କନକ ନିଆଳ ମୃତ୍ୟୁ ଘଟଣା

### ବହୁଜନ ଛାତ୍ର ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା,୨୨।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଘୋଟିଆ ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ କନକ ନିଆଳଙ୍କ ଗତ ୧୬ ତାରିଖରେ ସନ୍ଦେହଜନକ ମୃତ୍ୟୁ ନେଇ ଜିଲାରେ ଏବେ ଆଲୋଡନ ସୃଷ୍ଟି ହୋଇଛି। ଛାତ୍ରୀଙ୍କ ମୃତ ଅବସ୍ଥାର ଏକ ଭାଇରାଲ ଫୋଟୋରେ ପାଦ ମାଟି ସହିତ ଲାଗି ରହିଥିବାରୁ ଏହା ଆତ୍ମହତ୍ୟା ନୁହେଁ ବରଂ ସୁପରିକଳ୍ପିତ ହତ୍ୟାକାଣ୍ଡ। ଏଣୁ ଏହାର ସିବିଆଇ ତଦନ୍ତ ଦାବି କରି ସୋମବାର କଳାହାଣ୍ଡି ବହୁଜନ ଛାତ୍ର ସଂଗଠନ ପକ୍ଷରୁ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏଁ ଭବାନୀପାଟଣା ବନ୍ଦ ପାଳନ କରାଯାଇଥିଲା। ବରଗଡ଼-ବୋରିଗୁମା ଜାତୀୟ ରାଜପଥ ୨୬ ଅବରୋଧ କରାଯାଇଥିଲା। ଫଳରେ ଦୀର୍ଘ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଅଲ ଓଡିଶା ସିଡ୍ୟୁଲ୍ଡକାଷ୍ଟ ଫେଡେରେଶନର ତତ୍ତ୍ୱାବଧାନରେ ବହୁଜନ ଛାତ୍ର ସଂଗଠନ ଡାକରାକୁ ଭୀମ ଆର୍ମି, ବିଏସପି, ବିଏମପି ତଥା ଅନ୍ୟାନ୍ୟ ସଂଗଠନ ସମର୍ଥନ କରିଥିଲା। ଏକ ଶୋଭାଯାତ୍ରାରେ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆନ୍ଦୋଳନରେ ବହୁଜନ ଛାତ୍ର ସଙ୍ଗଠନର ରମାକାନ୍ତ ନାଏକ, ପ୍ରିୟଙ୍କା ବେମାଲ, ସିନ୍ଧୁ ବାଗ, ଦିଶା କାନ୍ତ, ନିକି କାନ୍ତ, ତ୍ରିଲୋଚନ ସୁନାନୀ, ଝିଲି ମହାନନ୍ଦ, ତପସିନୀ ଦୁର୍ଗା, ଲୋଚନ ମଙ୍ଗରାଜ, ଗଙ୍ଗାଧର ମହାନନ୍ଦ, ଶିକାନ୍ତ ନାଏକ, ଅଲ ଓଡିଶା ସିଡ୍ୟୁଲ୍ଡକାଷ୍ଟ ଫେଡେରେଶନ ସଭାପତି ଧନଞ୍ଜୟ ଦୀପ, ମହାସଚିବ ଜତିନ୍ଦ୍ର କର, ସୁର୍ଯ୍ୟ କୁମାର, ବିଏସପିରୁ ଦେବେନ୍ଦ୍ର ନାଏକ, ପ୍ରୁଥିରାଜ ଛତ୍ରିଆ, ବିଏମପିରୁ କମଳିଣୀ ଯାଦବ, ଅଞ୍ଜୁ କୁମାର, ନିରଞ୍ଜନ ନାଏକ, ଋଷିସୁଦନ ଛତ୍ରପାଲ ପ୍ରମୁଖ ସାମିଲଥିଲେ। ଯଦି ଛାତ୍ରୀ କନକ ନିଆଳ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୫ ଦିନ ତଳେ ଘୋଟିଆ ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ କନକ ସ୍କୁଲକୁ ଯାଇ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ଝିଅର କୌଣସି ସନ୍ଧାନ ସେମାନେ ପାଇ ନ ଥିଲେ। ତା ପରଦିନ ଗାଁର କିଛି ଲୋକ ନିକଟ ଜଙ୍ଗଲରେ ନାବାଳିକାର ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଓ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଏକ ଆତ୍ମହତ୍ୟା ବୋଲି କଳାହାଣ୍ଡି ଏସ୍‌ପି ଟୁଇଟ ଯୋଗ ସୂଚନା ଦେଇଥିଲେ। ସେପଟେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ପୋଲିସରେ ଅଭିଯୋଗ କରାଯାଇଛି।

## ଜଣେ କୋର୍ଟ ଚାଲାଣ, ଜାମିନ ନାମଞ୍ଜୁର

**ଗୋଲାମୁଣ୍ଡା,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଘୋଟିଆ ଗ୍ରାମର ସ୍କୁଲ ଛାତ୍ରୀ କନକ ନିଆଲ ମୃତ୍ୟୁ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁରଜ ହଂସ। ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ଅଭିଯୋଗରେ ପୋଲିସ ୩୦୬ ଦଫାରେ ଗିରଫ କରି ତାଙ୍କୁ କୋର୍ଟ ଚଲାଣ କରିଥିବା ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି ବୋଲି ଗୋଲାମୁଣ୍ଡା ଥାନାଧିକାରୀ ଯୁଗଳ ଶବର ପ୍ରକାଶ କରିଛନ୍ତି। ବଳାତ୍କାର ପରେ ଝିଅଙ୍କୁ ହତ୍ୟା କରାଯାଇଛି ବୋଲି ପରିବାରବର୍ଗ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏତଲା ଆଧାରରେ ସନ୍ଦେହରେ ପୋଲିସ ୩ଜଣଙ୍କୁ ଅଟକ ରଖି ୩୦୨, ୩୪ ଆଇପିସି ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିଲା। ଶେଷ ମୁହୂର୍ତ୍ତରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଚିକିତ୍ସା ଅଭାବରୁ ଚିକିତ୍ସା ଅଧିକାରୀଙ୍କ ମୃତ୍ୟୁ

**ଖଡ଼ିଆଳ,୨୨।୮(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୋଜପୁର ପଞ୍ଚାୟତ ଝିଣ୍ଡ୍ରିଧୋଡା ଗ୍ରାମର ଜଣେ ଚିକିତ୍ସା ଅଧିକାରୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ମୃତକ ହେଲେ କାଦମ୍ବିନୀ ସିପଲ୍ପା (୨୮)। ସୂଚନାମତେ ଝିଣ୍ଡ୍ରିଧୋଡା ଗ୍ରାମର ସୁକେଶ ତାଣ୍ଡି ୨ ବର୍ଷ ତଳେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ସାଲେପଡ଼ା ଗ୍ରାମର କାଦମ୍ବିନୀଙ୍କୁ ବିବାହ କରିଥଲେ। ସେ ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ରୋକାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟରତ ଥିଲେ। କାଦମ୍ବିନୀ ଗର୍ଭବତୀ ହୋଇ ନିଜର ସାମର୍ଥ୍ୟ ଅନୁସାରେ ଦାୟିତ୍ୱ ତୁଲଉଥିଲେ। ତାଙ୍କର ଚିକିତ୍ସା ପାଇଁ ପରିବାର ଲୋକେ ପ୍ରଥମେ କଣ୍ଟାବାଞ୍ଜି, ଖଡ଼ିଆଳ ମିଶନ ହସ୍ପିଟାଲ, ନୂଆପଡ଼ା ଓ ବୁର୍ଲାରେ ଭର୍ତ୍ତି କରିଥିଲେ। ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ବରଗଡ ବିକାଶ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କାଦମ୍ବିନୀ ଏକ ପୁତ୍ର ସନ୍ତାନ ଜନ୍ମ କରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ନବଜାତ ଶିଶୁପୁତ୍ର ବିକାଶ ଚିକିତ୍ସାଳୟର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

### ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସମ୍ମାନିତ

**ନୂଆପଡ଼ା ଅଫିସ,୨୨।୮:** କଂଗ୍ରେସ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ଦ୍ୱାରା ବାରମ୍ବାର ସମନକୁ ବିରୋଧ କରି ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟ ଘେରାଉ ବେଳେ ପୋଲିସ କଂଗ୍ରେସ ଯୁବ ନେତା ଓ କର୍ମୀମାନଙ୍କୁ ଗିରଫ କରିଥିଲା। ଜାମିନ ମଞ୍ଜୁର ପରେ ପୋଲିସ ସେମାନଙ୍କୁ ହାଜତରୁ ଛାଡିଥିଲେ। ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀନିବାସ ବିଭି ନେତୃତ୍ୱରେ ତାଲକୋଟରା ଷ୍ଟାଡିୟମରେ ଅନୁଷ୍ଠିତ ରାଜୀବ ଏକ ସଂକଳ୍ପ କାର୍ଯ୍ୟକ୍ରମରେ ଗିରଫ ହୋଇଥିବା ନେତା, କର୍ମୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆପଡା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ନୂଆପଡା କଂଗ୍ରେସ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ହୋଟେଲ ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ଶର୍ମାଙ୍କ ପରଲୋକ

**ବଲାଙ୍ଗୀର ଅଫିସ,୨୨।୮:** ବଲାଙ୍ଗୀର ତେଲିଗୋଠପଡା ନିବାସୀ ହୋଟେଲ ବ୍ୟବସାୟୀ ଈଶ୍ୱର ଚନ୍ଦ୍ର ଶର୍ମା (୭୪)ଙ୍କ ରବିବାର ରାତିରେ ପରଲୋକ ହୋଇଛି। ସ୍ୱର୍ଗତ ଶର୍ମା ସହରର ଏଡିବି ବ୍ୟାଙ୍କ ନିକଟସ୍ଥ ଶର୍ମା ହୋଟେଲର ମାଲିକ ଥିଲେ। ଅସୁସ୍ଥତା ଯୋଗୁ ଗତ କିଛି ସମୟ ଧରି ସେ ଶଯ୍ୟାଶାୟୀ ଥିଲେ।



ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଶର୍ମାଙ୍କ ପତ୍ନୀ, ପୁତୁରା ଦିନେଶ ଶର୍ମା ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ଶର୍ମାଙ୍କ ବଡପୁଅ ସତୀଶ ଶର୍ମା ମୁଖାଗ୍ନି ଦେଇଥିଲେ।

## ଡିବିଟି ମାଧ୍ୟମରେ ୩୬୬ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

### ଜୁନାଗଡ଼ ବ୍ଲକ୍



ବିଧାୟକ ଡିବିଟି ମାଧ୍ୟମରେ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

**ଜୁନାଗଡ,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ବ୍ଲକର ୩୪ଟି ପଞ୍ଚାୟତର ୩୬୬ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି (ଇ ଟ୍ରାନ୍ସଫର) ମାଧ୍ୟମରେ ସିଧାସଳଖ ଭାବେ ୪ ଲକ୍ଷ ୩୮ ହଜାର ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ବ୍ଲକ ସରପଞ୍ଚ ସଂଘ ସଭାପତି ତାରା ଶଙ୍କର ରାୟଗୁରୁ, କଲେଇ ଗାଁ ସରପଞ୍ଚ ମଳୟ ରଞ୍ଜନ ଆଚାର୍ଯ୍ୟା, ଚିଚୈଗୁଡା ସରପଞ୍ଚ ପରମେଶ୍ୱର ମେହେର, ବଳଦିଆମାଳ ସରପଞ୍ଚ ଅର୍ଚ୍ଚନା ମେହେର, ଭଇଁରୀଗୁଡା ସରପଞ୍ଚ ବିଣାପାଣୀ କନ୍ଦପାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ବିଏସଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ।

## ୨ ସନ୍ଦିଗ୍ଧଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ଭବାନୀପାଟଣା,୨୨।୮(ସ୍ୱ.ପ୍ର.)**

କଳାହାଣ୍ଡିରେ ଥମୁ ନାହିଁ ଚୋରି ଡକାୟତିର ଭୟ। ଗତ ୧୫ ଦିନ ମଧ୍ୟରେ କଳାହାଣ୍ଡି ପୋଲିସ ଦୁଇ ଗୋଷ୍ଠୀର ୧୨ ଡକାୟତଙ୍କୁ ମଧ୍ୟ ଗିରଫ କରିଛି। ଏହାସତ୍ତ୍ୱେ ମଧ୍ୟ ଲୋକଙ୍କ ମଧ୍ୟରେ ଚୋରି ଭୟ ଲାଗି ରହିଛି। ଏଭଳିସ୍ଥଳେ ରବିବାର ବିଳମ୍ବିତ ରାତିରେ ଜୟପାଟଣା ଥାନା ରଣମାଲ ନିକଟସ୍ଥ ଭୁର୍ଷିଗୁଡା ଗ୍ରାମର ଯୁବକମାନେ ପହରା ଦେଉଥିବା ବେଳେ ୨ ସନ୍ଦିଗ୍ଧ ଯୁବକ ଖଣ୍ଡା ଓ ତରୁଆଲ ଧରି ଗାଁ ଭିତରକୁ ପଶି ଆସିଥିଲେ। ଏହି ସମୟରେ ଗ୍ରାମର ଯୁବକମାନେ କୌଶଳକ୍ରମେ ସେମାନଙ୍କୁ କାବୁ କରି ଗୋଟିଏ କୋଠରୀରେ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଜୟପାଟଣା ଥାନାଧିକାରୀ ବାସୁଦେବ ଛତ୍ରିଆଙ୍କ ପରାମର୍ଶରେ ସବ୍‌ଇନିସପେକ୍ଟର ବିପିନ କୁମାର ଜରିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ୨ ସନ୍ଦିଗ୍ଧଙ୍କୁ ନିଜ ଜିମାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ୨ ସନ୍ଦିଗ୍ଧ ଯୁବକ ଜୟପାଟଣା ଅଞ୍ଚଳର ଓ ସେମାନେ ନିକଟସ୍ଥ କାଶିବାହାଲ ଗ୍ରାମକୁ କୌଣସି କାମରେ ଯାଉଥିବା ନେଇ ସୂଚନା ଦେଇଛନ୍ତି। ହେଲେ ବିଳମ୍ବିତ ରାତିରେ ଖଣ୍ଡା ଓ ତରୁଆଲ ଭଳି ମାରଣାସ୍ତ୍ର କେଉଁ ଉଦ୍ଦେଶ୍ୟରେ ଧରି ଯାଉଥିଲେ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


୨ ସନ୍ଦିଗ୍ଧ ଯୁବକ।

## ସ୍ୱାସ୍ଥ୍ୟ ସ୍ଥିତି ଅନୁଧ୍ୟାନ କଲେ ଉପଜିଲାପାଳ


ଝାଡ଼ାବାନ୍ତି ଆକ୍ରାନ୍ତ ଗାଁର ସ୍ଥିତି ଅନୁଧ୍ୟାନ କରୁଛନ୍ତି ଉପଜିଲାପାଳ।

### ଟିର୍ଲିଆମ ଗାଁରେ ଝାଡ଼ାବାନ୍ତି ବ୍ୟାପିବା ଘଟଣା

**କୋକସରା,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଦୁର୍ଗମ ତଥା ଅପହଞ୍ଚ ଟିର୍ଲିଆମ ଗ୍ରାମରେ ୧୮ ଓ ୧୯ ତାରିଖରେ ଝାଡ଼ାବାନ୍ତିରେ ୬ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିଲେ। ଏହି ଖବର ପାଇ କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ତତ୍ତ୍ୱଦର୍ଶୀ ଦାସଙ୍କ ସମେତ ମେଡିକାଲ ଟିମ ପ୍ରଭାବିତ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା କରିବା ପରେ ସ୍ଥିତିରେ ସୁଧାର ଆସିଥିଲା। ଏ ନେଇ ଖବର ପ୍ରସାରଣ ପରେ ସ୍ଥିତି ଅନୁଧ୍ୟାନ କରିବାକୁ ସୋମବାର ଜଙ୍ଗଲ ରାସ୍ତାର ଏକ ନାଳରେ ଆଣ୍ଠୁଏ ପାଣିରେ ପ୍ରାୟ ୩ କି.ମି. ଚାଲି ଧର୍ମଗଡ ଉପଜିଲାପାଳ ପି. ସଚିନ ପ୍ରକାଶ ପ୍ରଭାବିତ ଗାଁରେ ପହଞ୍ଚିଥିଲେ। ଏଥିରେ ଉପଜିଲାପାଳଙ୍କ କୋକସରା ତହସିଲଦାର ରାକେଶ ପରୁଆ, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଅର୍କ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଶୁଭେନ୍ଦୁ ପଣ୍ଡା, କୃଷ୍ଣ କାଣ୍ଡ, କ୍ଷୀରୋଦ ବାଗ ଓ ଆମପାଣି ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ ପ୍ରଭାବିତ ଗାଁକୁ ଯାଇଥିଲେ। ଗାଁ ପରିବେଶ ସହ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ତେବେ ବର୍ତ୍ତମାନ ସମସ୍ତ ଆକ୍ରାନ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଥିବା ଓ ଗ୍ରାମରେ କେହି ଆକ୍ରାନ୍ତ ନ ଥିବା ଜଣାପଡିଛି। ଏହାସହ ଗାଁରେ ରହୁଥିବା ଜନଜାତିଙ୍କୁ ପ୍ରଶାସନିକ ଅଧିକାରୀମାନେ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରିଛନ୍ତି। ଗାଁରେ ଥିବା ନଳକୂପକୁ ବିଶୋଧନ କରାଯାଇଛି। ଆଣ୍ଠୁଏ ପାଣିରେ ନାଳ ପାର ହୋଇ ୩ କି.ମି. ଚାଲି ଯାଇ ଟିର୍ଲିଆମ ଗାଁକୁ ଉପଜିଲାପାଳଙ୍କ ପରିଦର୍ଶନ ସାଧାରଣରେ ପ୍ରଶଂସା କରାଯାଇଛି।

## ଲାଞ୍ଜିଗଡ଼, ଜଗନ୍ନାଥପୁର ରାସ୍ତାରେ ଗର୍ତ୍ତ

### ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା

**ଲାଞ୍ଜିଗଡ଼,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଅନେକ କ୍ଷୟକ୍ଷତି ଘଟିଛି। ଲାଞ୍ଜିଗଡ ବନ୍ଧପାରୀକୁ ସଂଯୋଗ କରୁଥିବା ରାସ୍ତା ଲେପଟାଗୁଡା ନିକଟରେ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ଲାଞ୍ଜିଗଡଠାରୁ ବନ୍ଧପାରୀ, ମୁଷାନାଳ ଆଦି ଅଞ୍ଚଳକୁ ସିଧାସଳଖ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ଲାଞ୍ଜିଗଡଠାରୁ ଜଗନ୍ନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବଂଶଧାରା ନଦୀ ପୋଲ ରାସ୍ତା କଡରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତାଦେଇ ଯାତାୟାତ କରୁଥିବା ଭାରିଯାନଗୁଡିକ ପାଇଁ ସମସ୍ୟା ସୃଷ୍ଟି କରିଛି। ରାସ୍ତାର ତଳପଟେ ସୁ ଭଳି ହେଇଯାଇଛି ଏବଂ ରାସ୍ତା କେତେବେଳେ ଦବିଯିବ କହି ହେବନାହିଁ। ଏହି ରାସ୍ତା ଦେଇ ତ୍ରୀଲୋଚନପୁର, ବିଜେପୁର ତଥା ରାୟଗଡା ଜିଲା କଲ୍ୟାସିଂପୁର ବ୍ଲକକୁ ସିଧାସଳଖ ଯୋଗାଯୋଗ ଥିବା ବେଳେ ବେଦାନ୍ତ ଷ୍ଟାଫ କଲୋନୀ, ବେଦାନ୍ତ ଡିଏଭି ଇଣ୍ଟନ୍ୟାଶନାଲ ସ୍କୁଲ ରହିଛି। ଏହି ରାସ୍ତା କଡରେ ଖାଇ ସୃଷ୍ଟି ହେବା ସହିତ ଧୀରେ ଧୀରେ ଏହା ରାସ୍ତାକୁ ନଷ୍ଟ କରୁଛି। ଫଳରେ ଏହି ରାସ୍ତା ଦେଇ ଚାରିଚକିଆ ଯାନ, ଭାରିଯାନ ଓ ସ୍କୁଲବସଗୁଡିକ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଏହାର ସ୍ଥାୟୀ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।


ବଂଶଧାରା ନଦୀ ପୋଲ ରାସ୍ତା କଡରେ ଗର୍ତ୍ତ ସୃଷ୍ଟି ହୋଇଛି।

## ବର୍ଷା କ୍ଷୟକ୍ଷତି ନେଇ ଅଭିଯୋଗ ଦାଖଲ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

**ଲାଞ୍ଜିଗଡ଼,୨୨।୮(ଡି.ଏନ.ଏ.)**



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ପ୍ରଥମ ଥର ବ୍ଲକରେ ଅଭିଯୋଗ ଶୁଣାଣିରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ବ୍ଲକର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଭିଡ ଜମିଥିଲା। କିଛିଦିନ ହେଲା ବ୍ଲକରେ ବର୍ଷା କମିଥିଲେ ମଧ୍ୟ ଲୋକଙ୍କ ସମସ୍ୟା ସୁଧୁରିନି। ବ୍ଲକରେ ଲଗାଣ ବର୍ଷାରେ ଅନେକ କ୍ଷୟକ୍ଷତି ଘଟିଛି। ଚାଷଜମିରେ ବାଲିଚର ହେବା ଦ୍ୱାରା ଚାଷ କାମରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ଅନେକ ଗରିବଙ୍କ ଘର ଭାଙ୍ଗି ଯାଇ ରହିବା ପାଇଁ ଜାଗା ନାହିଁ। ସେମାନେ ଅନ୍ୟ ଲୋକଙ୍କ ଘରେ ଆଶ୍ରୟ ନେଇଛନ୍ତି। ଏଭଳି କି ପ୍ରଶାସନ ପକ୍ଷରୁ ପୋଲିଥିନ ମଧ୍ୟ ମିଳିପାରି ନାହିଁ। ଏଭଳି ବର୍ଷାଜନିତ କ୍ଷୟକ୍ଷତି ସଂକ୍ରାନ୍ତ ଅଭିଯୋଗ ବହୁମାତ୍ରାରେ ହୋଇଛି। ପଞ୍ଚାୟତର ଉନ୍ନତିକରଣ ପାଇଁ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଗ୍ରାମରୋଜଗାର ସେବକ, ଯୋଗାଣ ସହାୟକ ନିଯୁକ୍ତ ଅଛନ୍ତି, ହେଲେ ସେମାନଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଉନ୍ନୟନ କାମରେ ବାଧାସୃଷ୍ଟି ହେଉଥିବା ନେଇ ମଧ୍ୟ ଜିଲାପାଳଙ୍କଠାରେ କେତେଜଣ ସରପଞ୍ଚ ଅଭିଯୋଗ କରିଥିଲେ। ସେହିଭଳି ବ୍ଲକରେ ରହିଥିବା ଅନେକଗୁଡିଏ ଅପହଞ୍ଚ ଗାଁରେ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ବ୍ଲକର ୨୬ଟି ପଞ୍ଚାୟତରେ ଆଜି ମଧ୍ୟ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇବାରୁ ଅନେକ ଲୋକ ବଞ୍ଚିତ ରହିଛନ୍ତି। ଏହିଭଳି ଅନେକଗୁଡିଏ ଅଭିଯୋଗପତ୍ର ଦାଖଲ ହୋଇଥିବା ବେଳେ ମୋଟ ୪୫୦ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣିରେ ଜିଲାର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବିଭିନ୍ନ ଅଭିଯୋଗ ଲୋକଙ୍କଠାରୁ ଶୁଣିଥିଲେ। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ସଭାପତିତ୍ୱରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭିଯୋଗ ଶୁଣାଣିରେ ଏସ୍‌ପି ଅଭିଲାଷ ଜି, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ପଟେଲ, ଉପଜିଲାପାଳ ବିଶ୍ୱରଞ୍ଜନ ଦାସ, ପିଏ ଆଇ ଟିଡିଏବିରଞ୍ଚି ନାରାୟଣ ଦରୱାନ, ସିଡିଏମଓ ରଞ୍ଜନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବିଡିଓ ବିଭୁତି ଭୁଷଣ ଶତପଥି, ଯନ୍ତ୍ରୀ ପୀତାମ୍ବର ହେମରମ୍, ସ୍ମିତା ବିଶ୍ୱାଳ, ଯୋଗାଣ ସହାୟକ ଦେବିଲାଲ ସାହୁ, ଗ୍ରାମ ରୋଜଗାର ସେବକ ଭଗବତ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡୁଡୁକିଝରିଆ ଜଙ୍ଗଲରେ ଗଳିତ ମୃତଦେହ

ପାଇକମାଲ,(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ଥାନା ଡୁଡୁକିଝରିଆ ଜଙ୍ଗଲରେ ପୋଲିସ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୁଣ୍ଡ ସମ୍ପୂର୍ଣ୍ଣ ଗଳିତ ହୋଇ ଖପୁରୀ ଦେଖାଯାଉଛି। ତେବେ ମୃତଦେହ ଚିହ୍ନଟ ହୋଇପାରିନାହିଁ। ମାଜିଷ୍ଟ୍ରେଟ ଓ ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ପାଇକମାଲ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୨) ରୁଜୁ କରି ତଦନ୍ତ କରୁଛି ବୋଲି ଆଇଆଇସି ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭେଡ଼ଁରିଆ ଛକ ରାସ୍ତା ମରଣଯନ୍ତା



ପଦ୍ମପୁର,୨୨।୮(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ସହର ଆଖପାଖ ଅଞ୍ଚଳର ବାଣିଜ୍ୟ ପେଣ୍ଠସ୍ଥଳୀ ଅଟେ। ଦୈନିକ ବହୁ ଲୋକ ଏହି ସହରକୁ ଆବଶ୍ୟକ ଜିନିଷ କିଣିବାକୁ ଆସିଥାନ୍ତି। ଗ୍ରାମାଞ୍ଚଳର ଲୋକମାନେ କୋର୍ଟ, କଚେରୀ ଏବଂ ଡାକ୍ତରଖାନାକୁ ଆସନ୍ତି। କିନ୍ତୁ ପଦ୍ମପୁର ଭେଡ଼ଁରିଆ ଛକ ନିକଟରେ ପଦ୍ମପୁରରୁ ପାଟଣାଗଡକୁ ସଂଯୁକ୍ତ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଯାନବାହନ ଚଳାଚଳରେ ବାଧା ଉପୁଜୁଛି। ଖାଲ ଢିପ ହୋଇ ବର୍ଷାଜଳ ଜମିଥିବାରୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ହେଉଛି। ସ୍ଥାନୀୟ ପ୍ରଶାସନ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

### ପାଇକମାଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପାଇକମାଳ,୨୨।୮(ଡି.ଏନ.ଏ.): ବରଗଡ ଜିଲା ପାଇକମାଳରେ ଆସନ୍ତା ସାର୍ବଜନୀନ ଦୁର୍ଗାପୂଜା ପାଇଁ ସୋମବାର ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଇନ୍ଦ୍ରଜିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ପୂଜା ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ସୁଶାନ୍ତ ନାଗ ସଭାପତି, ମହେଶ ଅଗ୍ରୱାଲ ଉପ ସଭାପତି, ଇନ୍ଦ୍ରଜିତ ଭୋଇ ସମ୍ପାଦକ, ଆକାଶ ପାଣିଗ୍ରାହୀ ସହ ସମ୍ପାଦକ, ରାଜେଶ ଅଗ୍ରୱାଲ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ଏଥିସହିତ ଏକ ଉପଦେଷ୍ଟା କମିଟି ଗଠନ କରାଯାଇଛି। ଦଶହରା ନବ ଦୁର୍ଗାପୂଜାରେ ମାଁଙ୍କ ପୂଜାର୍ଚ୍ଚନା ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇଥିଲା। ଶେଷରେ ସରୋଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟ, ସୁସ୍ଥତା ତାଲିମ ଶିବିର ଉଦ୍‌ଘାଟିତ

ଜାମଟିକ୍ରା, ୨୨।୮(ଡି.ଏନ.ଏ.): ଅତାବିରା ବ୍ଲକ ଗୋଡଭଗା ଜନତା ହାଇସ୍କୁଲରେ ଆୟୁଷ୍ମାନ ଭାରତ ତରଫରୁ ସୋମବାର ପାଞ୍ଚ ଦୁନିଆ ସ୍ୱାସ୍ଥ୍ୟ ଓ ସୁସ୍ଥତା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଅତାବିରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରବିନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ସାଧନକର୍ମୀ ହୀରାଲାଲ ମେହେର, ଓକିଲ ପ୍ରଧାନ, ପ୍ରମୋଦ ଗଡତିଆ, ବୀରେନ୍ଦ୍ର କୁମାର ଭୋଇ ଓ ଡଃ ମିଲି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ୩୦ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଶିବିରରେ ଗୋଷ୍ଠୀ କାର୍ଯ୍ୟ ପରିଚାଳକ ସୁଧାଂଶୁ ପ୍ରଧାନ ତାଲିମ ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଶିବିର ଶୁକ୍ରବାର ଉଦ୍‌ଯାପନ ହେବ ବୋଲି ଜଣାପଡିଛି।

### ଶଙ୍କରା ହାଇସ୍କୁଲରୁ ଚୋରି, ପୋଲିସ ତନାଘନା

ସୋନପୁର, ୨୨।୮(ନି.ପ୍ର): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କର ହାଇସ୍କୁଲରୁ ରବିବାର ରାତିରେ କିଛି ସାମଗ୍ରୀ ଚୋରି ହୋଇଥିବା ନେଇ ସ୍କୁଲର ପ୍ରଧାନଶିକ୍ଷକ ବିନିକା ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଏକ ମାମଲା ରୁଜୁ ହେବା ସହ ପୋଲିସ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଛି। ଦୁର୍ବୃତ୍ତମାନେ ରାତିରେ ସ୍କୁଲ ସଭାଗୃହ କବାଟ ତାଡି ଭିତରକୁ ପଶିବା ସହ ୩ଟି ଧଳା ରଙ୍ଗର ସିଲିଂ ପଙ୍ଖା, ସାଉଣ୍ଡ ସ୍ପିକର, ୪ଗୋଟି ଏଲଇଡି ବଲବ ଚୋରି କରି ନେଇଥିବା ସ୍କୁଲର ପ୍ରଧାନ ଶିକ୍ଷକ କହିଛନ୍ତି। ଗତ ମାର୍ଚ୍ଚ ମାସରେ ମଧ ଏହି ସ୍କୁଲରୁ ଚୋରି ହୋଇଥିଲା। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ୨ଜଣକୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରୁଛି।

# ସାହିତ୍ୟ ଚେତନା ଜାଗ୍ରତ କରିବାକୁ ଆହ୍ୱାନ

## ଜିଲା ଲେଖିକା ପରିଷଦର ସ୍ୱନକ୍ଷତ୍ର ଦିବସ

ବରଗଡ଼ ଅଫିସ୍,୨୨।୮

ବରଗଡ଼ ଜିଲା ଲେଖିକା ପରିଷଦ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ରବିବାର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ଓ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାନେତ୍ରୀ କବିତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ମୁଖ୍ୟ ବକ୍ତା, କଳାପାଣି କଲେଜର ଅଧ୍ୟାପିକା ସୁଷମା ଦାଶ ସମ୍ମାନିତ ବକ୍ତା, ପୂର୍ବତନ ଅତିରିକ୍ତ ଜିଲା ଶିକ୍ଷାଧିକାରୀ କଳ୍ପନା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଲେଖିକା ପରିଷଦ ଅଞ୍ଚଳର କୋଣ, ଅନୁକୋଣରେ ଥିବା ସୁପ୍ତ ସାହିତ୍ୟ ସାଧିକାମାନଙ୍କୁ ତାଙ୍କର ସୁପ୍ତ ସାହିତ୍ୟ ଚେତନାକୁ ଜାଗ୍ରତ କରି ପରିଷଦରେ ସାମିଲ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପରିଷଦର ବରିଷ୍ଠ ସଭ୍ୟା ବାସନ୍ତୀ ଗୁରୁ ସ୍ୱାଗତ ଭାଷଣ, କୋଷାଧକ୍ଷା କୁମୁଦିନୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ, ଉପସଭାନେତ୍ରୀ ଅନୁସୂୟା ଦେବତା ଉଦ୍ଦେଶ୍ୟ ଜ୍ଞାପନ ଏବଂ ସମ୍ପାଦିକା ତପସ୍ୱିନୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଅତିଥିମାନେ ଗଙ୍ଗାଧର ସାହିତ୍ୟରେ ନାରୀ ଚରିତ୍ର ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ସାହୁ ଓ ଅଭୟ ପ୍ରଧାନ ପରିଷଦର ବରିଷ୍ଠ ଉପଦେଷ୍ଟା ଭାବେ ବୀଣାପାଣି ଆଚାର୍ଯ୍ୟ, ରକ୍ମିଣୀ ମେହେରଙ୍କୁ ଉପଢୌକନ ସହିତ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତାବିରା ନଟରାଜ କଳା ପରିଷଦର କଳାକାରମାନେ ଓଡ଼ିଶୀ ନୃତ୍ୟ, ରାଣାପ୍ରତାପ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ମହିଳା କଲେଜ ତଥା ଆଖପାଖ ଶିକ୍ଷାନୁଷ୍ଠାନର ୪୦ଜଣ ଛାତ୍ରୀ ନୃତ୍ୟ ସଙ୍ଗୀତ, କବିତା ଆବୃତ୍ତି କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁଜାତା ଆଚାର୍ଯ୍ୟଙ୍କ ବିଭିନ୍ନ ହସ୍ତକଳା ପ୍ରଦର୍ଶିତ ହୋଇଥିଲା। ଜିଲା ଲେଖିକା ପରିଷଦର ନୁରାବତୀ ସାହୁ, ଚନ୍ଦ୍ରକାନ୍ତୀ ମେହେର, ସାଗରିକା ପାଣିଗ୍ରାହୀ, ମୀନତି ଦାଶ, ସୁଶୀଳା ବାରିକ, ରେଣୁକା ଦାଶ, ହୈମବତୀ ମିଶ୍ର, ମୀନା ପଣ୍ଡା, ସୁନୀତା ମିଶ୍ର, ପାୟଲ ମଲ୍ଲିକ, ଜନନୀ ମିତ୍ର, ନିର୍ଲିପ୍ତା ମେହେର, ସୁଦୀପ୍ତା ମେହେର, ନିକି ଜାଲ ଏବଂ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀବୃନ୍ଦ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ଲେଖିକା ପରିଷଦର ସ୍ୱନକ୍ଷତ୍ର ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

# ସନ୍ତରଣ ଚାମ୍ପିୟନଶିପରେ ଭାଗ ନେବ ସୁବର୍ଣ୍ଣପୁର

ସୋନପୁର,୨୨।୮(ନି. ପ୍ର.)

୬୨ତମ ରାଜ୍ୟସ୍ତରୀୟ ବରିଷ୍ଠ ସନ୍ତରଣ ଚମ୍ପିୟନଶିପରେ ସୁବର୍ଣ୍ଣପୁର ଜିଲା ଭାଗନେବ। ଆସନ୍ତା ୨୩ ଓ ୨୪ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଏହି ସନ୍ତରଣ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିରେ ଭାଗନେବା ପାଇଁ ସୋମବାର ସୁବର୍ଣ୍ଣପୁର ଜିଲା ଟିମ୍ ଭୁବନେଶ୍ୱର ଗସ୍ତ କରିଛନ୍ତି ବୋଲି ଜିଲା ସନ୍ତରଣ ସଂଘ ସମ୍ପାଦକ ଜୟ ନାରାୟଣ ମେଣ୍ଡେଲି ସୂଚନା ଦେଇଛନ୍ତି। ଟିମ ମ୍ୟାନେଜର ଆକାଶ ସାହୁ, କୋଚ ସଞ୍ଜୟ ପାଣ୍ଡେଙ୍କ ସହ ସନ୍ତରଣକାରୀ ଆନନ୍ଦ ନାୟକ, ଅନ୍ତରାମ ସେଠୀ, ବିନିତ ପ୍ରଧାନ, ବାଞ୍ଛାନିଧି ସାଗର, ହିମେଶ ସୁନା, ସୋମ ନାଗ, ଆଶୁତୋଷ ରଣା ଓ କୁନା ବାଘ ଭୁବନେଶ୍ୱର ଗସ୍ତ କରିଛନ୍ତି। ଟିମ୍‌କୁ ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ ସହ ବିଦାୟ ଦେବା ସମୟରେ ସଂଘ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ଜୟ ନାରାୟଣ ମେଣ୍ଡେଲି, ମନୋରଞ୍ଜନ ମିଶ୍ର, ବିଦ୍ୟାଧର ମିଶ୍ର, ବିଶ ରଞ୍ଜନ ଦଲାଇ ଓ ଭକ୍ତି ରଞ୍ଜନ ଦଲାଇ ପ୍ରମୁଖ ଉପସ୍ଥିତ ଥିଲେ।

# କୁଲତା ସମାଜ ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

ଅମରପାଲି, ୨୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାଠାରେ ଜିଲା କୁଲତା ସମାଜର ନୂଆଁଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖମାର ଉପକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମ ଆସନ୍ତା ସେପ୍ଟେମ୍ବର ୪ତାରିଖରେ ଏହାର ଆୟୋଜନ ନିମନ୍ତେ ସ୍ଥିର ହୋଇଛି। ଖମାର ଉପକେନ୍ଦ୍ର ସଭାପତି କର୍ଣ୍ଣରାଜ ପଧାନଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଜିଲା କୁଲତା ସମାଜ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲା ସମ୍ପାଦକ କ୍ଷେତ୍ରବାସୀ ପଧାନ ମଞ୍ଚାସୀନ ଥିଲେ। ବୃନ୍ଦାବନ ପଧାନ, ନେହେରୁ ପଧାନ, ଗଜେନ୍ଦ୍ର ପଧାନ, ଭୀଷ୍ମ ମହାରଥୀ, ଭାସ୍କର ପଧାନ, ଶମ୍ଭୁ ପଧାନ, ଭାସ୍କର ବେହେରା, ସହଦେବ ପଧାନ, ବୈଶାଖୁ ପଧାନ, ଏକାଦଶି ପଧାନ, ଧ୍ରୁବ ପଧାନ, ଶିବ ପଧାନ, ଚନ୍ଦ୍ରଶେଖର ପଧାନ, ବସନ୍ତ ପଧାନ, ପୂର୍ଣ୍ଣଚନ୍ଦ୍ର ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ନୂଆଁଖାଇ ପ୍ରସ୍ତୁତି ବୈଠକରେ କୁଲତା ସମାଜ କର୍ମକର୍ତ୍ତା ଓ ସଦସ୍ୟ।

# ବୀରମହାରାଜପୁରରେ ବ୍ରାହ୍ମଣ ମହାସଭା



ବୀରମହାରାଜପୁରରେ ବ୍ରାହ୍ମଣ ମହାସଭାରେ ଉପସ୍ଥିତ ସମାଜର ସଦସ୍ୟମାନେ।

## ଯୋଗଦେଲେ ୮ ଜିଲାରୁ ୪ଶହ ବ୍ରାହ୍ମଣ

ଅମରପାଲି,୨୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସୁରକ୍ଷା ପରିଷଦ ଚାରିଟେବୁଲ ଟ୍ରଷ୍ଟ ଓ ସ୍ଥାନୀୟ ବ୍ରାହ୍ମଣ ସମାଜର ମିଳିତ ଆନୁକୂଲ୍ୟରେ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମାଜ ସଭାପତି ଭଗବାନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର କଲେଜର ପୂର୍ବତନ ଅଧକ୍ଷ ଡ଼.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି, ବ୍ରାହ୍ମଣ ସୁରକ୍ଷା ପରିଷଦ ଚାରିଟେବୁଲ ଟ୍ରଷ୍ଟ ସଭାପତି ଆଲୋକ କୁମାର ପଣ୍ଡା ବିଶେଷ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ନବୀନ ପଣ୍ଡା, ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ରବୀନ୍ଦ୍ର ମିଶ୍ର, ପାଲା ଗୁରୁ ବୃନ୍ଦାବନ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ବ୍ରାହ୍ମଣମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମଣ ସମାଜର ସଂଯୋଜକ ମନୋରଞ୍ଜନ ଦାଶ ବୀରମହାରାଜପୁର ପାଇଁ ନବାନ୍ନ ଲଗ୍ନ ଘୋଷଣା କରିଥିଲେ। ବୀରମହାରାଜପୁର ବ୍ରାହ୍ମଣ ସମାଜ ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା ବିବରଣୀ ପାଠ କରିଥିଲେ। ଯୁଗଳ କିଶୋର ମିଶ୍ର ମଞ୍ଚ ପରିଚାଳନା ଓ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକ ପାଇଁ ସାଙ୍ଗଠନିକ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୋନପୁର ବ୍ଲକ ପାଇଁ ଶ୍ୟାମାଓଁ ପ୍ରସାଦ ମିଶ୍ର ଓ ସଚ୍ଚିଦାନନ୍ଦ ଦାଶ, ତରଭା ବ୍ଲକ ପାଇଁ ମୀନକେତନ ଷଡ଼ଙ୍ଗୀ ଓ ସୁଧାଂଶୁ ମିଶ୍ର, ଡୁଙ୍ଗୁରିପାଲି ବ୍ଲକ ପାଇଁ ପୁରୁଷୋତ୍ତମ ପଣ୍ଡା ଓ ହରିହର ପାଢ଼ୀ, ବିନିକା ବ୍ଲକ ପାଇଁ ଚାପଧାରୀ ହୋତା ଓ ହରିଶ୍ଚନ୍ଦ୍ର ହୋତା, ଉଲୁଣ୍ଡା ବ୍ଲକ ପାଇଁ ଧର୍ମନିରଞ୍ଜନ ପଣ୍ଡା ଓ ବିଘ୍ନରାଜ ମିଶ୍ର ଏବଂ ବୀରମହାରାଜପୁର ବ୍ଲକ ପାଇଁ ଦୀତିକୃଷ୍ଣ ପଣ୍ଡା ଓ ଯୁଗଳ କିଶୋର ମିଶ୍ରଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାରୁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ହିମାଂଶୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପଦଧୌତ ସେବା କରାଯାଇଥିଲା। ପରେ ବିଷ୍ଣୁ ସହସ୍ର ନାମ ପଠନ ଓ ପାରାୟଣ କାର୍ଯ୍ୟକ୍ରମ ଦୀତିକୃଷ୍ଣ ପଣ୍ଡା ଓ ହରିଶ୍ଚନ୍ଦ୍ର ହୋତାଙ୍କ ଦାରା ଅନୁଷ୍ଠିତ ହୋଇଥିଲା। ଉକ୍ତ ମହାସଭାରେ ୮ଜିଲାର ୪ଶହରୁ ଅଧିକ ବ୍ରାହ୍ମଣ ଯୋଗଦେଇଥିଲେ।

# ମା ବିନକେଇ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି

ସୋନପୁର, ୨୨।୮( ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିନିକା ମା ବିନକେଇ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟାଶିନୀ ପାହାଡ଼ ଉପରେ ଦୀର୍ଘଦିନ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ମା'ଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ କରିବା ପାଇଁ କମିଟି ଉପସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବନ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ବୈଠକରେ କମିଟିର କୋଷାଧକ୍ଷ ସନ୍ତୋଷ ସାହୁ, ସମ୍ପାଦକ ବିନୟ ମେହେର ବରିଷ୍ଠ ସଦସ୍ୟ ବିନୋଦ ବିହାରୀ ନାଏକ, ସନ୍ତୋଷ କୁମାର ବନଛୁର, ରାମ ଗୋପାଳ ବାଘ, ସୁବାସ ଚନ୍ଦ୍ର ଭୁଏ, ବିଜୟ ବରାଇ, ଜିତୁ ମଲ୍ଲିକ ଓ ପ୍ରଦୀପ ବାଘଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ମାଙ୍କ ମନ୍ଦିର ନିର୍ମାଣ କାମ ସମ୍ପୂର୍ଣ୍ଣ ନେଇ ଆଲୋଚନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୨୨।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ମାଣିକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ପଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘ ସଭାପତି ଶ୍ରୀନିବାସ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଅଭିମନ୍ୟୁ ବଗର୍ତ୍ତି ମଞ୍ଚାସୀନ ଥିଲେ। ସଂଘର ଉପସଭାପତି ପ୍ରାଣବନ୍ଧୁ ସାହୁ ସ୍ୱାଗତ ଭାଷଣ, କୋଷାଧକ୍ଷ ପଦ୍ମନାଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦାୟୀ ଶିକ୍ଷକ ପଧାନଶିକ୍ଷକତାକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ କହିଥିଲେ।

# ଗୁଡ଼ ସାମରିଟନ ପଲିସିରେ ୫ ସ୍ୱେଚ୍ଛାସେବୀ ପୁରସ୍କୃତ

ସୋନପୁର, ୨୨।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣ ଅଧକ୍ଷ ଅବୋଲୀ ସୁନିଲ ନରୱଣେ ଗୁଡ଼ ସାମରିଟନ ପଲିସି ଅଧୀନରେ ଜିଲାର ୫ଜଣଙ୍କୁ ସୋମବାର ପୁରସ୍କୃତ କରିଛନ୍ତି। ସୋନପୁର ବୁଢାରଜା ଛକର ସାବନ କୁମାର ନାୟକ, ନୂଆପଡାର ରାଜକୁମାର ମେହେର ଓ ଜୟ ଶଙ୍କର ମେହେର, ଭଗବତି ପ୍ଲଟ ଅଞ୍ଚଳର ସୋମେଶ୍ୱର କବାଟ ଓ ଜନମୁରା ଅଞ୍ଚଳର ଭୀମ ସୁନାଙ୍କୁ ଜିଲାପାଳ ୨୦୦୦ଟଙ୍କା ଲେଖାଏ ଓ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସମର୍ଦ୍ଧନା କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସଡକ ଦୁର୍ଘଟଣାରେ ଆହତଙ୍କୁ ମେଡିକାଲରେ ପହଞ୍ଚାଇ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବା ସ୍ୱେଚ୍ଛାସେବୀଙ୍କୁ ଗୁଡ଼ ସାମରିଟନ ପଲିସି ଯୋଜନାରେ ସାମିଲ କରି ସରକାର ପୁରସ୍କୃତ କରୁଛନ୍ତି।



ଜିଲାପାଳ ଜଣେ ସ୍ୱେଚ୍ଛାସେବୀଙ୍କୁ ସମ୍ମାନିତ କରୁଛନ୍ତି।

# ପ୍ରଶିକ୍ଷଣ ନେଲେ ବିଏଲ୍‌ଓ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ବିଏଲଓ ଏବଂ ଅଧିକାରୀମାନେ।

## ଭୋଟର କାର୍ଡରେ ଅଧାର ସଂଯୋଗୀକରଣ

ଅମରପାଲି, ୨୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଭୋଟର କାର୍ଡରେ ଆଧାର ନମ୍ବରକୁ ସଂଯୋଗୀକରଣ ନେଇ ସୋମବାର ବିଏଲଓଙ୍କୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଉପଜିଲାପାଳ ଅଶୋକ କୁମାର ଭୋଇ ଯୋଗଦେଇ ଭୋଟର କାର୍ଡରେ ଆଧାର ନମ୍ବରକୁ କିପରି ସଂଯୋଗ କରାଯିବ ବିଏଲଓମାନଙ୍କୁ ତାଲଇମ ପ୍ରଦାନ କରିଥିଲେ। ଏହା ସହିତ ତ୍ରୁଟିଶୂନ୍ୟ ସଂଯୋଗୀକରଣ ସହ କୌଣସି ବ୍ୟକ୍ତିଙ୍କ ନାମ ଯେପରି ଆଧାର ଭୋଟର ସଂଯୋଗୀକରଣରୁ ବାଦ୍ ନପଡେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଏଲଓ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି

ସୋନପୁର,୨୨।୮(ନି.ପ୍ର.)

୨୦୨୩ ଆନ୍ତଃରାଜ୍ୟ ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିକେଟ୍ ସଂଘ ସଭାପତି ରାମଶଙ୍କର ସାହୁ ସଭାରେ ଅଧକ୍ଷତା କରିଥିଲେ। ଗତ ୨ବର୍ଷ ହେଲା କରୋନା ମହାମାରୀ ପାଇଁ ଟୁର୍ନାମେଣ୍ଟ ବନ୍ଦ ଥିଲା। ଏହି ଟୁର୍ନାମେଣ୍ଟକୁ ଉପଭୋଗ କରିବା ପାଇଁ ଜିଲା ଓ ଜିଲା ବାହାର କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଆଗ୍ରହ ରହିଥାଏ। ତେଣୁ ଚଳିତ ଥର କିଭଳି ଟୁର୍ନାମେଣ୍ଟକୁ ଅଧିକ ଆକର୍ଷଣୀୟ କରାଯିବ ସେ ନେଇ ସଂଘର ବରିଷ୍ଠ ସଭ୍ୟମାନେ ମତପ୍ରକାଶ କରିଥିଲେ। ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଟର୍ଫ ପିଚ୍‌ରେ ଅନୁଷ୍ଠିତ ହେବ। ତେଣୁ ଆଗ ଅପେକ୍ଷା ଟୁର୍ନାମେଣ୍ଟ ଅଧିକ ସୁନ୍ଦର ହେବ ବୋଲି ସଂଘର ଉପସଭାପତି ବି ସତ୍ୟନାରାୟଣ ରାଓ ମତ ପ୍ରକାଶ କରିଥିଲେ। ସଂଘ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସେଠୀଙ୍କ ସମେତ ସଦସ୍ୟ ବୃନ୍ଦ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବନ୍ୟା କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ସହାୟତା ଦିଅ

## ସରପଞ୍ଚଙ୍କୁ ଦାବିପତ୍ର ଦେଲେ ମତ୍ସ୍ୟଜୀବୀ

ଅମରପାଲି,୨୨।୮(ଡି.ଏନ.ଏ.)

ମହାନଦୀରେ ଆସିଥିବା ବନ୍ୟାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ଖମ୍ଭେଶ୍ୱରିପାଲି ଓ କମଲପୁର ଗାଁର ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗା ଭାସିଯାଇଥିଲା। କ୍ଷତିପୂରଣ ଯୋଗାଇ ଦେବାପାଇଁ ସୋମବାର ମତ୍ସଜୀବୀମାନେ ଉଫୁଲା ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀଙ୍କୁ ନିବେଦନ କରିଛନ୍ତି। ଖମ୍ଭେଶ୍ୱରିପାଲିର ୩୩ ଓ କମଲପୁରର ୩ଜଣ ମତ୍ସ୍ୟଜୀବୀ ସରପଞ୍ଚ କର୍ମୀଙ୍କୁ ନିଜର ଅସୁବିଧା ଜଣାଇଥିଲେ। ସେମାନେ ପୂର୍ବରୁ ବୀମା କରିଥିବା ନେଇ ସୂଚନା ଦେବା ସହ ସମସ୍ତ ବୀମା କାଗଜପତ୍ର ପ୍ରଦାନ କରିଥିଲେ। ସରପଞ୍ଚ ସମସ୍ତଙ୍କ ବୀମା କାଗଜପତ୍ର ସଂଗ୍ରହ କରି ମତ୍ସ୍ୟବିଭାଗ ଏବଂ ବୀରମହାରାଜପୁର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଖମ୍ଭେଶ୍ୱରିପାଲି ଗାଁ ମତ୍ସ୍ୟଜୀବୀଙ୍କ ପ୍ରତିନିଧିଭାବେ ସାନ ଝାଙ୍କର, ରଞ୍ଜନ ବାଘ, ଗୋବିନ୍ଦ ତରିଆ, ଚାପଧାରି ଝାଙ୍କର, ଗୁଞ୍ଜୁର ବାଘ, ରାଧେଶ୍ୟାମା ମାଝି ଏବଂ କମଲପୁର ଗାଁର ଠୁଲୁ ବାଘ, କଷ୍ଟ ବାଘ ଓ ମହେଶ୍ୱର ବାଘ ସରପଞ୍ଚଙ୍କୁ ଭେଟିଥିଲେ।



ମତ୍ସ୍ୟଜୀବୀମାନେ ସହାୟତା ପାଇଁ ସରପଞ୍ଚଙ୍କୁ ଫେରାଦ ହେଉଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨



# ପରିବହନ ପାଇଁ ଦୁଇ ନେତା ମୁହାଁମୁହିଁ ଚର୍ଚ୍ଚା

■ ଗାଡି ପୋଡି, ଭଙ୍ଗାରୁଜା
■ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଓ ଠେଲକୋଲି ଥାନା ଅଧୀନରେ ଅନେକ କୋଇଲାଖଣି, ଶିଳ୍ପ, କଳକାରଖାନା ରହିଛି। ତେଣୁ ରୋଜଗାର ପାଇଁ ରାଜନେତା, ବ୍ୟବସାୟୀ, ଟ୍ରାନ୍ସପୋର୍ଟରଙ୍କ ନଜର ଏହି ଅଞ୍ଚଳ ଉପରେ ରହିଛି। ନେତାମାନେ ନିଜ ପାଖ ଲୋକଙ୍କୁ ନିୟୋଜିତ କରି ଅର୍ଥ ରୋଜଗାର କରୁଛନ୍ତି। ଅନେକ ସମୟରେ କାମକୁ ନେଇ ନେତାମାନଙ୍କ ଭିତରେ ଗୋଷ୍ଠୀବିବାଦ ହୋଇ ଗଣ୍ଡଗୋଳ ଘଟୁଛି। ଅପରାଧିକ କାର୍ଯ୍ୟ ହେଉଥିଲେ ମଧ୍ୟ ନେତାଙ୍କ ଚାପ ଯୋଗୁ ପୋଲିସ ଚୁପ ରହୁଥିବା କୁହାଯାଉଛି। ଏନ୍‌ଏଲ୍‌ସି କମ୍ପାନୀରେ କୋଇଲା ପରିବହନକୁ ନେଇ ଦୁଇମନ୍ତ୍ରୀ ମୁହାଁମୁହିଁ ହୋଇଥିବା ଚର୍ଚ୍ଚା ହେଉଛି। ଦୁଇମନ୍ତ୍ରୀଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଅଗଷ୍ଟ ମାସରେ ୧୦ଦିନ ବ୍ୟବଧାନରେ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ହୋଇ ଗାଡି ଭଙ୍ଗାରୁଜା ଓ ପୋଡ଼ାଜଳା ଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଠେଲକୋଲି ଥାନା ପୋଲିସ ଏଭଳି ଘଟଣାରେ ପ୍ରଥମେ ମାମଲା ରୁଜୁ କରି ନ ଥିବା ବେଳେ ପରେ ମନ୍ତ୍ରୀ ଚାପ ପକାଇବାରୁ ମାମଲା ରୁଜୁ ହେଉଛି। ନେତାଙ୍କ ଭୟ ଯୋଗୁ ପୋଲିସ କେବଳ ମାମଲା ରୁଜୁ ଦେଇ କାମ ସାରି ଦେଉଛି। ହେଲେ ତଦନ୍ତ ଆଳରେ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହି ଘଟଣା ଜିଲାବ୍ୟାପୀ ଚର୍ଚ୍ଚା ହେଉଥିବାବେଳେ ପୋଲିସର କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।

ସୂଚନାଯୋଗ୍ୟ ଅଗଷ୍ଟ ୨ ତାରିଖରେ ଲପଙ୍ଗାର ପିଣ୍ଟୁ ବେହେରାଙ୍କ ୪ ଗୋଟି ଦାମୀ ଗାଡି ପୋଡି ଦିଆଯାଇଥିଲା। ଲପଙ୍ଗା ଅଫିସ ସମ୍ମୁଖରେ ଗାଡି ଛିଡା ହୋଇଥିବା ବେଳେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥିଲେ। ଏହି ଘଟଣା ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ଯୋଗୁ ହୋଇଥିବା ଚର୍ଚ୍ଚା ହେଉଛି। ହେଲେ ଘଟଣାକୁ ୨୦ଦିନ ବିତିଯାଇଥିଲେ ମଧ୍ୟ ପୋଲିସର ହାତ ଖାଲି ରହିଛି। ଏହି ଘଟଣାରେ ଗୋଟିଏ ଗୋଷ୍ଠୀର ହାତ ଥିବା ଆଲୋଚନା ହେଉଛି। ଅନ୍ୟପଟେ ୧୦ଦିନ ପରେ ଅଗଷ୍ଟ ୧୨ରେ ଏନ୍‌ଏଲ୍‌ସି କୋଇଲା ଖଣି କମ୍ପାନୀ ଗେଟ୍ ସମ୍ମୁଖରେ ତୃମୂଳ କାଣ୍ଡ ହୋଇଥିଲା। କୋଇଲା ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକୁ ଭଙ୍ଗାରୁଜା କରାଯିବା ସହ ଡ୍ରାଇଭରମାନଙ୍କୁ ଧମକଚମକ ଦେବା ସହ ବନ୍ଧୁକ ମୁନରେ ଭୟଭୀତ କରିବା ଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ମାଲ ପରିବହନ କରିବା ନେଇ ଗୋଟିଏ ଗୋଷ୍ଠୀ ଅନ୍ୟଗୋଷ୍ଠୀକୁ ଭୟଭୀତ କରିବା ପାଇଁ ଏଭଳି କରିଥିବା ଆଲୋଚନା ହେଉଛି। ଏ ନେଇ ଠେଲକୋଲି ଥାନା ଅଧିକାରୀ ବି. ମିଶ୍ର କହିଛନ୍ତି, ଘଟଣା ନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ସିସି ଟିଭି ଓ ସାଇବର ଟିମ୍‌ର ସହଯୋଗ ନିଆଯାଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଥିଲେ। ଅନ୍ୟପଟେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ପୋଲିସ ଉପରେ କୌଣସି ଚାପ ନାହିଁ। ଶିଳ୍ପାଞ୍ଚଳ ପାଇଁ ଏଠାରେ ବିବାଦ ଲାଗିରହିଛି। ମାମଲା ରୁଜୁ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରଯାଇଛି। ପରିବହନ, ସଂଗଠନ ନେଇ ବିବାଦ ରହିଥିବା ଜଣାପଡିଛି ବୋଲି କହିଥିଲେ।


ଲପଙ୍ଗାଠାରେ ଗାଡ଼ି ପୋଡିଦିଆଯାଇଛି।

## ସଂକ୍ଷେପରେ

### ଦୋକାନ ଭିତରକୁ ମାଡ଼ିଗଲା କାର୍

**ବ୍ରଜରାଜନଗର,୨୨।୮(ଡି.ଏନ.ଏ.):** ବ୍ରଜରାଜନଗର ଥାନା ଅନ୍ତର୍ଗତ ଆଜାଦ ଛକର ଏକ ଚପଲ ଦୋକାନ ଭିତରକୁ ସୋମବାର ଏକ କାର୍ ମାଡିଯାଇଥିଲା। ସିଜି୧୦ଏପି ୦୨୮୯ନଂ ବିଶିଷ୍ଟ କାର୍ ରେଳ କଲୋନୀପଟୁ ଦ୍ରୁତଗତିରେ ଆସି ଦୋକାନ ଭିତରେ ପଶିଯାଇଥିଲା। ଏହି ସମୟରେ ଦୋକାନ ମାଲିକ ରାଜକୁମାର ବାହାରେ ଥିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପୋଲିସ ପହଞ୍ଚି କାର୍ ଜବତ କରି ଥାନାକୁ ନେଇଛି। ଗାଡ଼ି ମାଲିକ ବିଲାସପୁରର ହୋଇଥିବାରୁ ପୋଲିସ ତାଙ୍କୁ ଡକାଇ ଦୋକାନ ମାଲିକଙ୍କୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଛି।

### ବର୍ଷାରେ ଧସିଲା କାନ୍ଥ, ବର୍ତ୍ତିଲେ ପରିବାର



**ଜମନକିରା,୨୨।୮(ଡି.ଏନ.ଏ.):** ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ନୂଆଡିହି ଗ୍ରାମରେ ଲଗାଣ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଏକ ଘର କାନ୍ଥ ଧସିଥିବାବେଳେ ପରିବାର ବର୍ତ୍ତି ଯାଇଛନ୍ତି। ସ୍ତ୍ରୀ, ୩ଝିଅ ଓ ପୁଅକୁ ନେଇ କୁଞ୍ଜବନ କୁମୁରାଙ୍କ ପରିବାର। ରବିବାର ବର୍ଷା ଲାଗିରହିଥିବାରୁ କୁଞ୍ଜବନଙ୍କ ଘରର କାନ୍ଥ ଧସିଯାଇଥିଲା। ଏହି ସମୟରେ ପରିବାର ଅନ୍ୟ କୋଠରିରେ ଥିବାରୁ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଆର୍ଥିକ ସହାୟତା ନିମନ୍ତେ କୁଞ୍ଜବନ ସୋମବାର ଆର୍‌ଆଇ ଅଫିସ ଯାଇ ଦରଖାସ୍ତ କରିଛନ୍ତି।

### ବୁର୍ଲା ଡିଏଭି ସ୍କୁଲରେ ସଂସ୍କୃତ ଦିବସ

**ସମ୍ବଲପୁର,୨୨।୮(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ ପରିଚାଳିତ ବୁର୍ଲାସ୍ଥିତ ଡିଏଭି ସ୍କୁଲରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷା ରଶ୍ମି ମିଶ୍ରଙ୍କ ତତ୍ତ୍ୱାବଧାନରେ ଉତ୍ସବ ହୋଇଥିଲା। ସ୍କୁଲର ବିଦ୍ୟାର୍ଥୀମାନେ ଯୋଗଦେଇ ସଂସ୍କୃତ ଭାଷାର ଆବଶ୍ୟକତା, ଶୃଙ୍ଖଳିତ ଛାତ୍ର ଜୀବନ ପାଇଁ ସଂସ୍କୃତର ଉପଯୋଗିତା ଉପରେ ମତ ରଖିଥିଲେ। ସଂସ୍କୃତ ଭାଷାରେ ଛାତ୍ରୀଛାତ୍ର ସଂଗୀତ, ନୃତ୍ୟ ଓ ଶ୍ଳୋକ ପାଠ କରିଥିଲେ। ସଂସ୍କୃତ ଶିକ୍ଷକ ଡ. ଶାନ୍ତନୁ କୁମାର ତ୍ରିପାଠୀ ବୈଦିକ ମନ୍ତ୍ର ପାଠ ସହ ଭାଷାର ମହନୀୟତା ଉପରେ ସୂଚନା ଦେଇଥିଲେ। ବରିଷ୍ଠ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ବର୍ଷୀୟାନ କ୍ରୀଡ଼ା ସଂଘର ନିର୍ବାଚନ

**ସମ୍ବଲପୁର,୨୨।୮(ବ୍ୟୁରୋ):** ସମ୍ବଲପୁର ଜିଲା ବର୍ଷୀୟାନ କ୍ରୀଡ଼ା ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗୋକୁଳ ଚନ୍ଦ୍ର ଦର୍ଜୀ ସଭାପତି, ବିଶ୍ୱମ୍ଭର ବହିଦାର କାର୍ଯ୍ୟକାରୀ ସଭାପତି ଓ ସଦାଶିବ ପୁରୋହିତ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଇଦ୍ରିସ ମଲ୍ଲିକ, ପ୍ରେମରଞ୍ଜନ ପ୍ରଧାନ, ଶିବ ନାରାୟଣ ବେହେରା ଉପସଭାପତି, ପ୍ରଣବ କୁମାର ଶତ୍ରୁଶଲ୍ୟ ସହସମ୍ପାଦକ, ଅଶୋକ କୁମାର ସାହୁ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ଏଥିସହ ପରିଚାଳନା କମିଟି ସଦସ୍ୟ ଭାବେ ୧୧ଜଣ ରହିଛନ୍ତି।

## ୨୪ରୁ ଅହିଂସା ରଥ ପରିକ୍ରମା

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ଏକ ରଥକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସମ୍ବଲପୁର ଜିଲାରେ ଆସନ୍ତା ୨୪ ତାରିଖରେ ପହଞ୍ଚି ୨୭ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ। ରଥରେ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ଜୀବନୀ, ଆଦର୍ଶ ଉପରେ ପ୍ରଦର୍ଶିତ କରାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ବହନ କରୁଥିବା ୨ ଗୋଟି ଅହିଂସା ରଥ ମଧ୍ୟରୁ ଗୋଟିଏ ଦେବଗଡ଼ ଜିଲା ତିଲେଇବଣୀ ଦେଇ ସମ୍ବଲପୁର ଜିଲା ଜମନକିରା ବ୍ଲକ ଟିକିଲିପଡା ଛକଠାରେ ପ୍ରବେଶ କରିବ। ଅନ୍ୟ ଗୋଟିଏ ରଥ ଦେବଗଡ଼ ଜିଲା ରିଆମାଳ ଦେଇ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗୋଧିପା ଛକଠାରେ ପ୍ରବେଶ କରିବ। ଏହାକୁ ଭବ୍ୟ ସ୍ୱାଗତ କରିବା ନିମନ୍ତେ ଜିଲା ପ୍ରଶାସନ ତରଫରୁ ଜୋରଦାର ପ୍ରସ୍ତୁତି କରାଯାଇଛି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସର୍ଗିପାଲି ଗ୍ରାମରେ ସୋମବାର ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନ୍ତୋଷ ଭୋଇ (୫୦)। ସନ୍ତୋଷ ବିଲକୁ ଯାଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତୁରନ୍ତ ତାଙ୍କୁ କତରବଗା ଡାକ୍ତରଖାନା ଅଣାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

**କୁଚିଣ୍ଡା,୨୨।୮(ଡି.ଏନ.ଏ.)**

ଗୁଣ୍ଡୁରୁଟୁଆଁ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତାପସ ନାୟକଙ୍କ ଅକାଳ ବିୟୋଗରେ କୁଚିଣ୍ଡାରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ତାପସ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରାଙ୍କ ସମେତ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶାନ୍ତନୁ ସାହୁ, ଶିକ୍ଷକ ସୁଦର୍ଶନ ପାଣି, ପ୍ରଫୁଲ୍ଲ ସାହୁ, ଅଧ୍ୟାପକ ପ୍ରଶାନ୍ତ ପଟେଲ, ସତ୍ୟ ନାରାୟଣ ପଟେଲ, ସୁଶାନ୍ତ କୁମାର ପଟେଲ, ରଜନୀ ପଟେଲ, ଖବରଦାତା ତନୟ ମହାପାତ୍ର ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶଥାଉକି ଗତ ଶନିବାର ତାପସ ବାବୁ ଓ ତାଙ୍କ ଭିଣୋଇ ପ୍ରତାପ ପଟେଲ ମାମୁଁଙ୍କ ଏକାଦଶାହ କାର୍ଡ ବଣ୍ଟନ କରି କାର୍‌ରେ ଫେରିବା ସମୟରେ ନକଟିପାଲି ନାଳ ବନ୍ୟା ପାଣିରେ କାର୍ ସହ ଉଭୟେ ଭାସିଯାଇ ମୃତ୍ୟୁବରଣ କରିଥିଲେ।

## ଝୁଝୁମୁରାରେ ୟୁରିଆ ସାର କଳାବଜାର

ପ୍ୟାକ୍ସରେ ଅଭାବ, ବାହାରେ ବସ୍ତାକୁ ୫୫୦ ଟଙ୍କା

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଖରିଫ ଚାଷ ଆରମ୍ଭରୁ ସାର ଅଭାବ ଦେଖାଦେଇଛି। ପ୍ରଥମେ ଡିଏପି ସାର ଅଭାବ ରହିଥିବାବେଳେ ଏବେ ୟୁରିଆ ସାର ସଙ୍କଟ ଚାଷୀଙ୍କୁ ଚିନ୍ତାରେ ପକାଇଛି। ବିଶେଷକରି ଅଣଜଳସେଚିତ ବ୍ଲକ ଗୁଡିକରେ ଏଭଳି ଅଭାବ ଥିବା ଅଭିଯୋଗ ହେଉଛି। ଝୁଝୁମୁରା ବ୍ଲକର ଚାଷୀମାନେ ଆବଶ୍ୟକତା ମେଣ୍ଟାଇବା ପାଇଁ ବାଧହୋଇ ଚଢା ଦାମ୍‌ରେ ସାର କିଣୁଥିବା କହିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି, ସମବାୟ ସମିତିରେ ଅଣରଣି (ଫ୍ରି ସେଲ୍) ଚାଷୀଙ୍କୁ ସାର ବିକ୍ରି କରାଯାଉ ନାହିଁ। ସରକାରଙ୍କ ନିୟମ ରହିଥିଲେ ମଧ୍ୟ ସମବାୟ ସମିତି ପାଳନ କରୁ ନାହିଁ। କେବଳ ଋଣି ଚାଷୀମାନଙ୍କ ପାଇଁ ସାର ଆସିଥିବା ସମବାୟ ସମିତି କର୍ମଚାରୀମାନେ କହି ଫେରାଇ ଦେଉଛନ୍ତି। ସମବାୟ ସମିତିର ସାର ବଣ୍ଟନ ଉପରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କଲେ ହୋଇଥିବା ଅନିୟମିତତା ପଦାକୁ ଆସିବ ବୋଲି ଚାଷୀମାନେ କହିଛନ୍ତି। ଏହାଛଡା ସରକାର ଚାଷୀମାନଙ୍କ ପାଇଁ ସମସ୍ତ ସୁବିଧା କରୁଥିବା କହୁଥିବା ବେଳେ ଅତି ଆବଶ୍ୟକ ସାମଗ୍ରୀ ସାର ଯୋଗାଇ ଦେଇ ପାରୁନାହାନ୍ତି। ଏବେ ବିଲରେ ଦ୍ୱିତୀୟ ଡୋଜ୍ ସାର ଦେବାର ସମୟ। ଏହି ସମୟରେ ୟୁରିଆ ସାର ଆବଶ୍ୟକ ପଡିଥାଏ। ଯଦି ଏଭଳି ଭାବେ ୧୫ଦିନ ଗଡିଯିବ ତା'ହେଲେ ଫସଲ ଭଲ ହେବ ନାହିଁ। ତେଣୁ ସମବାୟ ସମିତିରେ ଅଣରଣି ଚାଷୀମାନଙ୍କୁ ସାର ଦିଆଯାଉ ବୋଲି ଦାବି କରିଥିଲେ। ଅନ୍ୟପଟେ ଝୁଝୁମୁରା ବ୍ଲକରେ ଥିବା ଡିଲର୍‌ମାନେ ମଧ୍ୟ ସରକାରୀ ଦରଠାରୁ ଅଧିକ ଦାମ୍‌ରେ ସାର ବିକ୍ରି କରୁଛନ୍ତି। ୫୦ କେଜିଆ ବସ୍ତାକୁ ୫୫୦ ଟଙ୍କା ଲେଖାଏ ନେଉଛନ୍ତି। ଚାଷୀମାନେ ରସିଦ ମାଗିଲେ ଦେଉନାହାନ୍ତି। ସାର ନେବାର ଅଛି ନିଅ ନ ହେଲେ ଚାଲିଯାଅ ବୋଲି ଧମକ ଦେଉଛନ୍ତି। ଚାଷୀମାନେ ଅନ୍ୟ ଉପାୟ ନ ପାଇ ବାଧ ହୋଇ ଚଢାଦରରେ କିଣୁଛନ୍ତି। ସୋମବାର ସାର କିଣିଥିବା ଚାଷୀମାନେ ଏଭଳି ଅଭିଯୋଗ କରିଛନ୍ତି। ଝୁଝୁମୁରା ବ୍ଲକରେ ଏଭଳି ସମସ୍ୟା ନେଇ ଜିଲା ପ୍ରଶାସନ, ରାଜନେତା, କୃଷକ ସଂଗଠନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ଝୁଝୁମୁରା ସମବାୟ ସମିତି ସମ୍ପାଦକ ଦେବରାଜ ବର୍ଗେଙ୍କୁ ପଚାରିବାକୁ ସେ କହିଥିଲେ, ଋଣୀ ଚାଷୀଙ୍କମାନଙ୍କୁ ୟୁରିଆ ସାର ଦିଆଯାଉଛି। ଆବଶ୍ୟକ ପଡୁଥିବା ୨ ହଜାର କୁଇଣ୍ଟାଲ ସାର ବଣ୍ଟନ କରାଯାଇଛି। ସମବାୟ ସମିତିରେ ୬ ଶହ ଋଣୀ ସଦସ୍ୟ ଅଛନ୍ତି। ଅଗଷ୍ଟ ୧୧ ତାରିଖଠାରୁ ସାର ଷ୍ଟକ୍ ନାହିଁ। ଆଉ ୨ଶହ କୁଇଣ୍ଟାଲ ସାର ଆସିବ ବୋଲି କହିଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ


ସିଲେଇ ଶିକ୍ଷା କେନ୍ଦ୍ର ଶୁଭାରମ୍ଭ କରାଯାଇଛି।

**ସମ୍ବଲପୁର,୨୨।୮(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ମାଷ୍ଟ୍ରପଡା ଲରପଙ୍କଠାରେ ପ୍ରେରଣା ପ୍ରକଳ୍ପ ଅନ୍ତର୍ଭୁକ୍ତ ଏକ ସିଲେଇ ଶିକ୍ଷା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ମାଷ୍ଟ୍ରପଡାର ଅଞ୍ଜଳି ଖଡ଼ିଆ, କେ. ନାୟକ ଏବଂ ହିଣ୍ଡାଲ୍‌କୋର ଈଶାନୀ ଶରିଆ, ଆୟୁଷି ଜୈସ୍ୱାଲ, ସୁନିତା ଆଚାର୍ଯ୍ୟ, ବିଭୂଦତ୍ତ ପଣ୍ଡା ଏବଂ ଅର୍ଥ ବିଭାଗର ନୟନ ପଣ୍ଡା ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ଏଥିରେ ୨୪ଜଣ ମହିଳା ୬ମାସ ପାଇଁ ସିଲେଇ ଶିକ୍ଷା ଗ୍ରହଣକରି ରୋଜଗାରକ୍ଷମ ହୋଇପାରିବେ। କାର୍ଯ୍ୟକ୍ରମକୁ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ବିଭାଗର ଜୟଶ୍ରୀ ରାଓ ଓ ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ସମ୍ବଲପୁର କ୍ଲଷ୍ଟର ହେଡ କୈଳାଶ ପାଣ୍ଡେଙ୍କ ନିର୍ଦ୍ଦେଶକ୍ରମେ ଅଞ୍ଚଳରେ କୌଶଳ ବିକାଶ ଓ ରୋଜଗାରକ୍ଷମ ପାଇଁ ହିଣ୍ଡାଲ୍‌କୋ କାର୍ଯ୍ୟ କରୁଛି। କମ୍ପାନୀର ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରିରହିଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**କୁଚିଣ୍ଡା,୨୨।୮(ଡି.ଏନ.ଏ.)**

କୁଚିଣ୍ଡା ପ୍ରଶାସନ ପକ୍ଷରୁ ଗୋଛରା, ପାରୁଆଭାଡି, ଅର୍ଡାବାହାଲ ଓ ବାଉରିଗୋଡ଼ା ପଞ୍ଚାୟତକୁ ନେଇ ଗୋଛରା ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ସା, ତହସିଲଦାର ପ୍ରତିମା ପିଙ୍ଗ, ଅତିରିକ୍ତ ବିଡିଓ ସହଦେବ ନନ୍ଦ, ସିଡିପିଓ କନକଲତା ନାୟକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ, ପୋଲିସ ସବ୍‌ଇନ୍ସପେକ୍ଟର ଦିଲୀପ ବେହେରା, ଗୋଛରା ସରପଞ୍ଚ ଥାନେଶ୍ୱର ନାଏକଙ୍କ ସମେତ ବିଦ୍ୟୁତ୍, ପାନୀୟ ଜଳ, କୃଷି, ଶିକ୍ଷା, ସମବାୟ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଶିବିରରେ ସର୍ବମୋଟ ୧୭୮ ଗୋଟି ଅଭିଯୋଗ ମଧ୍ୟରୁ ୧୬୨ ଗୋଟି ବ୍ୟକ୍ତିଗତ ଓ ୧୬ ଗୋଟି ଗୋଷ୍ଠୀ ସ୍ତରୀୟ ରହିଥିଲା। ତନ୍ମଧ୍ୟରୁ ୨୯ ଗୋଟି ଅଭିଯୋଗର ଶୁଣାଣି କରି ଫଇସଲା କରାଯାଇଥିଲା। ଏହି ଅବସରରେ ବସୁନ୍ଧରା ଯୋଜନାରେ ୩ ଜଣଙ୍କୁ ଜମି ପଟ୍ଟା, ୪ ଜଣଙ୍କୁ ମଧୁବାବୁ ପେନ୍‌ସନ ଓ ୮ଜଣ ଚାଷୀଙ୍କୁ ପିଆଜ ମଞ୍ଜି ବଣ୍ଟନ କରାଯାଇଥିଲା। ଟାଇଁସରଠାରେ ହୋଇଥିବା ଅଭିଯୋଗ ଶୁଣାଣିର ଯାଞ୍ଚ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ବିଡିଓ ସା ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଗୋବର୍ଦ୍ଧନ ବାଘ, ଶୁକ୍ଲେଶ୍ୱର ମାଝି, ପିଙ୍କି ନାଏକ, ସମିତିସଭ୍ୟ ସମୀର କଉଡି, ସମିତିସଭ୍ୟା ସୁକାନ୍ତି ସେଠ ଯୋଗଦେଇଥିଲେ। ଓଡ଼ିଶା ଜୀବିକା ମିଶନ ବିପିଏମ୍ ଟିପେନସନ ବେହେରା, ପିଇଓ ପ୍ରତାପ ସା, ଜୟକୃଷ୍ଣ ବଲୁଆ ଏଥିରେ ସହଯୋଗ କରିଥିଲେ।


ଶିବିରରେ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

## ନାଳ ପୁନରୁଦ୍ଧାର ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବ୍ରଜରାଜନଗର,୨୨।୮(ଡି.ଏନ.ଏ.)**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୨୦ନଂ. ୱାର୍ଡ ନୃସିଂହ ମନ୍ଦିରଠାରୁ ଇବ୍ ନଦୀ ମଧ୍ୟରେ ଥିବା ନାଳର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ନୃସିଂହ ମନ୍ଦିରଠାରୁ ନାଳରେ ପାଣିଯାଇ ରେମଯା ବନ୍ଧଦେଇ ଇବ୍ ନଦୀରେ ମିଶିଥିଲା। ଫଳରେ ରେମଯା ଓ ଗଣ୍ଡଘୋରା ଦୁଇଟି ଗ୍ରାମର ଅଧିବାସୀ ବିଭିନ୍ନ ସମୟରେ ଫସଲ କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ନାଳ ପୋତି ହୋଇଯିବା ଦ୍ୱାରା ପୂର୍ବଭଳି ପାଣି ଆସୁନାହିଁ। ଫଳରେ ଚାଷୀମାନେ ଫସଲ କରିପାରୁ ନାହାନ୍ତି। ନୃସିଂହ ମନ୍ଦିରଠାରୁ ଇବ୍ ନଦୀ ମଧ୍ୟରେ ୩ଗୋଟି ଆଡ଼ିବନ୍ଧ କରାଗଲେ ପାଣି ସଂରକ୍ଷିତ ହୋଇ ରୁହନ୍ତା ଓ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ସ୍ଥାନୀୟ ବିଧାୟିକା, ବରଗଡ଼ ଏମ୍‌ପି ଓ ଏମ୍‌ସିଏଲ୍ ମୁଖ୍ୟାଳୟକୁ ପଠାଇଛନ୍ତି।

## ବଦଳି ବିରୋଧରେ ଆମରଣ ଅନଶନରେ ଶିକ୍ଷକ

**ବ୍ରଜରାଜନଗର,୨୨।୮(ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳ ସରସ୍ୱତୀ ଶିଶୁମନ୍ଦିର ଶିକ୍ଷକ ଦାମୋଦର ସେନାପତିଙ୍କ ଦେବଗଡ଼ ଶିଶୁ ମନ୍ଦିରକୁ ବଦଳି ହୋଇଛି। ଏହାକୁ ବିରୋଧ କରି ସେ ସୋମବାର ଆମରଣ ଅନଶନରେ ବସିଛନ୍ତି। ସେ ଅଭିଯୋଗ କରିଛନ୍ତି, ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ତାଙ୍କର ପୁରୁଣା ପ୍ରାପ୍ୟ ଦେଇନାହାନ୍ତି। ବିଭିନ୍ନ ସମୟରେ ପରିଚାଳନା ସମିତିକୁ ପଇସା ମାଗିଥିଲେ ମଧ୍ୟ ତାହା ଦେବା ପରିବର୍ତ୍ତେ ଉଦ୍ଦେଶ୍ୟମୂଳକ ଭାବେ ଜିଲା ବାହାରକୁ ବଦଳି କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର କହିଛନ୍ତି, ତାଙ୍କ ଅଭିଯୋଗର କୌଣସି ସତ୍ୟତା ନାହିଁ। କରୋନା ଲାଗି ବିଦ୍ୟାଳୟ ବନ୍ଦ ଥିଲା। ଫଳରେ ଗୁରୁମାଗୁରୁଜୀଙ୍କୁ ଅଧା ଦରମା ଦିଆଯାଇଛି। ତାଙ୍କୁ ମଧ୍ୟ ସେହି ହିସାବରେ ପଇସା ଦିଆଯାଇଛି। ତାଙ୍କର ବଦଳି ପଦୋନ୍ନତି ସହିତ ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା କରାଯାଇଛି। ଏଥିରେ ପରିଚାଳନା କମିଟି କିମ୍ବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର କୌଣସି ହାତ ନ ଥିବା ସେ ସ୍ପଷ୍ଟ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଓ ସ୍ଥାନୀୟ ପୋଲିସ ପହଞ୍ଚି ଅନଶନକାରୀ ଗୁରୁଜୀଙ୍କୁ ଧାରଣାରୁ ଓହରି ଯିବାକୁ ଅନୁରୋଧ କରିଥିଲେ। କରୋନ ସମୟରେ ଅନ୍ୟ ଗୁରୁଜୀମାନେ ଯେଉଁଭଳି ଭାବେ ଦରମା ନେଇଛନ୍ତି ସେହି ହିସାବରେ ସମସ୍ତ ବକେୟା ରାଶି ଦୁଇମାସ ମଧ୍ୟରେ ପ୍ରଦାନ କରିବାକୁ ବିଦ୍ୟାଳୟ ପରିଚାଳନା କମିଟିକୁ କହିଥିବା କହିଥିଲେ। ଏହାକୁ ଅନଶନକାରୀ ଗୁରୁଜୀ ଗ୍ରହଣ ନ କରି ଅନଶନ ଜାରି ରଖିଛନ୍ତି।


ଅନଶନରେ ବସିଥିବା ଶିକ୍ଷକ।

## ଚାଷୀଙ୍କ ପ୍ରସ୍ତାବ ଉପରେ ପ୍ରଶାସନିକ ତତ୍ପରତା

ଲଖନପୁର ବ୍ଲକ୍‌ରେ ଜଳସେଚନ ବ୍ୟବସ୍ଥା

**ଝାରସୁଗୁଡ଼ା ଅଫିସ,୨୨।୮**

ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ୍‌ରେ ମୁଖ୍ୟତଃ ଲୋକେ କୃଷି ଉପରେ ନିର୍ଭରଶୀଳ। ହେଲେ ପର୍ଯ୍ୟାପ୍ତ ପରିମାଣର ଜଳସେଚନ ସୁବିଧା ନ ଥିବାରୁ ଏଠାରେ ଚାଷକାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଫଳରେ ଏଠାକାର ଚାଷୀଙ୍କ ଆଶାନୁରୂପକ ବିକାଶ ହୋଇପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ରହିଥିବା ନଦୀ, ନାଳ ଆଦି ଜଳାଶୟରେ କ୍ରସ୍‌ଡ୍ୟାମ ଓ ବ୍ୟାରେଜ ନିର୍ମାଣ କରାଯାଇ ବର୍ଷାଜଳ ସଂରକ୍ଷଣ କରାଯାଇ ପାରିଲେ ଜଳସେଚନର ସୁବିଧା ହୋଇପାରିବ। ଏଥିରେ ଚାଷୀ ଉପକୃତ ହୋଇପାରିବେ। ଏ ନେଇ ଅଞ୍ଚଳର ଚାଷୀଙ୍କ ତରଫରୁ ଜିଲା ପ୍ରଶାସନକୁ ଏକ ପ୍ରସ୍ତାବ ଦିଆଯାଇଛି। ଏହାକୁ ଆଧାରକରି ଜିଲା ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି।

ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲା ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ, କେତେଜଣ ଚାଷୀ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାମଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତପିରାମ ମାଝି, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଯୋଗେନ୍ଦ୍ର ମାଝି, ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏମ୍‌ଆଇ ଏସ୍‌ଡିଓ ଅଜିତ ମାଝି, ଡିଏମ୍‌ଏଫ୍ ପ୍ରମୁଖ ନଳିନୀ କୁମାର ଦାସ, ଲଖନପୁର ସରପଞ୍ଚ ଆରତି ପ୍ରଧାନ, ବିନୋଦ ବିଶ୍ୱାଳ, ଗୌତମ ବେହେରା, ପ୍ରଦୀପ ସାହୁ, ଅଶ୍ୱିନୀ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଆଲୋଚନା ଅନୁଯାୟୀ ଜିଲା ପ୍ରଶାସନ ନେତୃତ୍ୱରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ୍ ପ୍ରସ୍ତାବିତ ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହାକୁ ଜିଲାପାଳ ଅନୁଧ୍ୟାନ କରି ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ ବୋଲି କୁହାଯାଇଛି।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଚାଷୀମାନେ।

**ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତା**

**ନୂଆପଡ଼ା ଅଫିସ:** କୋମନା ବ୍ଲକ ମେଣ୍ଡାଟାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ଟି ଶିକ୍ଷଣ ସାମଗ୍ରୀ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲଖନା ଥାନା ପୋଲିସଧିକାରୀ କମଳାକାନ୍ତ ପଣ୍ଡା, ସମ୍ମାନିତ ଅତିଥିଭାବେ ଲଖନା ସରପଞ୍ଚ ଜିତେନ୍ଦ୍ର ଠାକୁର, ଲୋକଦୃଷ୍ଟି ସଂଯୋଜକ ଅଶ୍ୱନୀ କୁମାର ସାହୁ, ସିଆରସିସି ବିଶ୍ୱଦେବ ପଣ୍ଡା, ସନ୍ତୋଷ କୁମାର ବାଗ, ବରୁଣ ଦାସ ଯୋଗଦେଇ ସ୍ମାଟ ବୋର୍ଡ ଉଦ୍‌ଘାଟନ କରିଥିଲେ। କୃତୀ ପ୍ରଧାନ ଶିକ୍ଷକ ଖେମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକା ଅସଦାଚରଣ ମାମଲା, ଜଣେ ଗିରଫ

**ଲୋଇସିଂହା, ୨୨।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଜଣେ ୯ ବର୍ଷର ବାଳିକା ଅସଦାଚରଣର ଶିକାର ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଲୋଇସିଂହା ପୋଲିସ ଦଫା (୨୬୭/୨୨)ରେ ଏକ ମାମଲା ୩୫୪-ଏ, ୩୫୪ରେ ରୁଜୁ କରି ଅଭିଯୁକ୍ତ ସୁବାସ ଚନ୍ଦ୍ର ସାହୁଙ୍କୁ ଗିରଫ କରିଛି। ଲୋଇସିଂହା ଡ଼ାକ୍ତରଖାନାରେ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବଲାଙ୍ଗୀର ସ୍ପେଶାଲ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଲୋଇସିଂହା ଥାନା ଏସଆଇ ନବୀନ ଭୋଇଙ୍କ କହିଛନ୍ତି। ପୋଲିସ ସୂଚନାକ୍ରମେ, ପୀଡିତା ନାବାଳିକା ଜଣଙ୍କ ସବୁଦିନ ଅଭିଯୁକ୍ତଙ୍କ ଘରକୁ କ୍ଷୀର ଆଣିବାକୁ ଯାଇଥାନ୍ତି। ସୋମବାର ସକାଳେ ସେ କ୍ଷୀର ଆଣିବାକୁ ଯାଇଥିବା ବେଳେ ସୁବାସ ତାଙ୍କୁ ଅସଦାଚରଣ କରିଥିଲେ। ଘରକୁ ଫେରି ନାବାଳିକା ନିଜ ପରିବାର ଲୋକଙ୍କୁ ସବୁକଥା କହିଥିଲେ। ପରେ ପରିବାର ଲୋକେ ସୁବାସଙ୍କ ଘରକୁ ଯାଇ ଘଟଣା ବିଷୟରେ ପଚାରି ବୁଝିଥିଲେ। ପୀଡିତାଙ୍କ ପରିବାର ଲୋକଙ୍କ ସମ୍ମୁଖରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ଏସଆଇ ଭୋଇ କହିଛନ୍ତି।

### ଆଜାଦୀ କା ଅମୃତ ମହୋତ୍ସବ

**ଖଡ଼ିଆଲ,୨୨।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲସ୍ଥିତ ଧର୍ମେଷ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟରେ ଦୁଲୁକି ଉଠିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଡ଼ିଆଲ ବିଡ଼ିଓ ନାରାୟଣ ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନୀଲ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଶିକ୍ଷକ ଗଙ୍ଗାଧର ମେହେର ପ୍ରେମୁଖ ଯାଗଦେଇଥିଲେ। ଧର୍ମେଷ ଡ୍ୟାନ୍ସ ଏକାଡେମୀର ଡାରେକ୍ଟର ଧର୍ମେଷ ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜମେଶ୍ୱର ତାଣ୍ଡି, ଚନ୍ଦ୍ରକାନ୍ତ ସାହୁ, ମମତା ସୁବୁଦ୍ଧି, ରୋଶନ କମ୍ପ୍ଲେ ପ୍ରମୁଖ ସହଯୋଗ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଖଡ଼ିଆଲ,୨୨।୮(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ସଭାଗୃହ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୦ଟି ଅଭିଯୋଗ ଗ୍ରହଣ କରି ଏହାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ହେମାକାନ୍ତ ସାଏ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଚୌଧୁରୀ ଶୋଭା ମଞ୍ଜୁରୀ ମିଶ୍ର, ଏସ୍‌ପି ପ୍ରତ୍ୟୁଷ ଦିବାକର, ବିଡିଓ ନାରାୟଣ ସାହୁ, ତହସିଲଦାର ସିନ୍ଧୁସୁତା ପାତ୍ର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କାଦୁଅ ରାସ୍ତାରେ ସ୍କୁଲ ଯାଉଛନ୍ତି ଛାତ୍ରୀଛାତ୍ର

**ଲୋଇସିଂହା,୨୨।୮(ଡି.ଏନ.ଏ.)**



ଗତ ସ୍ୱାଧୀନତା ଦିବସରେ ପିଲାମାନେ କାଦୁଅ ରାସ୍ତାରେ ଗାଁ ପରିକ୍ରମା କରୁଛନ୍ତି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ପଞ୍ଚାୟତ ଅନ୍ତର୍ଗତ ବଡଖଲିଆପଲି ଗାଁର ପିଲାମାନେ କାଦୁଅ ରାସ୍ତାରେ ସ୍କୁଲକୁ ଯାଉଛନ୍ତି। ସ୍କୁଲ ରାସ୍ତାର ଉନ୍ନତୀକରଣ ପାଇଁ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତର ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନ ଯାଏ ଜଣାଇଥିଲେ ବି ନିରାଶ ହେବାକୁ ପଡିଛି ବୋଲି କହିଛନ୍ତି। ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

୨ୱାର୍ଡ ବିଶିଷ୍ଟ ବଡଖଲିଆପାଲି ଗ୍ରାମରେ ରହିଛି ଏକ ପୁରାତନ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ହେଲେ ଗାଁଠାରୁ ବିଦ୍ୟାଳୟର ଦୂରତା ପ୍ରାୟ ଅଧ କିଲୋମିଟର। ମାଟି ମୋରମ ରାସ୍ତା ବର୍ଷାଦିନେ କର୍ଦ୍ଦମାକ୍ତ ହୋଇ ଯାଉଛି। ଲୋକେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଦୁଅ ସରସର ହୋଇ ଛାତ୍ରୀଛାତ୍ରମାନେ ସ୍କୁଲ ଯାଉଛନ୍ତି। ଏପରିକି ଗତ ସ୍ୱାଧୀନତା ଦିବସରେ ପିଲାମାନେ ସେହି ରାସ୍ତାରେ ଗ୍ରାମ ପରିକ୍ରମା କରିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଉକ୍ତ ରାସ୍ତାର ଉନ୍ନତୀକରଣ ନ ହେବା ଦୁଃଖଦାୟକ ବୋଲି ଗ୍ରାମବାସୀ କହିଛନ୍ତି। ଜିଲାପାଳ ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେଇ ଉକ୍ତ ରାସ୍ତା ନିର୍ମାଣ କରିବାକୁ ସ୍କୁଲ ପରିଚାଳନା କମିଟି ସଭାପତି ବୈଠାରୁ ମହଲା, ୱାର୍ଡସଭ୍ୟା ବିଳାସିନୀ ସା, ସଭ୍ୟ କନ୍ଦର୍ପ ବିଶ୍ୱାଳ, କେଚା ବାରିକ, ପ୍ରଶାନ୍ତ ସା, ଅନନ୍ତ ବିଶ୍ୱାଳ, ଅଙ୍ଗନବାଡି ସହାୟିକା ରଏବାରୀ ନଇ ପ୍ରମୁଖ ଦାବି କରିଛନ୍ତି।

### ଅଜିତ କୁମାର ସାହୁ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି



ଅଜିତ କୁମାର ସାହୁ।

**କର୍ଲାମୁଣ୍ଡା,୨୨।୮(ଡି.ଏନ.ଏ.)**

କଳାହାଣ୍ଡି ବିଜୁ ଛାତ୍ର ଜନତା ଦଳକୁ ଶକ୍ତିଶାଳୀ ଓ ସୁସଙ୍ଗଠିତ କରିବା ପାଇଁ ଛାତ୍ର ନେତା ତଥା ଭବାନୀପାଟଣା ସରକାରୀ ସଂଶାସିତ ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ଅଜିତ କୁମାର ସାହୁଙ୍କୁ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଭାବେ ପୁଣିଥରେ ଦାୟିତ୍ୱ ଦିଆଯାଇଛି। କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଜମୁନାପୁର ଗାଁର ଅଜିତ ୨୦୧୭-୧୮ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୨୦ରୁ ସେ କଳାହାଣ୍ଡି ଛାତ୍ର ବିଜେଡି ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ପୁଣି ଥରେ ତାଙ୍କୁ ଜିଲା ଛାତ୍ର ବିଜେଡି ସଭାପତି ଭାବେ ଦାୟିତ୍ୱ ମିଳିଥିବାରୁ ଛାତ୍ର ବିଜେଡି ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ଓ ସମସ୍ତ ବିଧାୟକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନ ଶୁଣାଣି



ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

**ଖପ୍ରାଖୋଲ, ୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକରଙ୍କ ଯୁଗ୍ମ ଜନଶୁଣାଣୀ ଏବଂ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଉଛି। ଶିବିରରେ ୧୦୦ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଏମଡିଆଇସି ବି.ପ.ଦାସ, ଜିଲା ମତ୍ସ୍ୟ ଅଧିକାରୀ ଗଜେନ୍ଦ୍ର ପ୍ରଧାନ, ଜଙ୍ଗଲ ବିଭାଗ ଏସିଏଫ ଜିତେନ୍ଦ୍ର କୁମାର ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, ଗ୍ରାମ୍ୟଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜିତ ପାଢ଼ୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ପାଟଣାଗଡ ସହକାରୀ ଜିଲାପାଳ କ୍ଷୀରୋଦ ସାହୁ, ବିଡ଼ିଓ ନୀଳମାଧ ସୁନା, ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝି, ତହସିଲଦାର ଡକ୍ଟର ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରଶିକ୍ଷଣ ଶିବିର

**ସଇଁତଳା, ୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରେଡ଼କ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। କ୍ୟାଭି ଓଡ଼ିଶା ଓ ବଲାଙ୍ଗୀର ଜିଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ସଇଁତଳା ବିଡିଓ ତଥା ବିଦ୍ୟାଳୟ ସମ୍ପାଦକ ଚନ୍ଦ୍ରମଣି ନାଗ ଅଧ୍ୟକ୍ଷତା କରିଥିଲେ। ଟିଟିଲାଗଡ଼ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟଅତିଥି, ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘର ଅଲରାଉଣ୍ଡର ମହମ୍ମଦ ଜାଫର, ସଇଁତଳା ଭାରପ୍ରାପ୍ତ ଥାନାଧିକାରୀ ଅବନୀ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସମରେନ୍ଦ୍ର ମହାପାତ୍ର, ଏବିଇଓ ନାରାୟଣ ଭୋଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ରେଡ଼କ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ କମଳ ରଞ୍ଜନ ଶତପଥୀ, ବୌଦ୍ଧିକ ଭିନ୍ନକ୍ଷମ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଦେବାନନ୍ଦ ସାହୁ, ମନୱାରା ସୁଲତାନ ବେଗମ, ଟିଟିଲାଗଡ଼ ଏସସିଡ଼ି ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜେବିବି ଏସ.ଏନ ସାଲେପାଲି ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ମଞ୍ଚାସୀନ ଥିଲେ। କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ପାଇଁ ଅତିଥିମାନେ ବ୍ୟାଟିଂ କରି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅଲମ୍ପିକର ଜାତୀୟ ପ୍ରଶିକ୍ଷକ ଉମାଶଙ୍କର ଷଡ଼ଙ୍ଗୀ ସଭା ପରିଚାଳନା କରିଥିଲେ। ରାଜ୍ୟସ୍ତରରୁ ଆସିଥିବା ପ୍ରଶିକ୍ଷକ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଖେଳାଳି ସୁଖରାମ ମାଝି, ଚିନ୍ମୟ ସାହୁ, ଶିଳ୍ପା ଷଡ଼ଙ୍ଗୀ, ଅଙ୍କିତା ପାଣି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ ଦଳେଇ, ଶିଶିର ସାହୁ, ଶ୍ରୀକାନ୍ତ ମିଶ୍ର, ସମୀର ନାୟକ, ରାହାସ ବିହାରୀ ସିଂ, ପ୍ରତିଭା ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଉଥିବା ଦୃଷ୍ଟିବାଧିତ ଛାତ୍ରୀମାନେ।

### ଲୋଇସିଂହା ଦୁର୍ଗାପୂଜା କମିଟି ଗଠିତ

**ଲୋଇସିଂହା,୨୨।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୫୨ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ନୂତନ କର୍ମକର୍ତ୍ତା ଚୟନ ଇତ୍ୟବସରରେ ସମ୍ପନ୍ନ ହୋଇଛି। ପୂଜା କମିଟିର ବରିଷ୍ଠ ସଦସ୍ୟ ବିଭୂତିଭୂଷଣ ପଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ସର୍ବସମ୍ମତିକ୍ରମେ ସଭାପତିଭାବେ ବଳରାମ ସିଂରାଏ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପାତ୍ର, ଉପସଭାପତି ପ୍ରଶାନ୍ତ ସାହୁ ଓ ରାଜାରାମ ସାହୁ, ସମ୍ପାଦକ ପ୍ରଦୀପ ସାହୁ, ସହସମ୍ପାଦକ ଅଭିଳାଷ ହୋତା ଏବଂ ଧନେଶ୍ୱର ମହାଲିଙ୍ଗ, କୋଷାଧ୍ୟକ୍ଷ ଭବାନୀ ପଧାନ, ସାଂସ୍କୃତିକ ସମ୍ପାଦକଭାବେ ରମେଶ ପଶାୟତଙ୍କୁ ମନୋନୀତ କରାଯାଇଛି। କରୋନା କଟକଣା କୋହଳ ହୋଇଥିବାରୁ ପୂଜା କମିଟି ପକ୍ଷରୁ ଜାକଜମକରେ ସୁବର୍ଣ୍ଣ ଜୟନ୍ତୀ ପାଳନ ସହ ନବ ଦୁର୍ଗାପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ କରିବାକୁ ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ରାଜେନ୍ଦ୍ର ନାଏକ, ଚତୁର ଦଲାଇ, ଭୂତନାଥ ନାଏକ. ରଞ୍ଜିତ ରାଏ, ପ୍ରଶାନ୍ତ ସାହୁ, ଟିକେଲାଲ ସାହୁଙ୍କ ସମେତ ବହୁ ସଦସ୍ୟ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

**ଲୋଇସିଂହା,୨୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ସିନୟିର ସିଟିଜେନ୍ ଆସେମ୍ବ୍ଲି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସଭାପତି ଧରମସିଂ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ବିଭୂତି ବୃଷଣ ସାହଣୀ ଲୋଇସିଂହା ଅଞ୍ଚଳର ଐତିହାସିକ, ସାମଜିକ ଓ ସାଂସ୍କୃତିକ ପରମ୍ପରାର ଏକ ବିବରଣୀ ଉପସ୍ଥାପନା କରି ଏହାର ସୁରକ୍ଷା ଦିଗରେ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ରାମଚନ୍ଦ୍ର ପଟେଲ। ସମ୍ପାଦକ ଗଜାନନ ଅଗ୍ରୱାଲ ସଭା ସଂଯୋଜନା କରିଥିଲେ। ପର୍ଶୁରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉପସ୍ଥିତ ସିନିୟର ସିଟିଜେନ ଆସେମ୍ବ୍ଲି ସଦସ୍ୟ।

## ଦରଦାମ ବୃଦ୍ଧି ନେଇ କଂଗ୍ରେସର ପ୍ରତିବାଦ

**କୋକସରା,୨୨।୮(ଡି.ଏନ.ଏ.)**

ଅତ୍ୟାବଶ୍ୟକ ସାମଗ୍ରୀ ଯଥା ରନ୍ଧନ ଗ୍ୟାସ୍, ଡିଜେଲ, ପେଟ୍ରୋଲ, ଖାଇବା ତେଲ, କ୍ଷୀର ଆଦିର ବର୍ଦ୍ଧିତ ଦରଦାମକୁ ନେଇ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି। ଅନ୍ୟପଟେ ଦେଶରେ ବେରୋଜଗାରୀ ଶୀର୍ଷରେ ପହଞ୍ଚି ଥିବା ନେଇ ଅଭିଯୋଗ ଆଣିଛନ୍ତି। ଏହାର ପ୍ରତିବାଦ କରି ସୋମବାର କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବ୍ଲକର ମୋଟେର, କୋକସରା, ଲଡୁଗାଁ, ଆମପାଣି ସମେତ ଅନେକ ସ୍ଥାନରେ କଂଗ୍ରେସ କର୍ମୀମାନେ ପ୍ରତିବାଦ କରିବା ସହ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଶୋଷଣ ନୀତି ବିରୋଧରେ ସଚେତନ ଓ ଲିଫ ଲେଟ ବଣ୍ଟନ କରିଛନ୍ତି। ବ୍ଲକ କଂଗ୍ରେସ କମିଟି ସଭାପତି ଘନଶ୍ୟାମ ଜାଲଙ୍କ ନେତୃତ୍ୱରେ ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, ନିମାଇଁ ଧଙ୍ଗଡା ମାଝି, ଜିଲା ଓବିସି ସେଲ ଜିଲା ସଭାପତି ଲିଙ୍ଗରାଜ ବେହେରା, ହରିଶ୍ଚନ୍ଦ୍ର ନାଏକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଦରଦାମ ବୃଦ୍ଧି ନେଇ ପ୍ରତିବାଦ କରିଛନ୍ତି।

## ପ୍ରତିବାଦ ସଭା, କ୍ୟାଣ୍ଡେଲ ଶୋଭାଯାତ୍ରା

**ଲାଠୋର,୨୨।୮(ଡି.ଏନ.ଏ.)**

**ରାଜସ୍ଥାନରେ ଜାତିବାଦ ପାଇଁ ବାଳକ ମୃତ୍ୟୁ ଘଟଣା**

ରାଜସ୍ଥାନ ପ୍ରଦେଶ ଜାଲୋର ଜିଲା ସାୟଲା ବ୍ଲକ ସୁରାଣା ଗ୍ରାମରେ ଥିବା ଏକ ଘରୋଇ ସ୍କୁଲରେ ଅଧ୍ୟୟନରତ ଜଣେ ତୃତୀୟ ଶ୍ରେଣୀର ଛାତ୍ର ଦେବୀରାମ ମେଘୱାଲ(୯)ଜାତିବାଦର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଦେବୀରାମର ଭୁଲ ଥିଲା ଯେ, ସେ ପ୍ରଧାନଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ ମାଠିଆରୁ ପାଣି ପିଇ ଦେଇଥିଲେ। ପ୍ରଧାନଶିକ୍ଷକ ତାଙ୍କୁ ପ୍ରଚୁର ମାଡ ମାରିଥିଲେ। ଗଭୀର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘୃଣିତ ଜାତିବାଦ ଦ୍ୱାରା ଜଣେ ବାଳକର ଜୀବନ ଗଲା ବୋଲି ମତପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟରେ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ସଦସ୍ୟ ରବି ସୋନିଙ୍କ ନେତୃତ୍ୱରେ ଏହି ଉପଲକ୍ଷେ ଏକ ପ୍ରତିବାଦ ସଭା ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରି ସ୍ଥାନରେ କୌଣସି ଭାବରେ ଏପରି ଜଘନ୍ୟ କାଣ୍ଡ ହେବା ଉଚିତ ନ ଥିଲା ବୋଲି ପ୍ରତିବାଦ ସଭାରେ ଉପସ୍ଥିତ ଜିତୁ ନାଗ, ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା ପ୍ରମୁଖ କହିଥିଲେ। ଅଗାମୀ ଦିନରେ ଏହି ସମ୍ପ୍ରଦାୟର ଲୋକ ଯେପରି ଘୃଣିତ ଜାତିବାଦର ଶିକାର ନ ହୁଅନ୍ତି ତାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହୋଲଟ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ସଂଗଠନ ସଦସ୍ୟମାନେ ଇନ୍ଦ୍ର କୁମାରଙ୍କ ପ୍ରତିଛବିରେ ପୁଷ୍ପମାଳ ଦେବା ସହ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିଲେ।



ଦେବୀରାମ ମେଘୱାଲଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## 'ଜୀବନ ସଂଘର୍ଷରୁ ଅନେକ କିଛି ଶିଖିଛି'

**ବଲାଙ୍ଗୀର ଅଫିସ,୨୧।୮**

**ମାସିକ ରଚନା ସନ୍ଧ୍ୟାରେ ଅନୁଭୂତି ବଖାଣିଲେ ପଦ୍ମଶ୍ରୀ ନରସିଂହ ଗୁରୁ**



ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ସହ ଅନ୍ତରଙ୍ଗ ଆଳାପରେ କବି ଆନନ୍ଦ ଚନ୍ଦ୍ର ସାହୁ ଓ ସନାତନ ଠାକୁର।

ସମାଜ ସାହିତ୍ୟ ଏବଂ ସଂସ୍କୃତି ଉପରେ କାମ କରୁଥିବା ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ପତିତପାବନ ଏକ ।ଡେମୀ ହଲରେ ମାସିକ ରଚନା ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କୋଶଲୀ ଭାଷା ସାହିତ୍ୟର ଗବେଷକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ ମୋ ଜୀବନ, କୃତି ଓ ଅନୁଭୂତି ଶୀର୍ଷକ କାର୍ଯ୍ୟକ୍ରମରେ ନିଜ ଜୀବନର ଅନୁଭୂତି ବଖାଣିଥିଲେ। କବି ଆନନ୍ଦ ଚନ୍ଦ୍ର ସାହୁ ଏହି ଅନ୍ତରଙ୍ଗ ଆଳାପରେ ଯୋଗଦେଇ ପଦ୍ମଶ୍ରୀ ଗୁରୁଙ୍କୁ ବିଭିନ୍ନ ପ୍ରଶ୍ନ କରି ତାଙ୍କର ଜୀବନର ବହୁ ରୋଚକ ଘଟଣାବଳୀ ସମ୍ପର୍କରେ କଥା ହୋଇଥିଲେ। ପଦ୍ମଶ୍ରୀ ଗୁରୁ କହିଥିଲେ ଯେ, ଦୀର୍ଘ ୩୭ ବର୍ଷର ଶିକ୍ଷକତା ପରେ ସେ ଅବସର ଗ୍ରହଣ କରିଥିଲେ। ଏବେ ୯୧ ବର୍ଷ ବୟସରେ ମଧ୍ୟ ସକ୍ରିୟ ରହିଛନ୍ତି। ପ୍ରତିଦିନ ସାହିତ୍ୟ ସାଧନାରେ ନିମଗ୍ନ ଅଛନ୍ତି। ପ୍ରାରମ୍ଭିକ ଜୀବନ ତାଙ୍କର ସଂଘର୍ଷମୟ ରହିଥିଲା। ଶିକ୍ଷକତା ସମୟରେ ଜଣେ ନୀତିନିଷ୍ଠ ଏବଂ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ କାମ କରୁଥିଲେ ମାତ୍ର ତାଙ୍କୁ ଶିକ୍ଷା ବିଭାଗୀୟ ଉଚ୍ଚ ଅଧିକାରୀମାନେ ଅଯଥାରେ ହଇରାଣ ହରକତ କରୁଥିଲେ। ବାରମ୍ବାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି କରୁଥିଲେ। ଥରେ ଏହାର ପ୍ରତିବାଦ କରିବାରୁ ଏଭଳି କାର୍ଯ୍ୟ ବନ୍ଦ କଲେ।

୧୯୪୭ ମସିହାରେ ସେ ନବମ ଶ୍ରେଣୀ ପଢୁଥିବାବେଳେ ଦେଶ ସ୍ୱାଧୀନ ହେଲା। ସେତେବେଳେ ବଲାଙ୍ଗୀରର ଅବସ୍ଥା କିପରି ଥିଲା ଓ ଏଠାରେ ସ୍ୱାଧୀନତା ଦିବସ କିଭଳି ପାଳନ କରାଯାଇଥିଲା କହିଥିଲେ। ପ୍ରତି ଘର ସମ୍ମୁଖରେ ମା'ମାନେ ଦୀପ ଜାଳିଥିଲେ। ସତ୍ୟାଗ୍ରହୀ ଓ ସାଧାରଣ ଜନତା ଶୋଭାଯାତ୍ରାରେ ଇନ୍‌କ୍ଲାବ୍ ଜିନ୍ଦାବାଦ ନାରା ଦେଇ ସହର ପରିକ୍ରମ କରିଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ କବି ଗଙ୍ଗାପ୍ରସାଦ ପଣ୍ଡାଙ୍କ କୋଶଲୀ କବିତାରେ ଆକୃଷ୍ଟ ହୋଇ କୋଶଲୀ ଭାଷାରେ ଲେଖିଲେଖି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କୋଶଲୀ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଗବେଷଣା କରି ୪୦ଟି ବହି ଲେଖିଛନ୍ତି। କୋଶଲୀ-ଓଡିଆ ଅଭିଧାନ ତାଙ୍କର ଶ୍ରେଷ୍ଠ କୃତି ବୋଲି ସେ କହିଥିଲେ। ଏହି ଆଲୋଚନାରେ ଆଗାମୀ ଦିନରେ ଭାଷା, ସାହିତ୍ୟର ସ୍ୱରୂପ ଏବଂ ଲେଖକଙ୍କ କର୍ତ୍ତବ୍ୟ ଉପରେ ସେ କହିଥିଲେ। ସଭା ପ୍ରାରମ୍ଭରେ ରଚନା ସମ୍ପାଦକ ସନାତନ ଠାକୁର ପଦ୍ମଶ୍ରୀ ଗୁରୁ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଜ୍ୟୋତି ସାହୁ ପଦ୍ମଶ୍ରୀ ଗୁରୁଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ରଚନା ସଭାପତି ଭାଗିରଥି ମିଶ୍ର, ଗାଳ୍ପିକା ଗାୟତ୍ରୀ ସରାଫ, କସ୍ତୁରୀ ରଥ, ଗିରିଜା ଶଙ୍କର ରଥ, ରାମଶଙ୍କର ଶତପଥି, ଅଖିଳ ଚନ୍ଦ୍ର ହୋତା, ଗୁରୁ ଘାସିରାମ ମିଶ୍ର, ବିଜୟ କୁମାର ତ୍ରିପାଠୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶରଦିନ୍ଦୁ ଭୂଷଣ ହୋତା, ରାମଭକ୍ତ ଫରିକାର, ଭବାନୀ ଶଙ୍କର ପଟେଲ, ଡ. ଗୋପବନ୍ଧୁ ରଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଇମ୍ରାନ୍‌ଙ୍କୁ ଆଗୁଆ ଜାମିନ

ବରିଷ୍ଠ ପୋଲିସ ଅଧିକାରୀ, ଜଣେ ମହିଳା ବିଚାରପତିଙ୍କୁ ଖୋଲାଖୋଲି ଧମକ ଦେବା ସହ ସରକାରୀ ପ୍ରତିଷ୍ଠାନ ବିରୋଧରେ ମନ୍ତବ୍ୟ ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଆତଙ୍କବାଦୀ କାର୍ଯ୍ୟକଳାପ ନିରୋଧୀ ଆଇନରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେ କୌଣସି ମୁହୂର୍ତ୍ତରେ ତାଙ୍କୁ ଗିରଫ କରାଯିବା ଆଶଙ୍କା ଥିବାବେଳେ ସୋମବାର ସେ ଇସ୍‌ଲାମାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କୁ ଗିରଫଦାରୀରୁ ମୁକ୍ତି ଦେବା ପାଇଁ ୨୫ ତାରିଖ ପର୍ଯ୍ୟନ୍ତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି।



## ସଂକ୍ଷେପରେ

### ଜେଏନ୍‌ୟୁରେ ଛାତ୍ର-ସୁରକ୍ଷା କର୍ମୀ ସଂଘର୍ଷ

### ଏବିଭିପି ସଭାପତିଙ୍କ ସମେତ ୧୨ ଆହତ

**ନୂଆଦିଲ୍ଲୀ,୨୨।୮:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କ୍ୟାମ୍ପସ୍‌ରେ ସୋମବାର ବିକ୍ଷୋଭରତ ଛାତ୍ରଙ୍କୁ ସୁରକ୍ଷା କର୍ମୀ ମାଡ଼ ମାରିବାରୁ ଏବିଭିପି ସଭାପତି ଓ ଜଣେ ଦୃଷ୍ଟିଶକ୍ତି ହରାଇଥିବା ଛାତ୍ରଙ୍କ ସମେତ ୧୨ ଜଣ ଆହତ ହୋଇଛନ୍ତି। ବର୍ଷେ ହେଲା ଛାତ୍ରବୃତ୍ତି ଓ ଫେଲୋଶିପ୍ ପାଇ ନ ଥିବାରୁ ତୁରନ୍ତ ତାହା ପୈଠ କରାଯିବାକୁ ଦାବି କରି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ସେମାନେ ପ୍ରଶାସନିକ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବିକ୍ଷୋଭକାରୀ ଛାତ୍ରଙ୍କୁ ମାଡ଼ ମାରିବା ଲାଗି ପ୍ରଶାସନ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିବା ଏବିଭିପି ସଭାପତି ରୋହିତ କୁମାର ଅଭିଯୋଗ କରିଛନ୍ତି।

### ଦୁର୍ନୀତି ମାମଲାରେ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଗିରଫ



**ଚଣ୍ଡିଗଡ଼,୨୨।୮:** ଏକ ଦୁର୍ନୀତି ମାମଲାରେ ଭିଜିଲାନ୍ସ ବ୍ୟୁରୋ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଭରତ ଭୂଷଣ ଆଶୁଙ୍କୁ ଗିରଫ କରିଛି। ଭରତ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଥିବାବେଳେ ଜାଲ୍ ରେଜିଷ୍ଟ୍ରେଶନ ନମ୍ବର ଥିବା ଗାଡ଼ିଗୁଡ଼ିକୁ ଖାଦ୍ୟଶସ୍ୟ ପରିବହନ ଲାଗି ଟେଣ୍ଡରକୁ ମଞ୍ଜୁରୀ ଦେଇଥିଲେ। ଅନ୍ୟପକ୍ଷରେ ପଞ୍ଜାବର ଏଏପି ସରକାର ରାଜନୈତିକ ଷଡ଼ଯନ୍ତ୍ର ପାଇଁ ଭିଜିଲାନ୍ସ ବ୍ୟୁରୋର ଅପବ୍ୟବହାର କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି।

### ସଙ୍ଗୀତ କାର୍ଯ୍ୟକ୍ରମ ବେଳେ ସଂଘର୍ଷ: ୭୦ ଆହତ

**କୋଝିକୋଡ୍,୨୨।୮:** କେରଳର କୋଝିକୋଡ୍ ବେଳାଭୂମିରେ ରବିବାର ରାତିରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ସଂଘର୍ଷ ଘଟି ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପାଣ୍ଠି ସଂଗ୍ରହ ଲାଗି ଜେଡିଟି ଇସ୍‌ଲାମ କଲେଜର ଏକ ବିଭାଗ ପକ୍ଷରୁ ସଙ୍ଗୀତ ଆସରର ଆୟୋଜନ କରାଯାଇଥିଲା। ସେଠାରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ଉପସ୍ଥିତ ଛାତ୍ରମାନେ ପୋଲିସ ଉପରକୁ ଟେକା ଓ ବାଲି ଫିଙ୍ଗିଥିଲେ। ଫଳରେ ପୋଲିସ ଉତ୍ତ୍ୟକ୍ତ ଲୋକ ଓ ଛାତ୍ରମାନଙ୍କୁ ଘଉଡ଼ାଇବାକୁ ଯାଇ ଲାଠିଚାଳନା କରିଥିଲା। ଆହତ ପୋଲିସ ଅଧିକାରୀ, ଛାତ୍ର ଓ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଜିଲାପାଳଙ୍କ ଚଷମା ଛଡ଼ାଇନେଲା ମାଙ୍କଡ଼

**ମଥୁରା,୨୨।୮:** ତୀର୍ଥକ୍ଷେତ୍ର ସହର ମଥୁରା ଓ ବୃନ୍ଦାବନରେ ମାଙ୍କଡ଼ମାନେ ପର୍ଯ୍ୟଟକଙ୍କୁ ହଇରାଣ କରିବା ସହ ସେମାନଙ୍କଠାରୁ ବିଭିନ୍ନ ଜିନିଷ ଝାମ୍ପିନେଇଥାନ୍ତି। ସେମାନଙ୍କୁ ଫଳ କିମ୍ବା ଫ୍ରୁଟ୍ ଡ୍ରିଙ୍କ୍ ଦେବା ପରେ ସେମାନେ ଜିନିଷ ଫେରାଇଥାନ୍ତି। ବୃନ୍ଦାବନରେ ଏକ ମାଙ୍କଡ଼ ମଥୁରା ଜିଲାପାଳ ନବୀନ ଚହଲଙ୍କ ଚଷମା ନେଇଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହୋଇଛି। ଜିଲାପାଳଙ୍କ ଚଷମା ଫେରାଇଦେବା ଲାଗି କେତେଜଣ ପୋଲିସ କର୍ମଚାରୀ ମାଙ୍କଡ଼ମାନଙ୍କୁ ଲାଞ୍ଚ ଯାଚିବା ପରେ ସେ ତାହା ଫେରାଇଦେଇଛି।

## ସ୍ୱାମୀ ହତ୍ୟା ପାଇଁ ସୁପାରି ଦେଇଥିଲେ ସ୍ତ୍ରୀ

# କେଚ୍‌ଅପ୍‌କୁ ରକ୍ତ କହି ଫଟୋ ପଠାଇଲେ କିଲର

**ବେଙ୍ଗାଲୁରୁ, ୨୨।୮**

କର୍ନାଟକରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ସୁପାରି ଦେଲେ। ସୁପାରିକିଲର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅପହରଣ ମଧ୍ୟ କଲେ। ହେଲେ ହତ୍ୟା କରିବାକୁ ସେମାନଙ୍କ ସାହସ ହେଲାନି। ପରେ ଯୁବକଙ୍କ ଦେହସାରା କେଚ୍‌ଅପ୍(ଟମାଟୋ ସସ୍) ଢାଳି ତାହାକୁ ରକ୍ତ ବୋଲି କହି ମହିଳାଙ୍କ ନିକଟକୁ ସୁପାରି କିଲର ଫଟୋ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣା ଜଣାପଡ଼ିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ୨୬ ବର୍ଷୀୟା ଅନୁପଲ୍ଲବୀ ନବୀନ କୁମାରଙ୍କୁ ବିବାହ କରି ତାଙ୍କ ସହ ଦୋଡାବିଦାରକଲ୍ଲୁରେ ରହୁଥିଲେ। ହିମବନ୍ତ କୁମାର ନାମକ ଆଉ ଜଣେ ଯୁବକଙ୍କ ସହ ଅନୁପଲ୍ଲବୀଙ୍କ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ନବୀନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ନବୀନଙ୍କୁ ହତ୍ୟା କରିବାକୁ ହରିଶ, ନାଗାରାଜୁ ଏବଂ ମୁଗିଲାନ୍‌ଙ୍କୁ ସୁପାରି ଦେଇଥିଲେ। ୨ ଲକ୍ଷ ଟଙ୍କାରେ ଏହି ଡିଲ୍ ହୋଇଥିଲା। ସୁପାରି କିଲର

### ଧରାପଡ଼ିବା ଭୟରେ ଆତ୍ମହତ୍ୟା କଲେ ମହିଳାଙ୍କ ପ୍ରେମିକ



ଅଗ୍ରିମ ୯୦ ହଜାର ଟଙ୍କା ନେଇଥିଲେ। ଜୁଲାଇ ୨୩ରେ ଅଭିଯୁକ୍ତମାନେ ନବୀନଙ୍କୁ ଅପହରଣ କରି ତାମିଲନାଡୁ ନେଇଯାଇଥିଲେ, କିନ୍ତୁ ହତ୍ୟା କରିବା ପାଇଁ ସେମାନେ ଡରିଥିଲେ। ପରେ ୩ ସୁପାରିକିଲର ନବୀନଙ୍କ ସହ ବନ୍ଧୁତା କରି ସେଠାରେ ପାର୍ଟି କରିଥିଲେ। ଅନୁପଲ୍ଲବୀଙ୍କ ଫୋନ୍ ଆସିବାରୁ ସେମାନେ ନବୀନଙ୍କ ଦେହସାରା କେଚ୍‌ଅପ୍ ଢାଳି ଦେଇଥିଲେ। ଏହାକୁ ରକ୍ତ ବୋଲି କହିବା ସହ ସେମାନେ ନବୀନଙ୍କୁ ମୃତ ଦର୍ଶାଇ ଅନୁପଲ୍ଲବୀଙ୍କ ନିକଟକୁ ଫଟୋ ପଠାଇଥିଲେ। ଏହି ଫଟୋକୁ ହିମବନ୍ତ ସତ ଭାବିଥିଲେ। ତେଣୁ ଧରାପଡ଼ିବା ଭୟରେ ହିମବନ୍ତ ଆତ୍ମହତ୍ୟା କରିଦେଇଥିଲେ। ସେପଟେ ନବୀନଙ୍କ ପରିବାର ପକ୍ଷରୁ ଅଗଷ୍ଟ ୨ରେ ନିଖୋଜ ଏତଲା ଦିଆଯାଇଥିଲା। ହେଲେ ନବୀନ ଅଗଷ୍ଟ ୬ରେ ଘରକୁ ଫେରି ସବୁ ଘଟଣା ବଖାଣିଥିଲେ। ଏଥିରେ ଅନୁପଲ୍ଲବୀଙ୍କ ମା' ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଉଭୟ ମା' ଝିଅଙ୍କ ସମେତ ୩ ସୁପାରି କିଲରଙ୍କୁ ଗିରଫ କରାଯାଇଛି।

## ତାଇୱାନରେ ଆମେରିକୀୟ ଗଭର୍ନର

**ତାଇପେଇ, ୨୨।୮**

ନିକଟରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ହାଇପ୍ରୋଫାଇଲ ତାଇୱାନ ଗସ୍ତ ପରେ ଚାଇନାର ଆକ୍ରମଣାତ୍ମକ ଆଭିମୁଖ୍ୟ ଥମି ନ ଥିବାବେଳେ ଇଣ୍ଡିଆନା ପ୍ରଦେଶର ଗଭର୍ନର ରବିବାର ସନ୍ଧ୍ୟାରେ ତାଇପେଇରେ ପହଞ୍ଚିଛନ୍ତି। ତାଇୱାନରେ ଏରିକ୍ ହୋଲକମ୍ବ୍‌ଙ୍କ ୪ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ସେ ସେମିକଣ୍ଡକ୍ଟର ଆମଦାନୀ ଉପରେ ତାଇୱାନ ସରକାରଙ୍କ ସହ ଆଲୋଚନା କରିବେ। ସେ ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କ ସମେତ ସେମିକଣ୍ଡକ୍ଟର ଶିଳ୍ପର ପ୍ରମୁଖ ପ୍ରତିନିଧିମାନଙ୍କୁ ଭେଟିବେ।

# ଅଟକିଯାଇଛି ୟୁକ୍ରେନୀୟଙ୍କ ସମୟ

- ରୁଷିଆ ଆକ୍ରମଣକୁ ୬ ମାସ
- ଅନିଶ୍ଚିତତାରେ ସମାଧାନ
- କିଭ୍‌ରେ ସ୍ୱାଧୀନତା ଦିବସ ରାଲି ବନ୍ଦ

**କିଭ୍, ୨୨।୮**



ୟୁକ୍ରେନ୍‌ର ଏକ ମୁକ୍ତାକାଶ ସାମରିକ ସଂଗ୍ରହାଳୟରେ ଧ୍ୱସ୍ତବିଧ୍ୱସ୍ତ ରୁଷୀୟ ଟ୍ୟାଙ୍କ ଉପରେ ଜଣେ ଝିଅ ଠିଆ ହୋଇଛନ୍ତି।

ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣକୁ ୧୮୦ ଦିନ ବିତିଗଲାଣି। ହେଲେ ୟୁକ୍ରେନୀୟଙ୍କ ପାଇଁ ଏହି ୬ ମାସ ଯେପରି କେଉଁଠି ଅଟକିଯାଇଛି। ମାତ୍ର ୫ ମାସର ଶିଶୁକୁ ଧରି ପଡ଼ୋଶୀ ପୋଲାଣ୍ଡକୁ ଗତ ମାର୍ଚ୍ଚରେ ପଳାୟନ କରିଥିବା ୟୁକ୍ରେନୀୟ ମହିଳା ତାଇସିଆ ମୋକ୍ରୋଜୁବ୍ ଭାବିଥିଲେ ଅତିବେଶୀରେ ମେ' ସୁଦ୍ଧା ଯୁଦ୍ଧ ସରିଥିବ। ସେ ପୁଣି ଘରକୁ ଫେରିଆସିବେ। ହେଲେ ଇତିମଧ୍ୟରେ ତାଙ୍କ ଶିଶୁକୁ ୧୧ ମାସ ପୂରିଥିଲେ ବି ରୁଷିଆର ଆକ୍ରମଣ ଜାରି ରହିଛି। ଏବେ ବି ସେ ସ୍ୱାମୀ, ପରିବାରଠାରୁ ଦୂରରେ। ନା ସରିଛି ଯୁଦ୍ଧ ନା ପୂରଣ ହୋଇଛି ତାଙ୍କ ଆଶା। ଯୁଦ୍ଧ ଅନ୍ତ ହେବାର କୌଣସି ରାସ୍ତା ଫିଟିପାରି ନ ଥିବାରୁ ଏହା ଆଗକୁ କେତେଦିନ ଧରି ଚାଲିବ ତାହା ମଧ୍ୟ ଅନିଶ୍ଚିତତାରେ। ଏହି କାହାଣୀ କେବଳ ଜଣକର ନୁହେଁ। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଅନ୍ୟ ଦେଶକୁ ଜୀବନ ରକ୍ଷା ପାଇଁ ପଳାୟନ କରିଥିବା କୋଟିଏରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ଏବେ ଅନିଶ୍ଚିତତା ଭିତରେ ଜୀବନ କାଟୁଛନ୍ତି।

ଅପରପକ୍ଷେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଥମିବା ପରିବର୍ତ୍ତେ ଆହୁରି ଭୟଙ୍କର ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଆସନ୍ତା ୨୪ ତାରିଖରେ ୟୁକ୍ରେନ୍ ଏହାର ୩୧ ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଥିବାବେଳେ ମସ୍କୋ ବଡ଼ଧରଣର ଆକ୍ରମଣ ଯୋଜନା କରିଥିବା ଆଶଙ୍କା କରାଯାଇଛି। ତେଣୁ ସମସ୍ତ ୟୁକ୍ରେନୀୟ ସତର୍କ ରହିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପରାମର୍ଶ ଦେଇଛନ୍ତି। ରାଜଧାନୀ କିଭ୍‌କୁ ରୁଷିଆ ଟାର୍ଗେଟ କରିପାରେ ବୋଲି କୁହାଯାଉଥିବାରୁ ଗୁରୁବାର ପର୍ଯ୍ୟନ୍ତ ସ୍ୱାଧୀନତା ଦିବସ ରାଲି ଉପରେ କଟକଣା ଲଗାଯାଇଛି। ଖର୍କିଭରେ କର୍ଫ୍ୟୁ ଜାରି ହୋଇଛି। ଦକ୍ଷିଣ ୟୁକ୍ରେନ୍‌ର କେତେକ ସହର ଉପରେ ରୁଷିଆ ମିଶାଇଲ, ରକେଟ୍ ମାଡ଼ ଜାରି ରଖିଛି। ଜାପୋରିଜିଝିଆ ନ୍ୟୁକ୍ଲିୟର ପ୍ଲାଣ୍ଟ ନିକଟରେ ମସ୍କୋ ବାରମ୍ବାର ଆକ୍ରମଣ କରୁଥିବାରୁ କୌଣସି ବଡ଼ ଧରଣର ଅଘଟଣ ଘଟିପାରେ ବୋଲି କିଭ୍ ଆଶଙ୍କା ବ୍ୟକ୍ତ କରିଛି। ଏହାର ମୁକାବିଲା ପାଇଁ କିଭ୍ ନିଜକୁ ପ୍ରସ୍ତୁତ କରୁଛି।

## ୟୁକ୍ରେନ୍ ସହରକୁ ରୁଷିଆରେ ମିଶ୍ରଣ ଯୋଜନା

**ମସ୍କୋ, ୨୨।୮**

ଡୋନେସ୍କ, ଲୁହନ୍‌ସ୍କ ସମେତ ପୂର୍ବ ଓ ଦକ୍ଷିଣ ୟୁକ୍ରେନ୍‌ର କେତେକ ସହର ତଥା ଅଞ୍ଚଳକୁ ରୁଷିଆ ନିଜ ସହ ମିଶାଇବାକୁ ଯୋଜନା କରୁଛି। ଶୀଘ୍ର ସେହି ଅଞ୍ଚଳଗୁଡ଼ିକରେ ଗଣଭୋଟ ହେବ ବୋଲି ରୁଷିଆର ଜାତୀୟ ଟିଭି ଚ୍ୟାନେଲରେ ରିପୋର୍ଟ ପ୍ରକାଶ ପାଇଛି। ଦକ୍ଷିଣ ୟୁକ୍ରେନ୍‌ର ଖେରସନ୍, ଜାପୋରିଜିଝିଆ ସମେତ ପୂର୍ବ ଭାଗକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିବାକୁ ରୁଷିଆ ଲାଗିଛି। ତେବେ ମସ୍କୋ କବ୍‌ଜାରେ ଥିବା ସ୍ଥାନରେ ଅନେକ ଚ୍ୟାଲେଞ୍ଜ ରହିଛି। ଶୀତଋତୁ ପାଖେଇ ଆସୁଥିବାରୁ ସେଠାରେ ଭିତ୍ତିଭୂମି ନିର୍ମାଣ, ଆତ୍ମରକ୍ଷା ଉଦ୍ୟମ କରୁଥିବା କିଭ୍ ସେନା ଆକ୍ରମଣରୁ ବର୍ତ୍ତିବା ଆଦି ରୁଷିଆ ପାଇଁ କଷ୍ଟକର ହେବ। ରୁଷିଆ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍‌ର ସହରଗୁଡ଼ିକ ଉପରେ କବ୍‌ଜା ଦୀର୍ଘଦିନ ପାଇଁ ସ୍ଥାୟୀ ହୋଇ ନ ପାରେ ବୋଲି ବିଶେଷଜ୍ଞଙ୍କ ମତ। ସେଠାରେ ଆଗକୁ ପ୍ରତିବାଦ ଦେଖିବାକୁ ମିଳିବ, ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବ, ସେଲିଂ, ମୋର୍ଟାର ମାଡ଼ ଆଦି ଜାରି ରହିବ। ତେଣୁ ଗଣଭୋଟରେ ରୁଷିଆ ସଫଳ ହେଲେ ବି ତାହା ମସ୍କୋ ପାଇଁ ବଡ଼ ମୁଣ୍ଡବଥାର କାରଣ ହେବ। ଅପରପକ୍ଷେ ରୁଷିଆ ଦ୍ୱରିତ ଭିତ୍ତିରେ ନିଜ ନିୟନ୍ତ୍ରଣରେ ଥିବା ୟୁକ୍ରେନ୍ ସହରର ବାସିନ୍ଦାଙ୍କୁ ନାଗରିକତ୍ୱ ପ୍ରଦାନ କରୁଛି। ଖେରସନ୍ ଏବଂ ଜାପୋରିଜିଝିଆରେ ରୁଷିଆ ଯାନବାହନ ପାଇଁ ଉଦ୍ଦିଷ୍ଟ ନମ୍ବର ପ୍ଲେଟ୍ କାର୍ ମାଲିକମାନଙ୍କୁ ଦିଆଯାଇଥିବା ଦେଖିବାକୁ ମିଳିଛି। ଏ ସବୁରେ ମସ୍କୋ ସଫଳ ହେଲେ ସମୁଦ୍ର କୂଳବର୍ତ୍ତୀ ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ୟୁକ୍ରେନ୍ ହରାଇବ।

## 'ଶାନ୍ତି ଚୁକ୍ତିରୁ ଦୂରେଇଛି କିଭ୍'



ଗେନାଡ ଗଟିଲୋଭ୍

କୂଟନୈତିକ ରାସ୍ତାରେ ୟୁକ୍ରେନ୍ ଯୁଦ୍ଧର ଅନ୍ତ ଘଟିବା ନେଇ ରୁଷିଆ ଆଶା କରୁନାହିଁ। ଫଳରେ ଏହା ଭବିଷ୍ୟତରେ ଆହୁରି ଲମ୍ବିବା ଆଶଙ୍କା ଉପୁଜିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ଆଲୋଚନା ହୋଇପାରିବ ନାହିଁ ବୋଲି ଜାତିସଂଘରେ ସ୍ଥାୟୀ ପ୍ରତିନିଧି ଥିବା ରୁଷୀୟ କୂଟନୀତିଜ୍ଞ ଗେନାଡ ଗଟିଲୋଭ୍ କହିଛନ୍ତି। ଗତ ଏପ୍ରିଲରେ ମସ୍କୋ ଏବଂ କିଭ୍ କୌଣସି ସମାଧାନର ବାଟ ବାହାରକରିବାର ଅତି ନିକଟତର ହୋଇଥିଲେ। କିନ୍ତୁ ଆମେରିକା ଏବଂ ନାଟୋ ସହଯୋଗୀଙ୍କ କଥାରେ ୟୁକ୍ରେନ୍ ନିଜକୁ ଏଥିରୁ ଦୂରେଇ ରଖିଛି। ତେଣୁ ଆଗକୁ କୌଣସି କୂଟନୈତିକ ଆଲୋଚନାର ସମ୍ଭାବନା ଦେଖାଯାଉନାହିଁ ବୋଲି ସେ କହିଛନ୍ତି।

## ୧୮ ମାସରେ ଫେରିଲେଣି ୧,୫୦୦ ପାକ୍ ହିନ୍ଦୁ

**ଜୟସାଲମେର,୨୨।୮**

### ମିଳୁନି ଭାରତୀୟ ନାଗରିକତ୍ୱ

ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କ୍ଷେତ୍ରରେ ସରକାରଙ୍କ କଡ଼ା ନିୟମ କାନୁନ ଯୋଗୁ ବହୁ ସଂଖ୍ୟାରେ ପାକିସ୍ତାନୀ ହିନ୍ଦୁ ସେମାନଙ୍କ ଦେଶକୁ ଫେରିଗଲେଣି। ପାକିସ୍ତାନରେ ଅତ୍ୟାଚାର ସହି ନ ପାରି ଏହି ହିନ୍ଦୁ ପରିବାରଗୁଡ଼ିକ ଭାରତ ଚାଲିଆସିଥିଲେ। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ମଧ୍ୟରେ ସେମାନଙ୍କ ମଧ୍ୟରୁ ୩୩୪ ଜଣ ଶରଣାର୍ଥୀ ପାକିସ୍ତାନ ଫେରିଯାଇଛନ୍ତି। ୨୦୨୧ରୁ ଇତିମଧ୍ୟରେ ପ୍ରାୟ ୧,୫୦୦ ପାକିସ୍ତାନୀ ହିନ୍ଦୁ ଫେରିଯାଇଥିବା ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋହଳ ବ୍ୟବସ୍ଥା ଯୋଗୁ ହିନ୍ଦୁ ଶରଣାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାରତୀୟ ନାଗରିକତ୍ୱ ପାଇବା ନିମନ୍ତେ ଆବଶ୍ୟକ ଆନୁଷଙ୍ଗିକତା ପୂରଣ ଲାଗି ଅଧିକାଂଶ ହିନ୍ଦୁ ଶରଣାର୍ଥୀଙ୍କ ପାଖରେ ଟଙ୍କା ବା ସମ୍ବଳ ନାହିଁ। ତେଣୁ ସେମାନେ ପାକିସ୍ତାନ ଫେରିଯିବାକୁ ବାଧ ହେଉଥିବା ସୀମାନ୍ତ ଲୋକ ସଂଗଠନର ସଭାପତି ହିନ୍ଦୁ ସିଂ ସୋଧା କହିଛନ୍ତି। ଏଠାରେ ୧୦ରୁ ୧୫ ବର୍ଷ ହେଲା ରହିଥିବା ପ୍ରାୟ ୨୫,୦୦୦ ପାକିସ୍ତାନୀ ହିନ୍ଦୁ ଭାରତୀୟ ନାଗରିକତ୍ୱ ଚାହାନ୍ତି। ୨୦୦୪ ଓ ୨୦୦୫ରେ କ୍ୟାମ୍ପ କରାଯାଇ ପ୍ରାୟ ୧୩,୦୦୦ ପାକିସ୍ତାନୀ ହିନ୍ଦୁଙ୍କୁ ନାଗରିକତ୍ୱ ପ୍ରଦାନ କରାଯାଇଥିଲା।

## ତ୍ରିରଙ୍ଗା ଧରିଥିବା ନିଯୁକ୍ତି ଆଶାୟୀଙ୍କୁ ଅତିରିକ୍ତ ଜିଲାପାଳଙ୍କ ମାଡ଼

**ପାଟନା,୨୨।୮ :** ବିହାରରେ ଶିକ୍ଷକ ନିଯୁକ୍ତି ବିଳମ୍ବକୁ ନେଇ ଶହ ଶହ ଆଶାୟୀ ସୋମବାର ପାଟନାରେ ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ପାଣିମାଡ଼ କରିଛି। ଏପରିକି ଜାତୀୟ ପତାକା ଧରିଥିବା ଜଣେ ନିଯୁକ୍ତି ଆଶାୟୀ ତଳେ ପଡ଼ିଯାଇଥିବାବେଳେ ତାଙ୍କୁ ପାଟନା ଅତିରିକ୍ତ ଜିଲାପାଳ କେ.କେ. ସିଂ ଲାଠିରେ ପିଟୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ପାଟନା ଜିଲାପାଳ ଚନ୍ଦ୍ରଶେଖର ସିଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି। ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗୋଟିଏ ଗୋଷ୍ଠୀ ପ୍ରାର୍ଥୀ ତୁରନ୍ତ ନିଯୁକ୍ତି ଦାବିରେ ରାଲିରେ ବାହାରିଥିବାବେଳେ ଡାକବଙ୍ଗଳା ଛକ ନିକଟରେ ଜନ ଅଧିକାର ପାର୍ଟିର କର୍ମୀମାନେ ସେମାନଙ୍କ ସହ ମିଶି ରାଜଭବନ ଅଭିମୁଖେ ଅଗ୍ରସର ହେବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଏତେସଂଖ୍ୟାରେ ଲୋକଙ୍କୁ ରାଜଭବନ ଆଡ଼େ ଯିବାକୁ ଦିଆ ନ ଯାଇ ସେମାନଙ୍କର ଏକ ୫ ଜଣିଆ ପ୍ରତିନିଧି ଦଳ ପଠାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ସମୟରେ ଉପଜିଲାପାଳ ଲାଠିରେ ଜଣେ ପ୍ରାର୍ଥୀଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ହେବା ପରେ ଉତ୍ତେଜନା ଦେଖାଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା ଓ ପାଣିମାଡ଼ କରିଥିଲା।



## ବିପଦରେ ଜମ୍ମୁ-କଶ୍ମୀରର ପରିଚୟ: ଫାରୁକ୍

**ଶ୍ରୀନଗର,୨୨।୮(ପି.ଟି.)**



- ଭୋଟର ତାଲିକାରେ ବାହାର ଲୋକଙ୍କୁ ସାମିଲ ହେବାକୁ ଦିଆଯିବ ନାହିଁ
- କେନ୍ଦ୍ର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ ପାଇଁ ବିଭିନ୍ନ ଦଳର ପ୍ରତିଜ୍ଞା

ଜମ୍ମୁ-କଶ୍ମୀର ଭୋଟର ତାଲିକାରେ ବାହାର ଲୋକଙ୍କୁ ସାମିଲ କରିବା ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ଏହାକୁ ସବୁ ପ୍ରକାରେ ବିରୋଧ କରାଯିବା ସହ କୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ସୋମବାର କହିଛନ୍ତି। ୯ଟି ଦଳର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାହାର ଲୋକଙ୍କୁ ଜମ୍ମୁ-କଶ୍ମୀରରେ ଭୋଟ ଅଧିକାର ଦେବା ଲାଗି ସରକାରଙ୍କ ନିଷ୍ପତ୍ତି ବିରୋଧରେ ଏକାଠି ହେବା ଲାଗି ଫାରୁକ୍ ୯ଟି ଦଳର ବୈଠକ ଡାକିଥିଲେ। ରାଜ୍ୟର ପରିଚୟ ଲିଭିଯିବାକୁ ଯାଉଛି। ଏଠାରେ ବସବାସ କରୁଥିବା ଡୋଗ୍ରା, କଶ୍ମୀରୀ ପହାଡ଼ି ବା ଗୁଜ୍ଜର ଅଥବା ଶିଖ୍‌ମାନେ ସେମାନଙ୍କ ପରିଚୟ ହରାଇବେ। ବିଧାନସଭା ବାହାର ଲୋକଙ୍କ ହାତରେ ରହିବ। ଆମେ ଏହାର ବିରୋଧ କରୁଛୁ ବୋଲି ଫାରୁକ୍ କହିଛନ୍ତି।

ବୈଠକରେ ଏନ୍‌ସି ସମେତ କଂଗ୍ରେସ, ପିଡିପି, ଆୱାମୀ ନ୍ୟାଶନାଲ କନ୍‌ଫରେନ୍ସ, ଶିବସେନା, ସିପିଆଇ, ସିପିଆଇ(ଏମ୍), ଜେଡିୟୁ, ଅକାଳୀ ଦଳ ମାନ୍ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସଂଶୋଧିତ ଭୋଟର ତାଲିକାରେ ବାହାର ଭୋଟରଙ୍କ ନାଁ ରହିଥିବା କହି ଲୋକଙ୍କ ମନରେ ବିଷମଞ୍ଜି ବୁଣିବାକୁ ଏନ୍‌ସି, ପିଡିପି ଓ ଅନ୍ୟ ଦଳଗୁଡ଼ିକ ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି।

# ମହାପଞ୍ଚାୟତ ଲାଗି ଦିଲ୍ଲୀରେ ହଜାର ହଜାର ଚାଷୀ

**ନୂଆଦିଲ୍ଲୀ,୨୨।୮(ପି.ଟି.)**

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନ ଆଣିବା, କୃଷି ଋଣ ଛାଡ଼ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ କୃଷକ ସଂଗଠନ ପକ୍ଷରୁ ନୂଆଦିଲ୍ଲୀରେ ମହାପଞ୍ଚାୟତର ଡାକରା ଦିଆଯାଇଥିଲା। ଏଥିରେ ଯୋଗଦେବା ଲାଗି ବିଭିନ୍ନ ରାଜ୍ୟରୁ ହଜାର ହଜାର ଚାଷୀ ସୋମବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ପହଞ୍ଚିଛନ୍ତି। ପୂର୍ବରୁ କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ବିରୋଧ କରି ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ବର୍ଷେ ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। କୃଷି ଆଇନକୁ ବିଭିନ୍ନ ମହଲରୁ ସମାଲୋଚନା କରାଯିବା ପରେ ୨୦୨୧ ନଭେମ୍ବରରେ କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର କରି ନେଇଥିଲେ। ଏଥିସହିତ ଚାଷୀମାନଙ୍କ ବିଭିନ୍ନ ଦାବି ପୂରଣ ଲାଗି ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ହେଲେ ଏପର୍ଯ୍ୟନ୍ତ ସେମାନଙ୍କର ଦୀର୍ଘଦିନର ଦାବି ପୂରଣ ହୋଇ ନ ଥିବାରୁ ଚାଷୀମାନେ ପୁଣିଥରେ ରାଜଧାନୀରେ ଏକାଠି ହୋଇଛନ୍ତି। ଅଧିକାଂଶ ଚାଷୀ ସାଙ୍ଗରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଆସିଥିବାରୁ ସେମାନେ ପୁଣିଥରେ ଧାରଣାରେ ବସିବା ଆଶଙ୍କା କରାଯାଉଛି। ସେମାନେ ରାଜପଥର ବିଭିନ୍ନ ସ୍ଥାନରେ ବସିବା ସହ ପ୍ରତିଶ୍ରୁତି ପୂରଣ କରି ନ ଥିବା କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି।

ଅପ୍ରୀତିକର ସ୍ଥିତି ଉପୁଜିବା ଆଶଙ୍କାରେ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।



ମହାପଞ୍ଚାୟତ ପାଇଁ ଦିଲ୍ଲୀର ଯନ୍ତରମନ୍ତରରେ ଚାଷୀ ଏକାଠି ହୋଇଛନ୍ତି।

### ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଦିଆଯାଇଛି। ସହରର ସମସ୍ତ ପ୍ରବେଶ ପଥରେ ପୋଲିସ ଏକାଧିକ ଲେୟର ବ୍ୟାରିକେଡ୍ କରିବା ସହ ଜାତୀୟ ରାଜଧାନୀରେ ପ୍ରବେଶ କରୁଥିବା ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଫଳରେ ସୀମାନ୍ତ ଅଞ୍ଚଳ ସିଙ୍ଘୁ, ଟିକ୍ରି ଏବଂ ଗାଜିପୁର ସମେତ ବିଭିନ୍ନ ରାସ୍ତାରେ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହୋଇଛି। ଏହା ବ୍ୟତୀତ ଦିଲ୍ଲୀ-ମିରଟ ଏକ୍ସପ୍ରେସୱେ, ପାଲାମ ଫ୍ଲାଇଓଭର, ଅରବିନ୍ଦ ମାର୍ଗ, ରିଙ୍ଗ୍ ରୋଡ (ଇନ୍ଦ୍ରପ୍ରସ୍ଥ ପାର୍କ ନିକଟ), ଗାଜିଆବାଦ-ୱାଜିରାବାଦ ରୋଡ୍ ଏବଂ ମୁନିର୍କା ରୋଡ୍‌ରେ ଗାଡ଼ିମୋଟର ଭିଡ଼ ଦେଖାଦେଇଛି।

ମହାପଞ୍ଚାୟତ ଲାଗି ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ସମେତ କର୍ନାଟକ, ମହାରାଷ୍ଟ୍ର, ଓଡ଼ିଶା ଓ କେରଳରୁ ଚାଷୀମାନେ ଦିଲ୍ଲୀରେ ପହଞ୍ଚିଛନ୍ତି। ଆବଶ୍ୟକ ପଡ଼ିଲେ ରାଜଧାନୀରେ ରହିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସିଥିବା ପଞ୍ଜାବର ମାଘ ନିବୋରି ନାମକ ଚାଷୀ କହିଛନ୍ତି। ସୁରକ୍ଷା କାରଣ ନେଇ କେତେକ ବିକ୍ଷୋଭକାରୀ ଚାଷୀଙ୍କୁ ଗାଜିପୁର ସୀମାରେ ଅଟକା ଯାଇଥିଲା। ଯାଞ୍ଚ ପରେ ସେମାନଙ୍କୁ ଯନ୍ତରମନ୍ତର ଯିବାକୁ ଅନୁମତି ଦିଆଯାଇଥିବା ପୂର୍ବ ଦିଲ୍ଲୀର ଡିସିପି ପ୍ରିୟଙ୍କା କଶ୍ୟପ କହିଛନ୍ତି। ଆଇନ ଶୃଙ୍ଖଳା ରକ୍ଷା ଏବଂ କୌଣସି ଧନଜୀବନ ଯେପରି ହାନି ନ ହୁଏ, ସେଥିପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୋଲିସ ସ୍ୱତନ୍ତ୍ର କମିଶନର ଦେପେନ୍ଦ୍ର ପାଠକ କହିଛନ୍ତି। ଅନ୍ୟପକ୍ଷରେ ଯନ୍ତରମନ୍ତରରେ ପହଞ୍ଚିବା ପୂର୍ବରୁ ବିଭିନ୍ନ ସ୍ଥାନରେ ଚାଷୀମାନଙ୍କୁ ଅଟକାଯାଇଥିଲା ବୋଲି ସଂଯୁକ୍ତ କୃଷକ ମୋର୍ଚ୍ଚା (ଅଣରାଜନୀତିକ)ର ନେତାମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜନ ଆରୋଗ୍ୟ ସମିତିର ବୈଠକ

**ସମ୍ବଲପୁର,୨୨।୮(ବ୍ୟୁରୋ):** ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୋମବାର ଜନ ଆରୋଗ୍ୟ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହେତାଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇଥିଲା। ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ କିଭଳି କରାଯିବ ସେ ନେଇ ସଭ୍ୟମାନେ ମତ ରଖିଥିଲେ। ଡ୍ରେନେଜ ମରାମତି, ରୋଗୀମାନଙ୍କ ବସିବା ବ୍ୟବସ୍ଥା, ଉଚ୍ଚ କ୍ଷମତା ବିଶିଷ୍ଟ ଆଲୋକ ସୁବିଧା ସକାଶେ ନିଷ୍ପତ୍ତି ନିଆଯାଇଛି। ସୁପ୍ରଭାତ ସାହୁ, ଜି. ସ୍ୱାତୀ, ବିଜୟ ବନଛୋର, ରାମଚନ୍ଦ୍ର ରାଉତଙ୍କ ସମେତ ୨୦ଜଣ ଜନ ଆରୋଗ୍ୟ ସମିତିର ସଭ୍ୟାସଭ୍ୟ ଯୋଗଦେଇଥିଲେ। ଶେଷରେ ହୀରାଲାଲ ବେହେରା ଧନ୍ୟବାଦ ଦେଇଥିଲେ।

### ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ସମ୍ବଲପୁର,୨୨।୮(ବ୍ୟୁରୋ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ସ୍ଥାନୀୟ ମେହେର କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଛି। ଏଥିରେ ରମାକାନ୍ତ ମେହେର ସଭାପତିତ୍ୱ କରିଥିଲେ। ସମାଜ ସମ୍ପାଦକ ଗୋକୁଳଚନ୍ଦ୍ର ମେହେର ସଭା ସଞ୍ଚାଳନ କରିଥିଲେ। ଶିବ ପ୍ରସାଦ ମେହେର, ରାଧାଚରଣ ମେହେର ଓ ଭିକାରୀଚରଣ ମେହେର ମଞ୍ଚାସୀନ ରହି ସମାବେଶକୁ ସମ୍ବୋଧିତ କରିଥିଲେ। ମା' ସମଲେଶ୍ୱରୀ ଓ ମେହେର ସମାଜର ଇତିହାସ ପୁରୁଷ ଭାବେ ପରିଚିତ ସ୍ୱଭାବ କବି ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଅବସରରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ଯୋଶାମଣି

**ହେମଗିର,୨୨।୮(ଡି.ଏନ.ଏ):** ଭତ୍ତା ଅପେକ୍ଷାରେ ବୃଦ୍ଧ ମହିଳା। ଅନେକ ଦିନ ହେଲା ଭତ୍ତା ପାଇଁ ଆବେଦନ କରିଥିବା ବୃଦ୍ଧାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ଏହିପରି ଏକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ହେମଗିର ବ୍ଲକସ୍ଥିତ ଆକେଲବିରା ପଞ୍ଚାୟତର ରୋହିଣୀ ଗ୍ରାମରେ। ରୋହିଣୀ ଗ୍ରାମର ଯୋଶାମଣି ଖମାରୀ(୬୮) ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ଭତ୍ତା ପାଇଁ ଅନେକ ଥର ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭତ୍ତା ନ ମିଳିବାରୁ ଭତ୍ତା ଅପେକ୍ଷାର ଦିନ କାଟୁଛନ୍ତି। ତେବେ ଏନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଭତ୍ତା ପ୍ରଦାନ କରିବା ପାଇଁ ଦାବି ହେଉଛି।

### ବିଶ୍ୱକର୍ମା ପୂଜାର ଶୁଭଖମ୍ବ ସ୍ଥାପନ

**ବାଉଁଶୁଣି, ୨୨।୮(ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣି ଛକ ଡ୍ରାଇଭର ମହାସଂଘ ତରଫରୁ ସୋମବାର ୨୭ତମ ବାବା ବିଶ୍ୱକର୍ମା ପୂଜା ପାଇଁ ବାଉଁଶୁଣିଠାରେ ଶୁଭଖମ୍ବ ସ୍ଥାପନ ହୋଇଛି। ପୂଜକ ତ୍ରିବିକ୍ରମ ପାଢ଼ୀ ଥିବାବେଳେ କର୍ତ୍ତା ଭାବରେ ଆନନ୍ଦ ଖଟୁଆ ପାରମ୍ପରିକ ପୂଜାର୍ଚ୍ଚନା କରିବା ପରେ ଶୁଭ ଖମ୍ବ ପ୍ରତିଷ୍ଠା କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ଆନନ୍ଦ ଖଟୁଆ, ସମ୍ପାଦକ ପଦ୍ମଲୋଚନ ମହଲା ଉପସ୍ଥିତ ଥିଲେ।

# ଆଦିବାସୀ ମହାସଂଘର ଆର୍‌ଡିସି ଅଫିସ ଘେରାଉ

**ସମ୍ବଲପୁର,୨୨।୮(ବ୍ୟୁରୋ)**


ଆର୍‌ଡିସି ଅଫିସ ଘେରାଉ କରାଯାଇଛି ।

### ନକଲି ଆଦିବାସୀ ଚିହ୍ନଟ ଦାବି

ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜଙ୍ଗଲ ଜମି ଅଧିକାରକୁ ଗୁରୁତ୍ୱ ଦେଇ ଜାତିଗତ ପ୍ରମାଣପତ୍ର ପ୍ରଦାନ, ରାଜନୈତିକ ସଂରକ୍ଷଣର ସଠିକ ରୂପାୟନ, ନକଲି ଆଦିବାସୀ ଚିହ୍ନଟ କରି ଦୋଷୀଙ୍କ ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଆଦିବାସୀ ଜମି ବିକ୍ରି ପାଇଁ ଅନୁମତି ପ୍ରଦାନ ନ କରିବା ପ୍ରଭୃତି ଦାବି ନେଇ ସହସ୍ରାଧିକ ଆଦିବାସୀ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ୧୩ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ମହାସଂଘ ସଭାପତି ପ୍ରଶାନ୍ତ କୁମାର ହାଓଙ୍କ ଅଧ୍ୟକ୍ଷତାରେ ମହାସମ୍ମିଳନୀ ହୋଇଥିଲା। ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ସୂଚନା ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଡା. ଜିନିତା ବା, ବଲାଙ୍ଗିର ଜିଲା ସଭାପତି ଖୁସିରାମ ଜାନି, କଳାହାଣ୍ଡି ସଭାପତି ପ୍ରକାଶ ମାଝି, ନୂଆପଡ଼ା ସଭାପତି ପ୍ରଶାନ୍ତ ମାଝି, ବୌଦ୍ଧ ସଭାପତି ଡମ୍ବରୁଧର କହର, ସୋନପୁର ସଭାପତି ଜୟକୁମାର ବରିହା, ଝାରସୁଗୁଡ଼ା ସଭାପତି ପଦ୍ମଲୋଚନ ବୁଡୁଲା, ଦେବଗଡ଼ ସଭାପତି ବାନ୍ଦ୍ରାଚରଣ କିଷାନ, ସୁନ୍ଦରଗଡ଼ ସଭାପତି ଅନୀଲ ଏକ୍କା ଯୋଗଦେଇ ଆଦିବାସୀଙ୍କ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବରୁ ଲକ୍ଷ୍ମୀ ଟକିଜ ଛକରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଏଥିରେ ସାମିଲ ହୋଇଥିଲେ।

# ନିର୍ଦ୍ଧାରିତ ସମୟ ଶେଷ ପୂର୍ବରୁ ପ୍ରଶ୍ନପତ୍ର ନେଇଗଲେ

- ରେଲୱେ ପରୀକ୍ଷାରେ ଅନିୟମିତତା ଅଭିଯୋଗ
- କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା ଅଫିସ,୨୨।୮**

ରାଉରକେଲାର ଏକ ଇଞ୍ଜିନିୟରିଂ କଲେଜରେ ସୋମବାର ହୋଇଥିବା ରେଲୱେ ରେଲୱେ ଗ୍ରୁପ୍-ଡି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆଣି ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୋମବାର ରେଲୱେ ପରୀକ୍ଷା ଦେବା ପାଇଁ ବିହାର, ବୁଦ୍ଧଗୟା, ଝାଡ଼ଖଣ୍ଡ, ଜାହାନାବାଦ ଆଦି ଅଞ୍ଚଳରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ରାଉରକେଲା ଆସିଥିଲେ। ସେମାନେ ୨୦୧୯ ମାର୍ଚ୍ଚରେ ଏଥିପାଇଁ ଆବେଦନ କରିଥିଲେ। କରୋନା ମହାମାରୀ ଯୋଗୁ ଉକ୍ତ ପରୀକ୍ଷା ବାତିଲ ହୋଇ ୨୦୨୨ ଅଗଷ୍ଟ ୨୨ରେ ଏହାର ଲିଖିତ ପରୀକ୍ଷା ହେବ ବୋଲି ରେଲୱେ କର୍ତ୍ତୃପକ୍ଷ ତାରିଖ ଧାର୍ଯ୍ୟ କରିଥିଲେ। ଏହି କ୍ରମରେ ସୋମବାର ରାଉରକେଲାର ଉକ୍ତ କଲେଜରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ସମୟ ସକାଳ ୯ଟାରୁ ସାଢ଼େ ୧୦ଟା ରହିଥିଲା। ପରୀକ୍ଷାର୍ଥୀମାନେ ନିଜ ନିଜ କକ୍ଷରେ ପରୀକ୍ଷା ଦେଉଥିବା ସମୟରେ କଲେଜର କିଛି କର୍ମଚାରୀ ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ସେମାନଙ୍କଠାରୁ ପ୍ରଶ୍ନପତ୍ର ନେଇ ଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସେମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପାଇଁ ଚାହିଁଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳି ନ ଥିଲା। ଫଳରେ ଦୂରଦୂରାନ୍ତରରୁ ଆସିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରି କଲେଜ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଉକ୍ତ ଘଟଣା ବିଷୟରେ ମତାମତ ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ହୋଇ ପାରିନାହିଁ।

# ଜିଲା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ



ଟୁର୍ଣ୍ଣାମେଣ୍ଟରେ କୃତୀ ଖେଳାଳି ଓ ଅତିଥିମାନେ ।

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଓ ବ୍ୟାଡ୍‌ମିଣ୍ଟନ ଅର୍ଗାନାଇଜେଶନ୍ ମିଳିତ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ହୋଇଥିଲା। ୧୭ବର୍ଷରୁ କମ୍ ବାଳକ ବିଭାଗରେ ସାୱନ କୁମାର କେଜ୍ରିୱାଲ ଚାମ୍ପିୟନ ଓ ଜୟ ପରମାର ରନର୍ସ ଅପ ଟ୍ରଫି ହାସଲ କରିଥିଲେ। ବାଳିକା ବିଭାଗରେ ଈଶାନୀ ସାହୁ ଚାମ୍ପିୟନ ଓ ଆଶ୍ୱିକା ମିଶ୍ର ରନର୍ସ ଅପ ହୋଇଥିଲେ। ସେହିପରି ମ୍ୟାନ୍ସ ଡବଲ୍ସରେ ଲକ୍ଷ୍ମଣ ପ୍ରେମକୃଷ୍ଣ ଓ ଋତିକ ଅରୋରା, ଏବଂ ସିଙ୍ଗଲ୍ସରେ ଋତିକ ଅରୋରା ଓ ରାହୁଲ ପାଶ୍ୱାନ ଚାମ୍ପିୟାନ ଓ ରନର୍ସ ଅପ ହୋଇଥିଲେ। ମହିଳା ଡବଲ୍ସରେ ଅମିତା ଘୋଷ ଓ ଈଶାନୀ ସାହୁ ଚାମ୍ପିୟନ ଏବଂ ଦୀକ୍ଷା ଏକ୍କା ଓ ଲିଜୁନ ସ୍ୱାଇଁ ରନର୍ସ ଅପ ହୋଇଥିଲେ। ୧୯ ବର୍ଷରୁ କମ୍ ବାଳକ ଡବଲ୍ସରେ ଅମନ ଝା ଓ ଲକ୍ଷ୍ମଣ ପ୍ରେମକୃଷ୍ଣ ଚାମ୍ପିୟନ ଏବଂ ଜିତ ପଣ୍ଡା ଓ ଯଶ ମହାପାତ୍ର ରନର୍ସ ଅପ,୧୭ ବର୍ଷରୁ କମ ବାଳକ ଡବଲ୍ସରେ ଜିତ ପଣ୍ଡା ଓ ସାୱନ କୁମାର କେଜ୍ରିୱାଲ ଚାମ୍ପିୟନ ଏବଂ ଜୟକୃଷ୍ଣ ଗର୍ଡିଆ ଓ ଜିତେନ ମହାନନ୍ଦିଆ ରନର୍ସ ଅପ ହୋଇଛନ୍ତି। ୧୯ ବର୍ଷରୁ କମ ବାଳକ ସିଙ୍ଗଲ୍ସରେ ଲକ୍ଷ୍ମଣ ପ୍ରେମକୃଷ୍ଣ ଚାମ୍ପିୟନ ଓ ଜୟ ପରମାର ରନର୍ସ ଅପ ହୋଇଥିଲେ। ମ୍ୟାଚରେ ଲକ୍ଷପତି ନନ୍ଦ ରେଫରି ରହିଥିବାବେଳେ ଜୟନ୍ତ ମିଶ୍ର, ଟିକେଶ୍ୱର ସାହୁ, ବାବଲୁ ସାହୁ ଓ ପଦ୍ମପାଦ ପାଣିଗ୍ରାହୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ବ୍ୟାଡ଼ମିଣ୍ଟନ ଆସୋସିଏସନ ସମ୍ବଲପୁରର ସଭାପତି ଡାକ୍ତର ହୃଦାନନ୍ଦ ନାଏକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ନିଳିନ କୁମାରଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ

### ମହିଳା ଓ ଶିଶୁବିକାଶ ମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

**ଝାରସୁଗୁଡ଼ା ଅଫିସ,୨୨।୮**

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ସୋମବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମାଆ ଓ ଶିଶୁଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ମମତା ଯୋଜନା, ବାଲ୍ୟ ବିବାହ, ବେଟି ବଚାଓ ବେଟି ପଢ଼ାଓ, ମିଶନ ଶକ୍ତି, ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା, ମାତୃ ଓ ଶିଶୁ ମୃତ୍ୟୁହାର ଓ ପୋଷଣ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଅଧିକ ସଶକ୍ତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଲଖନପୁର ଅଞ୍ଚଳରେ ମିନି ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନା ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ସରୋଜ କୁମାର ସାମଲ ମିଶନ ଶକ୍ତି, ଓଡିଶା ଜୀବିକା ମିଶନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରୁଥିବା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ପ୍ରକଳ୍ପ ନିର୍ଦ୍ଦେଶିକା (ପୁନର୍ବାସ ଓ ଥଇଥାନ) ଆଲମଣି ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡିପିଏମ୍ ନିଳିମା କୁଜୁର, ମିଶନ ଶକ୍ତି ଜିଲା ସଂଯୋଜିକା ସୀମା ଟିଗା, ମମତା ଜିଲା ସଂଯୋଜକ ତୁଷାରକାନ୍ତ ନାୟକ, ଜିଲା ସଂଯୋଜିକା (ବାଲ୍ୟ ବିବାହ) ରଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନ୍ନିସା ବେଗମ ଧନ୍ୟବାଦ ଦେଇଥିଲେ।


ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ ।

### ୩୩ ଅଭିଯୋଗର ଶୁଣାଣି

**ଝାରସୁଗୁଡ଼ା ଅଫିସ,୨୨।୮**

ଝାରସୁଗୁଡା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୩ଗୋଟି ଅଭିଯୋଗ ଶୁଣାଣି ହୋଇଥିଲା। ଏଥିମଧ୍ୟରେ ୫ ସାମୂହିକ ଓ ୨୮ଟି ବ୍ୟକ୍ତିଗତ ରହିଥିଲା। ସାମୂହିକ ମଧ୍ୟରେ ଭୁଲିଆଡିହି ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ରଙ୍ଗିଆଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମରାମତି, ନିକ୍ରିମାଲରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ ଆଦି ରହିଛି। ସେହିପରି ଜମିଜମା ବିବାଦ, ପାରିବାରିକ ବିବାଦ, ରାଶନ କାର୍ଡ ଯୋଗାଣ, ଥଇଥାନ ନୀତି ଅନୁସାରେ ଚାକିରୀ ଆଦି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଶିବିରରେ ମଧୁବାବୁ ପେନସନ ଯୋଜନାରେ ଜଣକୁ ବିଧବା ଭତ୍ତା, ଜଣେ ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ, ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ ପାଣ୍ଠିରୁ ଜଣକୁ ୨ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣକୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ମୁଖ୍ୟ ନିବାହୀ ଅଧିକାରୀ ତପିରାମ ମାଝି, ଉପ ଜିଲାପାଳ ଦୟାମୟ ପାଢ଼ୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.ସି. ବେହେରା, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର କିଶୋର ସାହୁଙ୍କ ସମେତ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଘର ଉପରେ ପଡ଼ିଲା ଗଛ, ବର୍ତ୍ତିଲେ ୧୩ଜଣ

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଗୋବିନ୍ଦତୋଳା ପୋଲିସ କଲୋନୀଠାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଅପରାହ୍ଣ ପ୍ରାୟ ୩ଟା ବେଳେ ଜୋରରେ ବର୍ଷାପବନ ହେବାରୁ କଲୋନୀର ଆଭାଷ ଖାନଙ୍କ ଘର ଉପରେ ଏକ ପୁରାତନ ବରଗଛ ଭାଙ୍ଗିପଡିଥିଲା। ଏହି ସମୟରେ ଘର ଭିତରେ ଥିବା ୧୩ଜଣ ସଦସ୍ୟ ବାହାରକୁ ଚାଲିଆସିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ୧୧ କେଭି ବିଦ୍ୟୁତ୍ ତାରରେ ମଧ୍ୟ ଗଛ ପଡ଼ି ଛିଣ୍ଡିଯାଇଛି। ଖବର ପାଇ ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ।


ଗୋବିନ୍ଦତୋଳାଠାରେ ଘର ଉପରେ ଗଛ ଭାଙ୍ଗିପଡ଼ିଛି ।

# ଏମ୍‌ପି ନିରଞ୍ଜନ ବିଶି ଏସ୍‌ୟୁ ଏସ୍‌ଟିଏସ୍‌ସି କର୍ମଚାରୀ ସଂଘ ଉପଦେଷ୍ଟା

**ସମ୍ବଲପୁର,୨୨।୮(ବ୍ୟୁରୋ)**

ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଏସ୍‌ଟିଏସ୍‌ସି କର୍ମଚାରୀ ସଂଘର ଉପଦେଷ୍ଟା ମନୋନୀତ ହୋଇଛନ୍ତି। ଏହି ଅବସରରେ ସମ୍ବଲପୁର ସର୍କିଟ ହାଉସଠାରେ ବିଶ୍ୱବିଦ୍ୟାଳୟ ଏସ୍‌ଟିଏସ୍‌ସି କର୍ମଚାରୀ ସଂଘ କର୍ମକର୍ତ୍ତା ବିଶିଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏସ୍‌ଟିଏସ୍‌ସି କର୍ମଚାରୀଙ୍କ ପଦୋନ୍ନତି, ଅସ୍ଥାୟୀଙ୍କୁ ନିୟମିତ କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କର୍ମଚାରୀ ସଂଘ ସଭାପତି ନିହାଲ ସିଂ, ସାଧାରଣ ସମ୍ପାଦକ ଗୋପାଳ ଚରଣ ସେଠୀଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏମ୍‌ପି ଏହିସବୁ ବିଷୟ ନେଇ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସମ୍ବଲପୁର ମହାନଗର ନିଗମ ବସ୍ତି ବାସିନ୍ଦା ମହାସଂଘର ସାଧାରଣ ସମ୍ପାଦକ ତଥା ବିଜେଡି ଯୁବନେତା ଆଶିଷ ମହାନନ୍ଦଙ୍କ ନେତୃତ୍ୱରେ ସଭ୍ୟମାନେ ମଧ ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରି ଆଲୋଚନା କରିଥିଲେ।

### ରେଙ୍ଗାଲିରେ ଅଭିଯୋଗ ଶୁଣାଣି

**ସମ୍ବଲପୁର,୨୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାରେ ସୋମବାର କ୍ଲଷ୍ଟରସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଲପଙ୍ଗା, ଖିଣ୍ଡା, ଘିଛାମୁରା, ଠେଲକଲୋଇ ଆଦି ପଞ୍ଚାୟତକୁ ନେଇ ଏହି ଅଭିଯୋଗ ଶୁଣାଣି ଆୟୋଜନ କରାଯାଇଥିଲା। ମୋଟ ୧୩୮ ଅଭିଯୋଗର ଶୁଣାଣି କରାଯାଇଥିଲା। ରେଙ୍ଗାଲି ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ବେରିସସ ଡୁଙ୍ଗଡୁଙ୍ଗ, ମେଡିକାଲ ଅଫିସର, ଏବିଇଓ ଓ ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଫସଲ ନଷ୍ଟ

**ରାଉରକେଲା ଅଫିସ,୨୨।୮**

ଲଗାଣ ବର୍ଷା ଯୋଗୁ ରାଉରକେଲା ସହର ଆଖପାଖ ଅଞ୍ଚଳରେ ଫସଲ ନଷ୍ଟ ହୋଇଛି। ଫଳରେ ବର୍ଷଯାକର ଆହାର ପାଇଁ ଚାଷ କରିଥିବା ଚାଷୀ ଚିନ୍ତାରେ ପଡିଯାଇଛି। ଗତ ଶୁକ୍ରବାର ଠାରୁ ସହରରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ବସ୍ତି ତଳି ଅଞ୍ଚଳରେ ପାଣି ପଶିଯାଇଛି। ବହୁ ଚାଷଜମିରେ ପାଣି ମାଡିଯିବାରୁ ଫସଲ ନଷ୍ଟ ହୋଇଛି। ହନୁମାନ ବାଟିକ ପାଖ ଗାଡାଟୋଲା ବସ୍ତି, ସେକ୍ଟର-୬ ତାରିଣୀ ବସ୍ତି, ଝିରପାଣି, କୋଏଲବ୍ୟାଙ୍କ, ବାଗୁଡ଼ି ବସ୍ତି, ହମିରପୁର ଅଞ୍ଚଳରେ ଥିବା ଚାଷ ଜମିରେ ପାଣି ଜମି ରହିଥିବାରୁ ଧାନ ସହ ପରିବା ଚାଷ ନଷ୍ଟ ହୋଇଛି। ବାଗୁଡ଼ି ବସ୍ତିର କିଛି ଚାଷୀ ତାଙ୍କ ଜମିରେ ଦୁଇ ସପ୍ତାହ ତଳେ ଧାନ ରୋଇଥିଲେ। ଲଗାଣବର୍ଷା ଯୋଗୁ ଉକ୍ତ କ୍ଷେତରେ ପାଣି ଜମି ରହି ସବୁ ଧାନଗଛ ନଷ୍ଟ ହୋଇଯାଇଛି। ସେହିପରି ହମିରପୁର ଅଞ୍ଚଳର କିଛି ଚାଷୀଙ୍କର ଜମିରେ ବର୍ଷାପାଣି ଜମି ରହିଥିବାରୁ ଧାନ ଗଛ ଚେର ପଚି ଯାଇଥିବା ଅଭିଯୋଗ ହୋଇଛି। କୋଏଲ ବ୍ୟାଙ୍କ ଅଞ୍ଚଳରେ ପନିପରିବା ଚାଷ କରିଥିବା ଚାଷୀ ଅଜୟ ନାୟକଙ୍କ କ୍ଷେତରେ ପରିବା ଫସଲ ନଷ୍ଟ ହୋଇଛି। ଝିରପାଣିର ଧାନଚାଷୀ ଖେନକା ଓରାମଙ୍କ କ୍ଷେତରେ ବର୍ଷାଜଳ ଜମି ରହିଥିବାରୁ କ୍ଷେତର ଅଧା ଅଂଶ ଗଛ ପଚି ନଷ୍ଟ ହୋଇଛି। ଲଗାଣବର୍ଷା ଯୋଗୁ ହେକ୍ଟର ହେକ୍ଟର ଚାଷଜମି ଏବେ ପାଣି ଘେରରେ ବୁଡି ରହିଛି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ କୃଷକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି।


ଲଗାଣ ବର୍ଷା ଯୋଗୁ ଜମିରେ ଧାନ ଗଛ ନଷ୍ଟ ହୋଇଛି।

# ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ାଇଲେ ଜିଲାପାଳ

**ନାକଟିଦେଉଳ,୨୨।୮(ଡ଼ି.ଏନ.ଏ.)**

ସମ୍ବଲପୁର ଜଲାପାଳ ଅନନ୍ୟା ଦାଶ ସୋମବାର ନାକଟିଦେଉଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ସାରିବା ପରେ ଅପରାହ୍ନରେ ଜିଲାପାଳ ପେଣ୍ଠବାହାଳ ନିକଟସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଇ ନିର୍ମାଣାଧୀନ କୋଠା ବୁଲି ଦେଖିଥିଲେ। ଏହି ଅବସରରେ ସେ ସ୍ମାର୍ଟ କ୍ଲାସ ରୁମକୁ ଯାଇ ଛାତ୍ରୀଛାତ୍ରଙ୍କୁ ଭୁଗୋଳ ବିଷୟରେ ପଢାଇବା ସହ ପ୍ରଶ୍ନ ପଚାରିଥିଲେ। ଏହା ପରେ ପରୀକ୍ଷାଗାର, ଇ-ଲାଇବ୍ରେରୀ ଗୃହ ବୁଲି ଦେଖିବା ସହ ଅଧକ୍ଷା ସୁଜାତା ନାଏକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଅଧକ୍ଷା ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲାପାଳ ଢ଼ଇଁଚାଠାରେ ଥିବା ପାନୀୟ ଜଳ ପ୍ରକଳ୍ପ, ଶିମିଲିପାଳ ମାହାପୁରୁ ବନ୍ଧ, ସାହେବୀ ୫-ଟି ସ୍କୁଲ ପରିଦର୍ଶନ କରିଥିଲେ। ସାହେବୀଠାରେ ବାଉଁଶ ଏବଂ ପଥର କାରିଗରୀ କାମ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ସେହିପରି ସାହେବୀ ଉଠା ଜଳସେଚନ ପ୍ରକଳ୍ପ, ଝାରବେଡ଼ା ଗ୍ରାମରେ ଥିବା ଫାର୍ମପଣ୍ଡ ମଧ୍ୟ ପରିଦର୍ଶନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳ, ରେଢ଼ାଖୋଲ ଉପଜିଲାପାଳ ପବିତ୍ର କୁମାର ବେହେରା, ନାକଟିଦେଉଳ ବିଡ଼ିଓ ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରେଣୀଗୃହରେ ପିଲାଙ୍କୁ ପଢାଉଛନ୍ତି ଜିଲାପାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨

## ନୂଆଁଖାଇ ଭେଟ୍ ପାଇଁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ପ୍ରସ୍ତୁତି

**ବଲାଙ୍ଗୀର ଅଫିସ୍:** ସାମାଜିକ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ୍ ପକ୍ଷରୁ ଆଗାମୀ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଙ୍ଗ୍ ହ୍ୟୁମାନ୍ ମହିଳା ଶାଖା ଉପଦେଷ୍ଟା ତଥା ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଅନୁଷ୍ଠାନ ଉପଦେଷ୍ଟା ପ୍ରଭାସ ପାଣିଗ୍ରାହୀ, ରତନ ମହାରଣା, ବୁଲୁ ବେହେରା, ଶୁଭମ୍ ଦର୍ଶୀ, ସୁଧାଂଶୁ ମିଶ୍ରଙ୍କ ସହ ଅନୁଷ୍ଠାନର ଅନ୍ୟ ସଦସ ଉପସ୍ଥିତ ଥିଲେ। ବୈଠକରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ଆଲୋଚନା କରାଯାଇଥିଲା।



## ସଂକ୍ଷେପରେ

### ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ତରଭା, ୨୨।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସାମ୍ବାଦିକ ସଂଘ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ କାମ ଶେଷ କରି କାର୍ଯ୍ୟକ୍ଷମ କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଣିସର୍ଡାର ମନବୋଧ କୁମ୍ଭାର, ରବୀନ୍ଦ୍ର ବାଦୀ ପ୍ରମୋଦ କୁମ୍ଭାର, ମୋତିଲାଲ ବାଦୀ ଘର ଡିହପଟା ଯୋଗାଇ ଦେବା, ପଥର ଟେକା ଗ୍ରାମର ଘନ ଶ୍ୟାମ ଘିଭେଲାଙ୍କ ସହ ୪ ଜଣ ପାଇଖାନା ବିଲ୍ ପାଇବା, ଲଘୁଚାପ ଜନିତ ବର୍ଷାରେ ଭାଙ୍ଗି ଯାଇଥିବା ଘରଭଙ୍ଗା ସାହାଯ୍ୟ ପାଇଁ ରମ୍ଭାସିଣ୍ଡୋଲର ଚକ୍ରଧର ମିଶ୍ର, ଝାରତରଭାର ମାୟା ନାଏକ ଜଳଛତ୍ର ଟଙ୍କା ପ୍ରଦାନ ପାଇଁ ଅଭିଯୋଗ କରିଥିଲେ। ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର, ଉପଜିଲାପାଳ, ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଭାରପ୍ରାପ୍ତ ତହସିଲଦାର ସୂର୍ଯ୍ୟମଣି ଭୋଇ , ସବିତା ଦୋରା, ବିଇଓ ସନ୍ତୋଷ ସାହୁ, ଡ଼ କ୍ଷୀରୋଦ୍ର କୁମାର ମିଶ୍ର ଉପସ୍ଥିତ ଥିଲେ। ୫୦ଜଣ ଅଧିକାରୀ ଉପସ୍ଥିତ ଥିବାବେଳେ ମାତ୍ର ୨୦ଟି ଅଭିଯୋଗ ଆସିଥିଲା।

### ଭାଜପା ଯୁବନେତା ସୁରଜ ଗୁରୁଙ୍କ ପରଲୋକ



**ବଲାଙ୍ଗୀର ଅଫିସ,୨୨।୮:** ବଲାଙ୍ଗୀର ଭାଜପା ଯୁବନେତା ସୁରଜ ଗୁରୁ (୩୮)ଙ୍କ ରବିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ କ୍ୟାନସରରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଜିଲା ଆଇଟି ସଂଯୋଜକ ଭାବେ ସେ ଭାଜପା ପାଇଁ ଉଲ୍ଲେଖନୀୟ କାମ କରିଥିଲେ। ଯୁବାବସ୍ଥାରୁ ସେ ଜଣେ ଉଦୟୀମାନ ସଙ୍ଗଠକ ଭାବେ ଗଠନମୂଳକ କାର୍ଯ୍ୟ କରି ଲୋକପ୍ରିୟ ହୋଇଥିଲେ। ତାଙ୍କ ବିୟୋଗରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ପ୍ରଭାସ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ, ଦିନେଶ ଶର୍ମା, ପଙ୍କଜିନୀ ପଣ୍ଡା ଗଭୀର ଶୋକବ୍ୟକ୍ତ କରି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ବିଶ୍ୱକର୍ମା ପୂଜାର ଶୁଭଖମ୍ବ ସ୍ଥାପନ



**ବାଉଁଶୁଣି, ୨୨।୮(ଡି.ଏନ.ଏ): ବୌଦ୍ଧ** ବ୍ଲକ ବାଉଁଶୁଣି ଛକ ଡ୍ରାଇଭର ମହାସଂଘ ତରଫରୁ ସୋମବାର ୨୭ତମ ବାବା ବିଶ୍ୱକର୍ମା ପୂଜା ପାଇଁ ବାଉଁଶୁଣିଠାରେ ଶୁଭଖମ୍ବ ସ୍ଥାପନ ହୋଇଛି। ପୂଜକ ତ୍ରିବିକ୍ରମ ପାଢ଼ୀ ଥିବାବେଳେ କର୍ତ୍ତା ଭାବରେ ଆନନ୍ଦ ଖଟୁଆ ପାରମ୍ପରିକ ପୂଜାର୍ଚ୍ଚନା କରିବା ପରେ ଶୁଭ ଖମ୍ବ ପ୍ରତିଷ୍ଠା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଆନନ୍ଦ ଖଟୁଆ, ସମ୍ପାଦକ ପଦ୍ମଲୋଚନ ମହଲା, ସହସମ୍ପାଦକ ସୁବାଷ ସାହୁ ଓ ଡ୍ରାଇଭର ମହାସଂଘର ସମସ୍ତ ଡ୍ରାଇଭର ଏହି ଶୁଭଖମ୍ବ ସ୍ଥାପନରେ ଉପସ୍ଥିତ ଥିଲେ।

### ପରିସଂଖ୍ୟାନ ବିଭାଗ ଅଧିକାରୀଙ୍କ ପରଲୋକ

**ଅତାବିରା,୨୨।୮(ଡି.ଏନ.ଏ): ଭାରତ** ସରକାରଙ୍କ ଜାତୀୟ ପରିସଂଖ୍ୟାନ ବିଭାଗରେ ବରିଷ୍ଠ ଅଧିକାରୀ (ଏନ୍‌ଏସ୍‌ଏସ୍‌ଓ) ଭାବେ କାର୍ଯ୍ୟରତ ବ ଅତାବିରା ବ୍ଲକ ପଲସାପାଲି ର ଅମୂଲ୍ୟ ପ୍ରଧାନ(୫୨)ଙ୍କ ସୋମବାର ପରଲୋକ ହୋଇଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଓ୍ୱାଲ୍‌ଟିୟର, ଭୁବନେଶ୍ୱର, ବୁର୍ଲା ଆଦି ଡାକ୍ତରଖାନା ଗୁଡ଼ିକରେ ସେ ଚିକିତ୍ସିତ ହୋଇଥିଲେ। ସୋମବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଶ୍ମଶାନରେ ମୃତଦେହ ଦାହ ହୋଇଥିଲା। ଝିଅ ଅର୍ଜୁ ମୁଖାଗ୍ନି ଦେଇଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

**ଖଲିଆପାଲି ପଞ୍ଚାୟତରେ ପିଏମ୍‌ଜିକେଏୱାଇ ଚାଉଳ ହଡ଼ପ ଘଟଣା**

**ସୋନପୁର,୨୨।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ଖଲିଆପାଲି ପଞ୍ଚାୟତରେ ଖାଉଟିଙ୍କ ୧ ମାସର ଚାଉଳ/ଗହମକୁ ହଡ଼ପ କରାଯାଇଛି। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଜୁଲାଇ ମାସର ପିଏମ୍‌ଜିକେଏୱାଇ(ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା)ରେ ମାଗଣା ଚାଉଳ ଓ ଗହମ ବାହାରେ ବିକ୍ରି ହୋଇଛି। ୨୨ଦିନ ପୂର୍ବରୁ ଏହି ଘୋଟାଲା ଜଣା ପଡିଥିଲେ ମଧ ବ୍ଲକ ପ୍ରଶାସନ ଓ ଯୋଗାଣ ବିଭାଗ ଏହାକୁ ହାଲୁକା ଭାବରେ ନେଉଥିବା ଖଲିଆପାଲି ପଞ୍ଚାୟତର ଜନସାଧାରଣ ଅଭିଯୋଗ କରିଛନ୍ତି। ସୋମବାର ପଞ୍ଚାୟତର ୯ଜଣ ୱାର୍ଡସଭ୍ୟଙ୍କ ସମେତ କେତେକ ହିତାଧିକାରୀ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ଭେଟି ଲିଖିତ ଭାବେ ଦୁର୍ନୀତି ସମ୍ପର୍କରେ ଜଣାଇଛନ୍ତି। ଜିଲାପାଳ ଏହି ଘଟଣାରେ ତଦନ୍ତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରେ ହିତାଧିକାରୀମାନେ ଅତିରିକ୍ତ ଜିଲାପାଳ, ସୋନପୁର ଉପଜିଲାପାଳ, ସୋନପୁର ବିଡିଓ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଦୁର୍ନୀତି ସମ୍ପର୍କରେ ଅବଗତ କରିଛନ୍ତି।

ଜୁଲାଇ ମାସର ପିଏମ୍‌ଜିକେଏୱାଇର ମାଗଣା ଖାଦ୍ୟଶସ୍ୟ ଖଲିଆପାଲି ପଞ୍ଚାୟତର ଏନଏଫଏସଏ ହିତାଧିକାରୀଙ୍କୁ ମିଳିନଥିବା ସ୍ପଷ୍ଟ ହୋଇଛି। କରୋନା ମହାମାରୀ ଓ ଲକଡାଉନ୍‌କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏନ୍‌ଏଫ୍‌ଏସଏ ରାଶନ କାର୍ଡଧାରୀଙ୍କୁ ୨୦୨୦ ଏପ୍ରିଲ ମାସଠାରୁ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ବ୍ୟକ୍ତି ପିଛା ୫ କିଲୋ ଲେଖାଏ ଚାଉଳ ଅବା ଗହମ ମାଗଣାରେ ଦେଉଛନ୍ତି। ତେବେ ଖଲିଆପାଲି ପଞ୍ଚାୟତର ଯୋଗାଣ ସହାୟକ ଭରତ ନାଏକ ପଞ୍ଚାୟତର ସରଳ ଲୋକଙ୍କ ସହିତ ଚଞ୍ଚକତା କରିଛନ୍ତି। ପିଓଏସ(ପ୍ରିଣ୍ଟ ଅଫ ସେଲ) ମେଶିନ୍‌ରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଡଧାରୀଙ୍କ ଚକ୍ଷୁସ୍କାନ୍ କରି ମେ, ଜୁନ ଓ ଜୁଲାଇ ମାସର ମାଗଣା ଚାଉଳ ଏକାଥରକେ ପ୍ରଦାନ କରିଥିବା ଦର୍ଶାଇଛନ୍ତି। କିନ୍ତୁ ରାଶନ କାର୍ଡଧାରୀଙ୍କୁ କେବଳ ମେ ଓ ଜୁନ୍ ୨ମାସର ମାଗଣା ଚାଉଳ ଦେଇଛନ୍ତି। କାର୍ଡରେ ମଧ୍ୟ ମେ ଓ ଜୁନ୍ ମାସର ଚାଉଳ ଦେଇଥିବା ଉଲ୍ଲେଖ ରହିଛି। ପଞ୍ଚାୟତର ୱାର୍ଡ ସଭ୍ୟମାନେ ଏହା ଜାଣିବା ପରେ ଯୋଗାଣ ସହାୟକଙ୍କୁ ଗତ ୧ତାରିଖରେ ଘେରିଥିଲେ। ଯୋଗାଣ ସହାୟକ ନାଏକ ନିଜର ଦୋଷ ଲିଖିତ ଆକାରରେ ସ୍ୱୀକାର କରିଛନ୍ତି। ଜୁଲାଇ ମାସର ଚାଉଳ ସେ ନିଜେ ହେରଫେର କରିଛନ୍ତି ଓ ଦୁଇ ମାସ ଭିତରେ ସମସ୍ତ କାର୍ଡଧାରୀଙ୍କୁ ପ୍ରଦାନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଖାଉଟିଙ୍କୁ ଏହା ବଣ୍ଟନ କରି ନ ପାରିଲେ ତାଙ୍କ ବିରୋଧରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଯୋଗାଣ ସହାୟକ ଲିଖିତ ଭାବରେ ଗ୍ରାମବାସୀ ଓ ବର୍ତ୍ତମାନର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲିପ କୁମାର ପାଣ୍ଡିଆଙ୍କୁ ଜଣାଇଛନ୍ତି। ତେବେ ବ୍ଲକ ପ୍ରଶାସନ ଓ ପଞ୍ଚାୟତର କିଛି ନେତୃବୃନ୍ଦ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷେ ପଞ୍ଚାୟତର ପ୍ରାକ୍ତନ ନିର୍ବାହୀ ଅଧିକାରୀ ପରାସର ଖମାରୀ ଓ ଯୋଗାଣ ସହାୟକ ନାଏକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ହିତାଧିକାରୀଙ୍କ ପକ୍ଷରୁ ଦାବି ହେଉଛି। ଖଲିଆପାଲି ପଞ୍ଚାୟତରେ ମୋଟ ୧୧୪୧ ରାସନକାର୍ଡ ଧାରୀ ଅଛନ୍ତି। ଏନଏଫଏସଏରେ ୧୦୮୬ଟି ରାସନ କାର୍ଡ ଅଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଞ୍ଚାୟତର ଏନଏଫଏସଏ ହିତାଧିକାରୀଙ୍କ ପାଇଁ ମେ, ଜୁନ୍ ଓ ଜୁଲାଇ ମାସର କୋଟା ଚାଉଳ/ଗହମ ଏକକାଳୀନ ଆସିଥିଲା। ସୋମବାର ୱାର୍ଡ ସଭ୍ୟ ଫକୀର ଆଡଜୁଆଡି, ସୁକାନ୍ତ ଭୋଇ, ନୀଳାଞ୍ଚଳ ତରିଆ, ସପ୍ତ ବଗର୍ତ୍ତି, କାର୍ତ୍ତିକ ଭୋଇ, ଯୁବରାଜ ସ୍ୱାଇଁ ଓ ଚୈତନ୍ୟ ସ୍ୱାଇଁ ପ୍ରମୁଖ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଶିବତୁଲା ଆର୍‌ଆଇ ଅଫିସ ଉଦ୍‌ଘାଟିତ



ଶିବତଲା ଆରଆଇ ସର୍କଲ ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

**ତରଭା, ୨୨।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲା ଗ୍ରାମରେ ସୋମବାର ନୂତନ ଆରଆଇ ସର୍କଲ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ, ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଏସ୍‌ପି ଅମରେଶ ପଣ୍ଡା, ଭାରପ୍ରାପ୍ତ ତହସିଲଦାର ସୂର୍ଯ୍ୟମଣୀ ଭୋଇ, ତରଭାପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କମ୍ପ, ଭାରପ୍ରାପ୍ତ ବିଡ଼ିଓ ନିରଞ୍ଜନ ନାଏକ, ଶିବତୁଲା ସରପଞ୍ଚ ମୁକ୍ତା ନାଗ, ନାଏବ ସରପଞ୍ଚ ପରିକ୍ଷ ସା, ସମିତି ସଭ୍ୟ କୌଶଲ୍ୟା କର୍ଣ୍ଣ ଯୋଗ ଦେଇଥିଲେ। ନୂତନ ଆରଆଇ ସର୍କଲର ପ୍ରଥମ ରାଜସ୍ୱ ନୀରିକ୍ଷକ ଭାବେ ଦିପ୍ତୀଶିଖା ବେହେରା ଯୋଗ ଦେଇଥିଲେ। ଶିବତୁଲା ଆରଆଇ ସର୍କଲ ଅଧୀନରେ ବଡକଦଲିପାଲି, ଟର୍କଲା, କେକଟପାଲି, ପୁଆ, ଜରାଜାରିଙ୍ଗି, ତିଲେସରା, ଫକ୍ରିଆମୁଣ୍ଡା, ରଙ୍ଗପୁର, ଭାଲୁବାହାଲ, ଦିଲଖୁସପୁର, ରମ୍ଭାସିଣ୍ଡୋଲ, ପଦ୍ମପୁର, ଅତାସିଓହା, ମନହିରା, ଶିବତୁଲା, ଆଡକଟା ଓ ଘାଟକଇଁତରା ପ୍ରଭୃତି ୧୭ ଗ୍ରାମ ରହିଛି। ଏହି ଆରଆଇ ସର୍କଲ ବର୍ତ୍ତମାନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବେ ଚାଲି। ନୂତନ କୋଠା ନିର୍ମାଣ ହେଲେ ଆରଆଇ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ ବୋଲି ଆରଆଇ ଦୀପ୍ତୀଶିଖା ବେହେରା କହିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବରାଜ ସେଠ ଓ ଅଚ୍ୟୁତାନନ୍ଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଡୋଲମଣୀ ପଧାନ ପ୍ରମୁଖ ଥିଲେ। ବ୍ଲକରେ ପୂର୍ବରୁ ଚାରଭଟା, କମସରା, ବ୍ରାହ୍ମଣୀ, ବଡଭଇଁରୋ, ତରଭା ଓ ମେଣ୍ଡା ପ୍ରଭୃତି ୬ଟି ଆରଆଇ ସର୍କଲ ଥିଲା। ଲୋକଙ୍କ ସୁବିଧା ଦୃଷ୍ଟିରୁ ଶିବତୁଲାରେ ନୂତନ ଆରଆଇ ସର୍କଲ ଖୋଲିଛି।

## ବଲାଙ୍ଗୀର ଦିନ୍ ପାଇଁ ପ୍ରକାଶ ପାଇବ ସ୍ମରଣିକା



ବଲାଙ୍ଗୀର ଦିନ୍ ଉତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

**ବଲାଙ୍ଗୀର ଅଫିସ,୨୨।୮**

ଆସନ୍ତା ନଭେମ୍ବର ୧ରେ ବାଲାଙ୍ଗୀର ଦିନ୍ ଉତ୍ସବ ପାଳନ କରାଯିବ। ଏନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ଅବସରରେ ବଲାଙ୍ଗୀର ମାଁ ମାଟିର ମହକ, ଏହାର ଇତିହାସ, କଳା, ସଂସ୍କୃତିକୁ ନେଇ ଏକ ବିଶେଷ ସ୍ମରଣିକା ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସ୍ଥାନୀୟ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଅଙ୍କୁଶ ପାଣ୍ଡିଆଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ପ୍ରଶାନ୍ତ ମହାକୁରଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ସଭ୍ୟଙ୍କ ଦ୍ୱାରା ଆଗାମୀ ବଲାଙ୍ଗୀର ଦିନ୍‌କୁ ଆହୁରି ମୁଖର କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥର ବଲାଙ୍ଗୀର ମାଁ ମାଟି ଓ ମହକକୁ ନେଇ ଏକ ସ୍ମରଣିକା ପ୍ରକାଶ କରିବା ନେଇ ସର୍ବସମ୍ମତି ପ୍ରକାଶ ପାଇଥିଲା। ସାରା ଜିଲାରୁ ଉଚ୍ଚ ସ୍ତରର ଲେଖା ପଠାଇବାକୁ କମିଟି ଅନୁରୋଧ କରିଛି। ପ୍ରଚାର ପ୍ରସାର କମିଟି ସମ୍ପାଦକ ବିଭୁ କଲ୍ୟାଣ ଗଡତିଆ ସଭା ପରିଚାଳନା କରିଥିଲେ। ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ନିମାଇଁ ପାଣିଗ୍ରାହୀ, ପ୍ରଫେସର ଶିବ ପ୍ରସାଦ ନନ୍ଦ, ଅରୁଣ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ମନୋରଞ୍ଜନ ଯୋଷୀ, ଅଖିଳ ହୋତା, ପୂର୍ଣ୍ଣଚନ୍ଦ୍ର ପଣ୍ଡା. ସୁନୀଲ ମହାନ୍ତି, ଯୁଧିଷ୍ଠିର ମେହେର, ଦେବାଶିଷ ମିଶ୍ରଙ୍କ ସହିତ ସହଅଧ୍ୟକ୍ଷ ବିନୋଦ କାଲସାଏ, ଅର୍ଜୁନ ସାହୁ, ପ୍ରଭାକର ମିଶ୍ର, ରତନ ମହାରଣା, ଗୋପାଲଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନେଶ ଶର୍ମା, ସୋମନାଥ ମିଶ୍ର, ଅଭିଷେକ ଦାଶ, ସଙ୍ଗୀତା ପାଣିଗ୍ରାହୀ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ପଶ୍ଚିମ ଓଡିଶା ଯୁବାମଞ୍ଚ, ନାଗରିକ କମିଟି, ମାହେଶ୍ୱରୀ ଗ୍ରୁପ, ତହଁକ ପରିବାର, ଯାଦବ ସମାଜ, ସମଲେଶ୍ୱରୀ ମନ୍ଦିର ଆଳତି କମିଟି, ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ମାଇଲ ଫର ୟୁ ସଙ୍ଗଠନ ସଭ୍ୟମାନେ ବୈଠକରେ ଯୋଗଦେଇ ମତ ରଖିଥିଲେ। ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବୌଦ୍ଧ,୨୨।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣୀଗଡ ଗ୍ରାମପଞ୍ଚାୟତଠାରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁ ଓ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୧୪୨ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୧୩୭ଟି ବ୍ୟକ୍ତିଗତ ମାମଲା ହୋଇଥିବାବେଳେ ୫ ଗୋଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୭୫ ଗୋଟି ଅଭିଯୋଗକୁ ତତ୍କାଳ ଫଇସଲା କରାଯାଇଥିବାବେଳେ ୧୪ଟି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରାଯାଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ ଓ ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସମ୍ବଲପୁରୀ ସାହିତ୍ୟର ଗଭୀରତା ଅକଳନୀୟ

**ବରଗଡ଼ ଅଫିସ୍,୨୨।୮**

ସମ୍ବଲପୁରୀ କାବ୍ୟ କବିତା ଯେଭଳି ଉନ୍ନତ ଓ ସୁଦୂରପ୍ରସାରୀ ଗଦ୍ୟ ସାହିତ୍ୟ ମଧ୍ୟ ସେଭଳି ସମୃଦ୍ଧ ଓ ଆକର୍ଷଣୀୟ। ଶ୍ରଦ୍ଧାଶୀଳ ଲେଖକ ଓ ହୃଦୟଗ୍ରାହୀ ପାଠକଙ୍କ ସମନ୍ୱୟ ଯୋଗୁ ସମ୍ବଲପୁରୀ ସାହିତ୍ୟର ବ୍ୟାପ୍ତି ଓ ଗଭୀରତା ଅକଳନୀୟ। ବରଗଡ଼ ସମ୍ବଲପୁରୀ ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ସମାରୋହରେ ଅତିଥିବୃନ୍ଦ ଏହା ମତପ୍ରକାଶ କରିଛନ୍ତି। ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ସମ୍ବଲପୁରୀ ସାହିତ୍ୟ ପରିଷଦର ଛ ମାସିକ ପତ୍ରିକା କଥା ଆର୍ କଥାନୀ, କଥାକାର ଧନପତି ମହାପାତ୍ରଙ୍କ ଉପନ୍ୟାସ ରିକ୍‌ସାବାଲା, ଅଶୋକ ମହାପାତ୍ରଙ୍କ ଗଳ୍ପ ସଂକଳନ ଖେଲ୍ ନୁହେଁ ସରେକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ସମ୍ପାଦକ ଉତ୍ପନ୍ନ କୁମାର ଭୋଇ ସ୍ୱାଗତ ଭାଷଣ, ସହ ସମ୍ପାଦକ ତେଜରୁ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶରତ ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। ଅଲେଖ ସାହୁ ଓ ସାଥି ସଞ୍ଚାର ପରିବେଷଣ କରିଥିଲେ। ଅଧ୍ୟାପକ ନାରାୟଣ ଭୋଇ, କବୟିତ୍ରୀ ନମିତା ଯାଦବଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ପାଠୋତ୍ସବ ହୋଇଥିଲା।

## ଗଙ୍ଗାଧରଙ୍କ କାବ୍ୟ ସାହିତ୍ୟ କାଳଜୟୀ

**ଅମ୍ବାଭୋନା,୨୨।୮(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନାର କେଦାରନାଥ କଳା ସାହିତ୍ୟ ସଂସଦ ପକ୍ଷରୁ ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେଦାରନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସଂସଦ ସଭାପତି ଶଶୀଭୂଷଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଯୋଗେଶ୍ୱର ରଥ, ସୀତାରାମ ରଥ, ଗଜେନ୍ଦ୍ର ଦାଶ ପ୍ରମୁଖ ମଞ୍ଚାସୀନ ରହି ଗଙ୍ଗାଧରୀୟ କାବ୍ୟ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଗଜେନ୍ଦ୍ର ଦାଶଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଆଲୋଚକ ସୁଲଳିତ ପାତ୍ର ଗଙ୍ଗାଧର ସାହିତ୍ୟରେ ଜୀବନ ଦର୍ଶନକୁ ପୁଙ୍ଖନାପୁଙ୍ଖ ଆଲୋଚନା କରିବା ସହ ତାଙ୍କ କାବ୍ୟ ସାହିତ୍ୟ କାଳଜୟୀ ବୋଲି କହିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ ପୁସ୍ତକ ଚନ୍ଦର ଉଦିଆଁକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବର୍ଷିୟାନ କଳାକାର ଶୁକ୍ରୁ ଦେହେରୀ ସଙ୍ଗୀତ ଗାନ କରିଥିଲେ।

## ସଂସ୍କୃତ ସବୁ ଭାଷାର ଜନନୀ



ବିଶ୍ୱ ସଂସ୍କୃତ ଦିବସ ପାଳନରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ୍,୨୨।୮**

ବରଗଡ଼ ଜିଲା ବରପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ରାଣାପ୍ରତାପ ହାଇସ୍କୁଲର ସଂସ୍କୃତ ଶିକ୍ଷକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍କୃତ ଭାରତୀ ସଂସ୍ଥାର ପ୍ରଶିକ୍ଷଣ ପ୍ରମୁଖ ମାନସ ରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ଉପାଦେୟତା ଉପରେ ଆଲୋଚନା କରିଥିଲେ। ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଗୋବର୍ଦ୍ଧନ ସାହୁ, ଗଙ୍ଗାଧର ମେହେର ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବରପାଲି ବିଇଓ ମୁକୁନ୍ଦ ମାହାର ସାରସ୍ୱତ ଅତିଥି ଭାବେ ଉପସ୍ଥିତ ରହି ସଂସ୍କୃତ ଭାଷା ସବୁ ଭାଷାର ଜନନୀ ବୋଲି ଉଲ୍ଲେଖ କରିଥିଲେ। ସଂସ୍କୃତ ଶିକ୍ଷକ ଈଶ୍ୱର ଚନ୍ଦ୍ର ଗଡ଼ତିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ବସ୍ତୁ ପ୍ରଦର୍ଶନୀ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା।

## ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତା

**ଅମରପାଲି,୨୨।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚୟନ ପ୍ରକ୍ରିୟାକୁ ସଂଘର ବରିଷ୍ଠ ଶିକ୍ଷକ ଅକ୍ଷୟ ରାଏ ପରିଚାଳନା କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନାରାୟଣ ଜଗଦଲା ସଭାପତି, ଅକ୍ଷୟ ରାଏ ସମ୍ପାଦକ, ଜମ୍ମେଶର ଦୀପ କୋଷାଧକ୍ଷ, ସୁନୀଲ ମହାପାତ୍ର ଉପସଭାପତି ଓ ନବୀନ ଜଗଦଲା ସହସମ୍ପାଦକ ମନୋନୀତ ହୋଇଥିଲେ। ଶ୍ରୀନିବାସ ରଥ, ଅଭିମନ୍ୟୁ ବଗର୍ତ୍ତି, ଉମେଶ ପଧାନ ଏବଂ ମେଘନାଦ ଭୋଇ ଉପଦେଷ୍ଟା ରହିଛନ୍ତି। ଆର୍ଥିକ ପରିଚାଳନା କମିଟିରେ ପଦ୍ମନାଭ ବାରିକ, ପ୍ରାଣବନ୍ଧୁ ସାହୁ, ଜ୍ୟୋତିରଞ୍ଜନ ପଧାନ, ମନୋଜ ଦାସ ଓ ଅଜିତ ନାଏକଙ୍କୁ ଚୟନ କରାଯାଇଛି। ପୂର୍ବତନ ସଭାପତି ଓ ସମ୍ପାଦକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

## ୬ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

**ଅତାବିରା,୨୨।୮(ଡି.ଏନ.ଏ):** ବରଗଡ଼ ଜିଲା ଭେଡ଼େନ ଶିଶୁ ମନ୍ଦିର ପରିସରରେ ସଙ୍କୁଳସ୍ତରୀୟ ଜ୍ଞାନ, ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଖୁଣ୍ଟୁଲିପାଲିସରସ୍ୱତୀ ଶିଶୁମନ୍ଦିରର ୨୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୮ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପୁରସ୍କୃତ ହୋଇଥିଲା। ସେଥିରୁ ୬ ଛାତ୍ରୀଛାତ୍ର ଅଭିଲିପ୍ସା ଖମାରୀ, କ୍ରିଷ୍ଣାରାଣୀ ମିଶ୍ର, ଅନ୍ୱେଷା ସାହୁ, ଅର୍ପିତା ତ୍ରିପାଠୀ, ଅବିନାଶ ହୋତା, ରୋଶନ ସେଣଙ୍କ ପ୍ରକଳ୍ପ ଜିଲାସ୍ତର ମେଳାକୁ ମନୋନୀତ ହୋଇଛି। ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱରେ ଖୁଣ୍ଟୁଲିପାଲି ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ଏବଂ ଅନ୍ୟ ଗୁରୁମା, ଗୁରୁଜୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

**ଅମୀୟ ରାଜ୍ୟ ସାଧାରଣ ସମ୍ପାଦକ, ଶାଶ୍ୱତ ଜିଲା ସଭାପତି**



ଅମୀୟ ରଞ୍ଜନ ଦାଶ



ଶାଶ୍ୱତ କୁମାର ମିଶ୍ର

**ସୋନପୁର,୨୨।୮(ନି.ପ୍ର.):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସାଙ୍ଗଠନିକ ପନର୍ଗଠନ କରୁଛନ୍ତି। ସୋମବାର ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ପନର୍ଗଠନ କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଭାବେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଅମୀୟ ରଞ୍ଜନ ଦାସଙ୍କୁ ନୂତନ ନିଯୁକ୍ତି ମିଳିଛି। ଅମୀୟଙ୍କୁ ପ୍ରଥମ ଥର ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ସେହିପରି ଜିଲା ବିସିଜେଡିର ସୁବର୍ଣ୍ଣପୁର ଜିଲା ସଭାପତି ଥିବା ଶାଶ୍ୱତ କୁମାର ମିଶ୍ରଙ୍କୁ ପୁଣି ଥରେ ସମାନ ଦାୟିତ୍ୱ ମିଳିଛି। ମିଶ୍ର ଲଗାତର ୫ମ ଥର ପାଇଁ ଜିଲା ସଭାପତି ହୋଇଛନ୍ତି। ଗତ ୨୦୧୦ ମସିହାରୁ ସେ ବିସିଜେଡିର ସୁବର୍ଣ୍ଣପୁର ଜିଲା ସଭାପତି ଦାୟିତ୍ୱରେ ଅଛନ୍ତି। ଏହି ଦୁଇ ଛାତ୍ର ନେତାଙ୍କୁ ନୂତନ ଦାୟିତ୍ୱ ମିଳିବା ନେଇ ଜିଲାରେ ଛାତ୍ର ନେତା ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଉଛି। ନୂତନ ଦାୟିତ୍ୱ ମିଳିବା ପରେ ଅମୀୟ ଓ ଶାଶ୍ୱତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ବିସିଜେଡିର ରାଜ୍ୟ ସଭାପତି ତଥା ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଅସରାଏ ବର୍ଷା, ଘର ଭିତରେ ଆଣ୍ଠୁଏ ପାଣି

**ନୂଆପଡ଼ା ଅଫିସ,୨୨।୮**

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କର୍ଲାକୋଟ ପଞ୍ଚାୟତ ଟାଙ୍ଗରିପଡା ଗାଁରେ ଅସରାଏ ବର୍ଷାରେ ଘର ଭିତରେ ଆଣ୍ଠୁଏ ପାଣି ପଶିବା ଦ୍ୱାରା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଛନ୍ତି। ହେଲେ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଉଦାହରଣ ବୋଡେନ ବ୍ଲକ କର୍ଲାକୋଟ ପଞ୍ଚାୟତ ଟାଙ୍ଗରିପଡା ଗାଁରେ ଦେଖିବାକୁ ମିଳିଛି। ଗାଁର ଭୂଗଳ ନାଗ (୪୦), ସ୍ତ୍ରୀ ସୁକାନ୍ତି (୩୫), ୩ ପୁଅ ଜୟସିଂ (୧୫), ଜିତୁଲାଲ (୧୩) ଓ ଯୁଜେଷ୍ଟିର (୧୦)ଙ୍କୁ



ମହିଳା ଜଣକ ଘରେ ପଶିଥିବା ପାଣି ବାହାର କରୁଛନ୍ତି।

ନେଇ ଦୀର୍ଘ ଦିନ ହେବ ସେଠାରେ ଏକ ମାଟି ଛପର ଘର ତିଆରି କରି ରହି ଆସୁଥିଲେ। ସେହି ଗାଁ ଦେଇ ବିଜୁ ଏକ୍ସପ୍ରେସ ଫୋର ୱେ ଯିବାରୁ ଘର ତଳ ହୋଇ ରାସ୍ତା ଉଚ୍ଚ ହୋଇଯିବାରୁ ଅଳ୍ପ ବର୍ଷା ହେଲେ ରାସ୍ତାରେ ବୋହୁଥିବା ପାଣି ଘର ଭିତରେ ପଶୁଛି। ଘରେ ପାଣି ପଶି ଯିବା ଦ୍ୱାରା ରହିବା ପାଇଁ ଅସୁବିଧା ହେଉଛି। ବର୍ଷାରେ ଘର ଚାରି ପଟେ ଜଳମଗ୍ନ ହେଉଥିବାରୁ ଚୁଲି ମଧ୍ୟ ଜଳୁ ନାହିଁ। ଭୋକ ଉପବାସରେ ଦିନ ବିତାଇବାକୁ ପଡେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉ କିମ୍ୱା ବିଜୁ ପକ୍କା ଘର ଯୋଜନାରେ ଘର ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ନୟାନ୍ତ ହୋଇ ପଡିଲେଣି। ନିଜେ ଘର ତିଆରି କରିବା ପାଇଁ ସକ୍ଷମନୁହନ୍ତି ବୋଲି ସରକାରଙ୍କ ଯୋଜନାକୁ ଅନାଇ ଶେଷରେ ନିରାଶ ହୋଇ ସେହି ଝଟିମାଟି ଘରରେ ଦିନ ବିତାଉଛନ୍ତି। ଘର ଭିତରେ ଆଣ୍ଠୁଏ ପାଣି ରହିଥିବାରୁ କାନ୍ଥ ଭାଙ୍ଗି ଯିବା ସମ୍ଭାବନା ରହିଛି। ବିପଦ ସଙ୍କୁଳ ଅବସ୍ଥାରେ ଘର ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅସହାୟ ପରିବାରଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଦାବି ହେଉଛି।

**ଆରତିଙ୍କ ହାତରେ ଟ୍ରଷ୍ଟର ଦାୟିତ୍ୱ**

**ନୂଆଦିଲ୍ଲୀ:** ରାକେଶ ଝୁନଝୁନୱାଲାଙ୍କ ମୃତ୍ୟୁ ପରେ ତାଙ୍କର ସମ୍ପତ୍ତି କିଏ ସମ୍ଭାଳିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ବର୍ତ୍ତମାନର ଖବର ଅନୁସାରେ ରାକେଶ ଝୁନଝୁନୱାଲାଙ୍କ ସମ୍ପତ୍ତି ତାଙ୍କର ଅତି ଘନିଷ୍ଠ ବନ୍ଧୁ, ଗୁରୁ ତଥା ବ୍ୟବସାୟୀ-ନିବେଶକ ରାଧାକ୍ରିଷନ ଦମାନୀ ବା ଆରଡି ବୁଝିବେ। ଏପରି କି ରାକେଶ ଝୁନଝୁନୱାଲାଙ୍କ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟୀ ମଧ ଦମାନୀ ହୋଇଛନ୍ତି। ସେହିଭଳି ଝୁନଝୁନୱାଲାଙ୍କ ଅତି ଘନିଷ୍ଠ ସହଯୋଗୀ କଲ୍ପରାଜ ଧାରାଂଶୀ ଏବଂ ଅମଲ ପାରିଖ ଅନ୍ୟ ଦୁଇ ଟ୍ରଷ୍ଟୀ ଭାବେ ସାମିଲ ରହିଛନ୍ତି। ଅପରପକ୍ଷରେ ଫୋର୍ବସର ଆକଳନ ଅନୁସାରେ ୫.୮ ବିଲିୟନ ଡଲାରର ସମ୍ପତ୍ତି ସହ ଝୁନଝୁନୱାଲା ଭାରତର ୪୮ତମ ଧନୀ ବ୍ୟକ୍ତି ଏବଂ ତାଙ୍କର ଲିଷ୍ଟେଡ୍ ହୋଲଡିଂର ବର୍ତ୍ତମାନ ମୂଲ୍ୟ ୩୦,୦୦୦ କୋଟି ଟଙ୍କା ହେବ।

# ୪.୨ ଟ୍ରିଲିୟନ ଟଙ୍କା କାରବାର କରିଛି ଅଟୋ କମ୍ପୋନେଣ୍ଟ ସେକ୍ଟର

**ନୂଆଦିଲ୍ଲୀ,୨୨।୮**



ଭାରତୀୟ ଅଟୋ କମ୍ପୋନେଣ୍ଟ ଇଣ୍ଡଷ୍ଟ୍ରି ୨୦୨୧-୨୨ ରେ ସର୍ବାଧିକ ୪.୨ ଟ୍ରିଲିୟନ ଟଙ୍କା କାରବାର କରିଛି। ଏପରି କି ଗତ ଆର୍ଥିକ ବର୍ଷରେ ରପ୍ତାନି ଏବଂ ପରବର୍ତ୍ତୀ ମାର୍କେଟରେ ଦୃଢ଼ ପ୍ରଦର୍ଶନ ଯୋଗୁ ୨୩% ଅଭିବୃଦ୍ଧି ପଞ୍ଜୀକରଣ କରିଛି ବୋଲି ସୋମବାର ଶିଳ୍ପ ସଂସ୍ଥା ଅଟୋମୋଟିଭ କମ୍ପୋନେଣ୍ଟ ମାନ୍ୟୁଫାକ୍ଚରର୍ସ ଆସୋସିଏଶନ୍ ଅଫ୍ ଇଣ୍ଡିଆ (ଏସିଏମ୍ଏ) ପକ୍ଷରୁ କୁହାଯାଇଛି। ଏକ ଭର୍ଚୁଆଲ୍ ଖବରଦାତା ସମ୍ମିଳନୀରେ ଏସିଏମ୍ଏ କହିଛି ଯେ, ୨୦୨୧-୨୨ରେ ଅଟୋ ପାର୍ଟସର ଆମଦାନୀ ୩୩% ବୃଦ୍ଧି ଘଟିଛି, ସେହି ସମୟ ମଧ୍ୟରେ ରପ୍ତାନି ମଧ ୪୩% ବୃଦ୍ଧି ପାଇଛି। ଏପରି କି ୨୦୨୧-୨୨ରେ ଭାରତରେ ଅଟୋ କମ୍ପୋନେଣ୍ଟ ଇଣ୍ଡଷ୍ଟ୍ରି ୧.୪୧ ଟ୍ରିଲିୟନ ଟଙ୍କା ମୂଲ୍ୟର ଉପାଦାନ ରପ୍ତାନି କରିଥିଲା ବେଳେ ସମାନ ବର୍ଷରେ ମଧ ୧.୩୬ ଟ୍ରିଲିୟନ ଟଙ୍କା ମୂଲ୍ୟର ଅଟୋ ପାର୍ଟସ ଆମଦାନୀ ହୋଇଥିଲା ବୋଲି ସୂଚନା ମିଳିଛି। ମୋଟ ଅଟୋ ଉପାଦାନଗୁଡ଼ିକର ଆମଦାନୀ ମଧ୍ୟରୁ ପ୍ରାୟ ୩୦% ଚାଇନାରୁ ଆସିଛି ଏବଂ ଏହାକୁ ଏକ ନମ୍ବର ସ୍ଥାନ ଦେଇଛି। ଭାରତ ପାଇଁ ଅଟୋ ପାର୍ଟସର ୨ୟ ବୃହତ୍ତମ ଉତ୍ସ ହେଉଛି ଜର୍ମାନୀ, ଯାହା ପ୍ରାୟ ୧୧% ବୋଲି ଏସିଏମ୍ଏ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୩୨% ରପ୍ତାନିରେ ଉତ୍ତର ଆମେରିକା ୪୬% ଅଭିବୃଦ୍ଧି ହାସଲ କରିଛି। ୟୁରୋପ ୩୧% ଏବଂ ଏସିଆ ୨୫% କରି ଯଥାକ୍ରମେ ୩୯% ଏବଂ ୪୦ % ବୃଦ୍ଧି ପାଇଛନ୍ତି। ଗତ ଆର୍ଥିକ ବର୍ଷରେ ରପ୍ତାନି ହୋଇଥିବା ପ୍ରମୁଖ ସାମଗ୍ରୀଗୁଡ଼ିକ ମଧ୍ୟରେ ଡ୍ରାଇଭ୍ ଟ୍ରାନ୍ସମିଶନ୍ ଏବଂ ଷ୍ଟିଅରିଂ, ଇଞ୍ଜିନ୍ ଉପାଦାନ, ବଡି, ଚେସିସ, ସସ୍ପେନସନ ଏବଂ ବ୍ରେକ୍ସ ଆଦି ରହିଛି। ୨୦୨୧-୨୨ରେ ଅଟୋ କମ୍ପୋନେଣ୍ଟଗୁଡ଼ିକର ପରବର୍ତ୍ତୀ ମାର୍କେଟର କାରବାର ୭୪,୨୦୩ କୋଟି ଟଙ୍କା ଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୧୫% ଅଭିବୃଦ୍ଧି ଘଟିଛି। ୨୦୨୧-୨୨ରେ ପରବର୍ତ୍ତୀ ମାର୍କେଟର କାରବାର ପୂର୍ବ-ମହାମାରୀ ସ୍ତର ଅତିକ୍ରମ କରିଥିଲା, କାରଣ ରାସ୍ତାରେ ଅଧିକ ଯାନବାହନର ଦୀର୍ଘ ସମୟ ବ୍ୟବହାର ଫଳରେ ସେକେଣ୍ଡହାଣ୍ଡର ଚାହିଦା ବୃଦ୍ଧି, ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଏବଂ ଅନଲାଇନ୍ ରିଟେଲର ପରି ନୂତନ ବିକ୍ରୟ ଚ୍ୟାନେଲ ଏବଂ ମଲ୍ଟି ବ୍ରାଣ୍ଡ ଆଉଟଲେଟ୍ ବୃଦ୍ଧି ପାଇଥିବା ଏସିଏମ୍ଏ ମତବ୍ୟକ୍ତ କରିଛି।

# ପିଏନ୍‌ବି ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

**ଭୁବନେଶ୍ୱର,୨୨।୮**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ଅଞ୍ଚଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବନ୍ୟା ପ୍ରଭାବିତ ନିମାପଡା ଏବଂ ଗୋପ ଅଞ୍ଚଳର ଲୋକମାନଙ୍କୁ ୧୦୦୦ ପ୍ୟାକେଟ୍‌ର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ରିଲିଫ ସହାୟତା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନବି ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀଙ୍କ ଉପସ୍ଥିତିରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିମାପଡାଠାରେ ରିଲିଫ୍ ଭ୍ୟାନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପ-ଅଞ୍ଚଳ ପ୍ରବନ୍ଧକ ଜନ୍ମେଜୟ ଦୀକ୍ଷିତ, ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଚିରଞ୍ଜନ ପୃଷ୍ଟି, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ମାର୍କେଟିଂ ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।




୭ମ ଜନ୍ମଦିନର ଶୁଭେଚ୍ଛା



AKSHITA ANANYA (Tisu)
ରଘୁନାଥପୁର, ନନ୍ଦନକାନନ
"ଜନମ ଦିନର ଶୁଭ ଅବସରେ ଠାକୁରେ ଦିଅ ଆଶିଷ, ପୁଷ୍ପିତ ହେଉ ତୋ ଚଲାପଥ ଝରୁଥାଉ ଓଠୁ ହସ"
ଶୁଭେଚ୍ଛା ସହ
ଜେଜେ ବାପା, ଜେଜେ ମା, ଅଜା, ଆଈ, ମିକୁନି ମାଉସୀ, ବାବା, ମାମା ବନ୍ଧୁ ଓ ପରିବାରବର୍ଗ
ଧ-୭୩୮୬୦

# ଆର୍‌ଆର୍‌ବି ପରୀକ୍ଷା ପାଇଁ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୨୨।୮**

ରେଳବାଇ ନିଯୁକ୍ତି ବୋର୍ଡ (ଆର୍‌ଆର୍‌ବି) ପରୀକ୍ଷା ପାଇଁ ଆଶାୟୀ ପରୀକ୍ଷାର୍ଥୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ନେଇ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏପରି କି ବିଭିନ୍ନ ସହରରେ କମ୍ପ୍ୟୁଟରୀକୃତ (ସିବିଟି) ପରୀକ୍ଷା ହେବାକୁ ଯାଉଥିବାରୁ ଆର୍‌ଆର୍‌ବି ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ରେଳପଥ ଯୋଜନା କରିଛି। ହାତିଆ-କଟକ ପରୀକ୍ଷା ବିଶେଷ ଟ୍ରେନ ୦୮୦୪୬-୦୮୦୪୫ ହାତିଆ-କଟକ-ହାତିଆ ପରୀକ୍ଷା ସ୍ପେଶାଲ୍ ହାତିଆରୁ ଅଗଷ୍ଟ ୨୨ ଏବଂ ୨୪ ଅପରାହ୍ନ ଘ.୪.୫୦ମି.ରେ ଛାଡ଼ିବାକୁ ଥିବାବେଳେ ଫେରିବା ମାର୍ଗରେ ଏହା କଟକଠାରୁ ଅଗଷ୍ଟ ୨୩ ଓ ୨୫ ରାତ୍ର ଘ.୯.୪୦ମି.ରେ ଛାଡି ହାତିଆ ଯାତ୍ରା କରିବ। ଏହି ବିଶେଷ ଟ୍ରେନ ଉଭୟ ପାର୍ଶ୍ୱରୁ ହାତିଆ ଓ କଟକ ମଧ୍ୟରେ ରାଉରକେଲା, ଝାରସୁଗୁଡା, ସମ୍ବଲପୁରସିଟି, ଅନୁଗୋଳ ଓ ଢେଙ୍କାନାଳ ଷ୍ଟେଶନରେ ରହଣି କରିବାକୁ ଥିବାବେଳେ ଏଥିରେ ୨ଟି ଏସି-୩ ଟାୟାର୍, ୪ଟି ସ୍ଲିପର୍ କ୍ଲାସ୍, ୩ଟି ୨ୟ ଶ୍ରେଣୀ ଚେୟାର୍ କାର୍, ୫ଟି ସାଧାରଣ ୨ୟ ଶ୍ରେଣୀ ଏବଂ ୨ଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଆଦି ଉପଲବ୍ଧ ରହିଛି।

# ଜେସିବି ଇଣ୍ଡିଆ ସହ ୟୁବିଆଇର ଚୁକ୍ତିପତ୍ର ସ୍ୱାକ୍ଷର




**ଭୁବନେଶ୍ୱର,୨୨।୮**

ଜେସିବି ଗ୍ରାହକମାନଙ୍କୁ ଇକ୍ୟୁପମେଣ୍ଟ ଫାଇନାନ୍ସ ପ୍ରଦାନ କରିବା ପାଇଁ ଜେସିବି ଇଣ୍ଡିଆ ଲିଃ (ଜେସିବି) ସହ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛି। ଏହି ଅଂଶୀଦାରି ଅଧୀନରେ ୟୁବିଆଇ ଏବଂ ଜେସିବି ଉଭୟ ନିଜ ନିଜର ସମ୍ବଳକୁ ଏକାଠି କରିବାକୁ ଏବଂ ପାରସ୍ପରିକ ଲାଭ ପାଇଁ ପରସ୍ପର ସହ ଯୋଡ଼ି ହୋଇ ରହିବା ଲାଗି ସହମତି ପ୍ରକାଶ କରିଥିଲେ। ଫଳରେ ବ୍ୟାଙ୍କର ବ୍ୟାପକ ଉପସ୍ଥିତି ସାରା ଦେଶରେ ଥିବା ଜେସିବି ମେଶିନ୍‌ର କ୍ରେତାମାନଙ୍କୁ ସର୍ବୋତ୍ତମ ସେବା ପ୍ରଦାନ କରିବାକୁ ୟୁବିଆଇ ଜେସିବି ଇଣ୍ଡିଆକୁ ସାହାଯ୍ୟ କରିବ। ଜେସିବି ଇଣ୍ଡିଆ ଭାରତରେ ନିର୍ମାଣ ସମ୍ବନ୍ଧୀୟ ଉପକରଣଗୁଡ଼ିକର ସବୁଠାରୁ ବଡ଼ ନିର୍ମାତା ସହ ଗ୍ଲୋବାଲ ଜେସିବି ଗ୍ରୁପ୍ ୟୁକେର ଅଂଶ ଅଟେ। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ଉଭୟ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ (ଏମ୍ଏସ୍ଏମ୍ଇ) ସି.ଏମ୍. ମିନୋଚା ଏବଂ ଜେସିବି ଇଣ୍ଡିଆ ଲିମିଟେଡ୍‌ର ଆସୋସିଏଟ ଭାଇସ୍ ପ୍ରେସିଡେଣ୍ଟ ଏବଂ ମୁଖ୍ୟ ରିଟେଲ ଫାଇନାନ୍ସ ଅନୁଜ ତୋମାରଙ୍କ ମଧ୍ୟରେ ଉକ୍ତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା।

# ଠକାମି ଏସ୍‌ଏମ୍‌ଏସ୍ ପ୍ରତି ସାବଧାନ

**ଭୁବନେଶ୍ୱର,୨୨।୮**

ବିଦ୍ୟୁତ୍ ଗ୍ରାହକଙ୍କ ବିରୋଧରେ ଘଟୁଥିବା ସାଇବର ଠକାମିର ବର୍ଦ୍ଧିତ ସଂଖ୍ୟାକୁ ବିଚାରକୁ ନେଇ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଏଭଳି ଅସାଧୁ ତତ୍ତ୍ୱଙ୍କ ବିରୋଧରେ ପୁଣି ଥରେ ପରାମର୍ଶବଳୀ ଜାରି କରାଯାଇଛି। ଏହି ଅସାଧୁ ତତ୍ତ୍ୱମାନେ ଏସ୍‌ଏମ୍‌ଏସ୍ ଜରିଆରେ ବିଦ୍ୟୁତ୍ ସଂଯୋଗ କାଟିବା ଲାଗି ଧମକ ଦେଇ ଗ୍ରାହକମାନଙ୍କୁ ନିଜର ଠକାମି ଜାଲରେ ଫସାଇବାକୁ ଉଦ୍ୟମ କରୁଛନ୍ତି। ବିଦ୍ୟୁତ୍ ଯୋଗାଣ କିମ୍ବା ବିଚ୍ଛିନ୍ନକୁ ନେଇ କୌଣସି ସ୍ପଷ୍ଟୀକରଣ ଦରକାର ଥିଲେ ୨୪ଘଣ୍ଟିଆ ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୯୧୨-୧୮୦୦୩୪୫୭୧୨୨ରେ ଯୋଗାଯୋଗ କରିବାକୁ ଡିସ୍କମ୍ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସାଇବର୍ ଠକମାନେ ପୂର୍ବ ମାସ ବିଦ୍ୟୁତ୍ ଦେୟ ପଇଠ ହୋଇ ନ ଥିବା ବାହାନା କରି ସେହିଦିନ ବିଦ୍ୟୁତ୍ ଯୋଗାଣ ବିଚ୍ଛିନ୍ନ କରିବା ଲାଗି ଧମକ ଦେଇ ଗ୍ରାହକଙ୍କ ପାଖକୁ ମେସେଜ୍ ପଠାଉଛନ୍ତି।

# ଜେଏସ୍‌ପିକୁ ୨ଟି ବର୍ଗରେ ଜାତୀୟ ସିଏସ୍‌ଆର୍ ପୁରସ୍କାର



ଶାଲୁ ଏବଂ ନବୀନ ଜିନ୍ଦଲ।

**ଭୁବନେଶ୍ୱର,୨୨।୮**

କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟ ନିମନ୍ତେ ଭାରତ ସରକାରଙ୍କ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ ଜାତୀୟ ସିଏସ୍‌ଆର୍ ପୁରସ୍କାର-୨୦୨୦ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସ୍‌ପି)କୁ ଦୁଇଟି ବର୍ଗରେ ବିଜେତା ଘୋଷଣା କରାଯାଇଛି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ପ୍ରେସ ବିଜ୍ଞପ୍ତି ଅନୁଯାୟୀ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଆକାଂକ୍ଷା ଜିଲା-ଦୁର୍ଗମ ଅଞ୍ଚଳରେ ସିଏସ୍‌ଆର୍ (ପୂର୍ବ ଜୋନ) ଏବଂ ଜାତୀୟ ପ୍ରାଥମିକତା କ୍ଷେତ୍ରରେ ଅବଦାନ (ଦିବ୍ୟାଙ୍ଗଙ୍କୁ ସହାୟତା) ଶ୍ରେଣୀରେ ବିଜେତା ଭାବେ ମନୋନୀତ କରାଯାଇଛି। ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଭାରତର ୩ ପ୍ରତିଷ୍ଠିତ ଅନୁଷ୍ଠାନ, ଇଣ୍ଡଷ୍ଟ୍ରି ଓ ବାଣିଜ୍ୟ ଚାମ୍ବର ଏବଂ ଗୋଷ୍ଠୀ ସମୂହଙ୍କ ସହ ସିଧାସଳଖ କଥାବାର୍ତ୍ତା ପରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଏକ ତିନି ପର୍ଯ୍ୟାୟ ଚୟନ ପ୍ରକ୍ରିୟା ପରେ ଜେଏସ୍‌ପି ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି।

ଏ ସମ୍ପର୍କରେ ଜେଏସ୍‌ପିର ଚେୟାରମ୍ୟାନ ନବୀନ ଜିନ୍ଦଲ କହିଛନ୍ତି, ଲୋକଙ୍କ ସହଭାଗିତା ତଥା ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେଇ ଶିଳ୍ପାୟନ ମାଧ୍ୟମରେ ଆମେ ସାମଗ୍ରିକ ବିକାଶ ନିମନ୍ତେ କାର୍ଯ୍ୟ କରିବାରେ ବିଶ୍ୱାସ କରୁ। ସ୍ଥାନୀୟ ଜନସାଧାରଣଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ନିମନ୍ତେ ସିଏସ୍‌ଆର୍ ମାଧ୍ୟମରେ ଆମେ ବିଭିନ୍ନ ବହୁମୁଖୀ ସାମାଜିକ ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛୁ। ଏହି ପୁରସ୍କାର ନିଶ୍ଚିତ ଭାବେ ଆମ ପାଇଁ ଏକ ବଡ ସ୍ୱୀକୃତି ଏବଂ ଆମ ପାଇଁ ସର୍ବଦା ଜନସାଧାରଣ ହିଁ ପ୍ରଥମ।

## ଫୁରସତ୍

# ସାଇକେଲ ପ୍ରିୟ ଦେଶ ନେଦରଲ୍ୟାଣ୍ଡସ୍

**ୱାଶିଂଟନ:** ବିଶ୍ୱର ସବୁଠାରୁ ବାଇକ୍ ଫ୍ରେଣ୍ଡଲି ସିଟି ତାଲିକାର ଶୀର୍ଷରେ ନେଦରଲ୍ୟାଣ୍ଡସ୍‌ର ୟୁଟ୍ରେଚ୍ ସହର ରହିଛି। ଚଳିତ ବର୍ଷ ଗ୍ଲୋବାଲ ବାଇସାଇକେଲ ଇନ୍‌ଡେକ୍ସ ବିଶ୍ୱର ୯୦ ସହରକୁ ତାଲିକାଭୁକ୍ତ କରିଛନ୍ତି। ସହରରେ ବାଇସାଇକେଲ ବ୍ୟବହାରକାରୀଙ୍କ ସଂଖ୍ୟାକୁ କେନ୍ଦ୍ର କରି ଏହି ସୂଚୀ ପ୍ରସ୍ତୁତ କରାଯାଇଛି। ଏଥିସହ ଅପରାଧ, ସୁରକ୍ଷା, ନିର୍ମାଣ, ପାଣିପାଗ, ବାଇକ୍ ଶେୟାରିଂ ଇଭେଣ୍ଟ ଏବଂ ବାଇସାଇକେଲ ନେଇ ଜଡ଼ିତ ସମାରୋହକୁ ଦୃଷ୍ଟିରେ ରଖି ଏହି ତାଲିକା ପ୍ରସ୍ତୁତ। ୟୁରୋପ ଏହି ସୂଚୀରେ ଆଗରେ ରହିଛି। ଏହାର ମୁଖ୍ୟ କାରଣ ଏଠାରେ ଉନ୍ନତ ପ୍ରଣାଳୀରେ ବାଇ ସାଇକେଲମାନ ତିଆରି କରାଯାଉଛି। ଆମେରିକା ଟପ୍ ୨୦ରେ ନ ଥିବାବେଳେ ବୋଷ୍ଟନ. ନ୍ୟୁୟର୍କ, ୱାଶିଂଟନ ଡିସି, ଲସ୍ ଆଞ୍ଜେଲ୍ସ ଆଦି ସହରର ନାମ ତାଲିକାରେ ଅନ୍ତର୍ଭୁକ୍ତ ରହିଛି।



ବିଶ୍ୱର ବାଇକ୍ ଫ୍ରେଣ୍ଡଲି ସିଟି ମଧ୍ୟରୁ ନେଦରଲ୍ୟାଣ୍ଡସ୍‌ର ୟୁଟ୍ରେଚ୍‌ର ନାମ ସର୍ବାଗ୍ରେ ରହିଛି। ଏହି ସହରର ମୋଟ ଜନସଂଖ୍ୟାର ୫୧ ପ୍ରତିଶତ ଲୋକ ସାଇକେଲ ବ୍ୟବହାର କରନ୍ତି। ଦ୍ୱିତୀୟ ସ୍ଥାନରେ ରହିଛି ଜର୍ମାନୀର ମୁଷ୍ଟର ସହର। ପ୍ରତିବର୍ଷ ବାଇ-ସାଇକେଲକୁ ନେଇ ଜର୍ମାନରେ ସବୁଠାରୁ ଅଧିକ ଇଭେଣ୍ଟ କରାଯାଉଥିବାବେଳେ ସାଇକେଲ ଚଳାଇବା ପାଇଁ ଦେଶବାସୀଙ୍କୁ ପ୍ରୋତ୍ସାହନ ଯୋଗାଯାଉଛି। ସେହିପରି ବେଲଜିୟମର ଅଣ୍ଟୱେରପ୍ ସିଟି ତୃତୀୟ ସ୍ଥାନ ଅଧିକାର କରିଛି। ଏଠାରେ କମ୍ ମୂଲ୍ୟରେ ବାଇସାଇକେଲ ମିଳିଥାଏ। ଏଥିସହ ସହର ସାରା ବାଇକ୍ ଶେୟାରିଂ ସିଷ୍ଟମ ଥିବାବେଳେ ସାଇକେଲ ଚାଳକଙ୍କ ପାଇଁ ସହରରେ ୪ ହଜାର ସ୍ୱତନ୍ତ୍ର ରାସ୍ତା ତିଆରି କରାଯାଇଛି। ସେହିପରି ଡେନମାର୍କର କୋପେନହାଗେନ୍ ସହର, ନେଦରଲ୍ୟାଣ୍ଡସ୍‌ର ଆମଷ୍ଟରଡାମ, ସ୍ୱିଡେନର ମାଲମୋ, ଚାଇନାର ହାଙ୍ଗଜହାଉ ଏବଂ ସୁଇଜରଲ୍ୟାଣ୍ଡସ୍‌ର ବର୍ନ ସହରର ନାମ ଉକ୍ତ ତାଲିକାର ଟପ୍ ୧୦ରେ ରହିଛି।



# ଫିଲ୍ମ ଫେୟାରରୁ କଙ୍ଗନା ବାଦ୍

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ ଫିଲ୍ମ ଫେୟାର ଆୱାର୍ଡରୁ ବାଦ୍ ପଡ଼ିଛନ୍ତି। ଫିଲ୍ମ 'ତଲାଇଭି' ପାଇଁ ତାଙ୍କ ନାମ ଶ୍ରେଷ୍ଠ ଅଭିନେତ୍ରୀ ଲାଗି ମନୋନୀତ କରାଯାଇଥିଲା। କିନ୍ତୁ ଫିଲ୍ମ ଫେୟାର ଏବେ କଙ୍ଗନାଙ୍କ ନାମ ହଟାଇ ଦେଇଛି। ଫିଲ୍ମ ଫେୟାର କଙ୍ଗନାଙ୍କୁ ବାରମ୍ବାର ଫୋନ୍ କରି ହଇରାଣ କରୁଥିବା ନେଇ ସେ ଏକ ପୋଷ୍ଟ ଶେୟାର କରିବା ସହ କୋର୍ଟରେ ଏ ନେଇ ଅଭିଯୋଗ କରିବେ ବୋଲି କଙ୍ଗନା କହିଛନ୍ତି। ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଫିଲ୍ମ ଫେୟାର ନିଜ ପ୍ରତିକ୍ରିୟା ରଖିଛି। ୩୦ରେ ହେବାକୁ ଥିବା ଫିଲ୍ମ ଫେୟାର ସମାରୋହରେ ଯୋଗ ଦେବା ଲାଗି କଙ୍ଗନାଙ୍କୁ ନିମନ୍ତ୍ରଣ କରାଯିବାର ଥିଲା। ସେଥିଲାଗି ନାୟିକାଙ୍କୁ ଫୋନ୍ ଯୋଗେ ଠିକଣା ମଗାଯାଇଥିଲା।

# କାର୍ ଚଲାଉଛନ୍ତି ମୂଷା

**ୱାଶିଂଟନ୍**

ଆମେରିକାର ରିଚ୍‌ମଣ୍ଡ ୟୁନିଭର୍ସିଟିରେ ମୂଷାମାନେ କାର୍ ଚଲାଉଛନ୍ତି। ମନୁଷ୍ୟମାନେ ବ୍ୟବହାର କରୁଥିବା କାର୍ ନୁହେଁ ବରଂ ପ୍ଲାଷ୍ଟିକ୍ ଖୋଳାରେ ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରକାର କାର୍‌କୁ ମୂଷାମାନେ ଚଲାଉଥିବାର ଦେଖିବାକୁ ମିଳିଛି। ଯାନ ଚଲାଇବାର କଳା ମୂଷାଙ୍କ ପାଖରେ ରହିଛି। ୟୁନିଭର୍ସିଟିରେ କାର୍ଯ୍ୟରତ ଅଧ୍ୟାପକ କେଲି ଲାମ୍ବର୍ଟ ଏହି ବିଶେଷ ପ୍ରକାର କାର୍ ତିଆରି କରିଛନ୍ତି। ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ବକ୍ସରେ ତିଆରି ହୋଇଥିବା ଏହି କାରର ତଳ ଅଂଶ ଆଲୁମିନିୟମ୍‌ରେ ତିଆରି ହୋଇଛି। କାର୍ ଭିତରେ ୩ଟି କପର୍ ବାର୍ ରହିଛି। ଏହି ବାର୍‌ଗୁଡ଼ିକୁ ଛୁଇଁବାମାତ୍ରେ କାର୍ ଷ୍ଟାର୍ଟ ହୋଇଯାଏ। ବାମ ପାର୍ଶ୍ୱରେ ଥିବା ବାର୍‌କୁ ଛୁଇଁବା ଦ୍ୱାରା କାର୍‌ଟି ବାମ ଓ ଡାହାଣ ବାର୍ ଦ୍ୱାରା ଡାହାଣ ପାଖକୁ ଯାଇଥାଏ। ମୋଟ ଭାବେ ୬ ମାଈ ଏବଂ ୪ ଅଣ୍ଡିରା ମୂଷାକୁ ଏଥିରେ ସାମିଲ କରାଯାଇଛି। ୪ ସ୍କୋୟାର୍ ମିଟର ପରିମିତ ସ୍ଥାନରେ ମୂଷାଙ୍କ ପାଇଁ ସ୍ୱତନ୍ତ୍ର ପ୍ରକାର ବାଟ ତିଆରି କରାଯାଇଛି। ବାର୍‌ଗୁଡ଼ିକ ଛୁଇଁବା ପାଇଁ ମୂଷାଙ୍କୁ ଖାଦ୍ୟର ଲୋଭ ଦେଖାଯାଉଛି। ତିଆରି ହୋଇଥିବା ସ୍ୱତନ୍ତ୍ର ପ୍ରକାର ରୁଟର ବିଭିନ୍ନ ଭାଗରେ ଖାଦ୍ୟ ରଖାଯାଉଛି। କାର୍ ଚଲାଇବାରେ ମୂଷାଙ୍କ ଅନୁଭୂତି ବିଷୟରେ ଜାଣିବା ପାଇଁ ଗବେଷକମାନେ ଏହି ସ୍ୱତନ୍ତ୍ର ଧରଣର ଗବେଷଣା କରୁଥିବା କୁହାଯାଉଛି।




ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ଦୀପିକା ପାଢ଼ୀ
ହିଣ୍ଡାଲ୍‌କୋ, ରିଭର ସାଇଡ୍ କଲୋନୀ, ହୀରାକୁଦ୍
ଆବିର୍ଭାବ: ୨୮।୧୧।୧୯୭୩
ତିରୋଧାନ: ୧୩।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
(ବଡ଼ପୁଅ) ଅଭିଷେକ ପାଢ଼ୀ, (ସାନପୁଅ) ଅଭିଜିତ୍ ପାଢ଼ୀ, (ସ୍ୱାମୀ) କ୍ରିଷ୍ଣା ପାଢ଼ୀ,
ଶୋକସନ୍ତପ୍ତ: ପାଢ଼ୀ ପରିବାର, ଡଃ ସଂଯୁକ୍ତା ତ୍ରିପାଠୀ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୩୨୭

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ବୈଷ୍ଣବ ଚରଣ ପଣ୍ଡା
ଦାନପୁର (ଡେରାବିଶ) କେନ୍ଦ୍ରାପଡ଼ା
ଆବିର୍ଭାବ: ୦୪।୧୦।୧୯୪୨
ତିରୋଧାନ: ୧୨।୦୮।୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷ ପଣିଆ, ଦୂରଦୃଷ୍ଟି ସମ୍ମାନ ବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତି ହୋଇ ରହିବ। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୩୨୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ଶାନ୍ତିଲତା ପ୍ରଧାନ
(ଅବସରପ୍ରାପ୍ତ ମୁଖ୍ୟ ଶିକ୍ଷୟିତ୍ରୀ)
ଏଲ୍-୮୮, ପି.କେ. ଆର୍.ଆଇ.ଟି. କଲୋନୀ, ପୁରୀ
ଆବିର୍ଭାବ: ୦୧।୦୪।୧୯୩୮
ତିରୋଧାନ: ୨୩।୦୮।୨୦୨୦
ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ଏବେବି ଆପଣଙ୍କ କଥା ସବୁ ସମୟରେ ମନେ ପଡ଼େ। ଆପଣଙ୍କର ସ୍ଥାନ ଅପୂରଣୀୟ। ଆପଣଙ୍କ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦା ସର୍ବଦା ମନେରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା' ରାମଚଣ୍ଡୀଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ସରିତା ବିଦ୍ୟାଧର (ରୁବି)- ବୋହୂ ପ୍ରାତିନନ୍ଦା ବିଦ୍ୟାଧର (ନେହା)- ନାତୁଣୀ, ବନ୍ଧୁ ଓ ସମସ୍ତ ପରିବାରବର୍ଗ।
ଧ-୭୩୭୧୫

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସୁଲୋଚନା ଭଞ୍ଜ
ମୀନାବଜାର, ଢେଙ୍କାନାଳ ଟାଉନ
ଆବିର୍ଭାବ: ୧୯୩୮
ତିରୋଧାନ: ୧୩।୦୮।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ନିର୍ମଳ, ବୋହୂ: ଜୟନ୍ତୀ, ଝିଅ: ପ୍ରେମ, ଝୁନା, ମୁନି, ଜ୍ୱାଇଁ: ନରେନ୍ଦ୍ର, ସଞ୍ଜୟ, ନାତିନାତୁଣୀ- ପିଙ୍କି, ମିଜୁଲ, ନିଜୁଲ, ଡିମ୍ପଲ, ନିଡୁଲ, ଡାଡୁଲ, ନାତୁଣୀବୋହୂ: ମାମା, ଅଣନାତି ନାତୁଣୀ- ଲିପନ, ଲୋସନ ଏବଂ ବନ୍ଧୁ ପରିବାରବର୍ଗ।
ଧ-୭୪୦୦୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶାନ୍ତି ପ୍ରିୟା ପଟ୍ଟନାୟକ
ଆଇନଜୀବୀ ଓ ସମାଜସେବିକା
ମାତୃ ଭବନ, କଟକ ରୋଡ଼, ଭୁବନେଶ୍ୱର
ଆବିର୍ଭାବ : ୦୬.୦୧.୧୯୫୫
ତିରୋଧାନ : ୦୪.୦୯.୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା, ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ। ତୁମର ଶୂନ୍ୟସ୍ଥାନ କେବେ ମଧ ପୂରଣ ହେବନାହିଁ ଏହା ହିଁ ସତ୍ୟ। ତୁମର କର୍ତ୍ତବ୍ୟନିଷ୍ଠା, ଭଲପାଇବା ଓ ଆଶୀର୍ବାଦ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ, ମହାପ୍ରଭୁ ଜଗନ୍ନାଥ ଓ ମା ବୁଢ଼େଶ୍ୱରୀଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ସ୍ୱାମୀ - ପ୍ରଶାନ୍ତ (ଫକୁ),
ଝିଅ ଜ୍ୱାଇଁ : ପ୍ରଜ୍ଞା, ମୁନା, ପ୍ରାଚୀ, ଅରୁଣ, ପୂଜା, ନାତୁଣୀ-ଗୁନ୍ ଗୁନ୍, ଟୁକ୍ ଟୁକ୍, ସାଇବା ଓ ପରିବାରବର୍ଗ
ଧ-୧୩୩୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ମଞ୍ଜୁଲତା ବେହେରା
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ: ତା୨୧।୦୨।୧୯୭୩ରିଖ
ତିରୋଧାନ: ତା୧୩।୦୮।୨୦୨୨ରିଖ
ତୁମର ବିୟୋଗରେ ଆମେ ସମସ୍ତେ ଗଭୀର ମର୍ମାହତ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ସ୍ମୃତି ହୋଇ ରହିବ। ଆଜିର ଏହି ଏକାଦଶାହରେ ତୁମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପରମ ପ୍ରେମମୟ, ବିଶ୍ୱଠାକୁର, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନିହାର, ଟିଣ୍ଟୁ, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୩୨୯




# ବର୍ଷାଦିନେ ଦିଶିବେ ଷ୍ଟାଇଲିଶ୍

**ସୁନ୍ଦର ଦେଖାଯିବା ସହିତ ଆରାମଦାୟକ ଅନୁଭବ ପାଇଁ ବର୍ଷାଦିନେ ଠିକ୍ ପୋଷାକ ଚୟନ କରିବା ନିହାତି ଆବଶ୍ୟକ। ତେଣୁ ଏହି ଋତୁରେ କେଉଁ ଫାବ୍ରିକର ପୋଷାକ ପିନ୍ଧିବେ ଜାଣିରଖନ୍ତୁ...**

➤ବର୍ଷାଦିନେ ଶୀଘ୍ର ଶୁଖିଯାଉଥିବା ଭଳି ଫାବ୍ରିକ ବ୍ୟବହାର କରନ୍ତୁ। କିନ୍ତୁ ଟ୍ରାନ୍ସପରେଣ୍ଟ ଫାବ୍ରିକ ପିନ୍ଧନ୍ତୁ ନାହିଁ। କାରଣ ବର୍ଷାରେ ସାମାନ୍ୟ ଓଦା ହୋଇଗଲେ ଅଶ୍ୱସ୍ତିବୋଧ କରିବେ।

➤ବର୍ଷାଦିନେ ଶର୍ଟ ଷ୍ଟାଇଲ୍ ବହୁତ ଭଲ। ତେଣୁ ଆଙ୍କେଲ ଲେନ୍ଥ କିମ୍ବା ଥ୍ରି ଫୋର୍ଥ ଲେଗିଙ୍ଗ୍ସ ସହିତ କୁର୍ତ୍ତି ପିନ୍ଧିପାରିବେ।

➤ବ୍ରାଇଟ୍ ଏବଂ ବୋଲ୍ଡ କଲରର ପୋଷାକ ଏହି ଋତୁରେ ବେଶ୍ ଭଲ ଲାଗିବ।

➤ଏହି ଋତୁରେ ଟ୍ରାନ୍ସପରେଣ୍ଟ ଲଙ୍ଗ୍ ରେନ୍‌କୋଟ୍ ପିନ୍ଧନ୍ତୁ, ବହୁତ ସୁନ୍ଦର ଏବଂ ଫ୍ୟାଶନେବଲ୍ ଲାଗିବ।

➤ବର୍ଷାଦିନେ ଶିଫନ୍, ଲାଇଲନ୍ ଏବଂ ସିଲ୍କ ଫାବ୍ରିକ୍ ମଧ୍ୟ ପିନ୍ଧିବା ଆରାମଦାୟକ। ଏହି ଫାବ୍ରିକର ପୋଷାକ ବର୍ଷାଦିନେ ଓଦା ହୋଇଗଲେ ଖୁବ୍ ଶୀଘ୍ର ଶୁଖିଯାଇଥାଏ। ଶିଫନ୍ ଫାବ୍ରିକର ଡ୍ରେସ୍ ବହୁତ ହାଲ୍‌କା ଏବଂ ମୁଲାୟମ ହୋଇଥିବାରୁ ପିନ୍ଧିବାକୁ ମଧ୍ୟ ବହୁତ ଆରାମଦାୟକ ହୋଇଥାଏ। ସୁନ୍ଦର ପ୍ରିଣ୍ଟେଡ୍ ଶିଫନ ଫାବ୍ରିକର ପୋଷାକ ଦେଖିବାକୁ ବି ବହୁତ ଭଲ ଲାଗିଥାଏ।

➤ବର୍ଷାଦିନେ ଡେନିମ୍‌ର ଫାବ୍ରିକ୍



ପିନ୍ଧିବା ଆଦୌ ଉଚିତ ନୁହେଁ ବୋଲି ଅନେକେ ଭାବନ୍ତି। କିନ୍ତୁ ଡେନିମ୍ ପିନ୍ଧିବାର ବି କିଛି ସୁବିଧା ନିଶ୍ଚୟ ରହିଛି। ଏହା ପିନ୍ଧିବାକୁ ଆରାମଦାୟକ ହେବା ସହ ସହଜରେ ଖରାପ ହୋଇ ନ ଥାଏ। କାରଣ ଏହି ଫାବ୍ରିକରେ ଦାଗ ସହଜରେ ଲାଗି ନ ଥାଏ। ତେଣୁ ବେଳେବେଳେ ଏହି ଫାବ୍ରିକ ପିନ୍ଧିଲେ ବି ଫ୍ୟାଶନେବଲ ଲାଗିଥାଏ।

➤କଟନର ପୋଷାକକୁ ଏଭରଗ୍ରିନ୍ ଫାବ୍ରିକ୍ କୁହାଯାଏ। ତେଣୁ ବର୍ଷାଦିନେ ଏହି ଫାବ୍ରିକର ପୋଷାକ ପିନ୍ଧିବା ବହୁ ଆରାମଦାୟକ। ଏହି ପୋଷାକ ବର୍ଷାଦିନେ ଓଦା ହୋଇଗଲେ ବି ଶରୀରରେ ଲାଗିଯାଏ ନାହିଁ ଏବଂ ଓଦା ହେବା ପରେ ଏହା ମଧ୍ୟ ଶୀଘ୍ର ଶୁଖିଥାଏ। ବର୍ଷାଦିନେ କଟ ମେକ୍ସି ଡ୍ରେସ୍, ସ୍କର୍ଟ, ଟପ୍ ଓ କୁର୍ତ୍ତା ବହୁତ ଲାଗିବ।

ଖାଦ୍ୟରୁଚି

# ମୁଗ ଡାଲି ଦୋସା

**ଆବଶ୍ୟକ ସାମଗ୍ରୀ:** ମୁଗଡାଲି- ଅଧା କପ୍, ଚାଉଳ- ୩ ବଡ଼ ଚାମଚ, ପିଆଜ- ୧ଟି, ଟମାଟୋ- ୧ଟି, ସିଝା ଆଳୁ- ୨ଟି, ସୋରିଷ-୧ ଚାମଚ, କଞ୍ଚାଲଙ୍କା- ୨ଟି, ଭୃସଙ୍ଗ ପତ୍ର- ଅଳ୍ପ, ହଳଦୀ- ଅଧା ଚାମଚ, ଧନିଆ ପତ୍ର କଟା- ୨ ଚାମଚ, ତେଲ ଓ ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ- ମୁଗଡାଲି ଓ ଚାଉଳକୁ ପ୍ରଥମେ ୫ ରୁ ୬ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ମୁଗଡାଲିକୁ ଭଲଭାବେ ଧୋଇ ଚାଉଳ ଓ କଞ୍ଚାଲଙ୍କା ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁରୁ ଚୋପା ଛଡ଼ାଇ ସେଥିରେ ଲୁଣ ପକାଇ ଚକଟିଦିଅନ୍ତୁ। ଏବେ ଗ୍ୟାସ୍ ଉପରେ କଡ଼େଇ ବସାଇ ସେଥିରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ସୋରିଷ ଫୁଟାଇ ଭୃସଙ୍ଗପତ୍ର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏହାପରେ ପିଆଜକୁ କାଟି ସେଥିରେ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଯିବା ପରେ ଟମାଟୋ ପକାଇ କିଛି ସମୟ ଭାଜନ୍ତୁ। ପରେ ଆଳୁ ଚକଟା ପକାଇ ମିଶାନ୍ତୁ। ଏବେ ଦୋସା ପାଇଁ ଷ୍ଟଫିଂ ପ୍ରସ୍ତୁତ ହୋଇଗଲା।

ଏବେ ତାୱାରେ ମୁଗଡାଲିର ବଟା ମିଶ୍ରଣକୁ ପକାଇ ଦୋସା ଭଳି କରି ଦିଅନ୍ତୁ। କିଛି ସମୟ ପରେ ସେଥିରେ ଆଳୁ ଷ୍ଟଫିଂକୁ ଦେଇ ଭାଙ୍ଗି ଦିଅନ୍ତୁ। ଏବେ ମୁଗଡାଲିର ଏହି ଦୋସାକୁ ନଡ଼ିଆ ଚଟଣି, ଟମାଟୋ ଚଟଣି, ଧନିଆ ଚଟଣି ସହ ପରଷନ୍ତୁ।



# ହୋମ୍ ମ୍ୟାନେଜର

**କିଏ କହେ କଞ୍ଜୁସ୍ ତ କିଏ କହେ ମିତବ୍ୟୟୀ। କିନ୍ତୁ ସାମ୍ପ୍ରତିକ ବଜାର ସ୍ଥିତିକୁ ଦେଖି ଏବେ ସତର୍କ ହୋଇଛନ୍ତି ସେମାନେ। ଆବଶ୍ୟକତା ଦେଖି କିଣାକିଣି କରିବାକୁ ପଡୁଛି। ଏମିତି ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚକାଟ କରି ଘର ବଜେଟକୁ ସଜାଡ଼ି ସେମାନେ ହୋଇ ପାରିଛନ୍ତି ପ୍ରକୃତ ହୋମ୍ ମ୍ୟାନେଜର...**

ଦରବୃଦ୍ଧି ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ତେଣୁ ଘର ଚଳାଇବା ପାଇଁ ବହୁ କ୍ଷେତ୍ରରେ କମ୍ପ୍ରୋମାଇଜ୍ କରିବାକୁ ପଡୁଛି ଗୃହିଣୀମାନଙ୍କୁ। କେଉଁ ସ୍ଥାନରେ କିଣାକିଣି ନ କରି କିମ୍ବା କମ୍ କିଣି ଘର ଚଳାଇବାକୁ ଚେଷ୍ଟା କରୁଛନ୍ତି। ଯେଉଁଥିପାଇଁ ତାଙ୍କୁ ଦେଖିଚାହିଁ ହିସାବନିକାଶ କରିବାକୁ ପଡୁଛି। ଦେଖିବାକୁ ଗଲେ ଖର୍ଚ୍ଚ କରିବା ଯେତିକି ଜରୁରୀ, ସଞ୍ଚୟ କରିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଖର୍ଚ୍ଚ ଆଉ ସଞ୍ଚୟ ମଧ୍ୟରେ ତାଳମେଳ ରକ୍ଷା କରିବା ହେଉଛି ବଜେଟ ପରିଚାଳନା। ଏ କଥାକୁ ହୃଦୟଙ୍ଗମ କରି ଚଳିବା ପାଇଁ ହେଲେ କେଉଁ ସବୁ ଦିଗକୁ ଗୁରୁତ୍ୱ ଦେବାକୁ ହେବ ଜାଣିବା ନିହାତି ଦରକାର।

## ଆବଶ୍ୟକତାକୁ ପ୍ରାଥମିକତା

ଘରଖର୍ଚ୍ଚ ପାଇଁ କେଉଁ ସବୁ କ୍ଷେତ୍ରରେ ଖର୍ଚ୍ଚ କରିବା ନିହାତି ଆବଶ୍ୟକ ସେସବୁର ତାଲିକା ତିଆରି କରନ୍ତୁ। ଏମିତିକି ଆବଶ୍ୟକତା ଅନୁସାରେ ଘରର ମାସିକ ଖର୍ଚ୍ଚ ହିସାବ କରି ବଳକା ଅର୍ଥକୁ ସେଭିଂ କରି ଦିଅନ୍ତୁ। ଖୁସିରେ କୌଣସି ଜିନିଷ କିଣାକିଣି କରିବାକୁ ଯାଉଥିଲେ ଆଉଥରେ ଭାବିବା ଦରକାର।

## ଖର୍ଚ୍ଚକାଟକୁ ଗୁରୁତ୍ୱ

ଦରଦାମ ବୃଦ୍ଧି ସମୟରେ କିଭଳି ଖର୍ଚ୍ଚକାଟ କରିବେ ସେଥିପାଇଁ ଗୃହିଣୀମାନେ ହିଁ ସବୁବେଳେ ହିସାବନିକାଶ ଚଳାଇଥାନ୍ତି। ତେଣୁ ଏହି ଦୃଷ୍ଟିରୁ ବିଚାରକରି କେଉଁ ସବୁ ଜିନିଷକୁ ବାଦ୍ ଦେଇ ଚଳିହେବ ସେ ନେଇ ବିଚାର କରନ୍ତୁ। ବିଶେଷକରି କେଉଁ ଖର୍ଚ୍ଚକୁ ବାଦ୍ ଦେଲେ ପରିବାରରେ କାହା ଉପରେ ସେଭଳି ବିଶେଷ ପ୍ରଭାବ ପଡିବ ନାହିଁ ସେକଥା ବିଚାର କରିବାକୁ ହେବ। ତେଣୁ ଏଭଳି ପରିଚାଳନା କରି ନିଶ୍ଚିତଭାବେ ଖର୍ଚ୍ଚକାଟ କରିହେବ।

## ସଞ୍ଚୟ ପାଇଁ ସାଲିସ୍

ଏବେକାର ବଜାରସ୍ଥିତିକୁ ଲକ୍ଷ୍ୟକଲେ ଖାଦ୍ୟସାମଗ୍ରୀରେ ଅତ୍ୟଧିକ ଦରବୃଦ୍ଧି ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧା ପାଲଟିଛି। ତେଣୁ ବାଧହୋଇ କେତେକ ଜିନିଷ କିଣିବା କ୍ଷେତ୍ରରେ ଶପିଂବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ସାଧାରଣତଃ ମହିଳାମାନେ ଶପିଂ ପ୍ରିୟ। ଏମିତିକି ଅନେକ ସମୟରେ ମନ ଖୁସି କରିବା ପାଇଁ ଶପିଂ କରିବାକୁ ପସନ୍ଦ କରନ୍ତି। କିନ୍ତୁ କୌଣସି ଆବଶ୍ୟକତା ନ ଥିଲେ ମାର୍କେଟ ଯିବା ଉଚିତ ନୁହେଁ। ଆଉ ଯଦି ବି କୌଣସି କାମରେ ମାର୍କେଟ ଯିବାକୁ ହୁଏ ତେବେ କେବଳ ଜରୁରୀ ସାମଗ୍ରୀ କିଣିବା ନେଇ ସତର୍କ ରୁହନ୍ତୁ। ନିଜ ଶପିଂର ମୋହ ଉପରେ ସଂଯମତା ରକ୍ଷା କରିବାକୁ ହେବ।

## ଲାଇଫ୍ ଷ୍ଟାଇଲ ପରିବର୍ତ୍ତନ

ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ସମୟରେ ପରିବାର ଉପରେ ଆର୍ଥିକ ବୋଝକୁ କମ୍ କରିବା ପାଇଁ ହେଲେ ନିଜ ଲାଇଫ ଷ୍ଟାଇଲ୍‌ରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଅର୍ଥାତ୍ କେହି ଯଦି ଅନାବଶ୍ୟକ ଖର୍ଚ୍ଚ ଅଧିକ କରୁଥିବେ ତେବେ ନିୟନ୍ତ୍ରଣ କରିବାକୁ ହେବ। ନଚେତ୍ ଏହି ଲାଇଫ୍ ଷ୍ଟାଇଲ୍ ପାଇଁ ବଜେଟ ପୂରା ବିଗିଡ଼ିଯିବ।









## କ'ଣ କରନ୍ତି ଏମାନେ

### କିଣିବା କମ୍ କରିଦେଇଛି

ଏବେ ତ ସବୁ ଜିନିଷର ଦାମ୍ ବହୁତ ବଢ଼ିଯାଇଛି। ତେଣୁ ପରିବାପତ୍ର କିଣିବାବେଳେ ଦେଖିଚାହିଁ କିଣିବାକୁ ପଡୁଛି। କେତେକ ପରିବା ଯେଉଁଠି ଏକାବେଳକେ କେଜିଏରୁ ଅଧିକ କିଣା ହେଉଥିଲା ଏବେ ଅଧାକେଜି କିଣୁଛି। ସପ୍ତାହକୁ ପରିବା ପାଇଁ ମୁଁ ଯେତିକି ବଜେଟ ରଖିଥାଏ ସେତିକିରେ ହିଁ କିଣୁଛି। ତେଣୁ ରୋଷେଇ କରିବାବେଳେ ଆଡଜଷ୍ଟ କରିଦେଉଛି।

*-ସୌଦାମିନୀ ବାରିକ,*
*ଗୃହିଣୀ, ଜାଗୁଳା, ଧାମରା, ଭଦ୍ରକ*

### ଶପିଂ ମଲ୍ ଯାଉନି

ପ୍ରତି ମାସରେ ମୁଁ ଶପିଂ ମଲ୍‌କୁ ଯାଉଥିଲି। କିନ୍ତୁ ଏବେ ମୋର ଏଇ ଅଭ୍ୟାସ ବନ୍ଦ କରିଦେଇଛି। କାରଣ ଶପିଂ ମଲ୍‌ରେ ବିଭିନ୍ନ ଜିନିଷ ଦେଖିଲେ ମୋର କିଣିବାକୁ ଭାରି ଇଚ୍ଛା ହୁଏ। ସେଥିପାଇଁ ଏବେ ମୁଁ ଶପିଂ ମଲ୍ ଯିବା ହିଁ ବନ୍ଦ କରିଦେଇଛି। କେବଳ ଆବଶ୍ୟକ ଜିନିଷ ହିଁ କିଣାକିଣି କରୁଛି।

*-ଅମିତା ବିଶ୍ୱାଳ*
*ଗୃହିଣୀ, ଗରଗାଲି, ଯାଜପୁର*

### ସବୁ ଖର୍ଚ୍ଚକୁ ଜଗୁଛି

ଗ୍ୟାସ୍ ଖର୍ଚ୍ଚ ହେଉ କି ଇଲେକ୍ଟ୍ରି ବିଲ୍ କିମ୍ବା ଘରର ଅନ୍ୟାନ୍ୟ ଖର୍ଚ୍ଚ, ସବୁ ଉପରେ ନଜର ରଖିବାକୁ ପଡୁଛି। ସବୁକ୍ଷେତ୍ରରେ କିପରି ଖର୍ଚ୍ଚ କମ୍ କରିହେବ ସେଥିପାଇଁ ସବୁବେଳେ ଯଥାସମ୍ଭବ ଚେଷ୍ଟା କରିଥାଏ। ସେଥିପାଇଁ ତ ବିଭିନ୍ନ ଉପାୟ ଚିନ୍ତାକରି କାମ କରିଥାଏ। ଅନେକ ସମୟରେ ମୁଁ ଘର ତିଆରି ସହଜ ଆଉ ହେଲ୍‌ଦି ଜଳଖିଆ ତିଆରି କରିଥାଏ। ବାହାରୁ ଖାଦ୍ୟ ଅର୍ଡର କରିବା କି ବୁଲାବୁଲି କରି ବାହାରେ ପାର୍ଟି କରିବା ଏବେ ପ୍ରାୟ ବନ୍ଦ କରିଦେଇଛି।

*-ଗୀତାଞ୍ଜଳି ଦାଶ*
*ଗୃହିଣୀ, କପାସିରା, ସୁବର୍ଣ୍ଣପୁର*

### ମାର୍କେଟ ରେଟ୍ ଅନୁସାରେ ଖର୍ଚ୍ଚ କରେ

ଘରର ବିଭିନ୍ନ ଛୋଟ ଛୋଟ ଦିଗ ପ୍ରତି ସଚେତନ ରହିଲେ ସବୁ ଗୃହିଣୀ ଖର୍ଚ୍ଚକାଟ କରିପାରିବେ। ଆଉ ସହଜରେ ଦରଦାମ୍ ବୃଦ୍ଧିର ମୁକାବିଲା କରିପାରିବେ। ତେଣୁ ଘର ଭିତରେ ବିଭିନ୍ନ ଦିଗରୁ ଆଉ ମାର୍କେଟ ଅବସ୍ଥା ଉଭୟ ପ୍ରତି ସବୁବେଳେ ସତର୍କ ରହିଥାଏ। କେଉଁ ସମୟରେ କିଭଳି ସମସ୍ତଙ୍କୁ ଖୁସି କରି ଖର୍ଚ୍ଚ କମ୍ କରିହେବ ସେନେଇ ଭାବିଚିନ୍ତି କାମ କରେ।

*-ରାନୁ ମହାନ୍ତି, ଗୃହିଣୀ,*
*ଗଡେଇପୋଖରୀ, ଘଣ୍ଟେଶ୍ୱର, ଭଦ୍ରକ*


ଗୀତାଞ୍ଜଳି


ଅମିତା


ରାନୁ


ସୌଦାମିନୀ

# କଫିରୁ ମିଳିବ ସୁନ୍ଦର ତ୍ୱଚା



**କଫି ବ୍ୟବହାର କରି ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି କରାଯାଇପାରିବ। ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ତ୍ୱଚାର କଳାଦାଗ ଦୂରକରିବା ସହିତ ଉଜ୍ଜ୍ୱଳତା ବୃଦ୍ଧି କରିଥାଏ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ ...**

➤କଫିକୁ ଫେସ୍ ମାସ୍କଭାବେ ବ୍ୟବହାର କରାଯାଇପାରିବ। ଏଥିପାଇଁ ୨ବଡ଼ ଚାମଚ କଫି ଗୁଣ୍ଡରେ ୨ ବଡ଼ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଅଧଘଣ୍ଟା ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ଥଣ୍ଡାପାଣିରେ ମୁହଁ ଧୋଇ ଦିଅନ୍ତୁ।

➤କଫିକୁ ଫେସ୍ ସ୍କ୍ରବ୍‌ଭାବେ ବ୍ୟବହାର କରିବା ପାଇଁ ଏହାର ଏକ ପେଷ୍ଟ ତିଆରି କରନ୍ତୁ। ଏଥିପାଇଁ ୨ ବଡ଼ ଚାମଚ କଫି ପାଉଡର ସହିତ ୧ ବଡ଼ ଚାମଚ ଅଲିଭ୍ ଅଏଲ୍ ଭଲଭାବେ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁ ଏବଂ ବେକରେ ଲଗାଇ ଗୋଲାକାରରେ ଘଷନ୍ତୁ। ୫ ମିନିଟ୍ ପର୍ଯ୍ୟନ୍ତ ଘଷିବା ପରେ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

➤କଫି ଏକ ସୁନ୍ଦର ଆଇ ମାସ୍କ ମଧ୍ୟ। ତେଣୁ ଆଖି ତଳେ ଏହାକୁ ଲଗାଇପାରିବେ। ଏଥିପାଇଁ କଫି ଗୁଣ୍ଡରେ ସମାନ ମାତ୍ରାରେ ଅଲିଭ୍ ଅଏଲ୍ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ଆଖି ତଳେ ଲଗାଇ ୧୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ଆଖିତଳର ଦାଗ ଓ କୁଞ୍ଚନ କମ୍ ହୋଇଯିବ।

➤ଅତ୍ୟଧିକ ଟାଣ ଖରାରୁ ଫେରିବା ପରେ ଆଖି ଲାଲ୍ ହୋଇ ଥିଲେ କଫି ବ୍ୟବହାର କରିହେବ। ଏଥିପାଇଁ ଫ୍ରିଜ୍‌ରୁ ଏକ କପ୍ ଥଣ୍ଡା ପାଣି ଆଣନ୍ତୁ। ଏଥିରେ କଫିକୁ ଗୁଣ୍ଡକରି ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଏକ ପତଳା ସୂତା କପଡ଼ାକୁ ଭିଜାଇ ବାହାର କରି ଦିଅନ୍ତୁ। କପଡ଼ାକୁ ଚିପୁଡ଼ି ଆଖି ଉପରେ ଲଗାଇ ରଖନ୍ତୁ। ଏହିପରି ବାରମ୍ବାର କରିବା ପରେ ଆଖିକୁ ବେଶ୍ ଆରାମ ଲାଗିବ ଓ ଆଖି ସୁନ୍ଦର ଦେଖାଯିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୩/୨୦୨୨ Sambalpur, Tuesday, August 23/ 2022

# ନିର୍ଦ୍ଦେଶନାମାରେ ପରିବର୍ତ୍ତନ କଲେ ସୁପ୍ରିମକୋର୍ଟ

■ ଏଆଇଏଫ୍‌ଏଫ୍ ନିର୍ବାଚନ ଏକ ସପ୍ତାହ ଘୁଞ୍ଚିଲା
■ ଭୋଟିଂରେ ଭାଗନେବେ ୩୬ ପ୍ରତିନିଧି

ନୂଆଦିଲ୍ଲୀ, ୨୨।୮ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଉପରୁ ଯେପରି ବାସନ୍ଦ ଦଣ୍ଡ ଉଠିବ ଏବଂ ଭାରତ ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ କରିପାରିବ ତାହାକୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ସୋମବାର କର୍ମକର୍ତ୍ତା ନିର୍ବାଚନ ସଂକ୍ରାନ୍ତ ତାଙ୍କ ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରିଛନ୍ତି। କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ହାତରୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ପରିଚାଳନା ଭାର ପ୍ରତ୍ୟାହୃତ କରିଛନ୍ତି। ଏହାସହିତ ଏଆଇଏଫ୍‌ଏଫ୍‌ର ନିର୍ବାଚନ ପ୍ରକ୍ରିୟାକୁ ଆଉଥରେ ମୂଳରୁ ଆରମ୍ଭ କରିବା ସହିତ ଏକ ସପ୍ତାହ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଅକ୍ଟୋବରରେ ବିଶ୍ୱକପ୍ ହେବାକୁ ଥିବା ବେଳେ ଏହା ପୂର୍ବରୁ ଭାରତ ଉପରୁ ବାସନ୍ଦ ହଟାଇବାକୁ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ମେ’ ୧୮ରେ ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅନିଲ ଆର. ଡାଭେ, ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍. ୱାଇ. କ୍ୟୁରେଶୀ ଏବଂ ପୂର୍ବତନ ଭାରତୀୟ ଫୁଟବଲ କ୍ୟାପ୍‌ଟେନ ଭାସ୍କର ଗାଙ୍ଗୁଲିଙ୍କୁ ନେଇ ସିଓଏ ଗଠନ କରିଥିଲେ କୋର୍ଟ। ଅଢ଼େଇ ବର୍ଷ ହେବ ବେଆଇନ ଭାବେ ଏଆଇଏଫ୍‌ଏଫ୍‌ର କାର୍ଯ୍ୟଭାର ସମ୍ଭାଳୁଥିବା ପ୍ରଫୁଲ୍ଲ ପଟେଲଙ୍କ ସ୍ଥାନରେ ସିଓଏକୁ କାର୍ଯ୍ୟଭାର ଦିଆଯାଇଥିଲା। ତେବେ ସିଓଏ ପକ୍ଷରୁ ଖେଳାଳି ଏବଂ ନିର୍ବାଚିତ ସଦସ୍ୟଙ୍କୁ ଭୋଟିଂ ଅଧିକାର ପ୍ରଦାନ କରାଯିବା ନିଷ୍ପତ୍ତିକୁ ଫିଫା ପକ୍ଷରୁ ତୃତୀୟ ପକ୍ଷ ହସ୍ତକ୍ଷେପ ଭାବରେ ବିବେଚନା କରାଯାଇଥିଲା। ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯିବା ସହ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ନେଇ ମଧ୍ୟ ଆଶଙ୍କା ଉପୁଜିଥିଲା। ରବିବାର ସନ୍ଧ୍ୟାରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଫିଫାର ସମସ୍ତ ସର୍ତ୍ତ ମାନିନେବା ନେଇ ଏକ ଯାଚିକା ଦାଖଲ କରାଯାଇଥିଲା। ଫଳରେ ସୋମବାର ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପାନ୍ନାଙ୍କ ଖଣ୍ଡପୀଠ ମଧ୍ୟ ଏହା ଆଧାରରେ ରାୟ ପ୍ରଦାନ କରିଥିଲେ। ପୁନର୍ବାର ଆରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବାବେଳେ ପୂର୍ବତନ ଖେଳାଳିଙ୍କ ଭୋଟିଂ ଅଧିକାର ମଧ୍ୟ ରଦ୍ଦ କରାଯାଇଛି। ସେହିପରି ୩୬ ଜଣ ପୂର୍ବତନ ଖେଳାଳିଙ୍କ ପରିବର୍ତ୍ତେ ମାତ୍ର ୬ ଜଣ ପୂର୍ବତନ ଖେଳାଳିଙ୍କୁ ଏହି ବୋର୍ଡରେ ସାମିଲ କରାଯିବ। ଏହା ମଧ୍ୟରେ ୪ ପୁରୁଷ ଏବଂ ୨ ଜଣ ମହିଳା ଖେଳାଳି ସାମିଲ। ଏହା ମଧ୍ୟରୁ ଜଣେ ଖେଳାଳିଙ୍କ ପାଖରେ ଭୋଟିଂ ଅଧିକାର ରହିବ। ତେବେ ନିଜ ନିଷ୍ପତ୍ତିକୁ ନେଇ ଖଣ୍ଡପୀଠ ସନ୍ତୁଷ୍ଟ ନ ଥିବା କହିଥିଲେ। ଏହି ରାୟର କୌଣସି ତର୍କ ନାହିଁ, ତେବେ ବର୍ତ୍ତମାନର ପରିସ୍ଥିତି ଅନୁସାରେ ଏପରି ନିଷ୍ପତ୍ତି ନିଆଯାଇଛି। ଭବିଷ୍ୟତରେ ଏହା ଉପରେ ପୁନର୍ବିଚାର କରାଯିବାର ସମ୍ଭାବନା ରହିଥିବା ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ରବିବାର ସନ୍ଧ୍ୟାରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଦାଖଲ କରାଯାଇଥିବା ଯାଚିକାରେ ମେ’ ୧୮ ଓ ଅଗଷ୍ଟ ୩ରେ କୋର୍ଟ ନିଜର ନିଷ୍ପତ୍ତିକୁ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଏଆଇଏଫ୍‌ଏଫ୍‌ର ଦୈନନ୍ଦିନ ପରିଚାଳନାଭାର କାର୍ଯ୍ୟକାରୀ ସାଧାରଣ ସମ୍ପାଦକଙ୍କୁ ନ୍ୟସ୍ତ କରାଯାଇଛି। ସେହିପରି ସିଓଏ ଏଆଇଏଫ୍‌ଏଫ୍‌ର ସମ୍ବିଧାନ ପ୍ରସ୍ତୁତ କରିସାରିଥିବା ବେଳେ ଏଥିରେ ସହଯୋଗ କରିବା ପାଇଁ ବରିଷ୍ଠ ଆଡଭୋକେଟ୍ ଗୋପାଳ ଶଙ୍କର ନାରାୟଣନଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ସମଗ୍ର ବିଶ୍ୱରେ ଫିଫାର ନିୟମ ଏକପ୍ରକାର। ତୃତୀୟ ପକ୍ଷ ହସ୍ତକ୍ଷେପକୁ ନେଇ ଏହାର ନିଷ୍ପତ୍ତି କଠୋର। ଏହା ଦ୍ୱାରା ଭାରତକୁ ଦୁଇଟି କ୍ଷତି ହେବ। ପ୍ରଥମତଃ ଭାରତ ବିଶ୍ୱକପ୍ ଆୟୋଜନ କ୍ଷମତା ହରାଇବ ଏବଂ ଦ୍ୱିତୀୟତଃ ବିଭିନ୍ନ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ଖେଳିବାରୁ ଦଳ ବଞ୍ଚିତ ହେବ। ନିର୍ବାଚନ ପ୍ରକ୍ରିୟାକୁ ଏକ ସପ୍ତାହ ଘୁଞ୍ଚାଇ ଦିଆଯାଇଥିବା ବେଳେ କେବଳ ୩୬ ପ୍ରତିନିଧି (୩୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆସୋସିଏଶନ ପ୍ରତିନିଧି+୧ ପୂର୍ବତନ ଖେଳାଳି) ଭୋଟିଂରେ ଅଂଶଗ୍ରହଣ କରିପାରିବେ। ରିଟର୍ନିଂ ଅଫିସର ଉମେଶ ସିହ୍ନା ଓ ତାପସ ଭଟ୍ଟାଚାର୍ଯ୍ୟଙ୍କୁ ନେଇ କୌଣସି ପକ୍ଷଙ୍କ ଆପତ୍ତି ନ ଥିବାରୁ ଉଭୟ ସମାନ ଦାୟିତ୍ୱରେ ରହିବେ। ପୂର୍ବରୁ ଏଆଇଏଫ୍‌ଏଫ୍‌ର ପରିଚାଳନା କମିଟି ସଦସ୍ୟଙ୍କ ସଂଖ୍ୟା ୧୭ ରହିଥିବା ବେଳେ ଚଳିତ ବର୍ଷ ଏହାକୁ ୨୩କୁ ବଢ଼ାଯିବ ବୋଲି ଖଣ୍ଡପୀଠ ଆଦେଶ ଦେଇଛନ୍ତି।

## ହକି ଇଣ୍ଡିଆ ନିର୍ବାଚନ ପାଇଁ ରିଟର୍ନିଂ ଅଫିସର ନିଯୁକ୍ତ

ନୂଆଦିଲ୍ଲୀ, ୨୨।୮ (ପି.ଟି.)

ହକି ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଅକ୍ଟୋବର ୯ରେ ହେବ। ଏଥିପାଇଁ ବିହାର ସରକାରଙ୍କ ପୂର୍ବତନ ନିର୍ବାଚନ ଅଧିକାରୀ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ମିଳିଛି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଓ ବର୍ତ୍ତମାନ ଦେଶରେ ଖେଳର ପରିଚାଳନା ଦାୟିତ୍ୱରେ ରହିଥିବା କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ) ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଯୁକ୍ତି ଦିଆଯାଇଛି। ବୈଠକରେ ଏଫ୍‌ଆଇଏଚ୍‌ର କାର୍ଯ୍ୟନିର୍ବାହୀ ସଭାପତି ସିଫ୍ ଅହମଦ, ସିଇଓ ଥିଏରୀ ୱିଲ୍ ଏବଂ ସିଓଏର ସଦସ୍ୟଗଣ ଜଷ୍ଟିସ୍ ଅନିଲ ଆର୍ ଡାଭେ, ଏସ୍‌ୱାଇ କୁରେଶୀ ଓ ଜାଫର ଇକ୍‌ବାଲ ପ୍ରମୁଖ ଉପସ୍ଥିତ ଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହକି ଇଣ୍ଡିଆ ବର୍ତ୍ତମାନ ସିଓଏ ଅଧୀନରେ କାର୍ଯ୍ୟ କରୁଛି। ହକିଇଣ୍ଡିଆ ସସ୍‌ପେଣ୍ଡ ସମ୍ଭାବନାକୁ ଯେପରି ଏଡ଼ାଇ ଦେଇହେବ ତାହାର ଏକ ସମାଧାନ ସୂତ୍ର ବାହାର କରିବା ଲାଗି ଏଫ୍‌ଆଇଏଚ୍‌ର ଦୁଇଜଣିଆ ପ୍ରତିନିଧି ଦଳ ନୂଆଦିଲ୍ଲୀ ଆସିଥିଲା। କୋର୍ଟଙ୍କୁ ତୃତୀୟ ପକ୍ଷ ଭାବେ ବିବେଚନା କରେ ନାହିଁ ବୋଲି ଏଫ୍‌ଆଇଏଚ୍ ସ୍ପଷ୍ଟ କରିଥିଲା। ଖେଳର କୌଣସି ଜାତୀୟ ମହାସଂଘରେ ତୃତୀୟ ପକ୍ଷର ହସ୍ତକ୍ଷେପ ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଜାନୁୟାରୀ ୧୩ରୁ ୨୯ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ବିଶ୍ୱକପ୍ ଆୟୋଜନ କରାଯାଇଛି। ଠିକଣା ସମୟରେ ଗାଇଡ୍‌ଲାଇନ୍ ଅନୁସାରେ କର୍ମକର୍ତ୍ତା ନିର୍ବାଚନ କରାଯାଇ ନ ଥିବାରୁ ଏଫ୍‌ଆଇଏଚ୍ ଦ୍ୱାରା ହକି ଇଣ୍ଡିଆ ସସ୍‌ପେଣ୍ଡ ହେବାର ଆଶଙ୍କା ଦେଖା ଦେଇଥିଲା।

# ଭାରତକୁ ବ୍ରୋଞ୍ଜ୍ ପଦକ


କୋରିଆ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଭାରତୀୟ ଦଳ।

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

ଭୁବନେଶ୍ୱର, ୨୨।୮ (କ୍ରୀଡ଼ା ପ୍ରତିନିଧି): ଇରାନର ତେହେରାନ୍‌ଠାରେ ଅନୁଷ୍ଠିତ ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ସୋମବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଭାରତ ୧୯୯୯ ମସିହାର ଚାମ୍ପିୟନ ଏବଂ ଗତ ସଂସ୍କରଣର ରୌପ୍ୟ ପଦକ ବିଜେତା କୋରିଆକୁ ୩-୨ ସେଟ୍‌ରେ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କୋରିଆ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଭାରତ ୨୫-୨୦, ୨୫-୨୧, ୨୬-୨୮, ୧୯-୨୫ ଓ ୧୫-୧୨ରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ଆଶିଷ ସ୍ୱାଇଁ, ଆର୍ଯ୍ୟନ ବଲିୟାନ, ଖୁସ୍‌ସିଂ ଓ କାର୍ତ୍ତିକ ଶର୍ମା ଆକର୍ଷଣୀୟ ପ୍ରଦର୍ଶନ କରି କୋରିଆକୁ ଚକ୍‌ମା ଦେଇଥିଲେ। ପ୍ରତିଯୋଗିତାର ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ମଧ୍ୟ ଭାରତ ପ୍ରତିପକ୍ଷ କୋରିଆକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଇରାନଠାରୁ ହାରିଯିବା ଫଳରେ ଭାରତ ଅଳ୍ପକେ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଭାରତଠାରୁ ହାରିବା ଫଳରେ କୋରିଆକୁ ୪ର୍ଥ ସ୍ଥାନ ମିଳିଥିବାବେଳେ ଗତ ଚାମ୍ପିୟନଶିପ୍‌ର ଦୃଢ଼ ଦାବିଦାର ଚାଇନା ଏଥର ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ଚାଇନିଜ୍ ତାଇପେକୁ ୬ଷ୍ଠ ସ୍ଥାନ ମିଳିଥିଲା। ଇରାନ ଓ ଜାପାନ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ, ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଜାପାନଠାରୁ ହାରିଯାଇଥିଲେ ହେଁ ପରେ ଥାଇଲାଣ୍ଡକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପରେ କୋରିଆକୁ ୩-୦ ଏବଂ ଚାଇନିଜ ତାଇପେକୁ ୩-୧ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏଥିସହ ଭାରତ ୨୦୨୩ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ପୁରୁଷ ୧୯ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

# ଭାରତର ସିରିଜ୍ ସୁଇପ୍

ହରାରେ, ୨୨।୮ (ପି.ଟି)

ଓପନର ଶୁବମନ ଗିଲ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ସହାୟତାରେ ଭାରତ ସୋମବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ଜିତିବା ସହିତ ଜିମ୍ବାୱେ ବିପକ୍ଷ ସିରିଜକୁ ସୁଇପ୍ କରିଛି। ଭାରତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୮୯ ରନ କରିଥିଲା। ଜବାବରେ ସିକନ୍ଦର ରାଜାଙ୍କ ଲଢୁଆ ଶତକ ସତ୍ତ୍ୱେ ଜିମ୍ବାୱେ ୪୯.୩ ଓଭରରେ ୨୭୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ଘରୋଇ ଦଳ ବିଜୟରୁ ୧୩ ରନ୍ ଦୂରରେ ରହିଥିଲା।

କ୍ରମାଗତ ତୃତୀୟ ମ୍ୟାଚରେ ଭାରତ ଟସ୍ ଜିତିଥିବା ବେଳେ ପ୍ରଥମ ଥର ପାଇଁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଶିଖର ଧାୱନ(୪୦) ଓ ଅଧିନାୟକ ଲୋକେଶ ରାହୁଲ(୩୦) ପ୍ରଥମ ଉଇକେଟରେ ୬୩ ରନ ଯୋଡିଥିଲେ। ପ୍ରଥମେ ରାହୁଲ ଓ ୧୯ ରନ ବ୍ୟବଧାନରେ ଧାୱନ ପ୍ୟାଭିଲିୟନ ଫେରିଥିଲେ। ଚତୁର୍ଥ ଉଇକେଟରେ ଶୁବମନ ଗିଲ୍ (୧୩୦) ଓ ଇଶାନ୍ କିଶନ୍(୫୦) ୧୪୦ ରନ୍ ଭାଗୀଦାରି ଗଢ଼ି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୯୭ ବଲ୍ ଖେଳି ୧୫ ଚୌକା ଓ ୧ ଛକା ସହିତ ଗିଲ୍ ୧୩୦ ରନ କରି ପ୍ୟାଭିଲିୟନ୍ ଫେରିଥିଲେ। ଏହି ଶତକ ସହିତ ଜିମ୍ବାୱେ ମାଟିରେ ସର୍ବକନିଷ୍ଠ ବ୍ୟାଟର ଭାବେ ଶତକ ହାସଲ କରି ସେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। କିଶାନ ୬୧ଟି ବଲ୍ ଖେଳି ୬ଚୌକା ମାରିଥିଲେ। ତେବେ ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ବିଫଳତା କାରଣରୁ ଭାରତ ୩୦୦ ରନ ସ୍ପର୍ଶ କରିବାରେ ଅସମର୍ଥ ରହିଥିଲା। ଜିମ୍ବାୱେ ପକ୍ଷରୁ ବ୍ରାଡ ଇଭାନ୍ସ ୫ ଉଇକେଟ ସଫଳତା ପାଇଥିଲେ।।



ଶତକ ହାସଲ ପରେ ଶୁବମନ ଗିଲ୍।

୨୯୦ ରନ ଲକ୍ଷ୍ୟର ପିଛା କରୁଥିବା ଜିମ୍ବାୱେକୁ ମ୍ୟାଚର ତୃତୀୟ ଓଭରରେ ପ୍ରଥମ ଝଟକା ଦେଇଥିଲେ ଦୀପକ ଚହର। ଇନୋସେଣ୍ଟ କାଇଆ ୬ ରନ କରି ଆଉଟ ହୋଇଥିଲେ। ସିନ୍ ୱିଲିୟମ୍ସ(୪୫) ଓ ଟୋନି ମୁନିଓଙ୍ଗା(୧୫)ଙ୍କ ମଧ୍ୟରେ ୭୫ ରନର ଭାଗୀଦାରି ହୋଇଥିଲେ ହେଁ ମାତ୍ର ୨ ରନ ବ୍ୟବଧାନରେ ଉଭୟ ପ୍ୟାଭିଲିୟନ୍ ଫେରିଥିଲେ। ଗୋଟିଏ ପଟେ ସିକନ୍ଦର ରାଜା(୧୧୫) ଇନିଂସ ସମ୍ଭାଳିବାକୁ ପ୍ରୟାସ କରୁଥିବା ବେଳେ ଅନ୍ୟ ପାର୍ଶ୍ୱରୁ ଗୋଟିଏ ପରେ ଗୋଟିଏ ଉଇକେଟ ପଡି ଚାଲିଥିଲା। ଭାରତ ପକ୍ଷରୁ ଆଭେଶ ଖାଁ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଶୁବମନ ଗିଲଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୮୯/୮(ଶୁବମନ ଗିଲ୍-୧୩୦, ଇଶାନ କିଶନ-୫୦, ଶିଖର ଧାୱନ-୪୦, ବ୍ରାଡ ଇଭାନ୍ସ-୫/୫୪)। ଜିମ୍ବାୱେ ୪୯.୩ ଓଭରରେ ୨୭୬/ଅଲ୍‌ଆଉଟ (ସିକନ୍ଦର ରାଜା-୧୧୫, ସିନ୍ ୱିଲିୟମ୍ସ-୪୫, ଆଭେଶ୍ ଖାନ୍-୩/୬୬, ଅକ୍ଷର ପଟେଲ-୨/୩୦, କୁଲଦୀପ ଯାଦବ-୨/୩୮)।

# ଖେଳାଳିଙ୍କ ଭୋଟିଂ ଅଧିକାର ସପକ୍ଷରେ ଭୂଟିଆ

କୋଲ୍‌କାତା, ୨୨।୮ (ପି.ଟି.)

ଭାରତୀୟ ଫୁଟ୍‌ବଲ କିମ୍ବଦନ୍ତୀ ବାଇଚୁଙ୍ଗ ଭୂଟିଆ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହାସହିତ ଭବିଷ୍ୟତରେ ପୂର୍ବତନ ଫୁଟ୍‌ବଲର ମାନଙ୍କୁ ଭୋଟିଂ ଅଧିକାର ପ୍ରଦାନ ପାଇଁ ସେ ଦାବି କରିଛନ୍ତି। ଦେଶରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ଆୟୋଜନ ପାଇଁ କମିଟି ଅଫ୍ ଆଡ୍‌ମିନିଷ୍ଟ୍ରେଟର୍ସ (ସିଓଏ)କୁ ହଟାଯାଇଛି। ମେ’ ୧୮ରୁ ସିଓଏ ଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍)ର ପରିଚାଳନା ଭାର ନିଜ ହାତକୁ ନେଇଥିଲା। ସୋମବାର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି କେବଳ ଆଉ ଫୁଟ୍‌ବଲର ସ୍ୱାର୍ଥରେ ରହିଛି। କୌଣସି ପକ୍ଷକୁ ଏଥିରେ ପ୍ରାଧାନ୍ୟ ଦିଆଯାଇନାହିଁ। ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଦେଶ ପାଇଁ ସମ୍ମାନର ପ୍ରଶ୍ନ। ସେହିପରି ଭାରତ ଉପରେ ଲଗାଯାଇଥିବା ବ୍ୟାନ୍ ହଟାଯିବା ମଧ୍ୟ ପ୍ରାଥମିକତା ରହିଥିଲା। ବାଂଲା ସକର୍ ଲିଗ୍‌ର ଲଞ୍ଚ୍ ଅବସରରେ ଭୂଟିଆ ଏହି ବୟାନ ଦେଇଛନ୍ତି।

ଇଲେକ୍ଟୋରାଲ କଲେଜରେ ଥିବା ୩୬ ଜଣ ପୂର୍ବତନ ଖେଳାଳିଙ୍କୁ ମଧ୍ୟ ଭୋଟିଂ ଅଧିକାର ପ୍ରଦାନ କରିବା ନେଇ ସେ ଆବେଦନ କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରି ଦେଇଛନ୍ତି। ୩୬ଟି ଯାକ ଆସୋସିଏଶନର ସଦସ୍ୟଙ୍କୁ କେବଳ ଭୋଟ ଦାନର ଅଧିକାର ପ୍ରଦାନ କରିଛନ୍ତି ସୁପ୍ରିମ୍‌କୋର୍ଟ। ବର୍ତ୍ତମାନ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ ପ୍ରାଥମିକତା ରହିଥିବା ବେଳେ ଏପରି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ଭବିଷ୍ୟତରେ ଖେଳାଳିଙ୍କୁ ଭୋଟିଂ ଅଧିକାର ମିଳିବା ସପକ୍ଷରେ ଭୂଟିଆ ମତ ଦେଇଛନ୍ତି। ଦେଶ ଛାଡ଼ନ୍ତୁ, କୌଣସି ରାଜ୍ୟ ଆସୋସିଏଶନର ସଭାପତି ମଧ୍ୟ ଜଣେ ହେଲେ ଖେଳାଳି ହୋଇନାହାନ୍ତି। ପୂର୍ବତନ ଖେଳାଳିମାନଙ୍କୁ କେବଳ କୋଚ୍ ଭାବେ ନୁହେଁ ବରଂ ଫୁଟ୍‌ବଲ ପ୍ରଶାସନରେ ସାମିଲ କରାଗଲେ କ୍ରୀଡ଼ାର ବିଶେଷ ଉନ୍ନତି ହୋଇପାରିବ। ଭବିଷ୍ୟତରେ ସୁନୀଲ ଛେତ୍ରୀ, ଗୁରପ୍ରୀତ୍ ସାନ୍ଧୁ ଓ ସନ୍ଦେଶ ଝିଙ୍ଗନଙ୍କ ପରି ଖେଳାଳି ଫୁଟବଲ ପ୍ରଶାସନରେ ସାମିଲ ହେବେ ବୋଲି ସେ ଆଶା ରଖିଥିବା କହିଛନ୍ତି। ବର୍ତ୍ତମାନ ଏଆଇଏଫ୍‌ଏଫ୍ କମିଟିରେ ପୂର୍ବତନ ୪ ପୁରୁଷ ଏବଂ ୨ ମହିଳା ଫୁଟ୍‌ବଲରଙ୍କୁ ସାମିଲ କରାଯିବ। ତେବେ ଭୋଟିଂ ଅଧିକାର ମିଳିବା ନିହାତି ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।




# ଓଡ଼ିଶା ଫୁଟ୍‌ସାଲ ଦଳର ଜର୍ସି ଉନ୍ମୋଚିତ



ଜର୍ସି ଉନ୍ମୋଚନ ଅବସରରେ ଖେଳାଳି ଓ ଅନ୍ୟମାନେ।

ଟିଟିଲାଗଡ଼, ୨୨।୮ (ଡି.ଏନ୍.ଏ.)

ମହାରାଷ୍ଟ୍ରର ନାସିକ୍‌ସ୍ଥିତ ଡିଭିଜନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଇନ୍‌ଡୋର ୟୁରୋପିଆନ ଗେମ୍‌ର ପଞ୍ଚମ ଫୁଟ୍‌ସାଲ ଜାତୀୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୨ଜଣିଆ ଦଳ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛି। ସୋମବାର ଟିଟିଲାଗଡ଼ ଓମ୍ ଭେଲି ସ୍କୁଲ ପରିସରସ୍ଥ ସଭାଗୃହରେ ସ୍କୁଲ ପରିଚାଳିକା ବିଭା ଗୁପ୍ତା ଜର୍ସି ଉନ୍ମୋଚନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଖେଳାଳିମାନେ ହେଲେ ଅମନ ବରଗର୍ତ୍ତି, ଅର୍ମାନ ମିତ୍ତଲ, କୌଶିକ ଜାଲ, ଦେବତୋଷ ବରଗର୍ତ୍ତି, ଖ୍ରୀଷ୍ଟ ଆଦା, ରୋହିତ ମୁଣ୍ଡା, ଭୂପେନ୍ଦୁ ରଣା, ଦେବାଶିଷ ମୁଣ୍ଡା, ସାହିଲ ସାହୁ, ସଞ୍ଜିତ ନାଗ, କିସ୍‌ମତ ବେହେରା ଓ ମହେଶ ଖରସେଲ। ଫୁଟ୍‌ସାଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଡାନିଏଲ ବାରିକ, ଟିମ୍ ମ୍ୟାନେଜର ଦାମ କବାଟ ପ୍ରମୁଖ ଆସନ୍ତା ୨୪ ତାରିଖରେ ନାସିକ୍ ଅଭିମୁଖେ ବାହାରିବେ। ଫୁଟ୍‌ସାଲ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଓମ୍ ଭେଲି ପବ୍ଲିକ ସ୍କୁଲ ତରଫରୁ ଅଧ୍ୟକ୍ଷ ଏମ୍.ପି. ମିଶ୍ର, ନିର୍ଦ୍ଦେଶକ ବଦ୍ରିନାଥ ମିଶ୍ର, କ୍ରୀଡ଼ାବିତ୍ ତଥା କରାଟେ ପ୍ରଶିକ୍ଷକ ସେନସୁଇ ସୁରେଶ ଜାଲ, କ୍ରୀଡ଼ା ପ୍ରଶିକ୍ଷକ ଡାନିଏଲ ବାରିକ, ବବଲୀ ବର୍ମନ, କରାଟେ ମାଷ୍ଟର ଶ୍ରଦ୍ଧାଞ୍ଜଳି ଜାଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାଳୟ ମାନବ ସମ୍ବଳ ଅଧିକାରୀ ଶାଶ୍ୱତିକା ଯୋଶୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ